# ନିତିଦିନ

NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com | twitter.com/nitidintoday | facebook.com/nitidintoday

SATURDAY 28 JUNE 2025

ଶନିବାର ୨୮ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 44 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୪୪ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


ରଥଟଣା ବେଳେ ଅଘଟଣ

## ଚକ ତଳେ ଗଲା ଜୀବନ

**ବ୍ରହ୍ମପୁର,୨୭।୬/ଏନ୍ଏନ୍ଏସ୍:**

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ରଥ ଟାଣିବା ବେଳେ ଏକ ବଡ଼ ଅଘଟଣ ଘଟିଛି । ରଥଚକ ମାଡ଼ିଯିବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଶିବରାମ ବେହେରା(୩୦) । ଶୁକ୍ରବାର ଅପରାହ୍ଣରେ ଶିକୁଳାରେ ରଥଟଣା ଆରମ୍ଭ ହୋଇଥିଲା । ରଥ ଟାଣିବା ପାଇଁ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା । ସେହି ଭିଡ଼ ଭିତରେ ଶିବରାମ ମଧ୍ୟ ଥିଲେ । ରଥ ଗଡୁଥିବା ବେଳେ ହଠାତ୍ ଭିଡ଼ରେ ଅସାବଧାନତା ଯୋଗୁଁ ସେ ତଳେ ପଡ଼ିଯାଇଥିଲେ । ଫଳରେ ରଥଚକ ତାଙ୍କ ଉପରେ ଚଢ଼ି ଯାଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗ୍ରାମବାସୀ ପୁରୁଷୋତ୍ତମପୁର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ହେଲେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୁଲିସ ମୃତଦେହ ଜବତ କରି ଅନୁସନ୍ଧାନ ଚଳାଇଛି ।

● ୨ ଯାଏ ବର୍ଷା ସମ୍ଭାବନା

## ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷିବ

**ଭୁବନେଶ୍ୱର,୨୭।୬/ଏନ୍ଏନ୍ଏସ୍:**

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳ ଅଞ୍ଚଳ ଉପରେ ଲଘୁଚାପ ସୃଷ୍ଟି ହୋଇଛି । ଏହା ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଆଡ଼କୁ ଗତି କରିବ । ଏହାର ପ୍ରଭାବରେ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଅନେକ ସ୍ଥାନରେ ବର୍ଷା ସହ ଉତ୍ତର ଓଡ଼ିଶା ଏବଂ ପାଖ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ସମ୍ଭାବନା ଅଛି । ଶୁକ୍ରବାର ରଥଯାତ୍ରାରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୪୮ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା, ବଜ୍ରପାତ ଏବଂ ୩୦-୪୦ କିମି ବେଗରେ ପବନ ଆଶଙ୍କା ଅଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, ପୁରୀ, କଟକ, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତିରେ ଘଡ଼ଘଡ ସହ ୩୦ରୁ ୪୦ କିମି ବେଗରେ ପବନ ବି ହୋଇପାରେ । ପୁରୀରେ ପାଗ ମେଘୁଆ ରହିବା ସହ ଅସରାଏ କିମ୍ବା ଦୁଇ ଅସରା ବର୍ଷା ସମ୍ଭାବନା ମଧ୍ୟ ରହିଛି । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଓ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ଜୁଲାଇ ୧ ଓ ୨ରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ଅଛି । ସେହିପରି ୩ରୁ ୧୦ ତାରିଖ ଭିତରେ ପୂର୍ବ ଭାରତରେ ବର୍ଷା ସମ୍ଭାବନା ଅଛି । ଜୁନ୍ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ହାରାହାରି ୧୭୨.୨ ମିଲିମିଟର ବର୍ଷା ହୋଇଛି, ଯାହାକି ସ୍ୱାଭାବିକ । କେବଳ ୫ଟି ଜିଲ୍ଲାରେ (ଝାରସୁଗୁଡ଼ା, ବଲାଙ୍ଗୀର, ନୂଆପଡ଼ା, ବରଗଡ଼ ଓ ପୁରୀ) ବର୍ଷା ନିଅଣ୍ଟିଆ ଅଛି । ୭ ଜିଲ୍ଲାରେ ବର୍ଷା ଅଧିକ ହୋଇଥିବାବେଳେ ୧୮ ଜିଲ୍ଲାରେ ସ୍ୱାଭାବିକ ରହିଛି । ସୁନ୍ଦରଗଡ଼ରେ ୫୨%, ଦେବଗଡ଼ରେ ୫୬%, ବୌଦ୍ଧରେ ୩୯%, ସୋନପୁରରେ ୩୪%, ଜଗତସିଂହପୁରରେ ୩୪%, କେନ୍ଦ୍ରାପଡ଼ାରେ ୨୪%, ମୟୂରଭଞ୍ଜରେ ୨୦% ବର୍ଷା ଅଧିକ ହୋଇଛି । ଗତ ୨୪ ଘଣ୍ଟା ଭିତରେ ଅନେକ

▶▶ ୫

ଶ୍ରୀକ୍ଷେତ୍ରରେ ଦିବ୍ୟ ଓ ଭବ୍ୟ ବିଶ୍ୱପ୍ରସିଦ୍ଧ ରଥଯାତ୍ରା

# ଏକାକାର ଭକ୍ତ-ପଥ ଓ ଭଗବାନ

**ପୁରୀ,୨୭।୬/ଏନ୍ଏନ୍ଏସ୍:**

ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରତ୍ନବେଦି ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସିଛନ୍ତି ବିଶ୍ୱନିୟନ୍ତା । ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କର ହୋଇଛି ଅପୂର୍ବ ମିଳନ । ଏନେଇ ସକାଳୁ ସକାଳୁ ପୁରୀ ବଡ଼ଦାଣ୍ଡ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । 'ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ । ଚଳିତବର୍ଷ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ କରିବା ପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ବନ୍ଦୋବସ୍ତ କରାଯାଇଥିଲା ।

ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ଶୁକ୍ରବାର ସକାଳ ୭.୧୫ମିନିଟ୍‌ରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ସମ୍ପନ୍ନ

## 'ଜୟ ଜଗନ୍ନାଥ' ଧ୍ୱନିରେ ପ୍ରକମ୍ପିତ ବଡ଼ଦାଣ୍ଡ

ହୋଇଥିଲା । ୭ଟା ୩୦ରେ ମଇଲମ ଓ ତଡ଼ପ ଲାଗି, ୭ଟା ୫୫ରେ ଅବକାଶ ପରେ ୮ଟା ୩୦ରେ ସୂର୍ଯ୍ୟପୂଜା, ସାଢ଼େ ୮ଟା ୪୦ରେ ଦ୍ୱାରପାଳ ପୂଜା କରାଯାଇଥିଲା । ସେହିପରି ସକାଳ ୮ଟା ୪୫ରୁ ୯ଟା ୪୫ ମଧ୍ୟରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ (ଖେଚୁଡ଼ି ଭୋଗ) ନୀତି ପରେ ୧୦ଟା ୧୫ରେ ମଙ୍ଗଳାର୍ପଣ କରାଯାଇଥିଲା । ପରେ ତିନିରଥରେ ବିଜେ ହୋଇଥିଲେ ତିନି ଠାକୁର । ଧାଡ଼ି ପହଣ୍ଡିରେ ୧୦.୨୦ମିନିଟ୍‌ରେ ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କର ପହଣ୍ଡି କରାଯାଇ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ବିଜେ କରିବା ପରେ ଆସିଥିଲେ ବଡ଼ଠାକୁର ବଳଭଦ୍ର । ତା'ପରେ ମା' ସୁଭଦ୍ରା ଓ ଶେଷରେ ପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ଶେଷ ହୋଇଥିଲା ୧୨.୩୦ ମିନିଟରେ । ପରେ ରାମକୃଷ୍ଣ ଓ ମଦନମୋହନ ୧୨.୫୦ ମିନିଟ୍‌ରେ ରଥକୁ ବିଜେ ହୋଇଥିଲେ । ପରେ ଶ୍ରୀଜିଉମାନଙ୍କୁ ୨ଟାରେ ଚିତା ଲାଗି କରାଯାଇଥିଲା ।

ପରେ ରଥ ଉପରେ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା ଛେରାପହଁରା ନୀତି କରାଯାଇଥିଲା । ଗଜପତି ମହରାଜ ଶ୍ରୀନଅରରୁ ତାମ୍ରଯାନରେ ଆସି ରଥ ସମ୍ମୁଖରେ ପହଞ୍ଚିଥିଲେ । ଶ୍ରୀଜିଉମାନଙ୍କ ଆଳତୀ ବନ୍ଦାପନା ସହ ଚାମର ସେବା କରିଥିଲେ ଗଜପତି ମହାରାଜ । ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜ ପ୍ରଥମେ ତାଳଧ୍ୱଜ, ନନ୍ଦିଘୋଷ ଓ ପରେ ଦର୍ପଦଳନ ରଥରେ ଚଢ଼ି ସୁବାସିତ ଜଳ ସିଞ୍ଚନ କରିଥିଲେ । ପରେ ସୁବର୍ଣ୍ଣ ଖଡ଼ିକାରେ ଛେରାପହଁରା କରିଥିଲେ । ତାଳଧ୍ୱଜରେ ବଡ଼ଠାକୁର ବଳଭଦ୍ର, ଦର୍ପଦଳନରେ ମା' ସୁଭଦ୍ରା ଓ ନନ୍ଦିଘୋଷ ରଥରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଛେରାପହଁରା କରିଥିଲେ ଗଜପତି । ପରେ ୨.୫୦ମିନିଟ୍‌ରୁ ଚାର ଫିଟା ଯାଇ ରଥରେ ଘୋଡ଼ା ଯୋଚା ଆରମ୍ଭ ହୋଇଥିଲା । ତେବେ ନୀତି ନିର୍ଘଣ୍ଟର ୮ ମିନିଟ୍ ବିଳମ୍ବରେ ରଥ ଟଣା ଆରମ୍ଭ ହୋଇଥିଲା । ୪.୦୮ ମିନିଟ୍ ସମୟରେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥ, ୬.୦୮ ମିନିଟ ସମୟରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ୭.୪୬ ମିନିଟ୍ ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶରଧାବାଲି

▶▶ ୫









### ଆଜି ପୁଣି ରଥ ଟଣା

ରଥଯାତ୍ରାର ପ୍ରଥମ ପର୍ଯ୍ୟାୟରେ ନନ୍ଦିଘୋଷକୁ ମାତ୍ର ପାଦେ ଆଗକୁ ଟଣାଯାଇଥିଲା । ବଳଗଣ୍ଡି ଛକରେ ତାଳଧ୍ୱଜ ରଥ ପହଞ୍ଚି ଥିବା ବେଳେ ମର୍ଚିକୋଟ ଛକ ଟାଉନ ଥାନା ନିକଟରେ ମା' ସୁଭଦ୍ରାଙ୍କର ରଥ ପହଞ୍ଚିଥିଲା । ଆଜି ପାଇଁ ରଥଟଣା କାର୍ଯ୍ୟ ବିରାମ ରାଖାଯାଇଛି । ଆସନ୍ତାକାଲି ପୁଣି ଥରେ ମହାପ୍ରଭୁଙ୍କ ରଥ ଗଡ଼ିବ । ଆସନ୍ତାକାଲି ପୂର୍ବାହ୍ଣ ସାଢ଼େ ୯ଟାରେ ପୁଣି ଥରେ ରଥ ଟଣାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଡ.ଅରବିନ୍ଦ ପାଢ଼ୀ ସୂଚନା ଦେଇଥିଲେ ।

### ଶ୍ରଦ୍ଧାଳୁଙ୍କୁ ଟଙ୍କ ତୋରାଣି ବିତରଣ କଲେ ମୁଖ୍ୟମନ୍ତ୍ରୀ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବଡ଼ଦାଣ୍ଡରେ ଶ୍ରଦ୍ଧାଳୁମାନଙ୍କୁ ଟଙ୍କ ତୋରାଣି ବିତରଣ କରିଥିଲେ । ବଡ଼ଦାଣ୍ଡ ପାର୍ଶ୍ୱରେ ଖୋଲାଯାଇଥିବା ଏକ ଷ୍ଟଲ୍‌ରେ ମୁଖ୍ୟମନ୍ତ୍ରୀ ଟଙ୍କ ତୋରାଣି ବାଣ୍ଟୁଥିବା ବେଳେ ଶ୍ରଦ୍ଧାଳୁମାନେ ଏହାକୁ ଅତ୍ୟନ୍ତ ହର୍ଷୋଲ୍ଲାସର ସହିତ ଗ୍ରହଣ କରିଥିଲେ ।



# ୩୦ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

**ଭୁବନେଶ୍ୱର,୨୭।୬/ଏନ୍ଏନ୍ଏସ୍:**

ଜନସାଧାରଣଙ୍କ ସମସ୍ୟା ଶୁଣି ଏହାର ତ୍ୱରିତ୍ ସମାଧାନ ଦିଗରେ ଗୁରୁତ୍ୱ ଦିଆଯାଉଛି । ଏହି କ୍ରମରେ ଆସନ୍ତା ୩୦ ତାରିଖ(ସୋମବାର) ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ।

ଏହି ଅଭିଯୋଗ ଶୁଣାଣି ପାଇଁ ଆଜି ଦିନ ୧୨ ଟାରୁ ପଞ୍ଜୀକରଣ ଜାରି ରହିବ । ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ୍ ବା ଜନଶୁଣାଣି ମୋବାଇଲ୍ ଆପ୍ଲିକେଶନ୍ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ପାଇଁ ପଞ୍ଜୀକରଣ କରିପାରିବେ ।



**ଜୁଲାଇ ୧ରୁ ହୋଇଥିଲା ପ୍ରଥମ ଜନଶୁଣାଣି**

ଉଲ୍ଲେଖନୀୟ ଯେ ଭୁବନେଶ୍ୱର ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଚଳଚଞ୍ଚଳ । ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ହୋଇଥିଲା । ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ପ୍ରତି ସୋମବାର ଏହିପରି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରିରହିବ ବୋଲି ଜଣାଯାଇଛି । ସମୁଦାୟ ୧୫୪୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ପ୍ରାୟ ୫୦୦୦ରୁ ଅଧିକ ଲୋକ ଆସିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ପୂର୍ବ ସରକାରଙ୍କ ସମୟରେ ଜନତା ଓ ସରକାରଙ୍କ ମଧ୍ୟରେ ଏକ ଲୌହ ପ୍ରାଚୀର ଥିଲା । ସେ ପ୍ରାଚୀର ଦୂର ହୋଇଛି । ଲୋକ ଓ ସରକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ପ୍ରତିଷ୍ଠା ପାଇଛି । ଗଣତନ୍ତ୍ରରେ ଲୋକଙ୍କ କଥା ଶୁଣିବା ଓ ସମାଧାନ ପାଇଁ ଚେଷ୍ଟା କରିବା ଏକ ଆମ ପ୍ରାଥମିକତା ହୋଇଛି । ଏଇ କଥାକୁ ଗୁରୁତ୍ୱ ଦେଇ ଜିଲ୍ଲା ସ୍ତରରେ ମଧ୍ୟ ଶୁଣାଣି ଆରମ୍ଭ ହୋଇଛି ।

ଅଭୟାରଣ୍ୟରୁ ୫ ବାଘଙ୍କ ମୃତଦେହ ଉଦ୍ଧାର

# ବିଷ ଦେଇ ମାରିଥିବା ସନ୍ଦେହ

**ବେଙ୍ଗାଲୁରୁ, ୨୭।୬/ଏଜେନ୍ସି:**

କର୍ଣ୍ଣାଟକର ଚାମରାଜନଗର ଜିଲ୍ଲାର ମାଲେ ମହାଦେଶ୍ୱର ହିଲ୍ସ ବନ୍ୟପ୍ରାଣୀ ଅଭୟାରଣ୍ୟରୁ ଏକ ମା' ବାଘୁଣୀ ସହ ତା'ର ୪ ଶାବକଙ୍କ ମୃତଦେହ ଉଦ୍ଧାର ହୋଇଛି । ଏମାନଙ୍କୁ କେହି ଉଦ୍ଦେଶ୍ୟମୂଳକ ଭାବେ ଖାଦ୍ୟରେ ବିଷ ଦେଇ ହତ୍ୟା କରିଥିବା ସନ୍ଦେହ କରାଯାଉଛି । ତେବେ ଏହି ଘଟଣାକୁ ନେଇ କେବଳ ରାଜ୍ୟରେ ନୁହେଁ ବରଂ ଦେଶବ୍ୟାପୀ ତୀବ୍ର ଆଲୋଡନ ସୃଷ୍ଟି ହୋଇଛି । ରାଜ୍ୟ ବନମନ୍ତ୍ରୀ ଈଶ୍ୱର ଖଣ୍ଡରେ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ପ୍ରକ୍ରିୟା ଏବଂ ପୋଷ୍ଟମର୍ଟମ ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ବନବିଭାଗ କହିଛି । ପ୍ରକାଶ, ବନବିଭାଗ ଅଧିକାରୀମାନେ କହିଛନ୍ତି ଯେ, ବାଘୁଣୀଟି କିଛି ଦିନ ପୂର୍ବରୁ ଏକ ଗାଈକୁ ମାରିଥିଲା । ପ୍ରକାଶ, ମଧ୍ୟପ୍ରଦେଶ ପରେ କର୍ଣ୍ଣାଟକରେ ସର୍ବାଧିକ ବାଘ ଅଛନ୍ତି । ଏଠାରେ ବାଘଙ୍କ ସଂଖ୍ୟା ୫୬୩ । ବନ୍ୟପ୍ରାଣୀଙ୍କ ସହିତ ବଢୁଥିବା ସଂଘର୍ଷ, ବିଶେଷକରି ବାଘମାନେ

▶▶ ୫



୧୩ ଟିକିଆ ହାତୀପଲଙ୍କ ଉତ୍ପାତ

# ବେଘର ହେଲେ ୭ ପରିବାର

**ପାଟଣାଗଡ଼,୨୭।୬/ଏନ୍ଏନ୍ଏସ୍:**

ଜଙ୍ଗଲ ନଷ୍ଟ ହେତୁ ବନ୍ୟଜନ୍ତୁ ଜନବସତି ମୁହାଁ ହେଉଥିବା ବେଳେ କେତେବେଳେ ହାତୀର ଜୀବନ ଯାଉଛି ତ କେତେବେଳେ ମଣିଷର ଧନ ଜୀବନ ନଷ୍ଟ ହେଉଛି । ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲ୍ଲା ଧୂମାଭଟା ଗ୍ରାମପଞ୍ଚାୟତ ଜଲିଆ ଗାଁରେ । ଗୁରୁବାର ବିଳମ୍ବିତ ରାତିରେ ୧୩ ଟିକିଆ ହାତୀ ପଲ ଗାଁରେ ଉପଦ୍ରବ ମଚାଇବାରୁ ୭ ଗରିବ ପରିବାର ବେଘର ହୋଇପଡ଼ିଛନ୍ତି ।

ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ ଧୂମାଭଟା ଗ୍ରାମପଞ୍ଚାୟତ ଜଲିଆ ଗାଁର ଜୟଦେବ ବରିହାଙ୍କ ସମେତ ୭ଟି ପରିବାର ନିଜ କ୍ଷେତରେ ଘର କରି ଦୀର୍ଘ ଦିନରୁ ରହିଆସୁଛନ୍ତି । ପାଖରେ କିରିବାଞ୍ଜି ସଂରକ୍ଷିତ ଜଙ୍ଗଲ ଥିବାବେଳେ କିଛିଦିନ ହେଲା ଏହି ଜଙ୍ଗଲକୁ ୧୩ ଟିକିଆ ହାତୀପଲ ଆସି ବିଭିନ୍ନ ସମୟରେ ହାତୀପଲ ଜନବସତି ମୁହାଁ ହେଉଛନ୍ତି ।



ଏନେଇ ପାଟଣାଗଡ଼ ବନବିଭାଗ ତରଫରୁ ତୀକ୍ଷ୍ଣ ନଜର ରଖାଯାଇଥିଲା । ଏହା ସତ୍ତ୍ୱେ ଗତକାଲି ରାତି ପାଖାପାଖି ୧୨ଟା ସମୟରେ ହାତୀ ପଲଙ୍କ ଗର୍ଜନ ଶୁଣିବାକୁ ମିଳିଥିଲା । ପରେ ଘର ଆଡ଼କୁ ମାଡ଼ି ଆସିବାରୁ ପରିବାର ଲୋକମାନେ ଘରଦ୍ୱାର ଛାଡ଼ି ପଳାଇ ଯାଇଥିଲେ । ହାତୀପଲ ଗୋଟିଏ ଛାତଘରକୁ ଛାଡି ସମସ୍ତ ଘରକୁ ଭାଙ୍ଗିଦେଇଥିଲେ । ଏପରିକି ଘର ଭାଙ୍ଗିବା ସହିତ ଘରର ଧାନ, ଚାଉଳ ଖାଇ ଆସବାବପତ୍ର ନଷ୍ଟ କରିଥିଲେ । ଖବର ପାଇ ଧୂମାଭଟା ସରପଞ୍ଚ ଘଟଣା ସ୍ଥଳରେ ପହଞ୍ଚିବା ସହ ପୀଡ଼ିତ ପରିବାର ସଦସ୍ୟଙ୍କୁ ବୁଝାସୁଝା କରିବା ସହିତ ଧୂମାଭଟା ରାଜସ୍ୱ ନିରୀକ୍ଷକ ଓ ବେଲପଡ଼ା ତହସିଲଦାରଙ୍କୁ ଫୋନ୍ କରିଥିଲେ । ଧୂମାଭଟା ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବା ବେଳେ ଗୋଟିଏ ଜରିପାଲ ଦେଇଥିଲେ । ବନବିଭାଗ ଓ ଗ୍ରାମପଞ୍ଚାୟତ ତରଫରୁ କ୍ଷତିଗ୍ରସ୍ତ ପରିବାରକୁ ରାସନ ସାମଗ୍ରୀ ପ୍ରଦାନ କରାଯାଇଛି ।

ଅନ୍ୟପକ୍ଷରେ ଗରିବ ପରିବାରଗଡ଼ିକୁ ୧୩ ଟିକିଆ ହାତୀପଲ ବେଘର କରିବା ସହିତ ସର୍ବସ୍ୱାନ୍ତ କରିଦେଇଛନ୍ତି । କ୍ଷତିଗ୍ରସ୍ତ ଆଦିବାସୀ ପରିବାରଙ୍କୁ ପକ୍କାଘର ସହିତ ଉପଯୁକ୍ତ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ରଖିଛନ୍ତି ଗ୍ରାମବାସୀ ।

# ରାଜ୍ୟରେ ଆରମ୍ଭ ହେବ '୧୦୯' ଶବବାହନ ସେବା !



**ଭୁବନେଶ୍ୱର,୨୭।୬/ଏନ୍ଏନ୍ଏସ୍:**

ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ମାଗଣା '୧୦୯' ଶବବାହନ ସେବା ଆରମ୍ଭ କରାଯିବ । ଏନେଇ ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରାଥମିକ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଜୁଲାଇ ୨ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏହାର ଚୂଡ଼ାନ୍ତ ରୂପରେଖ ସମ୍ପର୍କରେ ନିଷ୍ପତ୍ତି ନିଆଯିବ । ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ସ୍ମିତା ବିଶ୍ୱାଳ ଚଳିତ ମାସ ୨୪ରେ ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଅର୍ଥ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି । ସେ ପତ୍ରରେ ଦର୍ଶାଇଛନ୍ତି ଯେ ବିଭାଗ ପକ୍ଷରୁ ମାଗଣା ଶବବାହନ ସେବା ଲାଗି ଏକ ଚିଠା ମାର୍ଗଦର୍ଶିକା ପ୍ରସ୍ତୁତ ହେବାକୁ ଯାଉଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗର ସମନ୍ୱୟରେ ଏହାର ନୀତି ନିର୍ଦ୍ଧାରଣ କରାଯିବ । ସେଥିଲାଗି ବୈଠକରେ ଉପସ୍ଥିତ ରହିବାକୁ ସେ ପତ୍ରରେ ଅନୁରୋଧ କରିଛନ୍ତି ।



ଅହମଦାବାଦ୍‌ରେ ରଥଯାତ୍ରା ଧୁମଧାମ୍‌ରେ ପାଳିତ । ଏଠାରେ ରଥଯାତ୍ରା ସମୟରେ ନିୟୋଜିତ ଥିବା ୩ ହାତୀ କିଛି ସମୟ ପାଇଁ ବେକାବୁ ହୋଇପଡିଥିବା ବେଳେ ଶ୍ରଦ୍ଧାଳୁମାନେ ଭୟଭୀତ ହୋଇପଡ଼ିଥିଲେ । ତେବେ ଅଘଟଣ ଘଟିବା ପୂର୍ବରୁ ହିଁ ହାତୀଙ୍କୁ କାବୁ କରିନିଆଯାଇଥିଲା ।

କୋଲକାତାରେ ଆଉ ଏକ ଲଜ୍ଜା

# ଆଇନ୍ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

**କୋଲକାତା,୨୭।୬/ଏଜେନ୍ସି:** ଗତବର୍ଷ ଜଣେ ଟ୍ରେନି ଡାକ୍ତରାଣୀଙ୍କୁ ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଲୋମଟାଙ୍କୁରା ଘଟଣା ମନରୁ ଲିଭିନଥିବା ବେଳେ ପୁଣି ଥରେ କୋଲକାତାରେ ଆଉ ଜଣେ ଆଇନ୍ ପଢ଼ା ଯୁବତୀ ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ହୋଇଛି ।

ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ ଜୁନ୍ ୨୫ ତାରିଖ ସନ୍ଧ୍ୟା ୭:୩୦ ରୁ ୮:୫୦ ମଧ୍ୟରେ ତାଙ୍କ ସହ ଗଣଦୁଷ୍କର୍ମ ହୋଇଥିଲା । ସେ କିନ୍ତୁ ଗୁରୁବାର ରାତିରେ ଗଣଦୁଷ୍କର୍ମ ଘଟଣାର ଅଭିଯୋଗ ଦାଖଲ କରିଥିଲେ । ତେବେ ଏହି ଘଟଣାକୁ ନେଇ ଏବେ ପଶ୍ଚିମବଙ୍ଗ ରାଜନୀତି ବେଶ୍ ସରଗରମ୍ ହୋଇପଡ଼ିଛି । ବିରୋଧୀ ବିଜେପି, ଏହି ଘଟଣାକୁ ନେଇ ଶାସକ ଦଳ ଟିଏମ୍‌ସିକୁ ଭର୍ତ୍ସନା କରୁଥିବା ବେଳେ ଟିଏମ୍‌ସି ବିଜେପି ଉପରେ ଅଭିଯୁକ୍ତଙ୍କୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରୁଥିବା ଭଳି ପାଲଟା ଅଭିଯୋଗ ଲଗାଇଛି । ତେବେ ଏହି ଘଟଣାରେ କସବା ପୁଲିସ ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ମନୋଜିତ ମିଶ୍ର (୩୧), ଜୈବ ଅହମ୍ମଦ (୧୯) ଏବଂ ପ୍ରମିତ ମୁଖାର୍ଜୀ (୨୦) । ୩ଜଣ ଅଭିଯୁକ୍ତ ମଧ୍ୟରେ ମନୋଜିତ୍ ମିଶ୍ର ଜଣେ ପୂର୍ବତନ ତୃଣମୂଳ କଂଗ୍ରେସ ଛାତ୍ର ପରିଷଦର ନେତା ବୋଲି ଜଣାପଡିଛି ।



ପୀଡ଼ିତା ଆଇନ ଛାତ୍ରୀ ନିଜ ସହିତ ଘଟିଥିବା ଏହି ଲୋମଟାଙ୍କୁରା ଘଟଣାକୁ ପୁଲିସ ନିକଟରେ ବଖାଇ କହିଛନ୍ତି, 'ମନୋଜିତ ମିଶ୍ର, ଜୈବ ଅହମ୍ମଦ ଏବଂ ପ୍ରମିତ ମୁଖୋପାଧ୍ୟାୟ ତାଙ୍କୁ ଜୋରଜବରଦସ୍ତି କରି ଠେଲି ଦେଇ ହକିଷ୍ଟିକରେ ପଟିଥିଲେ । ପୀଡ଼ିତା ସେମାନଙ୍କ ଗୋଡ ଧରି ତାଙ୍କୁ ଛାଡିଦେବାକୁ ମଧ୍ୟ ଅନୁରୋଧ କରିଥିଲେ କିନ୍ତୁ ଅଭିଯୁକ୍ତମାନେ ତାଙ୍କୁ ଛାଡିନଥିଲେ । ଏପରିକି ପୀଡ଼ିତା ଯେଉଁ ଯୁବକଙ୍କ ସହ ରିଲେସନ୍‌ସିପ୍‌ରେ ଅଛନ୍ତି ତାଙ୍କୁ ହତ୍ୟା କରିଦେବେ, ତାଙ୍କ ବାପା ଓ ମା'ଙ୍କୁ ଜେଲ ପଠାଇ ଦେବାର ଧମକ ଦେଇ ଜଣକ ପରେ ଜଣେ ଦୁଷ୍କର୍ମ କରିଥିଲେ । ଏପରିକି କଲେଜ ମୁଖ୍ୟ ଦ୍ୱାରକୁ ବନ୍ଦ କରି ଦେଇଥିଲେ । ଗାର୍ଡ ସବୁ ଜାଣିବି ପୀଡ଼ିତାଙ୍କୁ ସାହାଯ୍ୟ କରିନଥିଲେ । ପୁଲିସ୍ ଏବେ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି । ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ ଘଟଣାକୁ ନେଇ ମମତା ବାନାର୍ଜୀଙ୍କ ସରକାର ତୀବ୍ର ସମାଲୋଚନାର ଶିକାର ହୋଇଥିବା ବେଳେ ଏବେ ଏହି ଘଟଣା ଚିନ୍ତା ବଢ଼ାଇଦେଇଛି ।

ଇରାନ୍‌କୁ ଇସ୍ରାଏଲ୍‌ର ଅଲ୍ଟିମେଟମ୍

# ୟୁରାନିୟମ୍ ଫେରାଅ, ନଚେତ୍ ଭୟଙ୍କର ପରିଣାମ ଭୋଗିବ



**ଜେରୁଜେଲମ୍,୨୭।୬/ଏଜେନ୍ସି:** ଯୁଦ୍ଧବିରତି ପରେ ଇରାନ୍‌କୁ ଅଲ୍ଟିମେଟମ୍ ଦେଇଛି ଇସ୍ରାଏଲ୍ । ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଜ୍ କହିଛନ୍ତି, ଇରାନକୁ ସମୃଦ୍ଧ ହୋଇଥିବା ୟୁରାନିୟମକୁ ଫେରାଇବାକୁ ପଡିବ । କାଜ ଏକ ସାକ୍ଷାତକାରରେ କହିଛନ୍ତି, ଇରାନ ଉପରେ ଇସ୍ରାଏଲ ଦ୍ୱାରା ସମ୍ପ୍ରତି ଆକ୍ରମଣ ଏହାର ପରମାଣୁ କ୍ଷମତାକୁ ଦୁର୍ବଳ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ଇରାନ ପାଖରେ ପରମାଣୁ ବୋମା ପାଇଁ ୟୁରାନିୟମକୁ କଠିନ ରୂପରେ ପରିଣତ କରିବାର କୌଣସି ଉପାୟ ନାହିଁ, କାରଣ ସେହି ସ୍ଥାନାନ୍ତର ସୁବିଧା ମଧ୍ୟ ନଷ୍ଟ ହୋଇଯାଇଛି । ଇରାନ୍ ଯଦି ଏହି ୟୁରାନିୟମକୁ ନଫେରାଏ ତେବେ ଆଗାମୀ ଦିନରେ ଇରାନ୍ ପାଇଁ ପରିଣାମ ଅତ୍ୟନ୍ତ ଭୟଙ୍କର ହେବ । ଏହାପୂର୍ବରୁ ଆମେରିକା ପକ୍ଷରୁ ମଧ୍ୟ ଏପ୍ରକାର ଧମକ ଇରାନ୍‌କୁ ଦିଆଯାଇସାରିଛି । ପ୍ରକାଶ, ଉଭୟ ଆମେରିକା ଏବଂ ଇସ୍ରାଏଲ୍ ସେହି ୟୁରାନୟିମ୍ କଥା କହୁଛନ୍ତି ଯେଉଁଥିରୁ ପରମାଣୁ ବୋମା ତିଆରି ହୁଏ । ଇରାନ୍ ପାଖରେ ପ୍ରାୟ ୪୦୦ କିଲୋଗ୍ରାମରୁ ଅଧିକ ସମୃଦ୍ଧ ୟୁରାନିୟମ ଗଚ୍ଛିତ ରହିଛି ଏବଂ ଆମେରିକା ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରିବା ପୂର୍ବରୁ ହିଁ ଇରାନ୍ ସେସବୁକୁ ସୁରକ୍ଷିତ ସ୍ଥାନାନ୍ତର କରିନେଇଥିବା ବିଶ୍ୱାସ କରାଯାଉଛି ।

ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ କାଜ୍ ଏହା ମଧ୍ୟ ସ୍ୱୀକାର କରିଛନ୍ତି, ଇସ୍ରାଏଲ ଜାଣିନାହିଁ ଯେ ଇରାନ ତାର ସମସ୍ତ ସମୃଦ୍ଧ ୟୁରାନିୟମ କେଉଁଠାରେ ଲୁଚାଇ ରଖିଛି । ଇରାନ ଗୁପ୍ତ ଭାବରେ ତା'ର ପରମାଣୁ ଯୁଦ୍ଧ ପାଇଁ ପ୍ରସ୍ତୁତି କରୁଛି । ଯାହା ଚିନ୍ତାଜନକ ବିଷୟ । ୟୁରୋପୀୟ ଗୋଇନ୍ଦା ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଇରାନର ମୁଖ୍ୟ ପରମାଣୁ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣ ସତ୍ତ୍ୱେ, ଏହାର ସମୃଦ୍ଧ ୟୁରାନିୟମ ଭଣ୍ଡାର ଏବେ ବି ପ୍ରାୟତଃ ସୁରକ୍ଷିତ । ଆମେରିକା ଆକ୍ରମଣ ପୂର୍ବରୁ, ଫୋର୍ଡୋଓ ଆଣବିକ କେନ୍ଦ୍ର ନିକଟରେ ଟ୍ରକଗୁଡ଼ିକର ଗତିବିଧି ଦେଖାଯାଇଥିଲା, ଯାହା ସନ୍ଦେହ ସୃଷ୍ଟି କରେ ଯେ ଇରାନ ସେଠାରୁ ୟୁରାନିୟମ ହଟାଇସାରିଛି । ୟୁରୋପୀୟ ଦେଶଗୁଡ଼ିକ ମଧ୍ୟ ବିଶ୍ୱାସ କରନ୍ତି, ଇରାନରେ ପ୍ରାୟ ୪୦୮ କିଲୋଗ୍ରାମ ଉଚ୍ଚ-ଗ୍ରେଡ ୟୁରାନିୟମ ଅଛି, ଯାହା ଆଣବିକ ଅସ୍ତ୍ରଶସ୍ତ୍ର ତିଆରି ପାଇଁ ଯଥେଷ୍ଟ । କାଜ୍ ସ୍ୱୀକାର କରିଛନ୍ତି ଯେ, ଇରାନ ସହିତ ସମ୍ପ୍ରତି ସଂଘର୍ଷ ସମୟରେ ଇସ୍ରାଏଲୀ ସେନା ଇରାନର ସର୍ବୋଚ୍ଚ ନେତା ଅଲି ଖାମେନେଇଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା କିନ୍ତୁ ଯୁଦ୍ଧ ସମୟରେ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏପରି କୌଣସି ସୁଯୋଗ ନ ଥିଲା ।

## ଆମେରିକା ମାଟିରେ ହିଁ ଆକ୍ରମଣ କରିବାକୁ ପ୍ରସ୍ତୁତି ଚଳାଇଛି ଇରାନ୍

### ଆକ୍ଟିଭେଟ୍ କରିବ 'ସ୍ଲିପର ସେଲ୍' ରୂପୀ ନିଜ ଘାତକ ଅସ୍ତ୍ର

**ତେହରାନ୍/ୱାଶିଂଟନ୍,୨୭।୬/ଏଜେନ୍ସି:** ଇରାନ୍ ଏବଂ ଇସ୍ରାଏଲ୍ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ଏକ ଦୁର୍ବଳ ଯୁଦ୍ଧ ବିରତି ବୋଲି କୁହାଯାଉଛି । ତେବେ ଏସବୁ ମଧ୍ୟରେ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ଇରାନ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ବିରତି କରାଇଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଏବେ ଏହି ଯୁଦ୍ଧ ବିରତି ହିଁ ଖୋଦ୍ ଟ୍ରମ୍ପଙ୍କ ପାଇଁ ବୁମେରାଂ ସାବ୍ୟସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଆମେରିକାର ନିଜ ଗୁଇନ୍ଦା ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଇରାନ ଏବେ ଆମେରିକା ବିରୋଧରେ ବଡ଼ଧରଣର ପ୍ରତିଶୋଧ ନେବାକୁ ଚାହୁଁଛି । ଆମେରିକାକୁ ଆମେରିକା ମାଟିରେ ହିଁ ପ୍ରକୃତ ଜବାବ ଦେବାକୁ ଇରାନ୍ ସେନା ଯୋଜନା କରୁଛି । ତେବେ ଇରାନ୍ ଏଥିପାଇଁ ଆମେରିକାରେ ନିଜ ସ୍ଲିପର ସେଲ୍‌କୁ ଆକ୍ଟିଭେଟ୍ ଅର୍ଥାତ୍ ସକ୍ରିୟ କରାଇବ । ଇରାନ୍‌ର ଏହି ସ୍ଲିପର ସେଲ୍ ହିଁ ଆମେରିକାକୁ ଆଭ୍ୟନ୍ତରୀଣ ସ୍ତରରେ ଏତେମାତ୍ରାରେ ଦୁର୍ବଳ କରିଦେବେ ଯେ, ଆମେରିକା ଏଥିରେ ବ୍ୟତିବ୍ୟସ୍ତ ହୋଇପଡ଼ିବ ।

ରିପୋର୍ଟରେ ପ୍ରକାଶ ପାଇଛି, ଇରାନର ଏହି ସ୍ଲିପର ସେଲ୍ ଏଜେଣ୍ଟମାନେ ଆମେରିକୀୟ ସହରଗୁଡ଼ିକରେ ଅନ୍ୟ ସାଧାରଣ ଲୋକଙ୍କ ଭଳି ଲୁଚି ରହିଛନ୍ତି । ଏହି ଏଜେଣ୍ଟମାନେ ଆମେରିକା ଭିତରେ ସାଇବର ଆକ୍ରମଣ ଏବଂ ଡ୍ରୋନ ଆକ୍ରମଣ ପାଇଁ ମଧ୍ୟ ପ୍ରସ୍ତୁତ ହେଉଛନ୍ତି ।

ହିଜବୁଲ୍ଲାର କାର୍ଯ୍ୟକଳାପ ଉପରେ ରୋକ୍ ଉଦ୍ଦେଶ୍ୟ

# ଲେବାନନ୍ ଉପରେ ଭୟଙ୍କର ଆକ୍ରମଣ କଲା ଇସ୍ରାଏଲ୍



**ଜେରୁଜେଲମ,୨୭।୬/ଏଜେନ୍ସି:** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ୧୨ ଦିନିଆ ଭୟଙ୍କର ଯୁଦ୍ଧ ଏବେ ସାମାନ୍ୟ ଥମିଛି । ଉଭୟ ଦେଶ ମଧ୍ୟରେ ଅସ୍ତ୍ରବିରତି ହୋଇଛି । ଏହା ବିଶ୍ୱାସ କରାଯାଉଥିଲା ଯେ, ଏବେ ମଧ୍ୟପ୍ରାଚ୍ୟର ପରିସ୍ଥିତି କିଛିଟା ସ୍ୱାଭାବିକ ହେବ । କିନ୍ତୁ ଏସବୁ ପରିସ୍ଥିତି ମଧ୍ୟରେ ଇସ୍ରାଏଲ ଏବେ ପୁଣିଥରେ ହଠାତ୍ ଲେବାନନ ଉପରେ ଆକ୍ରମଣ କରିଛି । ରିପୋର୍ଟ ଅନୁସାରେ ଶୁକ୍ରବାର ଇସ୍ରାଏଲ ଦକ୍ଷିଣ ଲେବାନନରେ ବଡ଼ ଧରଣର ବିମାନ ଆକ୍ରମଣ କରିଛି, ଯାହାଦ୍ୱାରା ସମଗ୍ର ଅଞ୍ଚଳରେ ଭୟଙ୍କର ବାତାବରଣ ସୃଷ୍ଟି କରିଛି । ଲେବାନନ୍ ପକ୍ଷରୁ ମଧ୍ୟ ଇସ୍ରାଏଲ ପଟୁ ହୋଇଥିବା ଆକ୍ରମଣ ସମ୍ପର୍କରେ ସ୍ପଷ୍ଟ କରାଯାଇଛି । ଇସ୍ରାଏଲୀ ଯୁଦ୍ଧ ବିମାନର ଗର୍ଜନ ସହିତ ଏହି ଅଞ୍ଚଳରେ ଅନେକ ଜୋରଦାର ବିସ୍ଫୋରଣ ଶୁଣାଯାଇଥିଲା । ଏହା ବ୍ୟତୀତ ଦକ୍ଷିଣ ଲେବାନନର ଅନେକ ସ୍ଥାନରେ ଡ୍ରୋନ ମଧ୍ୟ ଉଡୁଥିବା ଦେଖାଯାଇଥିଲା ।

ଇସ୍ରାଏଲୀ ସେନା କହିଛି, ଏହା ହିଜବୁଲ୍ଲା ଉଗ୍ରବାଦୀ ସଂଗଠନର କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଏହି ଆକ୍ରମଣ କରିଛି । ଦକ୍ଷିଣ ଲେବାନନର ନାବାଟିଆହ ଅଲ-ଫୌକା ଏବଂ ଇକଲିମ ଅଲ-ତୁଫା ପାହାଡ଼ ଉପରେ ଅନେକ ସ୍ଥାନକୁ ଟାର୍ଗେଟ କରାଯାଇଥିଲା । ଇସ୍ରାଏଲୀ ସେନା ଅନୁସାରେ ଇସ୍ରାଏଲୀ ଯୁଦ୍ଧ ବିମାନ ଦକ୍ଷିଣ ଲେବାନନର ମାଉଣ୍ଟ ଶୁକେଫ ଅଞ୍ଚଳରେ (ସ୍ଥାନୀୟ ଭାବରେ ଅଲି ଅଲ-ତାହେର କୁହାଯାଉଥିବା) ଏକ ଗୁପ୍ତସ୍ଥାନକୁ ଟାର୍ଗେଟ୍ କରିଥିଲା । ଏହି ଆଡ୍ଡାକୁ ହିଜବୁଲାର ଅଗ୍ନି ନିୟନ୍ତ୍ରଣ ଏବଂ ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ବ୍ୟବହାର କରାଯାଉଥିଲା । ଏହା ଏକ ଭୂତଳ ପ୍ରକଳ୍ପର ଅଂଶ, ଯାହା ପୂର୍ବରୁ ଇସ୍ରାଏଲୀ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିଲା, କିନ୍ତୁ ଏବେ ପୁନଃନିର୍ମାଣ କରାଯାଉଛି ।

ଇସ୍ରାଏଲ ଆଜି ଆକ୍ରମଣ କରିବାର ଠିକ ଦିନକ ପୂର୍ବରୁ, ହିଜବୁଲାର ଉପମୁଖ୍ୟ ଶେଖ ନଇମ କାସିମ ସ୍ପଷ୍ଟ ଭାବରେ କହିଥିଲେ, ଲେବାନନ କାହାର ଚାପରେ ଆସିବ ନାହିଁ କିମ୍ବା ଦଖଲ ଗ୍ରହଣ କରିବ ନାହିଁ । ଏହା ଆମର ଦେଶ, ଆମେ ଏହାକୁ ସମ୍ମାନର ସହିତ ଚାହୁଁଛୁ ଏବଂ ଆମେ ଏଥିପାଇଁ ଲଢ଼ିବୁ । ସୂଚନାଯୋଗ୍ୟ ଯେ, ନଭେମ୍ବର ୨୭ ତାରିଖରେ ଯୁଦ୍ଧବିରତି ଚୁକ୍ତି ପରେ ମଧ୍ୟ ଇସ୍ରାଏଲ ଲେବାନନରେ ନିୟମିତ ଆକ୍ରମଣ କରୁଛି ।

ଇରାନକୁ ଧମକ ଦେଲେ ଟ୍ରମ୍ପ୍


# ପରମାଣୁ ଅସ୍ତ୍ର ତିଆରି କଲେ ପୁଣି ଆକ୍ରମଣ

**ୱାଶିଂଟନ,୨୭।୬:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ପୁଣିଥରେ ଚେତାବନୀ ଦେଇଛନ୍ତି । ଟ୍ରମ୍ପ କହିଛନ୍ତି ଯେ ଆମେରିକାର ଆକ୍ରମଣରେ ଇରାନର ପରମାଣୁ କେନ୍ଦ୍ର ସମ୍ପୂର୍ଣ୍ଣ ଧ୍ୱଂସ ପାଇଛି । ଏହାସତ୍ତ୍ୱେ ଇରାନ ଯଦି ଭବିଷ୍ୟତରେ ପୁଣି ପରମାଣୁ ଅସ୍ତ୍ର ତିଆରି କରିବାକୁ ଯୋଜନା କରେ ତେବେ ଏହା ଅନୁରୂପ ପରିଣାମ ଭୋଗିବ । ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପେଟ୍ ହେଗସେଥଙ୍କ ମନ୍ତବ୍ୟ ପରେ ଟ୍ରମ୍ପ ଏପରି ଚେତାବନୀ ଦେଇଛନ୍ତି । ହେଗସେଥ କହିଥିଲେ ଯେ ଆମେରିକାର ଆକ୍ରମଣ ସତ୍ତ୍ୱେ ଇରାନ ପରମାଣୁ ଅସ୍ତ୍ର ତିଆରି କରିବାକୁ ସକ୍ଷମ । ଇରାନର ପରମାଣୁ କେନ୍ଦ୍ର ଧ୍ୱଂସ ପାଇଯାଇଥିବା ସତ୍ତ୍ୱେ ଏହା ପରମାଣୁ ଅସ୍ତ୍ର ତିଆରି କରିବାକୁ ସକ୍ଷମ । ଆମେରିକା ଯେଉଁ ବଙ୍କର ବୁଷ୍ଟର (ପାତାଳ ଭେଦି) ବୋମା ମାଡ କରିଛି ସେଥିରେ ଇରାନର ଭୂପୃଷ୍ଠ ତଳେ ଥିବା ପରମାଣୁ କେନ୍ଦ୍ର ଧ୍ୱଂସ ପାଇଛି ସତ; ମାତ୍ର ଇରାନ ଏହାର ୟୁରାନିୟମ୍‌ସବୁକୁ ସ୍ଥାନାନ୍ତର କରି ନେଇଥିବାରୁ ଏହା ପୁନର୍ବାର ପରମାଣୁ ଅସ୍ତ୍ର ତିଆରି କରିବାକୁ ସକ୍ଷମ ହେବ । ଇରାନକୁ ପରମାଣୁ ଅସ୍ତ୍ର ତିଆରିରୁ ଦୂରେଇ ରଖିବା ଲାଗି ଆମେରିକା ଓ ଇସ୍ରାଏଲ ଯେଉଁ ଆକ୍ରମଣ କରିଛନ୍ତି ତାହା ବହୁତ ବିଳମ୍ବିତ ହୋଇଛି । ଇସ୍ରାଏଲ ଓ ଆମେରିକାର ସାମ୍ଭାବ୍ୟ ଆକ୍ରମଣ ସମ୍ପର୍କରେ ଇରାନ ସୂଚନା ପାଇବା ପରେ ୟୁରାନିୟମ୍ ସବୁକୁ ସ୍ଥାନାନ୍ତର କରି ନେଇ ଗୁପ୍ତରେ ମହଜୁଦ୍ ରଖିଛି । ଅନ୍ୟପଟେ ଇରାନ ମଧ୍ୟ ସ୍ୱୀକାର କରିଛି ଯେ, ଆମେରିକାର ଆକ୍ରମଣରେ ଏହାର ପରମାଣୁ କେନ୍ଦ୍ରଗୁଡିକ ବ୍ୟାପକ ଭାବେ ନଷ୍ଟ ହୋଇଛି ।

ଇରାନ୍‌କୁ ୩୦ ବିଲିଅନ୍ ଡଲାର ଚୁକ୍ତିର ପ୍ରସ୍ତାବ ଦେଲା ଆମେରିକା

# ଇରାନ୍‌ର ସିଧା ଜବାବ: ହେବନାହିଁ କୌଣସି ପରମାଣୁ ବାର୍ତ୍ତା

**ତେହରାନ,୨୭।୬/ଏଜେନ୍ସି:** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ପରେ ମଧ୍ୟ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଜାରି ରହିଛି ଯାହାକି ସମୟକ୍ରମେ ବୃଦ୍ଧି ପାଇବାରେ ଲାଗିଛି । ଇରାନ୍ ପକ୍ଷରୁ ଏବେ ନିରନ୍ତର ଭାବେ ଇସ୍ରାଏଲ୍ ଏବଂ ଆମେରିକା ପ୍ରତି ଉତକାଇବା ଭଳି ବୟାନବାଜି ଜାରି ରହିଛି । ଗତକାଲି ଇରାନ୍‌ର ସର୍ବୋଚ୍ଚ ନେତା ଅୟାତୋଲ୍ଲା ଖାମେନେଇ ଆମେରିକାକୁ ଚେତାବନୀ ଦେଇଥିଲେ । ଶୁକ୍ରବାର ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ମଧ୍ୟ ସେପରି କିଛି କହିଛନ୍ତି । ଆରାଘଚି କହିଛନ୍ତି ଯେ, ଆମେରିକା ସହିତ ଆଉ କୌଣସି ପରମାଣୁ ଆଲୋଚନା ହେବ ନାହିଁ । ସେ ଏହି ଅବସରରେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଇରାନ୍ ନିଜ ଆଣବିକ କାର୍ଯ୍ୟକ୍ରମ ଜାରି ରଖିବ ।



ପ୍ରକାଶ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିଲେ ଯେ ଇରାନ ଏବଂ ଆମେରିକା ଆସନ୍ତା ସପ୍ତାହରେ ଆଣବିକ ଚୁକ୍ତି ସମ୍ପର୍କରେ ଆଲୋଚନା କରିବେ । ହ୍ୱାଇଟ ହାଉସର ଏକ ପ୍ରେସ୍ ବ୍ରିଫିଂରେ, ପ୍ରେସ ସଚିବ କାରୋଲିନ ଲେଭିଟ୍ କହିଛନ୍ତି ଯେ, ଆମେରିକା ପ୍ରଶାସନ ଇରାନ ସହିତ କୂଟନୈତିକ ଆଲୋଚନା ପଥରେ ଚାଲିଛି । ଇରାନ ଉପରେ ବୋମାମାଡ଼ କରାଯିବା ପରେ ଇରାନ୍ ସହ ଆମେରିକା ଏବେ ଏକ ନୂତନ ଚୁକ୍ତି ଯୋଜନା କରୁଛି । ଆମେରିକା ଇରାନକୁ ପ୍ରାୟ ୩୦ ବିଲିୟନ ଡଲାର (ପ୍ରାୟ ୨.୨୭ ଲକ୍ଷ କୋଟି ଟଙ୍କା) ର ଏକ ଚୁକ୍ତି ପ୍ରଦାନ କରିଛି । ଆମେରିକା ରାଷ୍ଟ୍ରପତି ତଥା ତାଙ୍କ ସରକାର ଏପ୍ରକାର ଦାବି କରୁଥିବା ବେଳେ ଇରାନ୍ କିନ୍ତୁ ଭିନ୍ନ କଥା କହିବାରେ ଲାଗିଛି । ଇରାନର ସରକାରୀ ଟିଭି ସହିତ କଥାବାର୍ତ୍ତା ସମୟରେ ଆବାସ ଆରାଘଚି କହିଛନ୍ତି, 'ଆମେରିକା ସହିତ ପୁଣି ଥରେ ଆଲୋଚନା ଆରମ୍ଭ କରିବା ପାଇଁ କୌଣସି ଚୁକ୍ତି କିମ୍ବା ବ୍ୟବସ୍ଥା କରାଯାଇନାହିଁ । ନା କୌଣସି ପ୍ରତିଶ୍ରୁତି ଦିଆଯାଇଛି ନା ଏହି ବିଷୟରେ କୌଣସି ଆଲୋଚନା ହୋଇଛି । ଆମେରିକା କେବଳ ବିଶ୍ୱକୁ ମିଛ ହିଁ କହୁଛି' ।

ସିଏନ୍ଏନ୍ ରିପୋର୍ଟ ଅନୁଯାୟୀ, ଆମେରିକା ଇରାନର ପରମାଣୁ କାର୍ଯ୍ୟକ୍ରମରେ ନିବେଶ କରିବାକୁ ବିଚାର କରୁଛି, କିନ୍ତୁ ଏହା କେବଳ ବେସାମରିକ ପରମାଣୁ ବ୍ୟବହାର ପାଇଁ ହେବ । ଆମେରିକା ଏହି ଟଙ୍କାକୁ ନିଜେ ଦେବା ପରିବର୍ତ୍ତେ ଆରବ ଦେଶଗୁଡ଼ିକ ମାଧ୍ୟମରେ ପଠାଇପାରିବ । କିନ୍ତୁ ଆବାସ ଆରାଘଚି ପୂର୍ବରୁ କହିଥିଲେ, 'ଆମର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ଇରାନର ସ୍ୱାର୍ଥ ଉପରେ ଆଧାରିତ ହେବ । ଯଦି ଆମ ସ୍ୱାର୍ଥ ପାଇଁ ଆଲୋଚନାର ଆବଶ୍ୟକତା ପଡ଼େ, ତେବେ ଆମେ ଏହାକୁ ବିଚାର କରିବୁ ।' ସୂଚନାଯୋଗ୍ୟ, ଇରାନର ପରମାଣୁ କାର୍ଯ୍ୟକ୍ରମ ଦୀର୍ଘ ଦିନ ଧରି ଅନ୍ତର୍ଜାତୀୟ ବିବାଦର କେନ୍ଦ୍ର ହୋଇ ରହିଛି । ଆମେରିକା, ଇସ୍ରାଏଲ ଏବଂ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନେ ବିଶ୍ୱାସ କରନ୍ତି ଯେ ଇରାନ ଗୁପ୍ତ ଭାବରେ ପରମାଣୁ ଅସ୍ତ୍ର ବିକଶିତ କରୁଛି । ଅନ୍ୟପକ୍ଷରେ, ଇରାନ ଦାବି କରୁଛି ଯେ ଏହାର ପରମାଣୁ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଉପାୟରେ କରାଯାଉଛି, ଯେପରିକି ବିଦ୍ୟୁତ ଉତ୍ପାଦନ ଏବଂ ଚିକିତ୍ସା ଗବେଷଣା ପାଇଁ ।

# 'ହୀର୍ ଏକ୍ସପ୍ରେସ୍'ର ପ୍ରଥମ ଗୀତ 'ବେ ରାଞ୍ଝଣା' ରିଲିଜ୍

## ଜୋଧପୁରର ବିଭିନ୍ନ ସ୍ଥାନରେ ସୁଟ୍ ହୋଇଥିବା ଏହି ଗୀତକୁ ଚାରିଆଡୁ ମିଳୁଛି ପ୍ରଶଂସା

**ମୁମ୍ବାଇ,୨୭।୬/ଏଜେନ୍ସି:** ଅଗଷ୍ଟ ୮ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଥିବା ଫିଲ୍ମ 'ହୀର୍ ଏକ୍ସପ୍ରେସ'ର ପ୍ରଥମ ଗୀତ 'ବେ ରାଞ୍ଝଣା' ମଙ୍ଗଳବାର ଜୀ' ମ୍ୟୁଜିକ୍ କମ୍ପାନୀ ଦ୍ୱାରା ମୁକ୍ତିଲାଭ କରିଛି । ଏହାର ସଙ୍ଗୀତ ଏବଂ ନୃତ୍ୟ ନିର୍ଦ୍ଦେଶନା ଠାରୁ ଆରମ୍ଭ କରି ସିନେମାଟୋଗ୍ରାଫି ଏବଂ ଲୋକେସନ୍ ପର୍ଯ୍ୟନ୍ତ, 'ବେ ରାଞ୍ଝଣା'ର ସବୁକିଛି ଦର୍ଶକଙ୍କୁ ଆକର୍ଷିତ କରିବାରେ ସଫଳ ହେଉଥିବା ପରି ମନେ ହେଉଛି । ବିଶେଷକରି ରାଜସ୍ଥାନର ଯୋଧପୁରର ଚମତ୍କାର ସ୍ଥାନ ଏହି ଗୀତକୁ ଏକ ଭିନ୍ନ ଦିଗ ଦେଇଛି ଏବଂ ଦର୍ଶକଙ୍କୁ ଖୁସି କରିବାରେ ସଫଳ ହୋଇଛି ।

ଜୁନ୍ ୧୦ ତାରିଖରେ 'ହିର ଏକ୍ସପ୍ରେସ୍' ଫିଲ୍ମର ଟିଜର ରିଲିଜ୍ ହେବା ପରଠାରୁ ଏହି ଫିଲ୍ମଟି ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରୁଛି ।




ଏବେ 'ବେ ରାଞ୍ଝଣା' ରିଲିଜ୍ ହେବା ପରେ ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ଆହୁରି ବୃଦ୍ଧି ପାଇଛି । ଇନଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବରେ ଏବେ ଏହି ଗୀତର ରିଲ୍ସରେ ଭରି ରହିଛି । ଏହି ସୁନ୍ଦର ଟ୍ରାକ୍‌କୁ ସିମର କୌର ଏବଂ ନଭି ସରନ୍ ଗାଇଥିବା ବେଳେ ଅଭି ସାରା ଏହାର ସ୍ୱର ସଂଯୋଜନା କରିଛନ୍ତି । ଗୀତିକାର ହରମନଜିତଙ୍କ ହୃଦୟସ୍ପର୍ଶୀ ସଂଗୀତ ସଂରଚନା ସାଙ୍ଗକୁ ବିପିନ୍‌ଙ୍କ କୋରିଓଗ୍ରାଫି ଏହି ସଂଗୀତକୁ ଶ୍ରୁତିମଧୁର ଓ ସୁନ୍ଦର ଦୃଶ୍ୟାୟନ ପ୍ରଦାନ କରିଛି । ଗୀତର ପ୍ରତ୍ୟେକ କୋଣ, ପ୍ରତ୍ୟେକ ଫ୍ରେମ୍, ପ୍ରତ୍ୟେକ ଗତି ଦର୍ଶକଙ୍କ ହୃଦୟକୁ ସ୍ପର୍ଶ କରେ ।

ଫିଲ୍ମରେ ଚିତ୍ରାୟନ ହୋଇଥିବା ସମସ୍ତ ଗୀତ ବିଷୟରେ ସିମର କୌର କହିଛନ୍ତି, 'ହୀର ଏକ୍ସପ୍ରେସ'ର ସମସ୍ତ ଗୀତ ହୃଦୟଛୁଆଁ ହୋଇଛି । ବିଶେଷ କରି ବେ ରାଞ୍ଝଣା ସଂଗୀତ ଏଥିରେ ସୁନ୍ଦର ଭାବରେ ଫିଟ୍ ହୁଏ । ଏହି ଗୀତର ସରଳତା ମୋତେ ପ୍ରଥମ ଥର ଶୁଣିବା ମୁହୂର୍ତ୍ତରେ ଛୁଇଁଥିଲା । 'ଲାଲ୍ ପରି' ଭଳି ଏକ ଶକ୍ତିଶାଳୀ ଟ୍ରାକ୍ ପରେ, ଏହି ଗୀତଟି ମୋତେ ଏକ ଶାନ୍ତ ଏବଂ ଆତ୍ମୀୟ ପରିବର୍ତ୍ତନ ଦେଇଛି । ଏହି ଗୀତରେ ହିର ଏକ୍ସପ୍ରେସ୍ ଡେବ୍ୟୁଟାଣ୍ଟ ଦିଭିତା ଜୁନେଜା ଏବଂ ଉଦୀୟମାନ ତାରକା ପ୍ରୀତ କମାନୀ ଅଛନ୍ତି । ଉଭୟଙ୍କ ଅନସ୍କ୍ରିନ୍ କେମିଷ୍ଟ୍ରି ଏକ ପ୍ରାକୃତିକ ଅନୁଭବ ଦେଉଛି ଯାହାକି ଏହି ଗୀତକୁ ଏକ ଅନନ୍ୟ ଜୀବନ ଦେଇଛି । 'ସଓ୍ୱା ଦିଲ୍ ଉତେ ଭଜିୟାଁ ବେ ରାଞ୍ଝଣା, ମେ ତାନତେରେ ଲାଡ ଲାଗି ହାଁ ବେ ରାଞ୍ଝଣା' ଗୀତର ମୁଖ୍ୟ ଧାଡ଼ିଗୁଡ଼ିକ ଏବେ ସମସ୍ତଙ୍କ ମୁଖରେ । ହିର୍ ଏକ୍ସପ୍ରେସର ସମଗ୍ର ଟିମ୍, କଳାକାର, ବୈଷୟିକ ଦଳ, ବ୍ୟାକଏଣ୍ଡ ସମର୍ଥନ, ସମସ୍ତେ ପ୍ରଥମ ଗୀତର ରିଲିଜ୍‌କୁ ନେଇ ଅତ୍ୟନ୍ତ ଉତ୍ସାହିତ । ସାମଗ୍ରିକ ଭାବରେ, ଜୀ ମ୍ୟୁଜିକ୍ କମ୍ପାନୀ ଦ୍ୱାରା ପ୍ରଦର୍ଶିତ ହିର୍ ଏକ୍ସପ୍ରେସର ଏହି ପ୍ରଥମ ଗୀତ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିସାରିଛି ଏବଂ ଫିଲ୍ମ ମୁକ୍ତି ପୂର୍ବରୁ ସଫଳତା ଆଡ଼କୁ ଗତି କରୁଛି ।

ପୁଣି ଭାରତକୁ ନାଲିଆଖି ଦେଖାଇବାକୁ ଚେଷ୍ଟା କଲେ ବିଲାଓ୍ୱଲ୍

# ପାଣି ଦିଅ ନଚେତ୍ ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅ

**ଇସଲାମାବାଦ୍, ନୂଆଦିଲ୍ଲୀ, ୨୭।୬/ଏଜେନ୍ସି:** ପୁଣି ଭାରତକୁ ନାଲିଆଖି ଦେଖାଇବାକୁ ଚେଷ୍ଟା କରିଛନ୍ତି ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ମୁଖ୍ୟ ତଥା ପୂର୍ବତନ ପାକ୍ ବୈଦେଶିକ ମନ୍ତ୍ରୀ ବିଲାଓ୍ୱଲ ଭୁଟ୍ଟୋ ଜର୍ଦ୍ଦାରୀ । ବିଲାଓ୍ୱଲ୍ ଭାରତକୁ ଧମକ ଦେଇ କହିଛନ୍ତି ଯେ, ଯଥାଶୀଘ୍ର ପାଣି ଛାଡ଼ ନଚେତ୍ ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅ । ତାଙ୍କର ଏପ୍ରକାର ମନ୍ତବ୍ୟ ଭାରତ ପାଇଁ ଉତକାଇବା ଭଳି ହୋଇଥିଲେ ମଧ୍ୟ ଭାରତ ଏହା ଉପରେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରତିକ୍ରିୟା ଦେବାକୁ ଆବଶ୍ୟକ ମନେ କରିନାହିଁ । ରିପୋର୍ଟ ଅନୁସାରେ ବିଲାଓ୍ୱଲ୍ କହିଛନ୍ତି, ଯଦି ସିନ୍ଧୁ ନଦୀର ପାଣି ବନ୍ଦ କରାଯାଏ, ତେବେ ପାକିସ୍ତାନ କୁଆଡେ ସମସ୍ତ ଛଅଟି ନଦୀକୁ କବଜା କରିନେବ ଏବଂ ଯୁଦ୍ଧରୁ ମଧ୍ୟ ପଛକୁ ହଟିବ ନାହିଁ ।



୨୨ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଯେଉଁ ୫ଟି ବଡ଼ କୂଟନୈତିକ ନିଷ୍ପତ୍ତି ନେଇଥିଲା, ସେଥିମଧ୍ୟରୁ ସବୁଠୁ ବଡ଼ ନିଷ୍ପତ୍ତି ଥିଲା ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ କରିବା । ଆଉ ଏହି ନିଷ୍ପତ୍ତି ପରେ ପାକିସ୍ତାନର ସ୍ଥିତି ଅତ୍ୟନ୍ତ ଖରାପ ହୋଇପଡ଼ିଛି । ଭାରତର ଏହି ଗୋଟିଏ ନିଷ୍ପତ୍ତିରେ ପାକିସ୍ତାନ ଏତେମାତ୍ରାରେ ବ୍ୟତିବ୍ୟସ୍ତ ହୋଇପଡିଛି ଯେ ଏହାର ନେତାମାନେ ବରାବର ବିଭ୍ରାନ୍ତିକର ବୟାନବାଜି କରିବା ସହ ଭାରତକୁ ଧମକ ଦେବାରେ ଲାଗିଛନ୍ତି । ପ୍ରକାଶ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନିକଟରେ ସ୍ପଷ୍ଟ ଭାବରେ କହିଥିଲେ ଯେ ସିନ୍ଧୁ ଜଳ ଚୁକ୍ତି କେବେବି ପୁନଃସ୍ଥାପିତ ହେବ ନାହିଁ । ଏହାକୁ ନେଇ ବିଲାଓ୍ୱାଲ ହୁଏତ ଏପ୍ରକାର ବୟାନ୍‌ବାଜି କରିଛନ୍ତି । ତେବେ ଏପ୍ରକାର ବୟାନବାଜିକୁ ନେଇ ଭାରତ ଚିନ୍ତିତ ନୁହେଁ । ପୂର୍ବରୁ ମଧ୍ୟ ବିଲାଓ୍ୱଲ୍ କହିଥିଲେ ଯେ, ସିନ୍ଧୁ ନଦୀରେ ପାଣି ବହିବ ନଚେତ୍ ରକ୍ତ ବହିବ । କିନ୍ତୁ ଭାରତୀୟ ସେନାର ଅପରେସନ୍ ସିନ୍ଦୂର ପରେ ତାଙ୍କର ଏପ୍ରକାର ବୟାନବାଜି ଫିକା ପଡ଼ିଯାଇଥିଲା । ତେବେ କେବଳ ବିଲାଓ୍ୱଲ୍ ନୁହଁନ୍ତି ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ମଧ୍ୟ ଏବେ ଭାରତ ସହ ସମ୍ପର୍କକୁ ସୁଧାରିବା ଦିଗରେ ପ୍ରୟାସ କରୁଥିବା ଦେଖିବାକୁ ମିଳୁଛି । ଶେହବାଜ୍ ଏବେ ଭାରତ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା ଆରମ୍ଭ କରିବା ପାଇଁ ମଧ୍ୟସ୍ଥି ଖୋଜିବାରେ ଲାଗିଛନ୍ତି । ନିକଟରେ ଶେହବାଜ୍ କତାର ସରକାରଙ୍କୁ ଭାରତ ଏବଂ ପାକିସ୍ତାନ ଆଲୋଚନା ଆରମ୍ଭ କରାଇବା ପାଇଁ ମଧ୍ୟସ୍ଥତା କରିବାକୁ ଅନୁରୋଧ କରିଥିବା ନେଇ ମଧ୍ୟ ରିପୋର୍ଟ ଆସିଥିଲା ।

# ରଥଯାତ୍ରାରେ ଡ୍ରୋନ୍ ସର୍ଭିଲାନ୍ସ ବ୍ୟବସ୍ଥାକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା



**ଭୁବନେଶ୍ୱର,୨୭।୬/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ରଥଯାତ୍ରା ପୂର୍ବରୁ ପୁରୀରେ ସୁରକ୍ଷା ବ୍ୟବସ୍ଥା ଓ ନୀରିକ୍ଷଣ ପ୍ରସ୍ତୁତିକୁ ସମୀକ୍ଷା କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ ଓଡ଼ିଶାର ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ବିଜେପି ଜାତୀୟ ପ୍ରବକ୍ତା ତଥା ପୁରୀ ସାଂସଦ ଡଃ ସମ୍ବିତ ପାତ୍ର ପୁରୀରେ ଇଣ୍ଟିଗ୍ରେଟେଡ୍ କମାଣ୍ଡ୍ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର (ଆଇସିସିସି)ର ପରିଦର୍ଶନ କରିଥିଲେ। ଏହି ସମୟରେ କେନ୍ଦ୍ରମନ୍ତ୍ରୀମାନେ ଓଡ଼ିଶାର ଡିଫେନ୍ସ ଟେକ୍ନୋଲୋଜି ଷ୍ଟାର୍ଟଅପ ଆଇଜି ଡ୍ରୋନ୍‌ସ ଦ୍ୱାରା ବିକଶିତ ଏବଂ ଓଡ଼ିଶା ପୁଲିସ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଟେକ୍ନୋଲୋଜି-ପରିଚାଳିତ ସମାଧାନଗୁଡ଼ିକର ବ୍ୟବହାରକୁ ପ୍ରଶଂସା କରିଛନ୍ତି। ପ୍ରଥମ ଥର ପାଇଁ ରଥଯାତ୍ରାରେ ସହରର ପ୍ରମୁଖ ସ୍ଥାନଗୁଡିକରେ ଆଡଭାନ୍ସଡ ଡ୍ରୋନ ସର୍ଭିଲାନ୍ସ ଟେକ୍ନୋଲୋଜିକୁ ବ୍ୟାପକ ରୂପେ ନିୟୋଜିତ କରାଯାଇଛି, ଯାହା ଆକାଶମାର୍ଗରୁ ଭିଡର ଗତିବିଧି, ଟ୍ରାଫିକ ଓ ସମ୍ଭାବ୍ୟ ଜରୁରୀକାଳିନ ସ୍ଥିତିକୁ ବାସ୍ତବ ସମୟରେ ତଦାରଖ କରିବା କାର୍ଯ୍ୟକୁ ସୁଗମ କରୁଛି।

ଏଥିସହିତ ଆକାଶମାର୍ଗରୁ ଅନଧିକୃତ ବିପଦକୁ ଚିହ୍ନଟ କରିବା ଓ ମୁକାବିଲା କରିବା ପାଇଁ ଆଣ୍ଟି-ଡ୍ରୋନ ସିଷ୍ଟମଗୁଡିକୁ ରଣନୈତିକ ଭାବେ ଅବସ୍ଥାପିତ କରାଯାଇଛି। ଭାରତର ସବୁଠାରୁ ପବିତ୍ର ପର୍ବ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଲୋକଙ୍କ ସୁରକ୍ଷା ବୃଦ୍ଧି କରିବା ପାଇଁ ଓଡିଶା ପୁଲିସ ଆଇଜି ଡ୍ରୋନ୍‌ସ ସହ ସହଭାଗିତା କରିଛି। ଭାରତୀୟ ଡିଫେନ୍ସ ଇକୋସିଷ୍ଟମରେ ଏକ ବିଶ୍ୱସ୍ତ ନାମ ଭାବେ ଆଇଜି ଡ୍ରୋନସ ଏହି ବିଶାଳ ମହୋତ୍ସବ ଆଡଭାନ୍ସଡ ଏରିଏଲ ସର୍ଭିଲାନ୍ସ ଓ କାଉଂଟର-ଡ୍ରୋନ ସିଷ୍ଟମଗୁଡିକୁ ନିୟୋଜିତ କରିଛି ଯାହା ସହଜ ତଦାରଖକୁ ନିଶ୍ଚିତ କରୁଛି। ଏହି ସେଟ୍‌ଅପକୁ ୨୭୫ ଏଆଇ-ଚାଳିତ ସିସିଟିଭି କ୍ୟାମେରା, ଲୋକଙ୍କୁ ସହଯୋଗ ପାଇଁ ଏକ ରିଅଲ-ଟାଇମ ହ୍ୱାଟସଆସପ ଚାଟ୍‌ବୋଟ, ଏକ ଇଣ୍ଟିଗ୍ରେଟେଡ୍ କମାଣ୍ଡ୍ ଓ କଣ୍ଟ୍ରୋଲ ସେଣ୍ଟର ଦ୍ୱାରା ଉନ୍ନତ କରାଯାଇଛି। ଉଭୟ କେନ୍ଦ୍ର ମନ୍ତ୍ରୀ ଓଡ଼ିଶା ପୁଲିସ ଓ ସେମାନଙ୍କର ସହଯୋଗୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏହି ଟେକ୍ନୋଲୋଜି-ପ୍ରଥମ ଆଭିମୁଖ୍ୟକୁ ପ୍ରଶଂସା କରିଛନ୍ତି। ଏ ସମ୍ପର୍କରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ଟେକ୍ନୋଲୋଜିକୁ କିଭଳି ବ୍ୟବହାର କରାଯାଇପାରିବ ଏହା ତାହାର ଏକ ଉତ୍କୃଷ୍ଟ ଉଦାହରଣ। ଏଆଇ ଡ୍ରୋନ ସର୍ଭିଲାନ୍ସ ଓ ରିଅଲ-ଟାଇମ କମାଣ୍ଡ କ୍ଷମତାର ସମନ୍ୱୟ ପ୍ରଶଂସନୀୟ। ସେହିପରି ଆଇଜି ଡ୍ରୋନ୍‌ସର ପ୍ରତିଷ୍ଠାତା ଓ ସିଇଓ ବୋଧିସତ୍ୱ ସଂଘପ୍ରିୟ କହିଛନ୍ତି, ରଥଯାତ୍ରା ମୋ ପାଇଁ ଗଭୀର ଭାବେ ବ୍ୟକ୍ତିଗତ, କେବଳ ଜଣେ ବୈଷୟିକ ଉଦ୍ୟୋଗୀ ଭାବେ ନୁହେଁ ବରଂ ଏଭଳି ଜଣେ ବ୍ୟକ୍ତି ଭାବେ ଯିଏ ଓଡିଶାରେ ଜନ୍ମିତ ଓ ପାଳିତ।

## ଶ୍ରୀକ୍ଷେତ୍ରରେ ରଥାରୂଢ଼ ମହାପ୍ରଭୁଙ୍କ ଦର୍ଶନକଲେ କେନ୍ଦ୍ରମନ୍ତ୍ରୀ

# ମହାପ୍ରଭୁ ଜଗତର ରକ୍ଷାକର୍ତ୍ତା, ତାଙ୍କର ଲୀଳା ଅପାର: ଧର୍ମେନ୍ଦ୍ର

**ପୁରୀ,୨୭।୬/ଏନ୍‌ଏନ୍‌ଏସ୍:** ଶ୍ରୀକ୍ଷେତ୍ର ପୁରୀରେ ପବିତ୍ର ରଥଯାତ୍ରାରେ ସାମିଲ ହୋଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭକ୍ତମାନଙ୍କ ସହ ରଥାରୁଢ଼ ଚତୁର୍ଦ୍ଧାମୂରତିଙ୍କ ଦର୍ଶନ କରିଛନ୍ତି ।ପବିତ୍ର ରଥଯାତ୍ରାର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ରଥଯାତ୍ରା ସମସ୍ତଙ୍କ ପାଇଁ ଏକ ପବିତ୍ର ଦିନ। ମହାପ୍ରଭୁ ଶ୍ରୀଜଗନ୍ନାଥ ଜଗତର ରକ୍ଷାକର୍ତ୍ତା। ତାଙ୍କର ଲୀଳା ଅପାର। ଜାତି, ଧର୍ମ, ବର୍ଣ୍ଣ, ବିଶ୍ୱାସ ନିର୍ବିଶେଷରେ ସେ ସମସ୍ତଙ୍କର ନାଥ। ଆଜି ବଡ଼ଦାଣ୍ଡରେ ରଥାରୂଢ ଚକାନୟନ, ବଡ ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ଦର୍ଶନ କରିବା ମୋର ସୌଭାଗ୍ୟ। ସବୁ ଭକ୍ତମାନେ ଆନନ୍ଦ ଓ ଉତ୍ସାହର ସହ ଆଧ୍ୟାତ୍ମିକ ବାତାବରଣରେ ରଥ ଭିଡ଼ିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ଚଳିତବର୍ଷ ରଥଯାତ୍ରା ବ୍ୟବସ୍ଥିତ ହୋଇଛି। ଏହି ବ୍ୟବସ୍ଥା ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ।



ରଥଯାତ୍ରା ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ସହ 'ଶ୍ରୀଜଗନ୍ନାଥ ମନ୍ଦିର ସତ୍ୱଲିପି' ଓ ଉତ୍କଳ ପ୍ରସଙ୍ଗର ରଥଯାତ୍ରା ବିଶେଷାଙ୍କ ପତ୍ରିକା ଉନ୍ମୋଚନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ କହିବା ସହ ଏହି ଉପାଦେୟ ସତ୍ୱଲିପି ଓ ପତ୍ରିକାର ବିପୁଳ ପାଠକୀୟ ଆଦୃତି ଲାଭ କରିଛନ୍ତି ଶ୍ରୀ ପ୍ରଧାନ। ଏହା ପୂର୍ବରୁ ଶ୍ରୀ ପ୍ରଧାନ ପୁରୀ ଗୋବର୍ଦ୍ଧନ ପୀଠ ପରିଦର୍ଶନ କରିବା ସହ ଶଙ୍କରାଚାର୍ଯ୍ୟ ଜଗତଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜା ଏବଂ ଜଗଦଗୁରୁ ପରମପୂଜ୍ୟ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ରାମଭଦ୍ରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଇଥିଲେ। ବଡ଼ଦାଣ୍ଡରେ ବିଶ୍ୱ ହିନ୍ଦୁ ପରିଷଦ ସେବା ବିଭାଗ ତରଫରୁ ଆୟୋଜିତ ଅନ୍ନଦାନ ସେବାରେ ସାମିଲ ହୋଇ ଶ୍ରୀ ପ୍ରଧାନ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରିଥିଲେ। ପୁରୀରେ ରଥଯାତ୍ରାକୁ ଶୃଙ୍ଖଳିତ କରିବା ସହ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ହୋଇଥିବା 'ଇଣ୍ଟିଗ୍ରେଟେଡ୍ କମାଣ୍ଡ୍ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର୍' ପରିଦର୍ଶନ କରିବା ସହ ରଥଯାତ୍ରାରେ ପ୍ରଥମ ଥର ପାଇଁ ଡ୍ରୋନ୍ ଓ ଅନ୍ୟାନ୍ୟ ଟେକ୍ନୋଲୋଜି ମନିଟରିଂ ଦିଗରେ ଓଡ଼ିଶା ପୋଲିସର ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ।

# ପୁରୀରେ ଦୈନିକ ୨.୫ ଲକ୍ଷ ତୀର୍ଥଯାତ୍ରୀଙ୍କୁ ଖାଦ୍ୟ ବଣ୍ଟନ କରିବ ଇସ୍କନ୍

**ଭୁବନେଶ୍ୱର,୨୭।୬/ଏନ୍‌ଏନ୍‌ଏସ୍:** ରଥଯାତ୍ରା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତଙ୍କ ପ୍ରତି ଇସ୍କନର ବାର୍ଷିକ ସେବାର ଅଂଶ ଭାବେ ଇଣ୍ଟରନ୍ୟାଶନାଲ ସୋସାଇଟି ଫର୍ କ୍ରିଷ୍ଣା କନ୍‌ସିଅସନେସ୍ (ଇସ୍କନ ଇଣ୍ଡିଆ)ର ସାଧୁ ଓ ସ୍ୱେଚ୍ଛାସେବୀମାନେ ପୁରୀରେ ରଥଯାତ୍ରା ଦିନଠାରୁ ପରବର୍ତ୍ତୀ ୧୧ ଦିନ ପର୍ଯ୍ୟନ୍ତ ୨.୫ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀଙ୍କୁ ପ୍ରସାଦ ଓ ଫଳରସ ପ୍ରଦାନ କରିବାରେ ଗୌତମ ଆଦାନି ଓ ଆଦାନି ଗ୍ରୁପକୁ ସହଯୋଗ କରିବେ। ଆଗାମୀ ଦିନରେ ଗୌତମ ଆଦାନି ପୁରୀରେ ଅନ୍ନଦାନ ସେବାରେ ବ୍ୟକ୍ତିଗତ ଭାବେ ଯୋଗ ଦେବେ। ଗତ ୫୦ ବର୍ଷରୁ ଅଧିକ ସମୟ ହେବ ଇସ୍କନ ୮୦ରୁ ଅଧିକ ଦେଶରେ ୯୦୦ରୁ ଅଧିକ ମନ୍ଦିର ମାଧ୍ୟମରେ ସମଗ୍ର ବିଶ୍ୱରେ ମହାପ୍ରଭୁ ଜଗନ୍ନାଥଙ୍କ ଲୀଳା ଓ ଭକ୍ତିର ପ୍ରଚାର ପ୍ରସାର କରିଆସିଛି। ଆଜି ଶହ ଶହ ଇସ୍କନ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତି ପୂଜା ପାଉଛି ଏବଂ ସେଠାରେ ସ୍ନାନଯାତ୍ରା ଓ ରଥଯାତ୍ରା ଭଳି ପର୍ବଗୁଡିକୁ ପାଳନ କରାଯାଉଛି। ଇସ୍କନ୍ ଇଣ୍ଡିଆର ନ୍ୟାଶନାଲ ଡାଇରେକ୍ଟର ଅଫ୍ କମ୍ୟୁନିକେଶନ୍ସ, ଯୁଧିଷ୍ଠିର ଗୋବିନ୍ଦ ଦାସ କହିଛନ୍ତି ଯେ ଆଜି ବି ଭାରତର ଅନେକ ସହରରେ ରଥଯାତ୍ରା ପାଳନ କରିବା ପାଇଁ ଅନୁମତି ହାସଲ କରିବା କଷ୍ଟକର। ବିଦେଶରେ ଏହି ଅନୁମତି ପାଇବା ଆହୁରି କଷ୍ଟକର ହୋଇଥାଏ। ଆମର ଲକ୍ଷ୍ୟ ହେଉଛି ଜଗନ୍ନାଥଙ୍କ ଭକ୍ତି ଓ ମହିମାକୁ ବିସ୍ତାର କରିବା ଏବଂ ଆମେ ଆଶା କରୁଛୁ ପୁରୀ ମହାରାଜା ଆମର ପ୍ରୟାସକୁ ପ୍ରଶଂସା କରିବେ ଏବଂ ଲୋକଙ୍କୁ ଜଗନ୍ନାଥଙ୍କ କୃପାରୁ ବଞ୍ଚିତ କରିବେ ନାହିଁ। ଆମେ ପ୍ରଭୁ ଜଗନ୍ନାଥଙ୍କ ପର୍ବଗୁଡ଼ିକର ଧାର୍ମିକ ମହତ୍ୱ, ଶାସ୍ତ୍ରୀୟ ସମ୍ମାନ ଓ ସାଂସ୍କୃତିକ ପବିତ୍ରତା ପାଇଁ ଆମର ସମ୍ମାନକୁ ସମ୍ମାନ ଦେବୁ ବୋଲି କହିଛନ୍ତି।


**RITES LIMITED** (A Govt. of India Enterprise)
Shikhar, Plot No.1, Sector-29, Gurgaon – 122001
CIN : L74899DL1974GOI007227

ନିମ୍ନପ୍ରଦତ୍ତ ପଦବୀ (ଗୁଡ଼ିକ)/ଶାଖା ପାଇଁ ପେଶାଦାର କର୍ମଚାରୀ ଆବଶ୍ୟକ

ରେଗୁଲାର ଭତ୍ତିକ

| ଭିସି ନମ୍ବର | ପଦବୀ | ଖାଲି ଆସନ ସଂଖ୍ୟା | ସ୍ଥାନ ଏବଂ ତାରିଖ |
|---|---|---|---|
| RG/16/25 | ଡିଜିଏମ୍ (ସିଭିଲ୍-ବିଏଲ୍‌ଟି ଏକ୍ସପର୍ଟ) | 01 | RITES କାର୍ଯ୍ୟାଳୟ-ଗୁରୁଗ୍ରାମ ସାକ୍ଷାତକାର ତାରିଖ-ପରେ ସୂଚୀତ କରାଯିବ |
| RG/17/25 | ଡିଜିଏମ୍ (ଟ୍ରାନ୍ସପୋର୍ଟ ଇକୋନୋମିକ୍ସ) | 01 | |
| RG/18/25 | ଡିଜିଏମ୍ (ସିଭିଲ-ମେଟାଲର୍ଜିକାଲ ଏକ୍ସପର୍ଟ) | 02 | |
| RG/19/25 | ଆସିଷ୍ଟାଣ୍ଟ ମ୍ୟାନେଜର (ସିଭିଲ୍ ପ୍ଲାନିଂ) | 02 | ଲିଖିତ ପରୀକ୍ଷା - ସ୍ଥାନ ଏବଂ ତାରିଖ ପରେ ସୂଚୀତ କରାଯିବ |
| RG/20/25 | ଆସିଷ୍ଟାଣ୍ଟ ମ୍ୟାନେଜର (ଏସ୍‌ଏଚ୍‌ଇ ଏକ୍ସପର୍ଟ) | 04 | |
| RG/21/25 | ଆସିଷ୍ଟାଣ୍ଟ ମ୍ୟାନେଜର (ସିଭିଲ୍ ହାଇଡ୍ରୋଗ୍ରାଫିକ୍ ସର୍ଭେୟର) | 01 | |
| RG/22/25 | ଆସିଷ୍ଟାଣ୍ଟ ମ୍ୟାନେଜର (ସିଭିଲ-ରେଲ୍ ଆଲାଇନମେଣ୍ଟ ଡିଜାଇନର) | 02 | |
| RG/23/25 | ଆସିଷ୍ଟାଣ୍ଟ ମ୍ୟାନେଜର (ସିଭିଲ୍-ଡିଜାଇନ୍ ସ୍ପେଶାଲିଷ୍ଟ) | 01 | |
| RG/24/25 | ଆସିଷ୍ଟାଣ୍ଟ ମ୍ୟାନେଜର (ସିଭିଲ୍-ଡିଜାଇନ୍ ମଡେଲର) | 04 | |

ଚୁକ୍ତି ଭିତ୍ତିକ

| ଭିସି ନମ୍ବର | ପଦବୀ | ଖାଲି ଆସନ ସଂଖ୍ୟା | ସ୍ଥାନ ଏବଂ ତାରିଖ |
|---|---|---|---|
| CL/05-R2/25 | ସାଇଟ୍ ଆସେସର | 06 | ଲିଖିତ ପରୀକ୍ଷା - ସ୍ଥାନ ଏବଂ ତାରିଖ ପରେ ସୂଚୀତ କରାଯିବ |

ଆବେଦନ କିପରି କରିବେ, ପଦବୀ, ପାରିଶ୍ରମିକ, ଯୋଗ୍ୟତା, ବୟସ, ତାରିଖ ଏବଂ ସ୍ଥାନ, ଚୟନ ପ୍ରକ୍ରିୟା ଇତ୍ୟାଦି ବିଷୟରେ ବିବରଣୀ ପାଇଁ, ପ୍ରାର୍ଥୀମାନେ RITES ୱେବସାଇଟ୍ www.rites.comରେ କ୍ୟାରିୟର ସେକ୍ସନ ଅଧୀନରେ ପୋଷ୍ଟ ହୋଇଥିବା ବିସ୍ତୃତ ବିଜ୍ଞାପନ ଦେଖିପାରିବେ।


# ଜିଲ୍ଲା ପ୍ରଶାସନ ପକ୍ଷରୁ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ତ୍ୱରିତ୍ ପଦକ୍ଷେପ



**ଯାଜପୁର,୨୭।୬/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ସଂକ୍ରମଣ ଓ ଡାଇରିଆ ରୋକିବା ପାଇଁ ଜିଲ୍ଲାର ସରକାରୀ ବେସରକାରୀ ଟ୍ୟୁବ୍ ୱେଲ୍, କୂପ, ଓଭର ହେଡ଼ ଟ୍ୟାଙ୍କ ଗୁଡ଼ିକୁ ବିଶୋଧନ କରାଯାଉଛି। କ୍ଲୋରିନେସନ ହେବା ପରେ ଯେଉଁଠାରେ ପଜିଟିଭ କେସ ଦେଖିବାକୁ ମିଳୁଛି ତାହାକୁ ଚିହ୍ନଟ କରାଯାଇ ସେଠାରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଆଜି ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୧୮,୮୧୪ ଟି ସରକାରୀ ଟ୍ୟୁବ୍ ୱେଲ୍ , ଦ୍ୱିତୀୟ ପର୍ଯ୍ୟାୟରେ ସମୁଦାୟ ୧୮,୩୨୫ ଟି ସରକାରୀ ଟ୍ୟୁବ୍ ୱେଲ୍ ଏବଂ ତୃତୀୟ ପର୍ଯ୍ୟାୟରେ ୮,୩୦୨ ଡିସ୍‌କନେକ୍‌ସନ୍ ଟ୍ୟୁବ୍ ୱେଲ୍ କରାଯାଇଛି। ସେହିପରି ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୭୪,୪୧୩ ଟି ବେସରକାରୀ ଟ୍ୟୁବ୍ ୱେଲ୍, ଦ୍ୱିତୀୟ ପର୍ଯ୍ୟାୟରେ ୩,୮୬୦ ଟି ବେସରକାରୀ ଟ୍ୟୁବ୍ ୱେଲ୍ ଡିସ୍‌ଇନ୍‌ଫେକ୍ସନ୍ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୨୪୯ ଟି ଓଭର ହେଡ଼ ଟାଙ୍କି ଡିସ୍‌କନେକ୍‌ସନ୍ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ୨୪୯ ଟି ଓଭର ହେଡ ଟାଙ୍କି ଡିସ୍‌କନେକ୍‌ସନ୍ କରାଯାଇଛି। ଅନ୍ୟାନ୍ୟ ଜଳଉତ୍ସ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୫୫୯ ଟି ଜଳଉତ୍ସ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ୫୫୯ ଟି ଅନ୍ୟାନ୍ୟ ଜଳଉତ୍ସ ଗୁଡ଼ିକୁ ଡିସ୍‌କନେକ୍‌ସନ୍ କରାଯାଇଛି। ସେହିପରି ପ୍ରଥମ ପର୍ଯ୍ୟାୟରେ ୧୨,୮୧୩ ଟି କୂଅ, ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧,୯୫୫ ଟି କୂଅ ଡିସ୍‌କନେକ୍‌ସନ୍ କରାଯାଇଛି । ଜିଲ୍ଲାରେ ଥିବା ବିଦ୍ୟାଳୟର ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୨,୩୧୧ ଗୋଟି ଜଳଉତ୍ସ ଡିସ୍‌କନେକ୍‌ସନ୍ କରାଯାଇଛି । ଜିଲ୍ଲାରେ ଆଜି ସୁଦ୍ଧା ସମୁଦାୟ ୭୯ ଟି ଟ୍ୟାଙ୍କର ନିୟୋଜିତ ହୋଇଛି। ଆଜି ସନ୍ଧ୍ୟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ଜିଲ୍ଲାରେ ୬୩ ଜଣ ନୂଆ ରୋଗୀ ଆଡମିଟ ହୋଇଥିବାବେଳେ ୫୮ ଜଣ ସ୍ୱଳ୍ପ ପତଳା ଝାଡା ଏବଂ ୦୫ ଜଣ ଅତ୍ୟଧିକ ପତଳା ଝାଡା ହେଉଥିବା ରୋଗୀ ଆଡମିଟ ହୋଇଛନ୍ତି। ୬ ଜଣ ରୋଗୀଙ୍କୁ ରେଫେର କରାଯାଇଛି ଏବଂ ୫୬ ଜଣଙ୍କୁ ଡ଼ିସଚାର୍ଜ କରାଯାଇଛି। ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଅନ୍ୟାନ୍ୟ ଚିକିତ୍ସାଳୟ ରେ ମୋଟ ୧୦୬ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି ।

# ୨୦୨୯ ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ା ପାଇଁ ଆୟୋଜକ ଦେଶ ଭାବେ ଭାରତ ମନୋନୀତ

**ନୂଆଦିଲ୍ଲୀ,୨୭।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ୨୦୨୯ ମସିହାର ସମ୍ମାନଜନକ ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ା ପାଇଁ ଆୟୋଜକ ଦେଶ ଭାବେ ଭାରତ ମନୋନୀତ ହୋଇଥିବାରୁ ଖୁସି ବ୍ୟକ୍ତ କରି ଏହାକୁ ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ଏକ୍ସ ପ୍ଲାଟଫର୍ମରେ ଏକ ପୋଷ୍ଟରେ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ଏହା ପ୍ରତ୍ୟେକ ନାଗରିକଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ, କାରଣ ଭାରତକୁ ସମ୍ମାନଜନକ ୨୦୨୯ ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଆୟୋଜକ ଦେଶ ଭାବରେ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମର ଆୟୋଜନ ପାଇଁ ସମ୍ମାନଜନକ ନିଲାମ ଡାକ ଭାରତ ଜିତିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନିର୍ମିତ ଆମର ବିଶାଳ କ୍ରୀଡ଼ା ଭିତ୍ତିଭୂମିର ଏକ ବିଶ୍ୱସ୍ତରୀୟ ସ୍ୱୀକୃତି। ୫୦ରୁ ଅଧିକ କ୍ରୀଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପୁଲିସ୍, ଅଗ୍ନିଶମ ଏବଂ ବିପର୍ଯ୍ୟୟ ମୁକାବିଲା ସେବାକୁ ଏକତ୍ର କରୁଥିବା କାର୍ଯ୍ୟକ୍ରମର ସ୍ଥାନ ଭାବରେ ଅହମ୍ମଦାବାଦ ଚୟନ ହେବା ଏକ କ୍ରୀଡା ଗନ୍ତବ୍ୟସ୍ଥଳ ଭାବରେ ବୃଦ୍ଧି ପାଉଥିବା ଭିତ୍ତିଭୂମିର ପ୍ରମାଣ ।

୧୯୮୫ ମସିହାରୁ ପ୍ରତି ଦୁଇ ବର୍ଷରେ ଥରେ ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ାର ଆୟୋଜନ କରାଯାଉଛି। ଖେଳ ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ଏହାର ୨୦ଟି ସଂସ୍କରଣ ଅନୁଷ୍ଠିତ ହୋଇଛି (ଆମେରିକା-୮ ଥର, କାନାଡା-୫ ଥର, ୟୁରୋପ-୪ ଥର, ବ୍ରିଟେନ-୨ ଥର ଏବଂ ଚୀନ୍-ଥରେ)। ଏହି ଖେଳଗୁଡିକ ପୁଲିସ୍/ ଅଗ୍ନିଶମ/ଚିକିତ୍ସା/ ଜରୁରୀକାଳୀନ/ ବିପର୍ଯ୍ୟୟ ସେବାର କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ କର୍ମଚାରୀ ଏବଂ ପ୍ରଥମ ପ୍ରତିକ୍ରିୟାଶୀଳଙ୍କ ପାଇଁ ଉନ୍ମୁକ୍ତ । ଭାରତୀୟ ପୁଲିସ୍ ଦଳ ପ୍ରଥମେ ୨୦୦୭ ରେ ଆଡିଲେଡ୍ ବିଶ୍ୱ ପୁଲିସ୍ ଏବଂ ଅଗ୍ନିଶମ କ୍ରୀଡାରେ ଏହି ଖେଳରେ ଅଂଶଗ୍ରହଣ କରିଥିଲେ। ଶେଷ (୨୦ ତମ ସଂସ୍କରଣ) ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ା ଜୁଲାଇ ୨୬ ରୁ ଅଗଷ୍ଟ ୬,୨୦୨୩ ମଧ୍ୟରେ କାନାଡାର ୱିନିପେଗରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ୧୩୩ ଜଣ ଭାରତୀୟ ପୁଲିସ କ୍ରୀଡ଼ାବିତ୍ ରେକର୍ଡ ୩୪୩ ପଦକ (ସ୍ୱର୍ଣ୍ଣ-୨୨୪, ରୌପ୍ୟ-୮୨, ବ୍ରୋଞ୍ଜ-୩୭) ଜିତିଥିଲେ। ୨୦୦୭ ରେ ଅଂଶଗ୍ରହଣ କରିବା ପରଠାରୁ, ଭାରତୀୟ ପୁଲିସ ଦଳ ଖେଳର ୮ଟି ସଂସ୍କରଣରେ ୧୪୦୦ରୁ ଅଧିକ ପଦକ ଜିତିଛନ୍ତି। ବିଶ୍ୱ ପୁଲିସ୍ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଭାରତୀୟ ଦଳ ସେହି ବର୍ଷ ଅନୁଷ୍ଠିତ ବାର୍ଷିକ ଅଖିଳ ଭାରତୀୟ ପୁଲିସ୍ କ୍ରୀଡ଼ାରେ ଖେଳାଳିଙ୍କ ପ୍ରଦର୍ଶନ ଆଧାରରେ ଚୟନ କରାଯାଏ। ଦେଶରେ ପୁଲିସ୍ କ୍ରୀଡ଼ାର ଆୟୋଜନ ପାଇଁ ପରିଚାଳନା ସଂସ୍ଥା ଅଖିଳ ଭାରତୀୟ ପୁଲିସ୍ କ୍ରୀଡା ନିୟନ୍ତ୍ରଣ ବୋର୍ଡ, ଯେଉଁଥିରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ (ସିଏପିଏଫ), ରାଜ୍ୟ ପୁଲିସ୍ ବାହିନୀ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକର ୫୩ ଜଣ ସଦସ୍ୟ ସଂଗଠନ ଅଛନ୍ତି, ପ୍ରତିବର୍ଷ ୪୦ ଟି ବାର୍ଷିକ ପୁଲିସ୍ କ୍ରୀଡ଼ା ଆୟୋଜନ କରନ୍ତି। ସେହି ବର୍ଷ ସର୍ବଭାରତୀୟ ପୁଲିସ୍ କ୍ରୀଡ଼ା ସମୟରେ ବିଭିନ୍ନ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ବିଶ୍ୱ ପୁଲିସ୍ ଏବଂ ଅଗ୍ନିଶମ କ୍ରୀଡା ଲାଗି ଭାରତୀୟ ଦଳ ପାଇଁ ମନୋନୀତ କରାଯାଏ।

# ଓଡ଼ିଶାର ରେଳ ଭିତ୍ତିଭୂମି ବିକାଶ ଉପରେ ଆଲୋକପାତ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୭।୬/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ଉପରେ ଆଜି ଆଲୋକପାତ କରିଛନ୍ତି। ସେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଏକ ସ୍ତମ୍ଭ ସମ୍ପର୍କରେ ଉଲ୍ଲେଖ କରି ଭାରତୀୟ ରେଳ ଯାତ୍ରା କିପରି ସହଜ ହୋଇଛି ତାହାର ଅବତାରଣା କରିଛନ୍ତି। ବିଶେଷକରି ପବିତ୍ର ଶ୍ରୀ ଜଗନ୍ନାଥଙ୍କ ଧାମ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ପାଇଁ ଯାତ୍ରାକୁ ସହଜ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି, 'ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ପାଇଁ ଗତ ୧୧ ବର୍ଷ ବାସ୍ତବରେ ଐତିହାସିକ। ଭାରତୀୟ ରେଳ ଯାତ୍ରା କିପରି ସହଜ ହୋଇଛି, ବିଶେଷକରି ରଥଯାତ୍ରା ଦେଖିବା ପାଇଁ ମହାପ୍ରଭୁଙ୍କ ଧାମ ପବିତ୍ର ନଗରୀ ଜଗନ୍ନାଥ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀମାନଙ୍କ ଲାଗି ଏହାକୁ କିପରି ସୁଗମ କରାଯାଇଛି ସେ ବିଷୟରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଲେଖିଛନ୍ତି।

# ୩୭୦ ଶ୍ରଦ୍ଧାଳୁ ଡାକ୍ତରଖାନାରେ ଭର୍ତ୍ତି

**ପୁରୀ,୨୭।୬/ଏନ୍‌ଏନ୍‌ଏସ୍:** ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ଶ୍ରୀଜିଉମାନେ ଶ୍ରୀମନ୍ଦିର ରତ୍ନବେଦୀରୁ ବଡ଼ଦାଣ୍ଡକୁ ଓହ୍ଲାଇଆସି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଜଗା ଦର୍ଶନ ପାଇଁ ଜନସମୁଦ୍ର ହୋଇଥିଲା ବଡ଼ଦାଣ୍ଡ। ଅନ୍ୟପକ୍ଷେ ମହାପ୍ରଭୁଙ୍କ ଦର୍ଶନ ଲାଗି ବଡ଼ଦାଣ୍ଡରେ ଠେଲାପେଲା ଓ ଅହେତୁକ ଗହଳି ହେବା ସହ ଲୋକେ ବ୍ୟାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଥିଲା। ତେବେ ପ୍ରବଳ ଜନସମାଗମ ଓ ଠେଲାପେଲା ଯୋଗୁ ଚାପି ହୋଇ ଅନେକ ଶ୍ରଦ୍ଧାଳୁ ଚେତା ହରାଇଥିଲେ। ତେବେ ଉଦ୍ଧାରକାରୀ ଦଳ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମିଳିଥିବା ସୂଚନା ମୁତାବକ ପ୍ରାୟ ୩୭୦ ଜଣ ଶ୍ରଦ୍ଧାଳୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତେବେ କେହି ଗୁରୁତର ନଥିବା ଜାଣିବାକୁ ମିଳିଛି।

# ମନ୍ଦିରରୁ ଚୋରି ଘଟଣାରେ ୩ ଗିରଫ



**କଟକ,୨୭।୬/ଏନ୍‌ଏନ୍‌ଏସ୍:** ମାଲଗୋଦାମ ଥାନା ଅନ୍ତର୍ଗତ କଲେଜ ଛକ ମାନବିଳାସ ଲେନ୍‌ରେ ଥିବା ଏକ ଘରୋଇ ମନ୍ଦିରରୁ ଚୋରି ଘଟଣାରେ ପୂଜକ ସହ ୩ ଜଣଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମନ୍ଦିର କ୍ରୋର ଟେକର ସାଲେପୁର ତିଲଦାଜପକଦର କିଟୁ ଓରଫ ଅମରେଶ ମହାପାତ୍ର(୩୫), ସାଲେପୁର ପୁରୁଷୋତ୍ତମପୁରର ବିଜୟ ଓରଫ ଦୈତାରୀ ସାମଲ (୫୨) ଓ ବାଦାମବାଡ଼ି ନ୍ୟୁଓ ଏଲ୍‌ଆଇସି କଲୋନୀର ସୁରଜ ସାହା( ୩୦)। ସେମାନଙ୍କ ନିକଟରୁ ୮.୧ ଗ୍ରାମ ଓ ୯.୩ ଗ୍ରାମରର ଦୁଇଟି ତରଳା ସୁନା, ହଳେ ସୁନା ଚୁଡ଼ି ଓ ନଗଦ ୪୦୦୦୦ ଟଙ୍କା ଜବତ କରାଯାଇଛି। ଏନେଇ ମାଲଗୋଦାମ ଥାନାରେ ମାମଲା ନଂ -୧୩୯/୨୦୨୫ ରୁଜୁ ହୋଇଛି। ସୂଚନା ଅନୁସାରେ, କଲେଜ ଛକ ଅଞ୍ଚଳର ସନ୍ତୋଷ କୁମାର ସାହୁ ଗତ ୨୨ ତାରିଖରେ ତାଙ୍କ ଉପର ମହଲାରେ ଥିବା ଠାକୁର ଘରୁ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ମାଲଗୋଦାମ ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ମନ୍ଦିର କେୟାର୍‌ଟେକର୍ ଥିବା ଅଭିଯୁକ୍ତ ଅମରେଶ ଚୋରିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଅମରେଶ ସହ ଅନ୍ୟମାନେ ସାମିଲ ଥିବା ଜଣାଯିବା ପରେ ପୁଲିସ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଛି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଗଣେଶ ମହୋତ୍ସବ ପାଇଁ ଭୂମିପୂଜନ

**ଜଟଣୀ,୨୭।୬/ଏନ୍‌ଏନ୍‌ଏସ୍:** ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଅବସରରେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଭିତ୍ତିକ ଭାଇଚାରା ସମ୍ପର୍କକୁ ପାଥେୟ କରି ଜନସାଧାରଣଙ୍କ ମନୋରଞ୍ଜନ ନିମିତ୍ତ କଳିଙ୍ଗ ଯୁବ ପରିଷଦ ଆନୁକୂଲ୍ୟରେ ଗଣେଶ ମହୋତ୍ସବ ମହାଆଡମ୍ବର ସହକାରେ ପାଳନ ହେଉଥିବା ବେଳେ ଚଳିତ ବର୍ଷ ଅଗଷ୍ଟ ୨୭ ତାରିଖରୁ ୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ମହୋତ୍ସବ ପାଇଁ ଆୟୋଜକ କମିଟି ଅଣ୍ଟା ଭିଡ଼ିଛନ୍ତି। ଏ ନେଇ ପବିତ୍ର ଗୁଣ୍ଡିଚା ଯାତ୍ରା ଅବସରରେ ବିଧିବିଧାନ ପୂର୍ବକ ପ୍ରାଣନାଥ ଉଚ୍ଚବିଦ୍ୟାଳୟ ନାମରେ ଥିବା ଜମିରେ ଅବସ୍ଥିତ ଶରତ ପାଇକରାୟ ଷ୍ଟାଡିୟମ ପରିସରରେ ଅନୁଷ୍ଠାନର ସଭାପତି ରବିନାରାୟଣ ଦାଶଙ୍କ ପୌରହିତ୍ୟରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ତଥା ଜିଲ୍ଲା ବିଜେପି ସଭାପତି ବିଶ୍ୱ ରଞ୍ଜନ ବଡ଼ଜେନା, ସାଂସଦଙ୍କ ପ୍ରତିନିଧି ସତିଶ ଶର୍ମା, ଜିଲ୍ଲା ପରିଷଦ ସଭ୍ୟ ଅନାଦି ସାହୁ, ମଣ୍ଡଳ ପ୍ରତିନିଧି ପ୍ରଶାନ୍ତ ରବି ବେହେରା, ଲିଟୁ ରଞ୍ଜନ ରାଉତରାୟ, ନଗର ବିଜେପି ସମ୍ପାଦକ ପରେଶ ପଟ୍ଟନାୟକ, ମହିଳା ମୋର୍ଚ୍ଚା ନେତ୍ରୀ ନିରୂପମା କର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ଆଇନଜୀବୀ ସମୀର ଜେନା, ଆବାହକ ସୀତାକାନ୍ତ ନାୟକ, ସୁଶାନ୍ତ ସାମନ୍ତରାୟ, ବ୍ଲକ୍ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ରୋଶନ ଦାସ, ବଦ୍ରିନାରାୟଣ ଦାଶ, ପୁରୁଷୋତ୍ତମ ଜେନା, ବୁଲୁ ସାହୁ, ଆଇନଜୀବୀ ଜୟପ୍ରକାଶ ତ୍ରିବେଦୀ, ସୁରେଶ ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



## ଶିଳ୍ପୀ ସତ୍ୟ ମହାରଣାଙ୍କ ନିଆରା କଳାକୃତି

# ବେତ, ଖବରକାଗଜରେ ପ୍ରସ୍ତୁତ କଲେ କ୍ଷୁଦ୍ର ନନ୍ଦିଘୋଷ ରଥ

**ବ୍ରହ୍ମପୁର,୨୭।୬/ଏନ୍‌ଏନ୍‌ଏସ୍:** ନିଜର କ୍ଷୁଦ୍ର କଳାକୃତି ବଳରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସମ୍ମାନିତ ହୋଇ ଅଞ୍ଚଳ ପାଇଁ ସୁନାମ ଆଣିଥିବା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଆଉ ଏକ ନିଆରା କଳାକୃତି କରିଛନ୍ତି। ଶିଳ୍ପୀ ଶ୍ରୀ ମହାରଣା ରଥ ଯାତ୍ରା ପାଇଁ ବେତ ଓ ପୁରୁଣା ଖବରକାଗଜରେ



ପ୍ରସ୍ତୁତ କରିଛନ୍ତି ଦୁଇଟି କ୍ଷୁଦ୍ର ନନ୍ଦିଘୋଷ ରଥ। ଉକ୍ତ ରଥକୁ ଆକର୍ଷଣୀୟ ରଙ୍ଗରେ ଚିତ୍ରିତ କରିଛନ୍ତି। ଯାହା ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ସେ ପୂର୍ବରୁ କାଠରେ ବିଶ୍ୱର ଛୋଟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ କରି ଅନେକ ବିଶ୍ୱ ରେକର୍ଡର ଅଧିକାରୀ ମଧ୍ୟ ହୋଇପାରିଛନ୍ତି। ପ୍ରତିବର୍ଷ ରଥଯାତ୍ରା ସମୟରେ ଏହିଭଳି ବିଭିନ୍ନ ସାମଗ୍ରୀରେ କ୍ଷୁଦ୍ର ରଥ ପ୍ରସ୍ତୁତ କରିଥାନ୍ତି। ବେତରେ ପ୍ରସ୍ତୁତ କରିଥିବା ନନ୍ଦିଘୋଷ ରଥ ନିର୍ମାଣ କରିବାକୁ ୩ ଦିନ ସମୟ ଲାଗିଥିଲା ବୋଲି ଶିଳ୍ପୀ ଶ୍ରୀ ମହାରଣା କହିଛନ୍ତି। ଉକ୍ତ ରଥରେ ୪ଟି ଘୋଡ଼ା, ୨ଟି ଓଳଟା ଶୁଆ, ଦଧିନଉତି, ୧୬ଟି ଚକ, ପତିତପାବନ ବାନା, ସାରଥୀ, ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ରହିଛି। ଏହାର ଉଚ୍ଚତା ୧୧ ଇଞ୍ଚ, ଓସାର ୭.୫ ଇଞ୍ଚ ରହିଛି। ସେହିପରି ଆଉ ଏକ ଅବିକଳ କ୍ଷୁଦ୍ର ନନ୍ଦିଘୋଷ ରଥ ଯାହା ପୁରୁଣା ଖବରକାଗଜରେ ପ୍ରସ୍ତୁତ କରିଛନ୍ତି। ରଥକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ରଙ୍ଗରେ ଚିତ୍ରିତ କରିଥିବା ଦେଖିବାକୁ ମିଳିଛି। ଉକ୍ତ ରଥର ଉଚ୍ଚତା ୩ ଇଞ୍ଚ, ଓସାର ୨ ଇଞ୍ଚ ରହିଛି। ଏହାକୁ ପ୍ରସ୍ତୁତ କରିବା ପାଇଁ ୪ ଘଣ୍ଟା ସମୟ ଲାଗିଥିଲା ବୋଲି ଶ୍ରୀ ମହାରଣା କହିଛନ୍ତି।

# ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ ଚିତ୍ରିତ କରି ଛାତ୍ରୀ ମନିଷା ପ୍ରଶଂସିତ

**ବ୍ରହ୍ମପୁର,୨୭।୬/ଏନ୍‌ଏନ୍‌ଏସ୍:** ପବିତ୍ର ରଥ ଯାତ୍ରା ଅବସରରେ ଆୟପୁଆ ମାରୁତି ନଗର ନିବାସୀ ନୀଳମାଧବ ପଣ୍ଡା ଓ ନମ୍ରତା ମାଳା ପଣ୍ଡାଙ୍କ କନ୍ୟା ତଥା ପାରଳାଖେମୁଣ୍ଡି ମହାରାଜା ଇଞ୍ଜିନିୟରିଂ କଲେଜର ଶେଷ ବର୍ଷ ଇଞ୍ଜିନିୟରିଂ ଛାତ୍ରୀ ମନିଷା ପଣ୍ଡା ପୁଣି ଥରେ ପ୍ରଭୁ ଜଗନ୍ନାଥଙ୍କ କଳା କୃତି ପ୍ରସ୍ତୁତ କରି



ପ୍ରଶଂସିତ ହୋଇଛନ୍ତି। ମନିଷା ପ୍ରଭୁ ଜଗନ୍ନାଥଙ୍କ ୧୬ ପ୍ରକାର ବେଶ ନିଜର କଳାକୃତି ଭାବେ ପ୍ରସ୍ତୁତ କରିଛନ୍ତି। ଏପରି କଳା କୃତି ମାଧ୍ୟମରେ ସେ ସର୍ବ ମଙ୍ଗଳ କାମନା କରିବା ସହ ସଭିଙ୍କୁ ରଥ ଯାତ୍ରାର ଶୁଭ କାମନା ଜଣାଇଛନ୍ତି। ମନିଷା ଜଗନ୍ନାଥଙ୍କ ଅବକାଶ ବେଶ ସହ ବାଙ୍କଚୂଡ଼ା, ନାଗାର୍ଜୁନ, ଛଡ଼େରି, ଗଜାନନ, ବଳି ବାମନ, ପଦ୍ମ, ତ୍ରିବିକ୍ରମ, ନବାଙ୍କ, ଚାହିଆ ଲାଗି, ଲକ୍ଷ୍ମୀ ନୃସିଂହ, ଗିରି ଗୋବର୍ଦ୍ଧନ, ନବ ଯୌବନ, ଚନ୍ଦନ ଲାଗି, କାଳିଆ ଦଳନ ଏବଂ ସୁନା ବେଶ ତଥା ରାଜ ରଜେଶ୍ୱର ବେଶ୍ କରିଛନ୍ତି। ସେ କାର୍ଡବୋର୍ଡରେ କିଛି ପ୍ରାକୃତିକ ରଙ୍ଗ ତଥା ହଳଦି, ଚନ୍ଦନ ଏବଂ ସିନ୍ଦୂରର ରଙ୍ଗ ବ୍ୟବହାର କରି ଏପରି ଜଗନ୍ନାଥଙ୍କ କଳାକୃତି କରି ପ୍ରଶଂସିତ ହୋଇଛନ୍ତି। ପିଲାଟି ବେଳୁ ସେ ଜଗନ୍ନାଥଙ୍କ ଭକ୍ତ ଅଟନ୍ତି। ଏପରି କଳାକୃତି ପ୍ରସ୍ତୁତ କରି ସେ ଖୁସି ମନେ କରିବା ସହ ଜଗନ୍ନାଥଙ୍କୁ ସ୍ମରଣ କରିଥାଆନ୍ତି। ପୂର୍ବରୁ ମଧ୍ୟ ସେ ବହୁ କିସମର ଜଗନ୍ନାଥଙ୍କ ଚିତ୍ର ଆଙ୍କିଛନ୍ତି। ଏପରି କଳାକୃତି ଲାଗି ତାଙ୍କ ପିତା ମାତା ଓ ଭଉଣୀ ଉତ୍ସାହ ଯୋଗାଇ ଦିଅନ୍ତି ବୋଲି ମନିଷା କହିଛନ୍ତି।

# ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ଦୁଇ ଗିରଫ

**ରଙ୍ଗେଇଲୁଣ୍ଡା,୨୭।୬/ଏନ୍‌ଏନ୍‌ଏସ୍:** ଗୋଳନ୍ଥରା ଥାନା ଭାଲିଆଗଡ଼ ଗ୍ରାମରେ ପୂର୍ବ ଶତ୍ରୁତାରୁ ଚାଷ ଜମିକୁ ପାଣି ବନ୍ଦ କରିବା ନେଇ ମାର୍‌ପିଟ୍ ଆଦି ୨ଟି ମାମଲାରେ ଆଜି ଗୋଳନ୍ଥରା ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଭାଲିଆଗଡ଼ ଗ୍ରାମର ବି. ଦାମଦୋର (୩୭) ଓ ବି. ପାପେୟା (୪୨) ବୋଲି ସୂଚନା ମିଳିଛି। ସୂଚନା ଅନୁସାରେ ଏହି ଥାନା ଅଧିନସ୍ତ ଭାଲିଆଗଡ଼ ଗ୍ରାମର ପାପେୟା ଓ ଦାମଦୋର ମଧ୍ୟରେ ପୂର୍ବ ଶତ୍ରୁତା ଲାଗି ରହିଥିଲା। ପାପେୟା ଓ ଦାମୋଦର ଚାଷ ଜମିରେ ଜଳସେଚନକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ପରେ ବଚସା ହୋଇଥିଲା। ବୁଧବାର ସନ୍ଧ୍ୟାରେ ପାପେୟା ଘରକୁ ଆସୁଥିବା ବେଳେ ଦାମଦୋର ଓ ତାଙ୍କ ବାପା ଜମିକୁ ଯାଉଥିବା ପାଣିକୁ ମାଟି ପକେଇ ଅଟକାଇବାକୁ ନେଇ ପାପେୟା ପ୍ରଶ୍ନ କରିଥିଲେ। ୩ ଜଣଙ୍କ ମଧ୍ୟରେ ଏହାକୁ ନେଇ ଉଚ୍ଚ ବଚସା ହୋଇଥିଲା। ଫଳରେ ଦାମୋଦର ଓ ତାଙ୍କ ବାପା ମିଶି ଆକ୍ରମଣ କରିବା ସହ ସ୍ତ୍ରୀକୁ ଟଣାଅଟରା କରିଥିବା ନେଇ ପାପେୟା ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିଥିଲେ। ଦାମଦୋର ମଧ୍ୟ ପାଲଟା ଆକ୍ରମଣ ନେଇ ଅଭିଯୋଗ କରିଥିଲେ। ଏନେଇ ଥାନାରେ କେସ୍ ନଂ ୨୭୨,୨୭୩/୨୫ ପ୍ରକାରେ ପୁଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ଦାମୋଦର ଓ ପାପେୟାଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ନେଇ ପୁଲିସ ସୂଚନା ଦେଇଛି।

# ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ପାଳିତ

**ବୁଗୁଡା,୨୭।୬/ଏନ୍‌ଏନ୍‌ଏସ୍:** ବୁଗୁଡା ବ୍ଲକ ଅନ୍ତର୍ଗତ ମାଣିତରା ଗ୍ରାମରେ ୧୯୭୫ ମସିହା ଜୁନ ୨୬ ତାରିଖ ଦିନ ପ୍ରତିଷ୍ଠା ହୋଇଥିଲା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ । ଆଜି ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବାର ୫୦ ବର୍ଷ ପୂରଣ ହୋଇଛି। ୫୧ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏହି



ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ସହ ଜଡିତ ଥିବା ଅନିଲ କୁମାର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଏହି ଶିକ୍ଷାନୁଷ୍ଠାନର ଅବସରପ୍ରାପ୍ତ କିରାଣୀ ଭଗବାନ ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ବାବୁ ପ୍ରଧାନ, ଦେବଦତ୍ତ କହଁର, ସସ୍ମିତା ବେହେରା, ଜ୍ୟୋତି ପ୍ରକାଶ ପ୍ରଧାନ, ସୁପ୍ରଭା ମହାପାତ୍ର, ବାମଦେବ ପ୍ରଧାନ ଓ ପ୍ରଣବ ମହାନ୍ତ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ଗ୍ରାମର ଶିକ୍ଷାପ୍ରେମୀଙ୍କ ସହ ଆଲୋଚନା କରି ସୁବର୍ଣ୍ଣ ଜୟନ୍ତୀ ପାଳନ ଦିବସ ଠିକ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଉତ୍ସାହ ଉଦ୍ଦୀପନାର ସହ ଘୋଷଯାତ୍ରା ପାଳିତ

# ରଥାରୁଢ଼ ବ୍ରହ୍ମାଣ୍ଡକର୍ତ୍ତାଙ୍କ ଦିବ୍ୟଦର୍ଶନରେ ଭକ୍ତ ବିଭୋର

**ଆସିକା, ୨୭।୬/ଏନ୍‌ଏନ୍‌ଏସ୍:** ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଶୁକ୍ରବାର ଉତ୍ସାହ ଓ ଉଦ୍ଦୀପନାର ସହ ଘୋଷଯାତ୍ରା ସଂପନ୍ନ ହୋଇଥିବା ବେଳେ ଜଗନ୍ନାଥ ମନ୍ଦିର ଗୁଡିକ ଭକ୍ତିମୟ ହୋଇ ପଡିଥିଲା ମନ୍ଦିର ପରିବେଶ । ନାମ ସଂକୀର୍ତ୍ତନରେ ଉଛୁଳି ପଡୁଥିଲା ମୁଖ୍ୟରାସ୍ତା। ରଥାରୁଢ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ଲାଗି ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଦେଖାଦେଇଥିଲା ଓ ବ୍ରହ୍ମାଣ୍ଡକର୍ତ୍ତାଙ୍କ ଦିବ୍ୟଦର୍ଶନରେ ଭକ୍ତ ବିଭୋର ହୋଇପଡିଥିବା ଦେଖିବାକୁ ମିଳିଥିଲା । ଜଗତରନାଥ ଶ୍ରୀ ଜଗନ୍ନାଥ ଭାଇଭଉଣୀଙ୍କୁ ସାଥିରେ ଧରି ନବଦିନ ବ୍ୟାପୀ ଘୋଷଯାତ୍ରାରେ ବାହାରିଥିଲେ । ପାରମ୍ପରିକ ରୀତିନୀତି ଅନୁଯାୟୀ ଚିନିଶିଳ୍ପ ନୂଆଗାଁରେ ପୂଜାର୍ଚ୍ଚନା ପରେ ତିନି ଠାକୁରଙ୍କୁ ପହଣ୍ଡିରେ ଅଣାଯାଇ ରଥାରୁଢ କରାଯାଇଥିଲା। ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡଃ ସୁଶାନ୍ତ କୁମାର ପଣ୍ଡା ଛେରା ପହଁରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅନୁକୂଳ ପାଗ ଯୋଗୁଁ ଜଗନ୍ନାଥ ମନ୍ଦିର ଗୁଡିକ



ନିକଟରେ ରଥଟଣା ଦେଖିବାକୁ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ଆଡପ ମଣ୍ଡପ ନିକଟରେ ରଥ ପହଞ୍ଚିଥିଲା। ସେଠାରେ ୯ ଦିନ ଅବସ୍ଥାନ କରି ଶ୍ରୀଜିଉ ପୁଣି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ । ରଥାରୁଢ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ଅସମ୍ଭବ ଭିଡ ଜମିଥିବା ଦେଖିବାକୁ ମିଳିଥିଲା। ଚିନିଶିଳ୍ପ ନୂଆଗାଁ, ସୁନାମ୍ବ ସାହି, ବଜାର ସାହି, ଖମ୍ବେଶ୍ୱରୀ ପାଟଣା, କାଳଷଣ୍ଢପୁର, କେନ୍ଦୁପଦର, ପିତଳ ତଥା ଏହାର ଆଖପାଖ ଅଞ୍ଚଳରେ ପବିତ୍ର ଘୋଷଯାତ୍ରା ଅବସରରେ ଠାକୁରଙ୍କ ରଥଟଣା ବେଳେ ଘଣ୍ଟ, ମୃଦଙ୍ଗ, ହୁଳହୁଳି, ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନୀରେ ପରିବେଶ ପ୍ରକମ୍ପିତ ହୋଇପଡିଥିଲା । ସମବାୟ ଚିନିଶିଳ୍ପ ନିକଟରେ ଥିବା ଜଗନ୍ନାଥ ମନ୍ଦିରରେ ଦୀର୍ଘ ୨୮ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଶ୍ରୀ ଜଗନ୍ନାଥ ସଂସ୍ଥାପନା ସମିତିର ସଭାପତି ଡଃ ସୁଶାନ୍ତ କୁମାର ପଣ୍ଡା, ଉପସଭାପତି ସନ୍ତୋଷ କୁମାର ମଲିକ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର କର, ସଂପାଦକ ଦିଲୀପ କୁମାର ସ୍ୱାଇଁ, ସହ ସଂପାଦକ ଇ.ଅରୁଣ କୁମାର ପାତ୍ର, କୋଷାଧ୍ୟକ୍ଷ ଅକ୍ଷୟ କୁମାର ସ୍ୱାଇଁ, ସଦସ୍ୟ ପ୍ରଶାନ୍ତ କୁମାର ପାଢୀ, ଚିତ୍ତଚିନ୍ମୟ ରଂଜନ ନାୟକ, ଶ୍ରୀନିବାସ ମହାପାତ୍ର, କେଦାରନାଥ ସାହୁ, ଶ୍ରୀପଲ୍ଲୀ ସୁନ୍ଦର ଦାଶ, ରାମପ୍ରସାଦ ଶତପଥୀ, ବାଇଧର ନାୟକ, ଦାମୋଦର ସିୟ, ଲମ୍ବୋଦର ସାବତ, ଜୟରାମ ଯାଦବ, ଅନିଲ୍ କୁମାର ଦାସ, କୃଷ୍ଣଚନ୍ଦ୍ର ଲେଙ୍କାଙ୍କ ସମେତ ଚିନିଶିଳ୍ପ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭ୍ୟ ବୃନ୍ଦ, କର୍ମଚାରୀ, ଗ୍ରାମବାସୀ ଓ ସ୍ୱେଚ୍ଛାସେବୀମାନେ ଏହି ଘୋଷଯାତ୍ରାକୁ ପରିଚାଳନା କରିବା ଦିଗରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ଲକ୍ଷ୍ୟ କରାଯାଇଥିଲା । ସେହିଭଳି ଆସିକା ସହରର ସୁନାମ୍ବ ସାହି ସ୍ଥିତ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟି ତଥା ଆଇନଜୀବୀ ନାରାୟଣ ମୁନିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଘୋଷଯାତ୍ରାରେ ମୁଖ୍ୟ ଅତିଥି ରୂପେ ଆସିକା ବିଧାୟକ ସରୋଜ କୁମାର ପାଢୀ ଯୋଗଦେଇଥିବା ଦେଖିବାକୁ ମିଳିଥିଲା । ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଅନୁଷ୍ଠିତ ରଥଯାତ୍ରାକୁ ସୁପରିଚାଳନା କରିବା ଦିଗରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା, ଆସିକା ଥାନା ଅଧିକାରୀ କୁଳମଣି ସେଠୀ, କୋଟିନଡା ଥାନା ଅଧିକାରୀ ଦାମୋଦର ବିହାରୀ, ଆସିକା ଥାନାରେ ଏସ୍‌ଆଇ ଅଲିସ୍ମିତା ଜେନା, ହିମାଂଶୁ ଶେଖର ପାତ୍ର, ଜ୍ଞାନରଂଜନ ସେଠୀ, ଏଏସ୍‌ଆଇ ଶୁବାଷିସ ସ୍ୱାଇଁ ପ୍ରମୁଖଙ୍କ ବିଭିନ୍ନ ବିଭାଗର ବହୁ ପଦାଧିକାରୀ ସକ୍ରିୟ ସହଯୋଗ କରିଥିଲା ବେଳେ ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ଉପସ୍ଥିତିରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି ବଜାର ସାହି, ଖମ୍ବେଶ୍ୱରୀପାଟଣା, କାଳଷଣ୍ଢପୁର, ଗହଙ୍ଗୁ, ନଳବଡା କେନ୍ଦୁପଦର ସମେତ ଆଖପାଖ ଅଞ୍ଚଳର ଜଗନ୍ନାଥ ମନ୍ଦିରରେ ରଥଟଣା କାର୍ଯ୍ୟ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଥିଲା ବେଳେ ଭାବବିନୋଦିଆ ରଥାରୁଢ ଠାକୁରଙ୍କୁ ଶ୍ରଦ୍ଧାଳୁ ଭକ୍ତମାନେ ମୁଖ୍ୟରାସ୍ତାରେ ଟାଣିଟାଣି ନେଉଥିବା ବେଳେ ବେଶ ଉତ୍ସାହିତ ହୋଇପଡିଥିବା ଲକ୍ଷ୍ୟ କରାଯାଇଥିଲା।

# ସାରଥି ଧାମରେ ଘୋଷଯାତ୍ରା, ପାର୍କିଂ ଅବ୍ୟବସ୍ଥା ନେଇ ଜନଅସନ୍ତୋଷ

**ପାତ୍ରପୁର, ୨୭।୬/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ସାରଥୀ ଧାମରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ନିତିକାନ୍ତି ଅନୁସାରେ ସକାଳୁ ମହାବାହୁ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିବା ବେଳେ ଶଙ୍ଖ, କାହାଳୀ, ତାଳ କୀର୍ତ୍ତନ ମଧ୍ୟରେ ଅପରାହ୍ଣ ୩ଘଣ୍ଟାରେ ପ୍ରଭୁ ଜଗନ୍ନାଥ ଓ ସାରଥୀ ଗୋସାଇଁଙ୍କ ପହଣ୍ଡି ବିଜେ ହୋଇଥିଲା । ଜରଡ଼ା ରାଜା ଦୀପକ ଚନ୍ଦ୍ର ଦେଓ ସାମନ୍ତରା ରଥରେ ଛେରା ପହଁରା ଦେବା ପରେ ସାଢ଼େ ୪ଟାରେ ରଥ ଟଣା ଆରମ୍ଭ ହୋଇଥିଲା।



ପାତ୍ରପୁର ତହସିଲଦାର ଅଶୋକ ପଟ୍ଟନାୟକ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇବା ଥିବା ବେଳେ ଜରଡ଼ା ଥାନା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଅନ୍ୟପକ୍ଷେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ଟ୍ରାଫିକ ସମସ୍ୟା ଉପୁଜି ଥିବା ବେଳେ ପାର୍କିଂ ପାଇଁ ସ୍ଥାନ ସ୍ଥିର ହୋନଥିବା ଯୋଗୁଁ ସାଧାରଣ ଲୋକେ ଓ ପୋଲିସ ପ୍ରଶାସନ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା । ସେହିଭଳି ପାତ୍ରପୁର, ଜୟନ୍ତିପୁର, ପଦାଦିଗୀ, ତୁମ୍ବା ଠାରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସୁରଙ୍ଗି ଠାରେ ପହଣ୍ଡି ନୀତି ଅନୁଷ୍ଠିତ ହୋଇଯାଇଥିବା ବେଳେ ଆସନ୍ତାକାଲି ରଥଟଣା ହେବ ।

# ଫୁଲବାଣୀରେ ଆନନ୍ଦ ଉଲ୍ଲାସର ସହିତ ରଥଯାତ୍ରା



**ଫୁଲବାଣୀ, ୨୭।୬/ଏନ୍‌ଏନ୍‌ଏସ୍:** ଫୁଲବାଣୀ ସମେତ ସମଗ୍ର ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସର ସହିତ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ପାଳିତ ହୋଇଯାଇଛି। ସକାଳୁ ଫୁଲବାଣୀସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜକମାନେ ଶ୍ରୀଜୀଉମାନଙ୍କ ପୂଜାର୍ଚ୍ଚନା ପରେ ପହଣ୍ଡି ବିଜେ କରି ରଥକୁ ଆଣିଥିଲେ। ଜିଲାପାଳ ଅମୃତ ଋତୁରାଜ ଛେରା ପହଁରା କରିଥିଲେ। ତେବେ ଠାକୁରଙ୍କ ରଥ ଉପରକୁ ଚଢାଇଲା ବେଳେ ସିଡିଭାଙ୍ଗି ଯିବା ଫଳରେ ଠାକୁରଙ୍କୁ ନେଇ ଆସୁଥିବା ପୂଜକ ମାନେ ଖସିପଡ଼ିଥିଲେ। ପୁଣିଥରେ ମରାମତି ହେବା ପରେ ତିନି ଠାକୁର ରଥାରୁଢ ହେବା ପରେ ପ୍ରାୟ ତିନିଟା ବେଳେ ରଥଟଣା ଆରମ୍ଭ ହୋଇଥିଲା। ପାଗ ଅନୁକୂଳ ଥିବାରୁ ରଥ ଦେଖିବା ଲାଗି ପ୍ରବଳ ଭିଡ଼ ହୋଇଥିଲା। ପୂର୍ବ ନିଷ୍ପତ୍ତି ପ୍ରକାରେ ଷ୍ଟେଟ ବ୍ୟାଙ୍କ ଛକ ନିକଟରେ ସନ୍ଧ୍ୟା ହୋଇଯିବାରୁ ରଥ ଅଟକି ରହିଥିଲା। ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଉପଜିଲାପାଳ ଭିକାରି ସାହୁ, କନ୍ଧମାଳ ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଏସ୍.ପି, ଏସ୍.ଡ଼ି.ପି.ଓଙ୍କ ସମେତ ଥାନା ଅଧିକାରୀ ପି.ସ୍ୱରୁପ କିଶନ, ମନ୍ଦିର ପରିଚାଳନା କମିଟିର ସଭାପତି ସୁନାଶିର ମହାପାତ୍ର, ସଂପାଦକ ହରିଶ୍ଚନ୍ଦ୍ର ମହାରଣା ଓ ଅନ୍ୟ ସମସ୍ତ କର୍ମକର୍ତ୍ତା, ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ମାନେ ପରିଚାଳନାରେ ସହଯୋଗ କରିଥିଲେ। ବହୁ ସ୍ୱେଚ୍ଛାସେବୀ ମାନଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସେବା ମଧ୍ୟ ଭକ୍ତ ମାନଙ୍କ ପାଇଁ ଯୋଗାଇ ଦିଆଯାଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ୍ ବ୍ୟବସ୍ଥା କରାଯାଇଥିଲା।

# ତାଲୁକା ଛକ-ପାକଲାପଲ୍ଲୀ ରାସ୍ତା ମରାମତି ଦାବି

**ଆସିକା,୨୭।୬/ଏନ୍‌ଏନ୍‌ଏସ୍:** ଆସିକା ଏନ୍‌ଏସି ଅଧୀନସ୍ଥ ବ୍ୟସ୍ତବହୁଳ ତାଲୁକା ଛକ-ପାକଲାପଲ୍ଲୀ ରୋଡର ଅବସ୍ଥା କଦର୍ଯ୍ୟ ହୋଇପଡିଛି। କେତେକ ସ୍ଥାନରେ ଖାଲଖମାରେ ପରିପୂର୍ଣ୍ଣ ହୋଇ ଶୋଚନୀୟ ଅବସ୍ଥାକୁ ଆସିଯାଇଛି। ଉକ୍ତ ରାସ୍ତାକୁ ମରାମତି କରିବା ଦିଗରେ ପଦକ୍ଷେପ ନିଆଯାଉନଥିବା ଯୋଗୁଁ ସାଧାରଣରେ ତୀବ୍ର ଓ ଅସନ୍ତୋଷ ପ୍ରକାଶ ପାଉଛି। ଦୀର୍ଘ ଦିନ ହେଲା ଆସିକା ଏନ୍‌ଏସି ଅଧୀନସ୍ଥ ୧୦ ନମ୍ବର ୱାର୍ଡର ତାଲୁକା ଛକ ଠାରୁ ୧୮ ନମ୍ବର ୱାର୍ଡର ପାକଲାପଲ୍ଲୀ ଗ୍ରାମକୁ ଯିବା ପାଇଁ ଉଦ୍ଦିଷ୍ଟ ମୁଖ୍ୟରାସ୍ତାର ବହୁ ସ୍ଥାନରେ ଖାଲଖମା ହୋଇଛି। ଜନସାଧାରଣଙ୍କ ଯାତାୟତ ବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ବ୍ୟସ୍ତବହୁଳ ରାସ୍ତା ଅବହେଳିତ ହୋଇ ପଡିଛି। ଆସିକା ଅଞ୍ଚଳର ବିଭିନ୍ନ ବିଭାଗର ଅଧିକାରୀଙ୍କ ଠାରୁ ଆରମ୍ଭ କରି ବହୁ ରାଜନେତା ଦୈନିକ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିଲେ ମଧ୍ୟ ରାସ୍ତାର ଦୂରାବସ୍ଥା ସଂପର୍କରେ ନଜର ପଡୁନାହିଁ। ରାତିପାହିଲେ ଏହି ବ୍ୟସ୍ତବହୁଳ ରାସ୍ତା ଅତିକ୍ରମ କରି ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ପୋଲିସ ଥାନା, ସବ୍-ଟ୍ରେଜେରୀ ଅଫିସ୍, କୃଷିବିଭାଗ କାର୍ଯ୍ୟାଳୟ, ଆସିକା ସେବା ସମବାୟ ସମିତି, ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କୃଷି ଉନ୍ନୟନ ଶାଖା, ଉଦ୍ୟାନ ବିଭାଗ କାର୍ଯ୍ୟାଳୟକୁ ଶହ ଶହ ସାଧାରଣ ଜନତା ଯାତାୟତ କରିଥାନ୍ତି । ଗମନାଗମନର ସୁବିଧା ଲାଗି କେନ୍ଦ୍ର ତଥା ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ବିନିଯୋଗ କରୁଥିଲା ବେଳେ କେଉଁ କାରଣରୁ ତାଲୁକା ଛକ-ପାକଲାପଲ୍ଲୀ ରୋଡ ରାସ୍ତା ମରାମତି ହୋଇପାରୁନି ତାହା ସାଧାରଣରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ନଗର ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ଧ୍ୟାନ ଦେଇ ବ୍ୟସ୍ତବହୁଳ ତାଲୁକା ଛକ-ପାକଲାପଲ୍ଲୀ ରୋଡ ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ଆସିକା ଏନ୍‌ଏସିର ପୂର୍ବତନ କାଉନସିଲର କୈଳାଶ ଚନ୍ଦ୍ର ପ୍ରଧାନ ଦୃଢ ଦାବି କରିଛନ୍ତି ।

## ଗାନ୍ଧୀନଗର ଛକରେ ବଢୁଛି ଦୁର୍ଘଟଣା

# ହମ୍ପସ୍ ନିର୍ମାଣ ଦାବି କଲେ ବିଜେପି ନେତା

**ବ୍ରହ୍ମପୁର,୨୭।୬/ଏନ୍‌ଏନ୍‌ଏସ୍:** ସହରର ଜନଗହଳିପୂର୍ଣ୍ଣ ସ୍ଥାନ ମଧ୍ୟରେ ଗାନ୍ଧୀ ନଗର ଛକ ଅନ୍ୟତମ। ସକାଳ ପାଇଲେ ଏହି ରାସ୍ତାଚଳଚଞ୍ଚଳ ହୋଇପଡେ। ପ୍ରତିଦିନ ବିଭିନ୍ନ କାର୍ଯ୍ୟରେ ହଜାର ହଜାର ଯାତ୍ରୀ ଓ ଗାଡି ଚାଳକ ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। ସହରର ବ୍ୟସ୍ତବହୁଳ ଗାନ୍ଧୀ ନଗର ଛକ ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ନେଇ ବରିଷ୍ଠ ବିଜେପି ନେତା ତଥା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି ଅଭିଯୋଗ କରିଛନ୍ତି। ଏହି ରାସ୍ତାରେ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ହମ୍ପସ୍ ନିର୍ମାଣ କରିବାକୁ ସେ ଦାବି କରିଛନ୍ତି। ଦ୍ରୁତ ଗାଡି ଚାଳନା ଯୋଗୁଁ ପ୍ରତ୍ୟେକ ଦିନ ଏଠି ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଅନେକ ଲୋକ ଆହତ ହେଉଥିବା ମଧ୍ୟ ନଜିର ରହିଛି। ଉକ୍ତ ଛକରୁ ଚାରିପଟକୁ ରାସ୍ତା ରହିଛି। ଦ୍ରୁତ ଗତିରେ ଗାଡି ଚାଳକ ଯାଉଥିବାରୁ ନିୟନ୍ତ୍ରଣ ହରାଇ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ନିରୀହ ସାଧାରଣ ଲୋକ ମଧ୍ୟ ଆହତ ହେଉଛନ୍ତି। ଅନ୍ୟପକ୍ଷରେ ଛକରେ ସକାଳ ଓ ସନ୍ଧ୍ୟା ସମୟରେ ବୁଲା ଗାଈଗୋରୁଙ୍କ ପ୍ରାଦୁର୍ଭାବ ମଧ୍ୟ ବଢିବାରେ ଲାଗିଛି। ଖାଦ୍ୟ ଅନ୍ୱେଷଣରେ ରାସ୍ତାରେ ବୁଲିବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି। ସେହିପରି ଉକ୍ତ ଅଞ୍ଚଳରେ ବହୁ ବେସରକାରୀ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଗୁଡିକ ରହିଛି। ସ୍କୁଲ/କଲେଜ ଯିବା ଆସିବା ପାଇଁ ଛାତ୍ରଛାତ୍ରୀ ମାନେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଦ୍ରୁତ ଗତିରେ ଗାଡି ଚଳାଚଳ ହେଉଥିବାରୁ ଗାଡି ତ ଦୂରର କଥା ଚାଲିକି ଯିବାକୁ ମଧ୍ୟ ସାଧାରଣ ଲୋକ ଏବଂ ଛାତ୍ରଛାତ୍ରୀ ଉଚିତ୍ ମନେ କରୁନାହାନ୍ତି। ତେଣୁ ତୁରନ୍ତ ମହାନଗର ନିଗମ ସମସ୍ୟାର ସମାଧାନ ସ୍ୱରୂପ ଏହି ଛକରେ ହମ୍ପସ୍ ନିର୍ମାଣ କରିବାକୁ ଶ୍ରୀ ପତି ଦାବି କରିଛନ୍ତି। ହମ୍ପସ୍ ନିର୍ମାଣ ହେଲେ ଦ୍ରୁତ ଗାଡି ଚାଳନା କମିବା ସହ ଦୁର୍ଘଟଣା ମଧ୍ୟ ହ୍ରାସ ପାଇବ ବୋଲି ବିଜେପି ନେତା ଶ୍ରୀ ପତି କହିଛନ୍ତି।

# ନାବାଳିକା ଦୁଷ୍କର୍ମ ଘଟଣାର ସିବିଆଇ ତଦନ୍ତ ଦାବିକଲା ବିଜେଡି

**ବ୍ରହ୍ମପୁର,୨୭।୬/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ଏବଂ ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାର, ବଳାତ୍କାର ଘଟଣାକୁ ନେଇ ତୀବ୍ର ପ୍ରତିବାଦ କରିଛି ବିଜେଡି। ବିଜେଡିର ରାଜ୍ୟସ୍ତରୀୟ ନେତା ଓ ସ୍ଥାନୀୟ ନେତା ଓ କର୍ମୀଙ୍କ ପକ୍ଷରୁ ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାରେ ବାରମ୍ବାର ମହିଳାଙ୍କ ପ୍ରତି ହେଉଥିବା ବଳାତ୍କାର ଓ ଦୁଷ୍କର୍ମ ଘଟଣାକୁ ନେଇ କଠୋର ପଦକ୍ଷେପ ନେବାକୁ ଦାବି କରିଛି ଦଳ। ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ହୋଇଥିବା ଗଣଦୁଷ୍କର୍ମ ଘଟଣା ମନରୁ ଲିଭିନଥିବା ବେଳେ ବ୍ରହ୍ମପୁରର ବିଜେପି ନେତା ଶିବଶଙ୍କର ଦାଶ ଜଣେ ନାବାଳିକାକୁ ନିଶାଦେଇ ଦୁଷ୍କର୍ମ କରିଥିବା ଘଟଣା ମହିଳାଙ୍କ



ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଜିଲା ସୁରକ୍ଷା ବ୍ୟବସ୍ଥା ଯୋଗୁଁ ବାରମ୍ବାର ଗୋଟିଏ ପରେ ଗୋଟିଏ ଘଟଣା ଘଟୁଥିବା ଦଳ ଅଭିଯୋଗ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇକୁ ତଦନ୍ତ ଭାର ହସ୍ତାନ୍ତର କରିବାକୁ ଦାବି କରିଛି ଦଳ। ଏହି ଦାବିପତ୍ର ପ୍ରଦାନ ବେଳେ ବିଜେଡିର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଛତ୍ରପୁରରେ ମେଗା ରକ୍ତଦାନ ଶିବିର



**ଛତ୍ରପୁର,୨୭।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ଏକ ମେଗା ରକ୍ତଦାନ ଶିବିର ସ୍ଥାନୀୟ ଶିବ କୁମାର ରିଙ୍ଗ ରୁମ୍‌ଠାରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଗା ରକ୍ତଦାନ ଶିବିରରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୪୩୨ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଓ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ କୁମାର ସାବତ କାର୍ଯ୍ୟକ୍ରମରେ ଯୋଗଦାନ କରି ବୃକ୍ଷରୋପଣ ସହ ଶିବିରକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଭଳି ରକ୍ତ ଦାନ ଶିବିର ଦ୍ୱାରା ବଡ଼ ମେଡିକାଲରେ ରକ୍ତର ଅଭାବ ଦୂର ହେବ ବୋଲି ବିଧାୟକ କହିଥିଲେ। ଏହା ସହ ସମସ୍ତ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୀର୍ଘାୟୁ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ବିଜେପି ନେତା ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ପୂଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ଆସିକା,୨୭।୬/ଏନ୍‌ଏନ୍‌ଏସ୍:** ମାନବ ସେବା ସମିତି ପକ୍ଷରୁ ସ୍ଥାନୀୟ ହରିହର ହାଇସ୍କୁଲ ପରିସରରେ ମହାନ୍ ଦେଶଭକ୍ତ, ଯୋଗଜନ୍ମା ସାଧକ, ପୂଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ମାନବସେବା ସମିତିର କାର୍ଯ୍ୟକର୍ତ୍ତା ଓ ଛାତ୍ରଛାତ୍ରୀମାନେ ପୂଣ୍ୟାତ୍ମାଙ୍କ ଫଟୋଚିତ୍ରକୁ ଧରି ପବିତ୍ର ଋଷିକୁଲ୍ୟା ନଦୀର ଗଣେଶ ଘାଟରେ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାନୁଷ୍ଠାନ ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ମାନବସେବା ସମିତିର ଆବାହକ ଗଣେଶ ରଥ ଅଧ୍ୟକ୍ଷତା କରିଥିଲେ। ଆସିକା ଉପଖଣ୍ଡ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଦୀପକ କୁମାର ସାମନ୍ତରାୟ, ସହରାଞ୍ଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରର ଡାକ୍ତର ଭଗବତ ପ୍ରସାଦ ବିଷୋୟୀ, ଆସିକା ହରିହର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ତ୍ୟାଗୀ ଗୋପବନ୍ଧୁଙ୍କ ତ୍ୟାଗର ପଟାନ୍ତର ନାହିଁ ବୋଲି ପ୍ରକାଶ କରିଥିଲେ। ଗୋପବନ୍ଧୁ ଦାସ ନିଜର କର୍ମମୟ ଜୀବନ ଶିକ୍ଷକତାରୁ ଆରମ୍ଭ କରିଥିଲେ। ତତ୍କାଳୀନ ଦେଶୀୟ ରାଜ୍ୟ ନୀଳଗିରିର ଏକ ଶିକ୍ଷାନୁଷ୍ଠାନରେ ପ୍ରଧାନଶିକ୍ଷକ ଭାବେ ସେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ସେଠାରେ କିଛି ଦିନ ରହିବା ପରେ ପୁରୀ ଆସି ଓକିଲାତି କରିଥିଲେ। ଓଡିଶା ପ୍ରଦେଶରେ ବସବାସ କରୁଥିବା ଅବହେଳିତ ଲୋକଙ୍କ ପାଇଁ କିଛି କରିବାକୁ ସେ ଚାହୁଁଥିଲେ । ସାହିତ୍ୟ, ଶିକ୍ଷା, ସେବା, ସଂସ୍କୃତି, ଭାଷା ସୁରକ୍ଷା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପୂଣ୍ୟାତ୍ମା ଉତ୍କଳମଣି ଯେଉଁ ଉଦାହରଣ ସୃଷ୍ଟି କରିଛନ୍ତି ତାହା ଯୁଗେ ଯୁଗେ ସମସ୍ତଙ୍କ ପାଇଁ ଏକ ଦୃଷ୍ଟାନ୍ତ ହୋଇରହିବ ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଆସିକା ତଥା ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୩ ଜଣ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା । ମାନବସେବା ସମିତି ପକ୍ଷରୁ ଆସିକା ଅଞ୍ଚଳର ଦୀନଦୁଃଖୀଙ୍କୁ ଅନ୍ନଯଜ୍ଞରେ ଆପ୍ୟାୟିତ କରାଯାଇ ବାସନକୁସନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମାନବ ସେବା ସମିତିର ସଭାପତି ଗଣେଶ ରଥ, ସଂପାଦକ ଦୁର୍ଗାପ୍ରସାଦ ପଣ୍ଡା, ଆସିକା ପ୍ରେସକ୍ଲବର ସଭାପତି ସତ୍ୟନାରାୟଣ ରଥ, ବରିଷ୍ଠ ସାମ୍ବାଦିକ ଅନିଲ୍ କୁମାର ପାଣିଗ୍ରାହୀ, ସମାଜସେବୀ ନବଘନ ବାଡତ୍ୟା, ସୁଶାନ୍ତ କୁମାର ପଣ୍ଡା, ଦୁର୍ଗାଚରଣ ମିଶ୍ର, ପ୍ରିତବାସ ମୁନି, ମନୋଜ କୁମାର ମିଶ୍ର, ଏମ୍.ତାରିଣୀ ସେନାପତି, ଦିଲୀପ କୁମାର ପାଣିଗ୍ରାହୀ, ସନ୍ତୋଷ କୁମାର ପାଣିଗ୍ରାହୀ, ବିଦେଶୀ ନାହାକ, ସୁଶିଲ୍ ମୋହନ ପାତ୍ର, ଡି.ବଦ୍ରିନାରାୟଣ ପାତ୍ର, ଅଜିତ୍ କୁମାର ପଟ୍ଟନାୟକ, ଏସ୍.ଅନିଲ୍ କୁମାର ପୃଷ୍ଟିଙ୍କ ସମେତ ବହୁ ସମାଜସେବୀ ସହଯୋଗ କରିଥିଲେ।

ନିତିଦିନ NITIDIN



## ବିଭିନ୍ନ ସ୍ଥାନରେ ରଥଯାତ୍ରା


# ମା’ ସୁଭଦ୍ରାଙ୍କ ରଥ ଟାଣିଲେ ମହିଳା

**କଟକ,୨୭।୬/ଏନ୍ଏନ୍ଏସ୍:** କଟକ ସହର ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳାର ସହ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସୁରକ୍ଷା ଦାୟିତ୍ୱରେ ୧୫ ପ୍ଲାଟୁନ ଫୋର୍ସ ଓ ୧୦୬ଜଣ ଅଫିସର ମୁତୟନ ହୋଇଥିଲେ।

ପ୍ରାତଃରୁ ବିଗ୍ରହମାନଙ୍କ ଗୁପ୍ତ ନୀତି ସଂପନ୍ନ ହେବା ପରେ ଠାକୁରମାନଙ୍କ ମଙ୍ଗଳ ଆରତୀ, ମଇଲମ, ଅବକାଶ, ରୋଷ ହୋମ, ସୂର୍ଯ୍ୟପୂଜା ଦ୍ୱାରପାଳ ପୂଜା ପରେ ସକାଳ ଧୂପ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ପ୍ରଥମେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ମା’ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ପହଣ୍ଡିରେ ବିଜେ ପରେ ରଥାରୂଢ଼ ହୋଇଥିଲେ। ପରେ ଆରମ୍ଭ ହୋଇଥିଲା ଛେରା ପହଁରା କାର୍ଯ୍ୟ ଶେଷହେବା ସହିତ ରଥ ଟଣା ହୋଇଥିଲା। ଆଜି ସହରର ପ୍ରମୁଖ ଜଗନ୍ନାଥ ମନ୍ଦିର ଯଥା - ଚାନ୍ଦିନୀଚୌକ, ଦୋଳମୁଣ୍ଡାଇ, ରାଣୀହାଟ, ମହାନଦୀବିହାର ଶଙ୍କରପୁର ଆଦି ଜଗନ୍ନାଥ ମନ୍ଦିରରେ ଶାନ୍ତିଶୃଙ୍ଖଳାର ସହିତ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ, ମା’ ସୁଭଦ୍ରାଙ୍କ ଦର୍ପଦଳନ ଓ ମହାପ୍ରଭୁ ଜଗନ୍ନାଥଙ୍କର ନନ୍ଦିଘୋଷ ରଥ ମାଉସୀ ମା’ ମନ୍ଦିର ଅଭିମୁଖେ ଗଡ଼ିଥିଲା ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ମୁଖ୍ୟ ପୂଜକ ଅଗାଧୁ ପଣ୍ଡାଙ୍କ ଦ୍ୱାରା ଛେରା ପହଁରା ରୀତି ସଂପନ୍ନ ହୋଇଥିଲା। ଅପରାହ୍ଣ ୨ଘଟିକା ସମୟରୁ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ୩ଟି ସୁସଜ୍ଜିତ ରଥରେ ମହାପ୍ରଭୁମାନେ ଚାନ୍ଦିନୀଚୌକସ୍ଥିତ ଜଗନ୍ନାଥ ମନ୍ଦିରରୁ ବାହାରି ବନ୍ଧବାସେଳୀସ୍ଥିତ ମାଉସୀ ମା’ ମନ୍ଦିରରେ ପୋଡ଼ପିଠା ଭୋଗ ଲାଗି ହୋଇ ବେଲଭିଉ ଛକ ସ୍ଥିତ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚି ଥିଲେ।

### ସୁରକ୍ଷା ଦାୟିତ୍ୱରେ ୧୫ ପ୍ଲାଟୁନ୍ ଫୋର୍ସ,୧୦୬ ଅଫିସର

ମା’ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ। ସେହିପରି ଦୋଳମୁଣ୍ଡାଇସ୍ଥିତ ଶ୍ରୀ ଶ୍ରୀ ପତିତପାବନଜିଉ ମନ୍ଦିରରେ ରଥଯାତ୍ରା ମନ୍ଦିର ପରିଚାଳନା କମିଟି ଓ ହରିପୁର-ଦୋଳମୁଣ୍ଡାଇ ପୂଜା କମିଟିର ଅପରାହ୍ଣ ୨ଟା ସୁଦ୍ଧା ପହଣ୍ଡି ଓ ଅନ୍ୟାନ୍ୟ ପୂଜାବିଧି ଶେଷ ହେବା ପରେ ରାଜା ବ୍ରଜ କିଶୋର ପ୍ରଧାନ ଛେରା ପହଁରା କରିଥିଲେ। ଅପରାହ୍ଣ ୪ଟା ବେଳକୁ ରଥଟଣା ଆରମ୍ଭ ହୋଇଥିଲା। ୩ରଥ ମନ୍ଦିର ନିକଟରୁ ବାହାରି ହରିପୁର ରୋଡ୍, ଶିବ ବଜାର ଦେଇ ସେମିନାରୀ ଛକରେ ପହଞ୍ଚିଥିଲେ। ସେଠାରେ ମହଲା କମିଟି ଓ ଚାନ୍ଦ କ୍ଲବ ତରଫରୁ ୩ ରଥରେ ଭୋଗ ଲାଗି କରାଯାଇଥିଲା। ଏହାପରେ ୩ଟି ରଥ ସେହି ବାଟରେ ଫେରି ଦୋଳମୁଣ୍ଡାଇ ଚନ୍ଦନପଡ଼ିଆ ମାଉସୀ ମା’ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ମା’ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣି ଟାଣି ନେଇଥିଲେ। ସେହିପରି ରାଣୀହାଟ ଶ୍ରୀ ବଳଦେବଜିଉ ମନ୍ଦିରର ଛେରା ପହଁରା ପରେ ଅପରାହ୍ଣ ୪ଟା ବେଳକୁ ରଥ ଗଡ଼ିଥିଲା। ରଥ ମନ୍ଦିର ସମ୍ମୁଖରୁ ବାହାରି କଲେଜଛକସ୍ଥିତ ନେତାଜୀ ସେତୁ ପାଖରୁ ବୁଲି ରାଣୀହାଟ ପୂଜା ଘର ପଛପଡ଼ିଆରେ ପହଞ୍ଚିଥିଲା। ମହାନଦୀବିହାର ଜଗନ୍ନାଥ ମନ୍ଦିରର ଛେରା ପହଁରା କାର୍ଯ୍ୟ ସମ୍ପନ୍ନ ହେବା ପରେ ଅପରାହ୍ଣ ୩ଟା ୧୫ ସମୟରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥ ଜଗନ୍ନାଥ ମନ୍ଦିରରୁ ବାହାରି ବ୍ୟାଙ୍କଛକ ଦେଇ ମଙ୍ଗଳା ମନ୍ଦିର ନିକଟରେ ପହଞ୍ଚିଥିଲା।




ସେହିପରି ଯୋବ୍ରା ନୁଆସାହିରେ ଅପରାହ୍ଣ ୧ ଘଟିକା ସମୟରେ ସୂର୍ଯ୍ୟ ପୂଜା ଓ ରଥ ପୂଜା ସମ୍ପାଦିତ ହୋଇଥିଲା ବେଳେ ଅପରାହ୍ନ ୩ ଘଟିକା ସମୟରେ ସାହି ଅଧିକାରୀ କାଶୀନାଥ ନାୟକ ଛେରା ପହଁରା କରିବା ପରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋବ୍ରା ଶନିମନ୍ଦିର ଦେଇ ବ୍ୟାରେଜ୍ ଛକ, ଡିପୁ ଛକ, ଲକ୍ଷ୍ମୀ ବଜାର ଓ ଶାରଳା ମନ୍ଦିର ଦେଇ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ସନ୍ଧ୍ୟା ୭ଘଟିକା ସମୟରେ ପହଞ୍ଚି ଥିଲା। ରଥ ଉପରେ ସେବାୟତମାନଙ୍କ ମଧ୍ୟରୁ ବାବୁ ବେହେରା, ଦେବାଶିଷ ବେହେରା, ସନ୍ତୋଷ ସ୍ୱାଇଁ, ଦାଶରଥୀ ନାୟକ ଓ ପୁରୋହିତମାନେ ଉପସ୍ଥିତ ରହି ଠାକୁରଙ୍କୁ ସେବା ପ୍ରଦାନ କରିଥିଲେ। ନୂଆସାହି ମନ୍ଦିର ପରିଚାଳନା କମିଟିର ସଭାପତି ତନୟ ବେହେରା, ଉପସଭାପତି ନାରାୟଣ ବେହେରା, ସମ୍ପାଦକ ଅମ୍ବିକା ସାମଲ, ସହ ସମ୍ପାଦକ ଶୁଭମ ପଟ୍ଟନାୟକ, ଉପଦେଷ୍ଟା ଭରତ ନାୟକ, ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ରଥଟଣା କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ। ସେହିପରି ସହରର ଶଙ୍କରପୁର ଆଦି ବିଭିନ୍ନ ସ୍ଥାନରେ ଘୋଷଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କଟକ ସହରରେ ରଥଯାତ୍ରା ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସୁରକ୍ଷା ଦାୟିତ୍ୱରେ ୧୫ ପ୍ଲାଟୁନ ଫୋର୍ସ ଓ ୧୦୬ଜଣ ଅଫିସର ମୁତୟନ ହୋଇଥିଲେ। କଟକ ସହରରେ ରଥଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

## ବିଧାୟକଙ୍କ ସମର୍ଥକ ଓ ପୁଲିସର ଟାଳଟୁଳ ନୀତି

# ଭାଙ୍ଗିଲା ଦୁଇଗ୍ରାମର ସାଂସ୍କୃତିକ ସମ୍ପର୍କ, ଏକାକୀ ରଥଯାତ୍ରା କଲା ଧୂଳେଶ୍ୱର

**କଟକ,୨୭।୬/ଏନ୍ଏନ୍ଏସ୍:** ବୟାଳିଶ ମୌଜା ଅନ୍ତର୍ଗତ ଧୂଳେଶ୍ୱର ଗ୍ରାମର ତୃତୀୟ ଘୋଷଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ତେବେ ଗତ ଦୁଇଥର ଭଳି ଧୂଳେଶ୍ୱରରୁ ରଥକୁ ବନ୍ତୁଣିଆ ବନ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ନିଆଗଲା ନାହିଁ। ବିଧାୟକ ପ୍ରକାଶ ସେଠୀଙ୍କ କିଛି ସମର୍ଥକ ଓ ସ୍ଥାନୀୟ ପୁଲିସର ଟାଳଟୁଳ ନୀତି ଯୋଗୁ ଏଭଳି ଘଟିଥିବାରୁ ଉଭୟ ଗ୍ରାମରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ବନ୍ତୁଣିଆ ଗ୍ରାମ୍ୟ କମିଟିର ଅନୁରୋଧ କ୍ରମେ ଧୂଳେଶ୍ୱର ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଗତ ୨୦୨୩ ମସିହାରେ ଅନୁଷ୍ଠିତ ପ୍ରଥମ ରଥଯାତ୍ରାରେ ବନ୍ତୁଣିଆ ପର୍ଯ୍ୟନ୍ତ ରଥକୁ ଅଣାଯାଇଥିଲା। ଏହି ପ୍ରକ୍ରିୟା ଦୁଇବର୍ଷ ହେବ ଚାଲିଥିଲା ବେଳେ ଏହା ବେଶ୍ ଚର୍ଚ୍ଚିତ ହୋଇଥିଲା। ଦୁଇଗ୍ରାମର ସାଂସ୍କୃତିକ ଏକତାକୁ



କଟକସଦରବାସୀ ପ୍ରଶଂସା କରିଥିଲେ। ତେବେ ଚଳିତ ବର୍ଷ ବନ୍ତୁଣିଆ ଗ୍ରାମ୍ୟ କମିଟିର ବିବାଦୀୟ ଭାବେ ପରିବର୍ତ୍ତନ ଘଟିଥିଲା। ବନ୍ତୁଣିଆସ୍ଥିତ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରର ସମସ୍ତ କାର୍ଯ୍ୟ ବନ୍ତୁଣିଆର ଜଗନ୍ନାଥ କୃପା ପରିଷଦ ପରିଚାଳନା କରିଥାଏ। ଗତକାଲି ପର୍ଯ୍ୟନ୍ତ ବନ୍ତୁଣିଆ ଯାଏଁ ରଥ ଆସିବା ଏକ ପ୍ରକାର ନିଶ୍ଚିତ ଥିଲା। କିନ୍ତୁ ବିଧାୟକ ଶ୍ରୀ ସେଠୀ ଓ ସ୍ଥାନୀୟ ପୁଲିସ ସମର୍ଥନରେ ଗଠିତ ବନ୍ତୁଣିଆର ବିବାଦୀୟ ଗ୍ରାମ୍ୟ କମିଟି ଦ୍ୱାରା ଏହି କାର୍ଯ୍ୟ କରିବାକୁ ଇଚ୍ଛାରଖି ଧୂଳେଶ୍ୱର ଜଗନ୍ନାଥ ପରିଚାଳନା କମିଟିକୁ ଏକ ଅନୁରୋଧ ପତ୍ର ଲେଖିବାକୁ ସେମାନେ କହିଥିଲେ। ମାତ୍ର ଏଭଳି ଅପ୍ରାସଙ୍ଗିକ ତଥା ଯୁକ୍ତିବିହୀନ ଅନୁରୋଧକୁ ଧୂଳେଶ୍ୱର ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସିଧାସଳଖ ପ୍ରତ୍ୟାଖ୍ୟାନ କରିଥିଲା। ଫଳରେ ବିଧାୟକ ଗତକାଲି ରାତିରେ କଟକ ସର୍କିଟ ହାଉସ୍‌କୁ ବନ୍ତୁଣିଆର ଜଗନ୍ନାଥ କୃପା ପରିଷଦ ଓ ଅପରପକ୍ଷରୁ ମୁରବୀ ଗୋଷ୍ଠୀକୁ ଡାକିଥିଲେ। ସେଠାରେ ବିବାଦର ସମାଧାନ ହୋଇ ପାରିଥାନ୍ତା। ମାତ୍ର ସେଠାରେ ସମର୍ଥକଙ୍କ ଚାପ ଆଗରେ ମୁଣ୍ଡ ନୁଆଇଁ ଦେଇଥିଲେ ବିଧାୟକ। ଜଗନ୍ନାଥ କୃପା ପରିଷଦର ଭୂମିକାକୁ ଗୌଣ କରିଥିଲେ। ଏଣୁ ନିରାଶରେ ଫେରିଥିଲେ ପରିଷଦର ସଦସ୍ୟମାନେ। ଅପରପକ୍ଷେ ବନ୍ତୁଣିଆ ପର୍ଯ୍ୟନ୍ତ ଧୂଳେଶ୍ୱର ରଥ ଆସିବାକୁ ଦିଆଯିବ ନାହିଁ ବୋଲି ପୁଲିସ ମଧ୍ୟ ପରୋକ୍ଷରେ ଧମକ ଦେଇଥିଲା ବୋଲି ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ପ୍ରଥମ ରଥଯାତ୍ରାରେ ବୟାଳିଶମୌଜା ଥାନା ଅଧିକାରୀ ସ୍ୱୟଂ ଉପସ୍ଥିତ ଥିଲା ବେଳେ ତାଙ୍କୁ ଧୂଳେଶ୍ୱର ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମାତ୍ର ଏଥର ବିଧାୟକ ଓ ତାଙ୍କ ସମର୍ଥକଙ୍କ ଚାପରେ ପୁଲିସ ହଠାତ୍ ରଙ୍ଗ ବଦଳାଇଥିଲା। କେବଳ ଏତିକି ନୁହେଁ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ଧୂଳେଶ୍ୱର ଠାରେ ରଜବେଳେ ଅନୁଷ୍ଠିତ ହେଉଥିବା ରାମଲୀଳା ମହୋତ୍ସବ ପାଇଁ ପରିମିସନ ଥିଲା ବେଳେ ପୁଲିସ ପକ୍ଷରୁ ନାନା ପ୍ରକାର ବାଧା ସୃଷ୍ଟି କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଧର୍ମୀୟ ଭାବନାକୁ ଏକ ପ୍ରକାର ଆଘାତ ଦିଆଯାଇଥିଲା ବେଳେ ବହୁ କଷ୍ଟରେ ରାମଲୀଳା ମହୋତ୍ସବ ସମ୍ପନ୍ନ ହୋଇଥିଲା। ଗ୍ରାମ୍ୟ ଏକତାକୁ ବଜାୟ ରଖିବା ପରିବର୍ତ୍ତେ ପୁଲିସ ଚାପବଶବର୍ତ୍ତୀ ହୋଇ ଗ୍ରାମ୍ୟ ବିଭାଜନ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଏଥର ବିବାଦୀୟ ପରିସ୍ଥିତିରେ ଯୁଦ୍ଧକାଳୀନ ଭିତ୍ତିରେ ଧୂଳେଶ୍ୱର ଗ୍ରାମ ସୀମା ଅନ୍ତର୍ଗତ ନୂଆପୋଖରୀ ଠାରେ ଜଗନ୍ନାଥ କୃପା ପରିଷଦ ପକ୍ଷରୁ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା କରାଯାଇ ସେଠାରେ ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ସମ୍ପନ୍ନ ହୋଇଥିବା ଜଣାପଡ଼ିଛି।

# ମହାନଦୀବିହାରରେ ଶ୍ରୀଗୁଣ୍ଡିଚା ମହୋତ୍ସବ ଉଦ୍‌ଘାଟିତ



**କଟକ,୨୭।୬/ଏନ୍ଏନ୍ଏସ୍:** ପବିତ୍ର ରଥଯାତ୍ରା ଅବସରରେ ଶ୍ରୀଗୁଣ୍ଡିଚା ମହୋତ୍ସବ କମିଟି ତରଫରୁ ପବିତ୍ର ଘୋଷଯାତ୍ରା ଅବସରରେ ୪୭ନଂ ୱାର୍ଡ ଅନ୍ତର୍ଗତ ମହାନଦୀବିହାରସ୍ଥିତ ମଙ୍ଗଳାମନ୍ଦିର ଛକରେ ଶ୍ରୀଗୁଣ୍ଡିଚା ମହୋତ୍ସବ - ୨୦୨୫ ଆଜି ଉଦ୍‌ଘାଟିତ ହୋଇଯାଇଛି। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏବଂ ଆବାହକ ସଞ୍ଜୟ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଦେ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ସିଏମ୍‌ସି ମେୟର୍ ସୁବାସ ସିଂହ, ସମ୍ମାନିତ ଅତିଥି ୪୭ନଂ କର୍ପୋରେଟର୍ ଇଂ ସୁବ୍ରତ ଘଡ଼ାଇ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବଟିକୁ ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବରେ ଜଗନ୍ନାଥ ସଂସ୍କୃତି ଓ ରଥଯାତ୍ରା ବିଶେଷଜ୍ଞଙ୍କ କଥାମୃତ ଏବଂ ଭଜନାମୃତ ଆଦି କାର୍ଯ୍ୟକ୍ରମ କରାଯିବା ସହ ଓଡ଼ିଶାର ସୁନାମଧନ୍ୟ ପ୍ରବଚକ ଓ ସଂଗୀତଜ୍ଞମାନେ କଥାମୃତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମୁରବୀ ରବୀନ୍ଦ୍ର ପ୍ରସାଦ ମହାନ୍ତି, ରମାକାନ୍ତ ଲେଙ୍କା, ହିମାଂଶୁ ଷଡ଼ଙ୍ଗୀ,ଚତୁର୍ଭୁଜ ମହାପାତ୍ର, ପ୍ରହ୍ଲାଦ ନନ୍ଦ,ସମେତ ବହୁ ସଂଖ୍ୟାରେ ଭକ୍ତବୃନ୍ଦ ଏକତ୍ରିତ ହୋଇ ଜଗନ୍ନାଥଙ୍କ ଭାବରସ ଭଜନକୁ ଶ୍ରବଣ କରିଥିଲେ। ମହୋତ୍ସବଟି ଚଳିତ ୮ ଦିନ ବ୍ୟାପୀ ଅନୁଷ୍ଠିତ ହେବ।

# ‘ବ୍ୟକ୍ତି ନୁହେଁ ବ୍ୟବସ୍ଥାର ପରିବର୍ତ୍ତନ ଆବଶ୍ୟକ’

**କଟକ,୨୭।୬/ଏନ୍ଏନ୍ଏସ୍:** ଦେଶରେ ଅବାଞ୍ଛିତ ଜରୁରୀ ସ୍ଥିତି ଲାଗୁକରି ଗଣତନ୍ତ୍ର ଓ ସମ୍ବିଧାନକୁ ଖତମ କରିବାର ବିଫଳ ଉଦ୍ୟମର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବନ୍ଧୁମିଳନ କଟକ ଗାନ୍ଧୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂପୂର୍ଣ୍ଣକ୍ରାନ୍ତିର କର୍ମୀ, ଜରୁରୀସ୍ଥିତି ତଥା ଏକଛତ୍ରବାଦକୁ ବିରୋଧ କରି କାରାବରଣ କରିଥିବା ଓ ଭୂମିଗତ ଆନ୍ଦୋଳନରେ ଥିବା ସାଥୀ ଓ ସେମାନଙ୍କ ସମର୍ଥକ ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଓ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ କୃଷ୍ଣକେଶବ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ




କରିଥିଲେ। ବିଶିଷ୍ଟ ରାଜନେତା ଚିତ୍ତରଞ୍ଜନ ମହାନ୍ତି ସାଂପ୍ରତିକ ପରିସ୍ଥିତି ଉପରେ ନିଜର ମତ ରଖିଥିଲେ। କ୍ଷୀରୋଦ ମହାପାତ୍ର, ବିଜୟ ରାଉତରାୟ, ଖଗେଶ୍ୱର ସେଠୀ, ଅଜୟ ମିଶ୍ର, ପ୍ରଦୀପ ପଟ୍ଟନାୟକ (ଖ), ଡ. ସତ୍ୟ ରାୟ, ବିନୟ ମହାପାତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ଶିଶିର ଦାସ, ଶେଖ୍ କମିରୁଦ୍ଦିନ ଅହମ୍ମଦ, ବାଗେଶ୍ୱର ପ୍ରଧାନ, ଦିଗମ୍ବର ମହାପାତ୍ର, ସୁକାନ୍ତି ନାୟକ, ଡଲି ଦାଶ, ଅରବିନ୍ଦ ମଲ୍ଲିକ, ବିଷ୍ଣୁ ସ୍ୱାଇଁ, ଶର୍ମିଷ୍ଠା ନାଥ, କ୍ଷୀରୋଦ ରାଉତ, ରଞ୍ଜନ ମିତ୍ର, ଶ୍ରୀପ୍ରକାଶ ମହାନ୍ତି, ନସିଫା ବେଗମ୍, ସୁବୋଧ ସେଠୀ, ବିଷ୍ଣୁମୋହନ ମହାପାତ୍ର, ବିକ୍ରମ ଆଦିତ୍ୟ, ଜୟନ୍ତ ସାମନ୍ତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡାକ୍ତର ରବି ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୫୦ତମ ରୁଚି ପ୍ରତିଷ୍ଠା ଦିବସ: ବିଦ୍ୟାର୍ଥୀ ଓ ପ୍ରତିଭା ସମ୍ମାନିତ

# ସାମାଜିକ ଦାୟିତ୍ୱ ପାଳନରେ ରୁଚି ଅଗ୍ରଣୀ: ଜିଲ୍ଲାପାଳ

**କଟକ ୨୭।୬/ଏନ୍ଏନ୍ଏସ୍ :** ‘ରୁଚି’ କେବଳ ଓଡ଼ିଶାର ଗର୍ବ ଓ ଭାରତର ସମ୍ମାନ ହୋଇ ରହିନାହିଁ। ଏହାର ନିରନ୍ତର ଉଦ୍ୟମ ଉଦୀୟମାନ ଶିଳ୍ପୋଦ୍ୟୋଗୀଙ୍କ ପାଇଁ କେବଳ ଉଦାହରଣ ପାଲଟିଛି। ଏହା ଓଡ଼ିଶାର ଗର୍ବ ଓ ସ୍ୱାଭିମାନ ଭାବରେ ସ୍ୱତନ୍ତ୍ର ଏକ ପରିଚୟ ସୃଷ୍ଟି କରିଛି ବୋଲି କହିଛନ୍ତି ଓଡ଼ିଶା ରାଜ୍ୟ ବିଧି ଆୟୋଗର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ। ପବିତ୍ର ରଥଯାତ୍ରା ଅବସରରେ ଆୟୋଜିତ ୫୦ତମ ରୁଚି ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ରଥ କହିଥିଲେ ଯେ ବର୍ଷ ପରେ ବର୍ଷ ସଫଳତା, କାର୍ଯ୍ୟଦକ୍ଷତା ଓ ସାଧୁତାକୁ ପାଥେୟ କରି ରୁଚି ପରିବାର ଆଜି ଏହି ଅନୁଷ୍ଠାନକୁ ବିଶ୍ୱସ୍ତରୀୟ ପରିଚୟ ଦେଇଛି। ଆନନ୍ଦର କଥା ଆଜି ଏହି ଅନୁଷ୍ଠାନକୁ ୫୦ ବର୍ଷ ପୂରିଛି। ପ୍ରଭୁ ଜଗନ୍ନାଥଙ୍କ କୃପା, ତାଙ୍କର ପବିତ୍ର ରଥଯାତ୍ରା ଦିବସରେ ଏହି ଅନୁଷ୍ଠାନ ଜନ୍ମନେଇ ନିଜ ପରିଚୟକୁ ବିଶ୍ୱସ୍ତରରେ ପହଞ୍ଚାଇ ପାରିଛି।



ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଥିଲେ ଯେ ‘ରୁଚି’ କେବଳ ଏକ ବ୍ୟବସାୟିକ ଅନୁଷ୍ଠାନ ଭାବରେ ନୁହେଁ, ସମାଜ ପାଇଁ ଏବଂ ରାଜ୍ୟ ପାଇଁ ଏହା ତା’ର ସାମାଜିକ କର୍ତ୍ତବ୍ୟବୋଧର ମଧ୍ୟ ପରିପାଳନ କରୁଛି। ଗୋଟିଏ ଅନୁଷ୍ଠାନ ୫୦ ବର୍ଷରେ ପହଞ୍ଚିବା ହେଉଛି ସଫଳତାର ଏକ ବଡ଼ ଉଦାହରଣ। ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ଶିଳ୍ପୋଦ୍ୟୋଗ ପରିସରସ୍ଥିତ ଶ୍ରୀଲକ୍ଷେଶ୍ୱର ମଣ୍ଡପଠାରେ ଆୟୋଜିତ ଭବ୍ୟ ସମାରୋହରେ ସମ୍ମାନିତ ଅତିଥି ଭାବେ ‘ରୁଚି’ର ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ସଲିନା ସାହୁ ଓ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପ୍ରାରମ୍ଭରେ ‘ରୁଚି’ର ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ସୁଭାଷ ଦାଶଙ୍କୁ ‘ରୁଚି କଳାରତ୍ନ ସମ୍ମାନ’ ଓ ହୃଦ୍‌ରୋଗ ବିଶେଷଜ୍ଞ ପ୍ର. ଡାକ୍ତର ପ୍ରଭାତ କୁମାର ଦାଶଙ୍କୁ ‘ରୁଚି-ଶ୍ରଦ୍ଧାନନ୍ଦ ଜେନା ସ୍ମାରକୀ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ରୁଚି ପରିବାରର କର୍ମଚାରୀଙ୍କ ମାଟ୍ରିକ୍ ଉତ୍ତୀର୍ଣ୍ଣ ୪୧ ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ପୁରସ୍କାର ସହିତ ରୁଚି ବିଦ୍ୟାର୍ଥୀ ସମ୍ମାନ, ୩ କର୍ମଚାରୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ଓ ୫୦ କର୍ମଚାରୀଙ୍କୁ ବିଶେଷ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ‘ରୁଚି’ର ବରିଷ୍ଠ ଅଧିକାରୀ ଲକ୍ଷ୍ମୀଧର ସାହୁ, ଅକ୍ଷୟ ବରାଳ, ନିହାର ରଞ୍ଜନ ସାହୁ, ରଣଜିତ ସାହୁ, ସାଇ ସମ୍ବିତା ନାୟକ, ପ୍ରଶାନ୍ତ କୁମାର ପାତ୍ର, ଅରକ୍ଷିତ ରଣା, ସୂର୍ଯ୍ୟକାନ୍ତ ସାହୁ, ସୁଜାତା ବାରିକ, ଶାରଳା ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମାନବସମ୍ବଳ ବିଭାଗର ମୁଖ୍ୟ ସନ୍ତୋଷ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ବରିଷ୍ଠ କର୍ମଚାରୀ ତପନ ପଣ୍ଡା ରୁଚି ପତାକା ଉତ୍ତୋଳନ କରିଥିଲାବେଳେ ଅପରାହ୍ନରେ ଜୟ ଜଗନ୍ନାଥ କଲୋନୀରୁ ଶ୍ରୀଜିଉମାନଙ୍କର ତିନୋଟି ରଥ ଶିଳ୍ପାଞ୍ଚଳ ଦେଇ ରୁଚି ପରିସରସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଆସିଥିଲେ।

## ବିଏଡ୍ ଅନିୟମିତତା

# ଅଧିକାଂଶଙ୍କ ସମାନ ନମ୍ବର

**ଭୁବନେଶ୍ୱର,୨୭।୬/ଏନ୍ଏନ୍ଏସ୍:** ବିଏଡ୍ ଖାତା ଦେଖାରେ ଅନିୟମିତତା ଅଭିଯୋଗ ଆସିବାପରେ ଉଚ୍ଚଶିକ୍ଷା ବିଭାଗ ଏହାର ନାମଲେଖା ପ୍ରକ୍ରିୟାକୁ ସ୍ଥଗିତ ରଖିଥିବାବେଳେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ସମାନ ନମ୍ବର ପାଇବା ଭଳି ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିବାରେ ଲାଗିଛି। ଗୋଟିଏ ଗୋଟିଏ ମହାବିଦ୍ୟାଳୟ ଏପରିକି ଆଖପାଖର ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବିଏଡ୍ ପରୀକ୍ଷାରେ ମିଳିଥିବା ନମ୍ବର ସମାନ ରହିଛି। ଜୁନ୍ ପହିଲାରେ ରାଜ୍ୟରେ ପ୍ରାୟ ଦେଢ ଲକ୍ଷ ଛାତ୍ରଛାତ୍ରୀ ବିଏଡ୍ ପରୀକ୍ଷା ଦେଇଥିଲେ। ଜୁନ୍ ୧୩ ତାରିଖରେ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ୨୭୫୦ଟି ଆସନ ପାଇଁ ଏକ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବାବେଳେ ଜୁନ୍ ୧୯ ତାରିଖ ମଧ୍ୟରେ ସେମାନଙ୍କୁ ବିଭିନ୍ନ ବିଏଡ୍ କଲେଜ ପାଇଁ ଆବେଦନ କରିବାକୁ କୁହାଯାଇଥିଲା। ଜୁନ୍ ୨୫ ତାରିଖରେ ପ୍ରଥମ କଟ୍ ଅଫ୍ ପ୍ରକାଶ ପାଇବାକୁ ଦିନ ଧାର୍ଯ୍ୟ ହୋଇଥିଲା। ତେବେ ଫଳାଫଳରେ ଅନିୟମିତା ଅଭିଯୋଗ ଆସିବାରୁ ସରକାର ଏହାକୁ ସ୍ଥଗିତ ରଖିଛନ୍ତି। ଛାତ୍ର କଂଗ୍ରେସ ପକ୍ଷରୁ ଏଭଳି ଅନିୟମିତ ହୋଇଥିବା ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଅଭିଯୋଗ ପାଇବାପରେ ସରକାର ପରୀକ୍ଷାଖାତା ଯାଞ୍ଚ ପାଇଁ ସ୍ୱତନ୍ତ୍ର କମିଟି ଗଠନ ଘୋଷଣା କରିଥିବାବେଳେ ନାମଲେଖା ପ୍ରକ୍ରିୟାକୁ ଅଟକାଇଛନ୍ତି। ଛାତ୍ରଛାତ୍ରୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଗୋଟିଏ ଗୋଟିଏ କଲେଜର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନଙ୍କ ବିଏଡ୍ ପରୀକ୍ଷାଫଳ ସମାନ ରହିଛି। ଆଉ କିଛି ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହା ସାମାନ୍ୟ ଉପର ତଳ ଅଛି। ହଠାତ୍ ଏଭଳି ପରୀକ୍ଷାଫଳ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିବାବେଳେ ଯାଞ୍ଚ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଛାତ୍ରଛାତ୍ରୀ ଚୁପ୍ ହୋଇ ବସିଥିଲେ। ଏବେ ବିଭିନ୍ନ ସ୍ତରରେ ସ୍ୱର ଉତ୍ତୋଳନ ହେବାପରେ ଛାତ୍ରଛାତ୍ରୀ ମୁହଁ ଖୋଲିବାରେ ଲାଗିଛନ୍ତି। ସେହିଭଳି ବିଏଡ୍ ପରୀକ୍ଷା ଦେଇଥିବା କେତେ ସଂଖ୍ୟକ ଛାତ୍ରଛାତ୍ରୀ କେତେ ପ୍ରତିଶତ ନମ୍ବର ରଖିଛନ୍ତି ତାହା ପ୍ରକାଶ ପାଉନଥିବାରୁ ଏବଂ ପ୍ରଥମଥର ପାଇଁ ‘ମାଇନସ୍ ମାର୍କିଂ’ ଆଧାରରେ ଫଳ ପ୍ରକାଶ ପାଇଥିବାରୁ କୃତକାର୍ଯ୍ୟ ହୋଇଥିବା ଲକ୍ଷାଧିକ ଛାତ୍ରଛାତ୍ରୀ ଅଳ୍ପସଂଖ୍ୟକ ଆସନ ପାଇଁ ବାଧ୍ୟହୋଇ ସାମ୍‌ସ ଜରିଆରେ ଆବେଦନ କରିଥିଲେ। ରାଜ୍ୟ ସରକାର ଏବେ ସ୍ୱତନ୍ତ୍ର କମିଟି ଗଠନକରିଥିବାରୁ ଆଗାମୀ ଦିନରେ କେଉଁ ଆଧାରରେ ଫଳ ପ୍ରକାଶିତ ହେବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ସେହିଭଳି ବିଏଡ୍ ପରୀକ୍ଷା ଭରସାରେ ଯେଉଁମାନେ ସ୍ନାତକୋତ୍ତରରେ ନାମ ଲେଖାଇନଥିଲେ ସେମାନେ ଏବେ ହରଡଘଣାରେ ପଡିଛନ୍ତି। ପୁନଃ ଯାଞ୍ଚ ପରେ ସେମାନେ ଆଉ ବିଏଡ୍ ରେ ନାମ ଲେଖାଇପାରିବେ ନାହିଁ ତାହାକୁ ନେଇ ଆଶା ଆଶଙ୍କାରେ ଥିବାବେଳେ କେତେକ ଛାତ୍ରଛାତ୍ରୀ ଦୁଇପଟୁ ନିରାଶ ହେବା ନେଇ ଆତଙ୍କିତ ଅଛନ୍ତି। ତେଣୁ ବିଏଡ୍ ପରୀକ୍ଷାରେ ଯେଉଁମାନେ ଏଭଳି ଅନିୟମିତତା କରିଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ମତ ଦେଉଛନ୍ତି।

**ନିତି ଭାରତୀ** | ସମୁଦ୍ର କୂଳରେ ଠିଆହୋଇ କେବଳ ତା'ର ଜଳରାଶିକୁ ଚାହିଁ ରହିଲେ ତୁମେ ସମୁଦ୍ର ପାର ହୋଇ ପାରିବ ନାହିଁ। - **ରବୀନ୍ଦ୍ର ନାଥ ଠାକୁର**

NITIDIN
ନିତିଦିନ
ଶନିବାର, ୨୮ ଜୁନ୍ ,୨୦୨୫

# ସାହିତ୍ୟ କର୍ମୀ ଓ ସମୟର ସୁବିନିଯୋଗ

କବି କର୍ମୀମାନଙ୍କର ସମାଜ ପାଇଁ ଅବଦାନ ପ୍ରସଙ୍ଗ ଆଲୋଚନା ବେଳେ ସ୍ୱତଃ ପ୍ରଶ୍ନଉଠେ, ସମାଜରେ ଯେତେ ସଂଖ୍ୟକ ଲୋକ ଲେଖାଲେଖିରେ କାଳାତିପାତ କରୁଛନ୍ତି, ସେମାନେ ଯଦି ଲେଖାଲେଖି ନ କରୁଥାନ୍ତେ, ତେବେ କରିଥାନ୍ତେ କ'ଣ? ସଂପ୍ରତି ଭୋଗସର୍ବସ୍ୱ ସଭ୍ୟତାରେ ମନୋରଞ୍ଜନ ପାଇଁ ମଣିଷର ସର୍ବାଧିକ ସମୟ ଅତିବାହିତ ହେଉଛି। ମାତ୍ର ପୁସ୍ତକ ଅଧ୍ୟୟନକୁ ଆଉ ମନୋରଞ୍ଜନର ସାମଗ୍ରୀ ରୂପେ ଗ୍ରହଣ କରାଯାଉନାହିଁ। କିନ୍ତୁ ବିଡ଼ମ୍ବନାର କଥା, ପୂର୍ବାପେକ୍ଷା ଏବେ ବହୁ ସଂଖ୍ୟାରେ ବହି ଲେଖା ହେଉଛି, ପ୍ରକାଶିତ ହେଉଛି, ପାଠାଗାରମାନଙ୍କୁ ଯୋଗାଇ ଦିଆଯାଉଛି, ପୁସ୍ତକ ପ୍ରଦର୍ଶନୀ ହେଉଛି, ବିକାକିଣା ମଧ୍ୟ ହେଉଛି। ସରକାରଙ୍କ ତରଫରୁ ବିଭିନ୍ନ ପାଠାଗାରମାନଙ୍କୁ ମାଗଣାରେ ପୁସ୍ତକମାନ ଯୋଗାଇ ଦିଆଯାଉଛି। ପ୍ରତି ଜିଲ୍ଲାରେ ପୁସ୍ତକ ମେଳା ହେଉଛି, ରାଜଧାନୀରେ ମଧ୍ୟ ସରକାରୀ ଓ ବେସରକାରୀ- ଉଭୟଙ୍କ ପ୍ରଚେଷ୍ଟାରେ ପୁସ୍ତକ ମେଳାମାନ ସଂଘଟିତ ହେଉଛି। ଏସବୁ ବ୍ୟତୀତ ଶହ ଶହ ସଂଖ୍ୟାରେ ସାହିତ୍ୟ ସଂଗଠନମାନ ଗଢ଼ି ଉଠୁଛି। ପୂର୍ବାପେକ୍ଷା ଏବେ ବହୁ




ବାସନ୍ତୀ ମହାନ୍ତି

ସଂଖ୍ୟାରେ ସାହିତ୍ୟ ସଭାମାନ ହେଉଛି। ସାହିତ୍ୟ ଆଲୋଚନା ପାଇଁ ବକ୍ତା ଓ ଅତିଥିମାନଙ୍କ ସହ କବିତା ଆସରରେ ମଞ୍ଚରେ କବିତାଟିଏ ପଢ଼ିବା ପାଇଁ ମଧ୍ୟ କାହିଁ କେତେ ଦୂର ଦୂରାନ୍ତରୁ ଲେଖକ ଲେଖିକାମାନେ ଧାଇଁ ଆସୁଛନ୍ତି। ସାହିତ୍ୟ ଆସରମାନଙ୍କରେ ଭୋଜିଭାତ ତ ସାଧାରଣ କଥା। ତା' ଛଡ଼ା ସମ୍ମାନ ସମ୍ବର୍ଦ୍ଧନା ଉତ୍ସବରେ ବହୁ ଦୂର ଦୂରାନ୍ତରୁ ସମ୍ବର୍ଦ୍ଧିତ ପ୍ରତିଭାମାନେ ହାତରୁ ପଇସା ଖର୍ଚ୍ଚ କରି ଆସିଥାନ୍ତି ସମ୍ବର୍ଦ୍ଧିତ ହେବା ପାଇଁ। ଶହ ଶହ ସଂଖ୍ୟାରେ ସାହିତ୍ୟ ପତ୍ରିକା ବାହାରୁଛି। ସେଥିରେ ପ୍ରବୀଣ, ନବୀନ, ପରିପକ୍ୱ, ଅପରିପକ୍ୱ, ଗୃହିଣୀ, କର୍ମଜୀବୀ, ବୁଦ୍ଧିଜୀବୀ, ବ୍ୟବସାୟୀ, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ସାଧୁ-ଅସାଧୁ, ସମସ୍ତେ ଲେଖା ପ୍ରକାଶ କରୁଛନ୍ତି। ଉଚ୍ଚ ମାନର, ନିମ୍ନ ମାନର ସବୁ ପ୍ରକାର ଲେଖା ପାଇଁ ପତ୍ରିକାମାନ ସଜାଡ଼ି ହୋଇ ରହିଛି। କେତେକ ପତ୍ରିକା ସମ୍ପାଦକ ଲେଖକମାନଙ୍କ ପାଖକୁ ଦଉଡ଼ି ଦଉଡ଼ି ଅଥବା ବାରମ୍ବାର ଫୋନ୍ କଲା ପରେ ଲେଖାଟିଏ ପାଉଛନ୍ତି ତ ଆଉ କେତେକ ଲେଖକ ପତ୍ରିକା ସମ୍ପାଦକମାନଙ୍କୁ ଈଶ୍ୱରତୁଲ୍ୟ ଜ୍ଞାନ କରି ସେମାନଙ୍କୁ ଲେଖାମାନ ଦେଇଥାନ୍ତି। ଲେଖାଟିଏ ପ୍ରକାଶିତ ହେଲେ ପ୍ରକାଶକ ଓ ସମ୍ପାଦକମାନଙ୍କ ପାଖରେ କୃତକୃତ୍ୟ ହୋଇ ଯାଆନ୍ତି। ସବୁ ପ୍ରତିଭାଧରମାନେ ଉଚ୍ଚାଭିଳାଷୀ ନୁହନ୍ତି କିମ୍ବା ସବୁ ଉଚ୍ଚାଭିଳାଷୀମାନେ ପ୍ରତିଭାବାନ ନୁହନ୍ତି। ଏହି ସ୍ୱଳ୍ପ ପ୍ରତିଭାଧାରୀ ଉଚ୍ଚାଭିଳାଷୀମାନେ ଉଚ୍ଚ ସ୍ତରକୁ ଯିବା ପାଇଁ ନିରଳସ ସାଧନା କରି ଚାଲି ଥାଆନ୍ତି। ଯେଉଁ ପୁସ୍ତକ, ପ୍ରକାଶକ, ପତ୍ରିକା, ସମ୍ପାଦକ ସାହିତ୍ୟ ସଭାର ଆୟୋଜକ ଥାଆନ୍ତି, ସେମାନଙ୍କ ମଧ୍ୟରେ ସାହିତ୍ୟ ସୃଷ୍ଟି କରିବାର ସାମର୍ଥ୍ୟ ଥାଉ କି ନଥାଉ ସେମାନେ ଯେ ସାହିତ୍ୟକୁ ଭଲ ପାଉଥିବା ମଣିଷ ଓ ସାହିତ୍ୟ ପାଇଁ ଆବଶ୍ୟକୀୟ ସମୟ ସାମର୍ଥ୍ୟ ସେମାନେ ଦେଇ ପାରନ୍ତି। ବହି ପଢ଼ନ୍ତୁ ବା ନ ପଢ଼ନ୍ତୁ ବହି କିଣନ୍ତି, ବନ୍ଧୁମାନଙ୍କୁ ଉପହାର ଦିଅନ୍ତି, ବନ୍ଧୁମାନଙ୍କୁ ଉତ୍ସବମାନଙ୍କରେ ପୁସ୍ତକ ଉପହାର ଦିଅନ୍ତି, ଘରେ ବହି ସଜେଇ ରଖନ୍ତି, ଏସବୁକୁ ମଧ୍ୟ ଆମେ ସାରସ୍ୱତ କର୍ମର ଅନ୍ତର୍ଭୁକ୍ତ କରି ପାରିବା।

ତାଳପତ୍ର ପୋଥି ଯୁଗରେ ପୋଥି ନକଲକୁ ମଧ୍ୟ ଏକ ସାରସ୍ୱତ କର୍ମ ରୂପେ ଗ୍ରହଣ କରାଯାଉଥିଲା। ସେତେବେଳେ ସାମ୍ପ୍ରତିକ ଯୁଗ ପରି ଏକ ସମୟରେ ଏତେ ସଂଖ୍ୟକ ପୋଥି ସ୍ରଷ୍ଟାମାନେ ଲେଖିପାରୁ ନଥିଲେ। ତେଣୁ ସାହିତ୍ୟମନସ୍କ ବ୍ୟକ୍ତିମାନେ ପ୍ରତିଷ୍ଠିତ ସ୍ରଷ୍ଟାମାନଙ୍କର ସାହିତ୍ୟ କୃତୀକୁ ନକଲ କରୁଥିଲେ। ସେମାନେ ମୂଳ ସ୍ରଷ୍ଟାମାନଙ୍କର କୃତୀକୁ ବହୁ ପ୍ରସାରୀ କରିବା ସହ ନିଜ ନିଜ ସମୟର ମଧ୍ୟ ସଦୁପଯୋଗ କରୁଥିଲେ। ଆଉ କେତେକ ସାହିତ୍ୟପ୍ରେମୀ ମଧ୍ୟ ସ୍ଥାନେ ସ୍ଥାନେ କେଉଁଠି ଗଛ ମୂଳେ ତ ଆଉ କେଉଁଠି ଉଚ୍ଚ ପିଣ୍ଡା କିମ୍ବା ଟୁଙ୍ଗିଘରେ ବସି ଶାସ୍ତ୍ର ପୁରାଣ ଆଲୋଚନା କରୁଥିଲେ। ରାମାୟଣ, ମହାଭାରତ ଗାଥା ଲୋକଙ୍କୁ ଶୁଣାଉ ଥିଲେ। ଏସବୁ ଆମର ସାହିତ୍ୟ କର୍ମ। ସମାଜର ପ୍ରାୟ ଅର୍ଦ୍ଧାଧିକ ଲୋକ ଏଥିରେ ସାମିଲ୍ ହୋଇ ଥାଆନ୍ତି। ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସଂସ୍କାରୀ ବ୍ୟକ୍ତିମାନଙ୍କର ଏହା ହେଉଛି ପ୍ରବୃତ୍ତି। ସେମାନେ ଯେଉଁଠି ରହିବେ, ପରିବେଶକୁ ସଂସ୍କୃତିସମ୍ପନ୍ନ କରି ରଖିବେ। ତେବେ କହିବାର କଥା ହେଉଛି, ଶାସ୍ତ୍ର ପୁରାଣ ଅଥବା ସୃଜନଶୀଳ ସାହିତ୍ୟ ସମାଜକୁ ଯେ ଶୃଙ୍ଖଳିତ ଗୁଣସମ୍ପନ୍ନ ଓ ପରିମାର୍ଜିତ କରେ, ତାହା ତ ଅସ୍ୱୀକାର କରିହେବ ନାହିଁ। କାରଣ ପଦାର୍ଥ ବିଜ୍ଞାନର ତତ୍ତ୍ୱ ଅନୁସାରେ, ପୃଥିବୀର ପ୍ରତ୍ୟେକ ବସ୍ତୁ ତା'ର କେନ୍ଦ୍ରଠାରୁ ଦୂରକୁ ବିଚ୍ଛୁରିତ ବା ବିଶୃଙ୍ଖଳିତ ହୋଇଥାଏ। ତାହା ପ୍ରତ୍ୟେକ ବସ୍ତୁର ଧର୍ମ। ସଜାଡ଼ି ହେବା ନୁହେଁ, ବିଗାଡ଼ି ହେବା ବସ୍ତୁର ପ୍ରବୃତ୍ତି। ଶକ୍ତି, ସାମର୍ଥ୍ୟ, ପ୍ରୟୋଗ କରି ଏସବୁକୁ ସଜାଡ଼ିବାକୁ ପଡ଼େ। ଏହି ପରିପ୍ରେକ୍ଷୀରେ ବିଚାର କଲେ ମାନବ ସମାଜ ମଧ୍ୟ ସ୍ୱତଃ ସଜାଡ଼ି ହୁଏ ନାହିଁ, ତାକୁ ସଜାଡ଼ିବାକୁ ପଡ଼େ। ବିଭିନ୍ନ ଯୁଗରେ ଅନେକ ଅଘଟଣ ଓ ଅପଶକ୍ତି ଆମ ସମାଜକୁ ବିଶୃଙ୍ଖଳିତ କରି ଆସିଛନ୍ତି। ସେଗୁଡ଼ିକୁ ସଜାଡ଼ିବା ପାଇଁ ଆମର ହିତୋପଦେଶ, ନୀତିବାଣୀ, ଅନୁଶାସନର ଆବଶ୍ୟକତା ରହିଛି, ଯାହାର ମୂଳ ଉତ୍ସ ହେଉଛି ଆମ ବେଦ, ଉପନିଷଦ, ରାମାୟଣ, ମହାଭାରତ, ପୁରାଣ ଆଦି ବିଭିନ୍ନ ଶାସ୍ତ୍ର ସଂହିତା।

ଆଜି ଆମେ ମଣିଷକୁ ଯେଉଁ ରୂପରେଖରେ ଦେଖୁଛୁ, ସେସବୁ ସମ୍ଭବ ହୋଇଛି କେବଳ ଆମର ଶାସ୍ତ୍ର ସଂହିତା ହେତୁ। ମଣିଷର ସଭ୍ୟତା କେବଳ ବଞ୍ଚି ରହିଛି ନୁହେଁ, ତାହା ସଂସ୍କୃତିସମ୍ପନ୍ନ ହୋଇ ବଞ୍ଚିଛି। ସଭ୍ୟତାର ଯେ ଅଧୋଗତି ହୋଇନାହିଁ, ମଣିଷ ସମାଜ ବିଲୟମୁଖୀ ହୋଇନାହିଁ, ତାହା ନୁହେଁ; ତଥାପି ଗୋଟିଏ ସନ୍ତୁଳିତ ସମାଜ ଗଠନ ସମ୍ଭବ ହୋଇଛି କେବଳ ଆମ ପୂର୍ବଜଙ୍କ ଦ୍ୱାରା ରଚିତ ଓ ସାମ୍ପ୍ରତିକ ଯୁଗ ପର୍ଯ୍ୟନ୍ତ ଅବ୍ୟାହତ ରହିଥିବା ସୃଜନ କର୍ମ, ଯାହା ଯୁଗେ ଯୁଗେ ଧର୍ମ ସଂସ୍ଥାପନା ଓ ଦୁଷ୍କୃତଙ୍କ ବିନାଶ କର୍ମ ପାଇଁ ସମ୍ଭବ ହୋଇ ପାରିଛି। ଦୟା, କ୍ଷମା, କରୁଣା, ସେବା, ପରୋପକାର ଆଦିର ଜୟଗାନ; ଅସତ୍ୟ, ଅନ୍ୟାୟ, ଅଧର୍ମ, ଅପକର୍ମର ନିନ୍ଦାଗାନ ପ୍ରାୟ ପ୍ରତ୍ୟେକ ସାହିତ୍ୟର ଲକ୍ଷ୍ୟ ଥାଏ। ଏହା ମଣିଷ ସମାଜକୁ ସଂଯତ, ଶୃଙ୍ଖଳିତ କରେ। ଅପର ପକ୍ଷେ, ଶାସ୍ତ୍ର ସଂହିତା ନିର୍ଦ୍ଦେଶିତ ନୀତି ନିର୍ଦ୍ଦେଶ କିମ୍ବା ଧର୍ମୋପଦେଶ ନହେଉ, ଯେଉଁମାନେ ସାରସ୍ୱତ କର୍ମରେ ଲିପ୍ତ ରହନ୍ତି ଓ ଏଥିପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରନ୍ତି, ସମାଜକୁ ଶୃଙ୍ଖଳିତ କରିବା ପାଇଁ ମଧ୍ୟ ସେମାନଙ୍କର ଅବଦାନ କମ୍ ନୁହେଁ। ମଣିଷ ଆଳସ୍ୟଗ୍ରସ୍ତ ହୋଇ ରହିଲେ ଅଥବା ନିଜକୁ କୌଣସି ସର୍ଜନାତ୍ମକ କାର୍ଯ୍ୟରେ ନିଯୋଗ ନ କରି ପାରିଲେ ତା' ମସ୍ତିଷ୍କ ସଇତାନର ବାସଗୃହ ହୋଇଯାଏ। ଅହରହ ନକାରାତ୍ମକ ଚିନ୍ତାଧାରା ଦ୍ୱାରା ଅନେକ ସାମାଜିକ ବିଭ୍ରାଟ ସୃଷ୍ଟି ହୋଇଥାଏ। ବିଶେଷତଃ, ଯେଉଁମାନେ ସର୍ଜନାତ୍ମକ କର୍ମରେ ଲିପ୍ତ ରହନ୍ତି, ସେମାନଙ୍କ ମଧ୍ୟରେ ଖୁବ୍ କମ୍



ଅପରାଧ ପ୍ରବଣତା ପରିଲକ୍ଷିତ ହୁଏ। ନିଜକୁ ସୃଜନମନସ୍କ କରି ରଖିବାରେ ଏମାନେ ଖୁବ୍ ଆତ୍ମତୃପ୍ତି ପାଇ ଥାଆନ୍ତି। ସେମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସାହିତ୍ୟକୁ ଲୋକ ଲୋଚନକୁ ଆଣିବା ପାଇଁ ଯେଉଁମାନେ ପ୍ରମୁଖ ଭୂମିକା ନେଇଥାନ୍ତି, ସେମାନଙ୍କ ମଧ୍ୟରେ ଥାଆନ୍ତି ଡିଟିପି ଅପରେଟର, ପ୍ରଚ୍ଛଦପଟ୍ଟ ଆଙ୍କୁଥିବା ଚିତ୍ରକର, ଲେଖାଗୁଡ଼ିକୁ ସଂଗୃହୀତ କରି ପୁସ୍ତକ ରୂପ ନେବା ପାଇଁ ସକ୍ରିୟ ଥିବା ପ୍ରକାଶକ ପ୍ରଭୃତି ବିଶେଷ ସଂସ୍ଥା, ବିକ୍ରେତା ଆଦି। ଏମାନେ ସମସ୍ତେ ଯେତେବେଳେ ଏହି ସୃଜନ ଯାତ୍ରାର ଅଂଶବିଶେଷ ହୋଇ ଯାଆନ୍ତି, ସେମାନଙ୍କ ଭିତରେ ପରସ୍ପର ସ୍ନେହ ସୌହାର୍ଦ୍ଦ୍ୟ, ପ୍ରେମ ସହାନୁଭବତା ଜାଗରୁକ ହୋଇଥାଏ। ଫଳରେ, କୌଣସି ନକାରାତ୍ମକ ଚିନ୍ତା ଚେତନା ସେମାନଙ୍କୁ ଆକ୍ରମଣ କରେ ନାହିଁ। ଅବଶ୍ୟ ଅର୍ଥ ଅନର୍ଥର ମୂଳ ଭାବରେ କେତେବେଳେ କେମିତି ଛୋଟ ମୋଟ ବିଭ୍ରାଟ ଯେ ହୋଇ ନଥାଏ, ତାହା ନୁହେଁ; ମାତ୍ର ଅନ୍ୟ କ୍ଷେତ୍ରମାନଙ୍କ ପରି ସାରସ୍ୱତ ଜଗତରେ ବିରାଟ ଆକାରର କେଲେଙ୍କାରୀ ହୋଇ ନଥାଏ। ଯେଉଁ ବଡ଼ ବଡ଼ କେଲେଙ୍କାରୀ ସଚରାଚର ପରିଲକ୍ଷିତ ହୁଏ, ସେଥିରେ ସମାଜର ସବୁ ବର୍ଗର ଲୋକ ସଂଶ୍ଳିଷ୍ଟ ଥିଲେ ସୁଦ୍ଧା ସାହିତ୍ୟିକମାନେ କ୍ୱଚିତ୍ ଏହି ଅପରାଧିକ କାର୍ଯ୍ୟକଳାପରେ ସାମିଲ୍ ହେବା ପରିଲକ୍ଷିତ ହୁଏ।

ସାହିତ୍ୟମନସ୍କ କଳାପ୍ରବଣ ବ୍ୟକ୍ତିମାନେ ପ୍ରାୟତଃ ଅଧିକ ଭାବପ୍ରବଣ ହୋଇଥିବାରୁ ସେମାନେ ହିଂସାବାଦ, ଈର୍ଷା, ଅସୂୟା ପ୍ରଣୋଦିତ ଜଘନ୍ୟ କାର୍ଯ୍ୟକଳାପଠାରୁ ଦୂରରେ ରହନ୍ତି। ଯଥା ସମ୍ଭବ ପରସ୍ପର ଭିତରେ ସଦ୍‌ଭାବ ପ୍ରତିଷ୍ଠା କରିବା ଏମାନଙ୍କର ଲକ୍ଷ୍ୟ ଥାଏ। ପରସ୍ପର ସ୍ନେହାନୁବନ୍ଧ ହୋଇ ଏକ କୋମଳ ସ୍ନିଗ୍ଧ ଭାବନା ଜଗତରେ ସର୍ବଦା ବିଚରଣ କରନ୍ତି। ସେମାନଙ୍କର ଏହି ଅତୀନ୍ଦ୍ରିୟ ଜଗତରେ ପଦ୍ମଭୁକ୍ ହୋଇ ରହିବାରେ ବେଶ୍ ଆନନ୍ଦ ଅନୁଭବ କରନ୍ତି। କଳ୍ପନା ଜଗତରେ ଏମିତି ଏକ ଦୁନିଆ କାମନା କରନ୍ତି, ଯେଉଁଠି କେବଳ ସୁଖ ଶାନ୍ତି, ସହାବସ୍ଥାନ ଓ ସହାନୁଭବତା ବିରାଜମାନ କରୁଥିବ। ମଣିଷ ଜୀବନରେ କର୍ମଫଳକୁ ଆଧାର କରି ପୃଷ୍ଠା ପୃଷ୍ଠା ଲେଖିବା; ଏକ କାଳ୍ପନିକ ବାସ୍ତବତା ଆଧାରିତ ଜଗତରେ ବଞ୍ଚିବା ସେମାନଙ୍କର ଏକ ନିଆରା ଅନୁଭବ। କୌଣସି ଶୋଷଣ, ପୀଡ଼ନ, ଦମନ, ଯୁଦ୍ଧ, ଅଶାନ୍ତି, ପ୍ରତାରଣା, ପ୍ରବଞ୍ଚନାର ଦୁନିଆଠାରୁ ସେମାନେ ଦୂରରେ ରହନ୍ତି। ପ୍ରେମ, ପ୍ରୀତି, ପ୍ରଣୟର ପାର୍ବଣରେ ସେମାନଙ୍କ ଜଗତ ସର୍ବଦା ଉଲ୍ଲସିତ ଥାଏ। ଏକ ଅତୀନ୍ଦ୍ରିୟ ଜଗତରେ ପରିଭ୍ରମଣ କରୁଥିବାରୁ ସେମାନେ ବସ୍ତୁବାଦୀ ଚେତନାର ଊର୍ଦ୍ଧ୍ୱରେ ରହନ୍ତି। ଏହି ମାନସିକତା କେବଳ ସେମାନଙ୍କୁ ଅଭିଷିକ୍ତ କରି ନଥାଏ, ଅନେକାଂଶରେ ସେମାନଙ୍କ ପରିବାର, ବନ୍ଧୁବର୍ଗ ମଧ୍ୟ ଏହି ମାନସିକତାରେ ପ୍ରଭାବିତ ହୋଇଥାନ୍ତି। ତେଣୁ ସେମାନଙ୍କ ଲେଖାର ପ୍ରଭାବ ଯାହା ସମାଜରେ ପଡ଼େ, ତା' ଅପେକ୍ଷା ଏହି ବ୍ୟକ୍ତିତ୍ୱମାନେ ପରିବେଶକୁ ଯଥା ସମ୍ଭବ ଶାଳୀନ ସଂସ୍କାରିତ, ପରିମାର୍ଜିତ ଓ ତ୍ରୁଟିଶୂନ୍ୟ କରି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଏମାନେ ସାହିତ୍ୟ ଲେଖିବା ସହ ସଭା ସମିତି, କବିତା ଆସର ସାହିତ୍ୟ ଖଟିମାନଙ୍କରେ ଅନେକ ସମୟ ଅତିବାହିତ କରନ୍ତି। ଜୀବନଟାକୁ ହାସ୍ୟମଜା ମଜଲିସ୍ ମହୋତ୍ସବ ମଧ୍ୟରେ ଜୀବନ ବିତାଇ ଦିଅନ୍ତି ତ ଆଉ କେହି ସ୍ୱେଚ୍ଛାକୃତ ଭାବରେ ଏକ ଉଦାସ ପୃଥିବୀରେ ଜୀବନ ବଞ୍ଚନ୍ତି। ସମାଜକୁ ସଦାସର୍ବଦା ଉତ୍ତମ ସନ୍ଦେଶ ସମାଚାର ଦେବା ସେମାନଙ୍କର ନୈତିକତାବୋଧ ବୋଲି ସେମାନେ ଅନୁଭବ କରନ୍ତି। ସମାଜରେ ସ୍ନେହ ସୌହାର୍ଦ୍ଦ୍ୟ ଭ୍ରାତୃତ୍ୱ, ମୈତ୍ରୀ, ଦୟା, କ୍ଷମା, କରୁଣା ସଦା ବିରାଜିତ ହେଉ ବୋଲି ଆଶା କରି କାଳାତିପାତ କରନ୍ତି। କେବଳ ଆଶା କରି ନୁହେଁ, ଯଥା ସମ୍ଭବ ନିଜେ ମଧ୍ୟ ନିଜ ଆଚରଣ ଉଚ୍ଚାରଣରେ ଭାରସାମ୍ୟ ରକ୍ଷା କରିଥାନ୍ତି। ସମାଜରେ ଘଟୁଥିବା ଅସଙ୍ଗତି ବିସଙ୍ଗତିକୁ ସେମାନେ ଗ୍ରହଣ କରନ୍ତି ନାହିଁ। ପ୍ରତିବାଦର ସ୍ୱର ପ୍ରଥମେ ସେମାନେ ତାଙ୍କ କଲମ ମୁନରେ ଉଠେଇଥାନ୍ତି।

ଏହି ସୃଜନ କର୍ମରେ ନିୟୋଜିତ ହୋଇ ରହିଥିବା ସମାଜର ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଲୋକଙ୍କ ଦ୍ୱାରା ଯେ ନିଶ୍ଚିତ ଭାବେ ସମାଜ ଉପକୃତ ହେଉଛି, ତାହା ଅସ୍ୱୀକାର କରିହେବ ନାହିଁ। ଚିନ୍ତା କରନ୍ତୁ ତ ଥରେ ଏହି ସମ୍ଭ୍ରାନ୍ତ କାର୍ଯ୍ୟରେ ନିୟୋଜିତ ହୋଇ ନଥାନ୍ତେ, ତେବେ କ'ଣ କରିଥାନ୍ତେ? ସମାଜରେ ଯେଉଁ ପରିମାଣରେ ଛତ୍ରେ ଛତ୍ରେ ହତ୍ୟା, ଧର୍ଷଣ, ଷଡ଼ଯନ୍ତ୍ର, ଜାଲିଆତି, ଅର୍ଥ ତୋଷରପାତ, ସାଇବର କ୍ରାଇମ୍ ପ୍ରଭୃତି କାର୍ଯ୍ୟକଳାପ ବୃଦ୍ଧି ହେଉଛି, ସାରସ୍ୱତ କର୍ମୀମାନେ ଯଦି ସେଥିରେ ସାମିଲ୍ ହୋଇଥାନ୍ତେ କି ପ୍ରକାର ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥାନ୍ତା।

ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ
ବ୍ଲକ୍ ସି, ୨୧୩, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୭୦୩୩୦୭୪
basantimohanty12@gmail.com

# ରାକେଶଙ୍କଠାରୁ ଶୁଭାଂଶୁ ଓ ତା' ପରେ

ଏକଚାଳିଶ ବର୍ଷ ପୂର୍ବେ ଭାରତ ଏକ ସୋଭିଏତ୍ ମହାକାଶ ଯାନରେ ରାକେଶ ଶର୍ମାଙ୍କୁ ମହାକାଶକୁ ପ୍ରେରଣ କରି ଯେଉଁ ଛୋଟ ପଦକ୍ଷେପଟିଏ ନେଇଥିଲା, ତାହା ଆଜି ଏକ ବଡ଼ ପଦକ୍ଷେପରେ ପରିଣତ ହୋଇଛି; ଆକ୍ସିଅମ୍-୪ ମିଶନ୍ ସଫଳତାର ସହିତ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ରେ ପହଞ୍ଚି ପାରିଛି ଏବଂ ଭାରତୀୟ ବାୟୁ ସେନାର ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ଆଇଏସ୍ଏସ୍‌ରେ ଅବତରଣ କରିବାରେ ପ୍ରଥମ ଭାରତୀୟ ହୋଇ ଇତିହାସ ରଚନା କରିଛନ୍ତି। ସୂଚାଇ ଦିଆଯାଇପାରେ କି, ଆଇଏସ୍ଏସ୍ ହେଉଛି ଏକ ବୈଶ୍ୱିକ ସହଯୋଗିତାମୂଳକ ମହାକାଶ ଗବେଷଣାଗାର। ଉପର ବର୍ଣ୍ଣିତ ଦୁଇ ଭାରତୀୟ ମହାକାଶଚାରୀଙ୍କ ମଧ୍ୟରେ ତୁଳନା କରିବା ଅତି ସହଜ କଥା- ଶ୍ରୀଯୁକ୍ତ ଶର୍ମାଙ୍କ ସମୟରେ ଭାରତ କହିବାକୁ ଗଲେ ମହାକାଶରେ ପଦ ଚାରଣ କରି ଆଇଏସ୍ଏସ୍‌ରେ ଗବେଷଣା କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ନୂଆ ଥିଲା। କିନ୍ତୁ ଆଜିକା ସମୟରେ ଆକ୍ସିଅମ୍ ମିଶନ୍‌ର ଅନ୍ୟ ସଦସ୍ୟମାନଙ୍କ ସହିତ ମିଶି ଶ୍ରୀଯୁକ୍ତ ଶୁକ୍ଲା କୃଷି ଏବଂ ସ୍ୱାସ୍ଥ୍ୟ ଭଳି ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରମାନଙ୍କ ସହିତ ସଂଶ୍ଳିଷ୍ଟ ଜଟିଳ ଗବେଷଣାମାନ କରିବା ଆଶା କରାଯାଉଛି। ରାକେଶ ଶର୍ମାଙ୍କ ବ୍ୟତୀତ ଆହୁରି ନିହାତି କମ୍‌ରେ ଚାରିଜଣ ଭାରତୀୟ ମୂଳ ଥିବା ବ୍ୟକ୍ତି ମହାକାଶକୁ ଯାଇ ପୃଥିବୀର କକ୍ଷପଥ ବା ଉପ-କକ୍ଷପଥରେ ପହଞ୍ଚି ସେମାନଙ୍କ ନିଜ ସହିତ ଦେଶକୁ ଗୌରବାନ୍ୱିତ କରିଛନ୍ତି। ସେମାନଙ୍କ ମଧ୍ୟରୁ ତିନି ଜଣ ଭାରତୀୟ ବଂଶୋଦ୍ଭବ- ମୁଖ୍ୟତଃ କଳ୍ପନା ଚାୱଲା (୧୯୯୭ ଏବଂ ୨୦୦୦), ସୁନୀତା ୱିଲିୟମ୍ସ (୨୦୦୬,୨୦୧୨,୨୦୨୪) ଏବଂ ସିରିଶା ବାନ୍ଦଲା (୨୦୨୧), ଯେତେବେଳେ କି ଜଣେ ଭାରତୀୟ ନାଗରିକ ଗୋପିଚାନ୍ଦ ଠୋଟାକୁରା ୨୦୨୩ରେ ପ୍ରଥମ ଭାରତୀୟ ସାଧାରଣ ନାଗରିକ ମହାକାଶ ପର୍ଯ୍ୟଟକ ଭାବରେ ମହକାଶରେ ବିଚରଣ କରି ସାରିଛନ୍ତି। ତେବେ ଜୁନ୍ ୨୫ ତାରିଖରେ ମହାକାଶକୁ ଯାଇଥିବା ସ୍ପେସ୍ ଏକ୍ସ ଫାଲ୍‌କନ୍-୯ ଏବଂ ଆକ୍ସିଅମ୍ ମିଶନ୍ ୪ (ଏଏକ୍ସ-୪) ମାଧ୍ୟମରେ କ୍ରିଉ ଡ୍ରାଗନ୍ କ୍ୟାପ୍‌ସୁଲ୍ 'ଗ୍ରେସ୍' ହେଉଛି ସ୍ୱତନ୍ତ୍ର: ଶର୍ମାଙ୍କ ମହାକାଶ ଯାନ ଭଳି ନ ହୋଇ ଏଥିରେ ଶୁକ୍ଲା ମହାକାଶ ଯାନ ଚାଳନା କରିବାର ଅନୁଭୂତି ଅର୍ଜନ କରିବେ। ଭାରତର ଗଗନ ଯାନ-୪ର କମାଣ୍ଡର ଭାବରେ କାର୍ଯ୍ୟ କରିବା ନିମନ୍ତେ ସମ୍ପ୍ରତି ତାଙ୍କ ଉପରେ ଆଶା ରଖାଯାଇଛି ଏବଂ ସେଥିପାଇଁ ସେ ପ୍ରତୀକ୍ଷାରତ, ଯାହା ୨୦୨୭ ଡିସେମ୍ବରରେ ମହାକାଶକୁ ପ୍ରେରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ମଧ୍ୟ ଆଶା କରାଯାଉଛି ଯେ ଗଗନ ଯାନ-୪ ଭାରତର ମହାକାଶ ମହତ୍ତ୍ୱାକାଂକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ବସ୍ତୁତଃ, ଚଳିତ ଅଭିଯାନରୁ ଶ୍ରୀଯୁକ୍ତ ଶୁକ୍ଲାଙ୍କ ଦ୍ୱାରା ମହାକାଶରେ ଆହରଣ କରାଯିବାକୁ ଥିବା ସ୍ୱଳ୍ପ ସମୟର ରହଣିଜନିତ ଜ୍ଞାନ ସେତେବେଳେ ଭାରତର ମହାକାଶକୁ ମାନବ ପ୍ରେରଣ କରିବାର ମିଶନ୍ କ୍ଷେତ୍ରରେ ଢେର୍ ସହାୟକ ହେବ।

ଭାରତର ମହାକାଶ କାର୍ଯ୍ୟକ୍ରମ ଭିତରେ ଘଟିଥିବା ପରିବର୍ତ୍ତନଗୁଡ଼ିକ ବ୍ୟାପକ, ବୈଶ୍ୱିକ ପରିବର୍ତ୍ତନଗୁଡ଼ିକୁ ପ୍ରତିଫଳିତ କରୁଛି। ଏଭଳି ପରିସ୍ଥିତିରେ ଏହା ଯେହେତୁ ଭାରତର ମହାକାଶ ଅଭିଯାନର ଏକ ଉପକ୍ରମଣିକା, ତେଣୁ ଶୁକ୍ଲାଙ୍କ ଯାତ୍ରା ଯେ କୌଣସି ମହାକାଶ ସଂସ୍ଥାଠାରୁ- ତାହା ପ୍ରତିଯୋଗିତାରେ ଅବତୀର୍ଣ୍ଣ ଆମେରିକା କି ସୋଭିଏତ୍ ଋଷିଆଠାରୁ ଭାରତ ପାଇଁ ଅଧିକ ପ୍ରେରଣାଦାୟକ ହେବ ଅଭିଯାନ ନିମନ୍ତେ। ଏହା ପୃଥିବୀର ନିମ୍ନ ସ୍ତରର କକ୍ଷପଥରେ ଭାରତର ପାଦକୁ ସୁଦୃଢ଼ ଭାବରେ ଥାପିବା କ୍ଷେତ୍ରରେ ସାହାଯ୍ୟ କରିବା ସହିତ ଚନ୍ଦ୍ରଠାରୁ ଆରମ୍ଭ କରି ମହାକାଶର ଅନ୍ୟାନ୍ୟ ଗ୍ରହ ଉପଗ୍ରହରେ ଅନୁସନ୍ଧାନ କରିବାର ଉଦ୍ୟମରେ ପର୍ଯ୍ୟାପ୍ତ ସହାୟକ ହେବ। ଏହି ମିଶନ୍ ମଧ୍ୟ ପ୍ରଭୂତ ପରିମାଣର ପ୍ରତୀକାତ୍ମକ ପୁଞ୍ଜି ବହନ କରୁଛି। ଜୁନ୍ ୨୬ ତାରିଖରେ ଆଇଏସ୍ଏସ୍‌ରେ ମହାକାଶଚାରୀମାନେ ଅବତରଣ କରି ଘୂର୍ଣ୍ଣାୟମାନ ଗବେଷଣାଗାରରେ ଚାଲୁଥିବାର ଦୃଶ୍ୟକୁ ଲକ୍ଷ ଲକ୍ଷ ଭାରତୀୟ ସିଧା ପ୍ରସାରଣ ଜରିଆରେ ଦେଖି ପାରିଛନ୍ତି। ଶୁକ୍ଲାଙ୍କ ମହାକାଶ ପୋଷାକରେ ଭାରତର ଜାତୀୟ ପତାକାର ଚିହ୍ନ ସାରା ଦେଶର ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କୁ ଅନୁପ୍ରେରିତ କରିବ ଏଭଳି ମହତ୍ତ୍ୱାକାଂକ୍ଷା ପୋଷଣ କରିବା ପାଇଁ। ସେମାନଙ୍କ ମଧ୍ୟରୁ ହୁଏତ ଅନେକ ସଂଖ୍ୟକ ବିଜ୍ଞାନକୁ ସେମାନଙ୍କର ପାଠ୍ୟ ବିଷୟ ଭାବରେ ଗ୍ରହଣ କରି ଦେଶର ବର୍ତ୍ତମାନ ସୁଦ୍ଧା ପରିପକ୍ୱ ବୈଜ୍ଞାନିକ ପାରିବେଶିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବେ ଏବଂ ଦେଶ ସମ୍ମୁଖୀନ ହେଉଥିବା ଅନେକ ସମସ୍ୟାର ସମାଧାନ କରିବାରେ ସଫଳ ହେବେ।

ବର୍ତ୍ତମାନ ପର୍ଯ୍ୟନ୍ତ ଭାରତର ମହାକାଶ କାର୍ଯ୍ୟକ୍ରମ ଅଧିକତଃ ଦେଶର ବୈଷୟିକ ଅଗ୍ରଗତି ପାଇଁ ଆବଶ୍ୟକତା ଦ୍ୱାରା ପରିଚାଳିତ ହେଉଥିଲା। ଦେଶରେ ଅନେକ ଲକ୍ଷ ମହାକାଶପ୍ରେମୀ ରହିଥିବା ବେଳେ ଏହି ଧରଣର ମହାକାଶ କାର୍ଯ୍ୟକ୍ରମଗୁଡ଼ିକ ସେତିକି ବେଳେ ଦ୍ରୁତଗତି ଲାଭ କରି ପାରିବ, ଯେତେବେଳେ ଏହା ଲୋକମାନଙ୍କ ଧ୍ୟାନ ଆକର୍ଷଣ କରିବ। ତେବେ, ଏହା ଘଟିବା ପାଇଁ ସରକାର ଏବଂ ବୈଜ୍ଞାନିକମାନେ ଲୋକମାନଙ୍କୁ ମହାକାଶ ପ୍ରଯୁକ୍ତି ସହିତ ଯୋଡ଼ିବା ସହିତ ସାଧାରଣ ଲୋକଙ୍କ ଜୀବନକୁ ଅଧିକ ଉନ୍ନତ କରିବା ନିମନ୍ତେ ତା'ର ପ୍ରଚୁର ସମ୍ଭାବନାକୁ ଉନ୍ମୋଚନ କରିବାର ଆବଶ୍ୟକତା ରହିଛି। ବାହ୍ୟ ଜଗତ ବା ମହାକାଶକୁ ବୁଝିବା ଆମ ପାଇଁ ଅନେକ ପ୍ରକାରର ସମ୍ଭାବନା ବହନ କରି ଆଣିପାରେ। ଏହା ପୃଥିବୀ ଏବଂ ତା'ର ଅଧିବାସୀ ଲୋକମାନଙ୍କ ଦ୍ୱାରା ସାମ୍ନା କରାଯାଉଥିବା ଅନେକ ସଂଖ୍ୟକ ପ୍ରସଙ୍ଗ ବିଷୟରେ ସମସ୍ତଙ୍କୁ ଅନ୍ତର୍ଦୃଷ୍ଟି ପ୍ରଦାନ କରିପାରେ। ତେଣୁ ଶୁଭାଂଶୁ ଶୁକ୍ଲାଙ୍କ ଆଇଏସ୍ଏସ୍‌ରେ ପଦାର୍ପଣ କେବଳ ଏକ 'ଐତିହାସିକ' ଘଟଣାକ୍ରମ ନୁହେଁ, ବରଂ ଏକ ଉତ୍ପ୍ରେରକ। ଏହା ରାକେଶ ଶର୍ମାଙ୍କ ଦ୍ୱାରା ପ୍ରଦର୍ଶିତ ପଥ ଓ ଗୌରବକୁ ଗଗନ ଯାନ ମାଧ୍ୟମରେ ନିଜର ଉଚ୍ଚାଭିଳାଷ ପୂରଣ କରିବା ପଥରେ ଅଗ୍ରସର ହୋଇ ଚନ୍ଦ୍ର ଏବଂ ତା'ଠାରୁ ଆହୁରି ଆଗକୁ ଆଗକୁ ଅନୁସନ୍ଧାନ କରିବା ନିମନ୍ତେ ଏକ ଉଦୀୟମାନ ଶକ୍ତିର ପ୍ରସ୍ତୁତି ସହିତ ସଂଯୁକ୍ତ କରିବାରେ ଯଥେଷ୍ଟ ସହାୟକ ହୋଇ ପାରିଛି।

# ମୂର୍ତ୍ତି ଓ କୀର୍ତ୍ତି

କିଛି ମଣିଷ ଜିଇଁ ରହିବା ପାଇଁ ଯେତିକି ଚେଷ୍ଟା କରନ୍ତି, ଦେହାନ୍ତ ପରେ ବଞ୍ଚି ରହିବାକୁ ଅଧିକ ଯୋଜନା କରିଥାନ୍ତି। କେହି କେହି ସେଥିପାଇଁ ନିଜର ମୂର୍ତ୍ତି ମଧ୍ୟ ଗଢ଼ାଇ ଥାଆନ୍ତି। ବ୍ୟକ୍ତିର ଦେହାନ୍ତ ପରେ ତା' ମୂର୍ତ୍ତି କିପରି ପରିତ୍ୟକ୍ତ ହୋଇ ପଡ଼ିରହେ, ତାହା ଆମେ ଜାଣନ୍ତି। ତଥାପି କିଛି ଲୋକ ଏହି ମୂର୍ତ୍ତିର ମୋହରେ ପଡ଼ି ଯାଆନ୍ତି। ଆଉ କିଛି ଲୋକ ନିଜ ପିତା, ମାତା, ଗୁରୁ ବା କୌଣସି ପ୍ରତିଷ୍ଠିତ ଲୋକଙ୍କର ମୂର୍ତ୍ତି ଶ୍ରଦ୍ଧାରେ ମଧ୍ୟ ଗଢ଼ାଇ ଥାଆନ୍ତି। ପୁଣି କେହି ନିଜର ମୂର୍ତ୍ତି କରାଇବାକୁ ନାପସନ୍ଦ କରି ଥାଆନ୍ତି। ମୂର୍ତ୍ତି ଅପେକ୍ଷା କୀର୍ତ୍ତି ଯେ ଦୀର୍ଘ ଦିନ ବଞ୍ଚାଇ ରଖେ, ଏ କଥାଟି ବୁଝିଥିବା ମଣିଷ ନିଜର ମୂର୍ତ୍ତିକୁ ବିଶେଷ ପସନ୍ଦ କରି ନଥାନ୍ତି। ଏ ନେଇ ଉଦାହରଣଟିଏ।

କାଶୀରେ ଚତୁର୍ମାସ୍ୟା ବ୍ରତ କରୁଥିଲେ ସନାତନ ଧର୍ମ ଜଗତର ଜଣେ ବିଭୁତି କରପାତ୍ରୀଜୀ ମହାରାଜ। ତାଙ୍କ ନିକଟରେ କଲିକତାରୁ ଜଣେ ଶେଠ୍ ପହଞ୍ଚି କହିଲେ- 'ମହାରାଜ, ମୁଁ ରାଧା-କୃଷ୍ଣଙ୍କର ମନ୍ଦିର ନିର୍ମାଣ କରାଇଛି।'


'ଖୁବ୍ ଭଲ କଥା'- ଉତ୍ତର ଦେଲେ କରପାତ୍ରୀଜୀ ମହାରାଜ।

ଶେଠ୍ କହିଲେ- 'ସେହି ମନ୍ଦିର ପରିସରରେ ଆପଣଙ୍କ ଗୁରୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କର ଗୋଟିଏ ମୂର୍ତ୍ତି ସ୍ଥାପନ କରାଇବାକୁ ଚାହୁଁଛି। ଆଉ ସେହି ମୂର୍ତ୍ତିର ପ୍ରତିଷ୍ଠା କାର୍ଯ୍ୟ ଆପଣଙ୍କ କର କମଳରେ ହେବା ପାଇଁ ଚାହୁଁଛି।'

କରପାତ୍ରୀଜୀ ନିରବରେ ବସି ରହିଲେ। କିଛି ସମୟ ପରେ କହିଲେ- 'ଶେଠ୍‌ଜୀ! ଭାରତ ହେଉଛି ଋଷିମୁନି ଓ ସନ୍ଥମାନଙ୍କର ଦେଶ। ଏଠାରେ ବହୁ ସାଧୁସନ୍ଥ ଜନ୍ମଗ୍ରହଣ କରିଛନ୍ତି। କେବଳ ସେତିକି ନୁହେଁ, ଦେବଦେବୀମାନେ ମଧ୍ୟ ଏହି ଭୂମିରେ ଅବତାର ନେଇ ଆସି ଥାଆନ୍ତି। ସେମାନଙ୍କ ପାଇଁ ଅନେକ ମନ୍ଦିର, ଉପାସନା ପୀଠ ନିର୍ମିତ ହୋଇଛି। ଏବେ ଏହିସବୁ ସ୍ଥାନରେ ଉପାସନା କରିବା ପାଇଁ ଲୋକମାନଙ୍କ ଭିତରେ ଶ୍ରଦ୍ଧା, ଭକ୍ତିର ଅଭାବ ଦେଖା ଦେଲାଣି। ପୁଣି ଜଣେ ମଣିଷଙ୍କର ମୂର୍ତ୍ତି କରି ଉପାସନା ଆରମ୍ଭ କରିବାର କୌଣସି ଆବଶ୍ୟକତା ନାହିଁ। ମହାପୁରୁଷମାନଙ୍କର ମୂର୍ତ୍ତିକୁ ଉପାସନା କରିବା ଅପେକ୍ଷା ସେମାନଙ୍କ କୀର୍ତ୍ତିକୁ ପ୍ରଚାର ପ୍ରସାର କରିବା ଏବଂ ସେମାନେ ଦେଇଥିବା ବାର୍ତ୍ତାକୁ ପାଳନ କରିବା ଦ୍ୱାରା ଉପଯୁକ୍ତ ଉପାସନା ହୋଇଥାଏ। ଯଦିଓ ଆପଣ ମୋ ଗୁରୁଙ୍କର ମୂର୍ତ୍ତି ସ୍ଥାପନ କରିବାକୁ ଚାହୁଁଛନ୍ତି, ତଥାପି ମୁଁ ରାଜି ନୁହେଁ। କାରଣ ତୁମେ ଥିବା ପର୍ଯ୍ୟନ୍ତ ସେହି ମୂର୍ତ୍ତିକୁ ହୁଏତ ସମ୍ମାନ ଦେବ। କିନ୍ତୁ ତୁମ ପରେ ଆଉ କେହି ସେ ମୂର୍ତ୍ତି ପ୍ରତି ଆଗ୍ରହ କରିପାରେ ବା ନପାରେ। ମୂର୍ତ୍ତି ନୁହେଁ, ସେମାନଙ୍କ କୀର୍ତ୍ତିକୁ ସ୍ମରଣ କରିବା ହିଁ ପ୍ରକୃଷ୍ଟ ଉପାସନା।

# ହସିବା ମନା

ହସର ଖୋରାକ ମିଳିଲେ ହସିବା ଥୟ ଯେ, ସ୍ଥାନ, କାଳ ଓ ପାତ୍ର ବିଶେଷରେ ହସକୁ ରୋକିବାକୁ ପଡ଼େ। ଖୁସିବାସିର କଥା ହସ ଯେ, ବେଳେବେଳେ ବାଧ୍ୟବାଧକତାରେ ପୁଣି ହସିବାକୁ ପଡ଼େ। ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ହସ ତ ହସ, ଅଳ୍ପସ୍ୱଳ୍ପ ଦାନ୍ତ ଦେଖାଇବା ବି ମନା। ନହେଲେ ଆଲୋଚନାର ଗାମ୍ଭୀର୍ଯ୍ୟ ପାଣି ପାଣି ହୋଇଯିବ। ସ୍ଥାନ ବିଶେଷରେ ଏହା ବର୍ଜିତ। ଯେପରିକି ଗୃହରେ, ବାହାରେ, ପୁଣି କାର୍ଯ୍ୟାଳୟ ଭିତରେ ବିଶେଷ ପରିସ୍ଥିତିରେ, କାହାର ଅନିଷ୍ଟ ନହେବା ପାଇଁ ହସିବା ବର୍ଜିତ। ସେହିପରି ଏମିତି ସମୟ ଆସେ, ମୁହୂର୍ତ୍ତ ଆସେ, ଯେଉଁଠାରେ ହସ ଫୁଟେନାହିଁ। ପାତ୍ର ବୋଇଲେ ନାରୀ ପୁରୁଷ, ପୁଅ ଝିଅ ବା ଅନ୍ୟମାନେ। ଯେପରି ନବବଧୂଙ୍କୁ ସ୍ମିତହାସ୍ୟ ଛଡ଼ା ମନଖୋଲା ହସ



ବିଜୟ ଦାସ

ହସିବାର ଅନୁମତି ନଥାଏ; ସେହିପରି ଗ୍ରହଣ କରିବାକୁ ଅନିଚ୍ଛୁକ ଝିଅକୁ ପୁଅଟିର ସ୍ମିତହାସ ବର୍ଜିତ। ଅନିଚ୍ଛୁକ ପୁଅକୁ ଝିଅଟିର ହସ ନିଶ୍ଚେ ପିତା ଲାଗେ। ଏଣୁ ବର୍ଜନ ବାଞ୍ଛନୀୟ।

ହସର ଅନେକ ପ୍ରକାରଭେଦ। ଚାପା ହସ, ମୁରୁକି ହସ, ଖୋଲା ହସ, ତାତ୍ସଲ୍ୟ ହସ, ବିସ୍ଫୋରକ ହସ, ଅଟ୍ଟହାସ୍ୟ, କଟାକ୍ଷ ହସ ଓ ଆଖିର ହସ ଇତ୍ୟାଦି। କେଉଁ ସମୟରେ କେଉଁ ହସର ତାତ୍ପର୍ଯ୍ୟ ରହିଛି, ତାହା ମଧ୍ୟ ତର୍ଜମାସାପେକ୍ଷ। ଦାନ୍ତ ନିକୁଟେଇ ହସର ମୂଲ୍ୟବୋଧ ବଢ଼େଇବା ଏକ ହାସ୍ୟାସ୍ପଦ କଥା। ଏତେ ସବୁ ପ୍ରତିବନ୍ଧକ ସତ୍ତ୍ୱେ ଅନେକ ମୁହଁ ଅଛି. ଯାହାକୁ ହସକୁରୀ/ହସକୁରା ମୁହଁ ବୋଲି କହି ପାରିବା। ସ୍ୱଭାବବଶତଃ ମୁହଁଟି ହସହସ ଦିଶେ ଓ ପ୍ରସନ୍ନତା ବାରିହୋଇ ପଡ଼େ। ସଦା ସର୍ବଦା ଖୁସିବାସିଆ ରହୁଥିବା ମଣିଷକୁ କେମିତି ହସିବାକୁ ମନା କରିବ ଯେ? 'ଅନ୍ତରେ କାନ୍ଦେ ବାହାରେ ହସେ ମୁଁ ଏହି ମୋର ପରିଚୟ/ ମରି ସାରିଛି ମୁଁ ଏବେ ବି କରୁଛି ବଞ୍ଚିବାର ଅଭିନୟ'- ଏପରି ଏକ ମାର୍ମିକ ଗୀତର ମର୍ମ ହେଲା ସବୁ ହସୁଥିବା ଲୋକ ଯେ ଖୁସିରେ ହସନ୍ତି, ତାହା ନୁହେଁ। ଛାତିରେ କୋହ ଚାପି, ଆଖିରେ ଲୁହ ଚାପି ବେଳେବେଳେ ଅନ୍ୟର ଖୁସି ପାଇଁ ହସିବାକୁ ପଡ଼େ।

କଥାରେ କହନ୍ତି, ରାମଙ୍କର ବାଣ ସହ୍ୟ କରିହେବ, କିନ୍ତୁ ବାନରଙ୍କର ଦାନ୍ତ ନିକୁଟା ସହି ହେବ ନାହିଁ। ଏହାର ମର୍ମ, ତାତ୍ସଲ୍ୟ ହସର ଯନ୍ତ୍ରଣା ବେଶୀ। ପିଲାବେଳେ ଖତେଇ ହେବାର ଏକ ବଦଭ୍ୟାସ ଓ କୁଅଭ୍ୟାସ ଅପଶବ୍ଦ ଉଚ୍ଚାରଣଠାରୁ ମଧ୍ୟ ବେଶୀ ବାଧକ। ଦାନ୍ତ ନଥାଇ ବି ସ୍ମିତହାସର ଅର୍ଥ ଶାନ୍ତି ଓ ଖୁସିର ପ୍ରତୀକ। ଯେପରିକି ଦାନ୍ତ ନ ଉଠିଥିବା ଶିଶୁର ଖୁସି ଓ ଦାନ୍ତ ପଡ଼ି ଯାଇଥିବା ବୟୋଜ୍ୟେଷ୍ଠଙ୍କ ସୁଖ ବାରିହୋଇ ପଡ଼େ। ଏମିତିରେ ପ୍ରେମ ପ୍ରୀତିରେ ମୌନ ଅବସ୍ଥାର ସ୍ମିତହାସ୍ୟ ଭଲ ପାଇବାର ପ୍ରତୀକ ଓ ସମର୍ଥନର ସ୍ମାରକ। ପ୍ରକାଶ୍ୟରେ ଶବ୍ଦାୟିତ ହାସ୍ୟ କେତେବେଳେ ବର୍ଜିତ ତ କେତେବେଳେ ମନଖୋଲା ହସର ରୂପରେଖ। ଏହିଠାରେ ଜଣେ ଜଣେ ସ୍ୱତନ୍ତ୍ର ବ୍ୟକ୍ତିଙ୍କ ହସରେ ବ୍ୟତିକ୍ରମ ଥାଏ। ଯେପରିକି ଜଣେ ହସି ଦେଲେ ସର୍ବନାଶ ଓ ରାଗିଗଲେ ଉପକାରୀ। ହଁ, ଏମିତି ବି ବ୍ୟକ୍ତି ଅଛନ୍ତି, ଯିଏ ନିଜର କର୍ମଚାରୀ ବା ଅଧସ୍ତନକୁ ଯଦି ବହିଷ୍କାର କରିବାକୁ ଚାହାନ୍ତି, ତେବେ ତାଙ୍କ ସହ ଉତ୍ତମ ବ୍ୟବହାର ପୂର୍ବକ ସ୍ମିତହାସ ଦିଅନ୍ତି। ଭାବନ୍ତି, ୟାଙ୍କଠାରୁ ମୋର ଭବିଷ୍ୟତରେ କିଛି କାମ ନେବାର ନାହିଁ, ଏଣୁ କ୍ରୋଧ କରିବାର ଆବଶ୍ୟକତା କ'ଣ? ପୁଣି ଯଦି କାହାକୁ ପଦୋନ୍ନତି ଦେବାର ଅଛି, ତେବେ ତାଙ୍କ ଉପରେ ଉତ୍ତେଜିତ ହେବାର ଲାଭ ବି ଅଛି। ସେ ନିଶ୍ଚେ ଭୟପୂର୍ବକ ସତର୍କତା ଓ ମନୋନିବେଶରେ ଉନ୍ନତି କରିବ। ତାଙ୍କ ଭାଷାରେ, ଏଠାରେ ହସିବା ମନା। ପୃଥିବୀରେ ସବୁଠାରୁ ଶସ୍ତା ଓ ଦାମୀ ଜିନିଷ ହେଲା ହସିବା। ହସିବାକୁ ପକେଟରୁ କିଛି ଖର୍ଚ୍ଚ କରିବାକୁ ପଡ଼େ ନାହିଁ କି ଶରୀରକୁ ପୀଡ଼ା ମଧ୍ୟ ଦିଆଯାଏ ନାହିଁ। ମାତ୍ର ଏହା ଅତ୍ୟନ୍ତ ମୂଲ୍ୟବାନ ଏଇଥିପାଇଁ ଯେ ଏହା ସମ୍ପର୍କକୁ ଯୋଡ଼େ, ମଜଭୁତ କରେ ତଥା ଖୁସିର ପ୍ରତୀକ ସାଜେ। ଏଣୁ ହସିବାକୁ ମନା କରିବା କ'ଣ ଦରକାର?

ଗମ୍ଭୀର ପରିସ୍ଥିତିରେ, କୌଣସି ଗମ୍ଭୀର ବିଷୟରେ ଆଲୋଚନା କରିବା ସମୟରେ ହସିବା ମନା। ଯଦିଓ ଯୁକ୍ତି ଉପସ୍ଥାପନ ବେଳେ କେହି କେହି ଅବାନ୍ତର, ଅଯୌକ୍ତିକ ତଥ୍ୟ ରଖନ୍ତି, ଯାହାକି ହାସ୍ୟ ଉଦ୍ଦୀପକ, ତେବେ ବି ପରିସ୍ଥିତିର ଗାମ୍ଭୀର୍ଯ୍ୟ ଓ ମର୍ଯ୍ୟାଦା ନିମିତ୍ତ ହସିବା ମନା। ସଖା ସହୋଦରଙ୍କ ମଧ୍ୟରେ ବା ସମାନ ସ୍ତରର ବ୍ୟକ୍ତିଙ୍କ ମଧ୍ୟରେ




ହାସ୍ୟରୋଳ ଏକ ସାଧାରଣ କଥା। କିନ୍ତୁ ଏଠାରେ ବିଦ୍ରୁପାତ୍ମକ ହାସ୍ୟ ନିଶ୍ଚେ ବର୍ଜନ କରିବା ଉଚିତ୍। ହସ ଯଦି କାହା ମନରେ ଦୁଃଖ ଦିଏ, ସେ ହସ ହସ ନୁହେଁ, ବିଷ। ରାବଣର ଅଟ୍ଟହାସ୍ୟ, କଂସର ଅଟ୍ଟହାସ୍ୟ, ଅସୁର ସମୁଦାୟର କିଳିକିଳା ରବ ନିଶ୍ଚେ ହିଂସ୍ରତାର ପ୍ରତୀକ। ଏହା ବିଶୃଙ୍ଖଳିତ ଜୀବମାନଙ୍କର ଆକ୍ରମଣାତ୍ମକ ଚିତ୍କାର। ଏପରି ହସ ନିଶ୍ଚେ ମାନବ ପାଇଁ ବର୍ଜିତ।

ଚାପା ହସ ଏକ ଗୁପ୍ତ ରହସ୍ୟର ପ୍ରତିଫଳନ ନତୁବା ସାମ୍ନାସାମ୍ନି ବିରୋଧ ନକରି କୌଣସି ଅଭିବ୍ୟକ୍ତିକୁ ନକାରାତ୍ମକ ଭାବ ଦେଖାଇବା। ଏଠାରେ ସଂଶୟ ସୃଷ୍ଟି କରେ ମନରେ। କିନ୍ତୁ ଆଖିର ହସ ଏକ ପ୍ରତୀକାତ୍ମକ ସମର୍ଥନର, ସମ୍ପର୍କର ପରିଭାଷା। ହସ ଓ ଖୁସି ଜାହିର କଲାବେଳେ କେବଳ ଓଠ ନୁହେଁ, ସାରା ମୁଖମଣ୍ଡଳର ରୂପ ବଦଳି ଯାଏ। ଏଥିରେ ପ୍ରମୁଖ ଭୂମିକା ନେଉଥିବା ଆଖି ହସିଦିଏ। ଏଣୁ ଆଖି କଥା କହିବା, ହସିବାର ଭାବ ଦେଖାଇବାର କାର୍ଯ୍ୟ ମଧ୍ୟ କରିଥାଏ। ଏ ହସକୁ ରୋକିବା ମଧ୍ୟ କଷ୍ଟ। କିନ୍ତୁ ହସର ଆନନ୍ଦ ନେବା ପାଇଁ ଚିହ୍ନରା ମଣିଷର ମଧ୍ୟ ଆବଶ୍ୟକତା ଥାଏ। କେବଳ ହସିଲା ତ ଫସିଲାର କଥା ନୁହେଁ; ବରଂ ହସିଲା ତ ସର୍ବନାଶ ଆସିଲାର ଘଟଣା ବି ଘଟିପାରେ।

# କାନ୍ଦିବା ମନା

ଲୁହ ଝରିବାର ତିନୋଟି କାରଣ ଅଛି। କେବଳ ଦୁଃଖରେ କିମ୍ବା ସୁଖରେ ମଣିଷ କାନ୍ଦେ ନାହିଁ, ସ୍ଥୂଳତଃ ଆଖିରେ କୌଣସି ବାଧା ହେଲେ, ଧୂଳିକଣା ଇତ୍ୟାଦି ପ୍ରବେଶ କଲେ ମଧ୍ୟ ଲୁହ ବାହାରେ। କିନ୍ତୁ କାନ୍ଦିବାର ଦୁଇଟି ରୂପ। ଖୁସିରେ କାନ୍ଦିବା ଓ ଦୁଃଖରେ କାନ୍ଦିବା। ଏଠାରେ କହିବା ବାହୁଲ୍ୟ ଯେ କୌଣସି ପରିସ୍ଥିତିରେ କାନ୍ଦିବା ମନା। ହସିବା ବେଶୀ ଓ କାନ୍ଦିବା କମ୍ ହେଉଛି ସୁଖୀ ମଣିଷର ମୂଳମନ୍ତ୍ର। ଏହାର ଅର୍ଥ ନୁହେଁ ଯେ ଦୁଃଖ ଆସିବ ନାହିଁ କି ସୁଖ ଆସିବ ନାହିଁ। ଦୁଃଖୀ ମଣିଷର ଧୈର୍ଯ୍ୟ ଧରିବା ଓ ସୁଖୀ ମଣିଷର ବିହ୍ୱଳିତ ନ ହେବାର ଭାବ ହିଁ କାନ୍ଦିବାଠାରୁ ଦୂରରେ ରଖିବ।

ଭାବରେ ଭାବରେ ଆନନ୍ଦାଶ୍ରୁ ହିଁ ପ୍ରଶାନ୍ତିର ଅନ୍ୟ ରୂପ। ଭଗବାନଙ୍କୁ ଧ୍ୟାନ କଲା ବେଳେ, ତାଙ୍କର ଭଜନ କୀର୍ତ୍ତନ କରିବା ସମୟରେ ଯେଉଁ ଲୋତକ ବାହାରେ, ତାହା ହିଁ ସ୍ୱତଃସ୍ଫୂର୍ତ୍ତ। ଏହାଦ୍ୱାରା ଚେତନା ଯେ ଊର୍ଦ୍ଧ୍ୱଗାମୀ, ଏକଥା ନିଶ୍ଚିତ। କାରଣ ବିଭୁ ସତ୍ତାର ସାନ୍ନିଧ୍ୟ ପାଇବା ହେଉଛି ମଣିଷର ଶେଷ ଇଚ୍ଛା। ପୁଣି ନପାଇ ପାରିବାର କ୍ଷଣରେ, ଗୁହାରି କରିବା ସମୟରେ ମଧ୍ୟ ଭାବ ବିଗଳିତ ହୁଏ। ଏହା ମଧ୍ୟ କାନ୍ଦିବାର ରୂପ। ଯେ କୌଣସି ମାନସିକ ଦୁଃଶ୍ଚିନ୍ତା ଓ ଶାରୀରିକ ପୀଡ଼ାରୁ ନିଶ୍ଚେ ଲୁହ ଝରେ। ଏହା ମଧ୍ୟ ସ୍ୱାଭାବିକ। କିନ୍ତୁ ଏ ସମସ୍ତର ଉପଶମ ପାଇଁ ଚେଷ୍ଟା କରିବା ଉଚିତ୍। ଏଠାରେ କାନ୍ଦିବା ମନା। ଅସଫଳତାର ନୂଆ ପରିଭାଷା ହେଉଛି ଲୁହ ଝରିବା।

ଅପରିଣାମଦର୍ଶୀମାନଙ୍କର ଦୁର୍ଦ୍ଦଶା କାନ୍ଦିବାରେ ଯାଏ। ଯେପରି ବେଳ ହୁଁ ସାବଧାନ ହେବା ଏହାର ମାର୍ଗଦର୍ଶିକା। ବାହାଘର ବେଳେ ବାଇଗଣ ଗଛକୁ ରୁଆ ଓ ବର୍ଷା ଆସିଲେ ଘର ଛପର କରିବା ଇତ୍ୟାଦି ଏହି ଅପରିଣାମ ଦର୍ଶନର କାର୍ଯ୍ୟାବଳୀ। ପ୍ରତିକାରଠାରୁ ପ୍ରତିରୋଧ ହିଁ ଶ୍ରେୟସ୍କର। ଏଠାରେ କାନ୍ଦିବା ମନା ଏକ ବୈକୁଣ୍ଠପୁରୀୟ ଆବହାଓ୍ୱା। ପରିବାର ଯଦି ସୁଖ ଶାନ୍ତି, ସୁସମ୍ପର୍କ ବର୍ଜିତ ହୁଏ, ତାହା କିପରି ବୈକୁଣ୍ଠପୁର ହେବ? ଏଣୁ ଏଠାରେ ସମସ୍ତେ କାନ୍ଦିବାକୁ ବାଧ୍ୟ। ମାଆ କାନ୍ଦେ ଲୁଚିଲୁଚି ବା ଚୋର ମାଆ ଲୁଚିଲୁଚି କାନ୍ଦେର ଅର୍ଥ ଦାୟାଦର ଅପକର୍ମରେ ପିତାମାତା ଆଖିରୁ ଲୁହ ଝରାନ୍ତି। ଏହା ଏକ ସଚେତନତାର ବାର୍ତ୍ତା।

ସାମ୍ପ୍ରତିକ ସମୟରେ ସମ୍ପର୍କର ସୂତା ଛିଡ଼ି ଯାଉଥିବା କାରଣରୁ କାନ୍ଦଣାର ପରାଭବ ବେଶୀ। ଝିଅ ଜନମ ତ ଶାଶୁଘରକୁର କଥାରେ କନ୍ୟାଟିଏ ବାପଘରୁ ବିଦା ହେଲା ବେଳେ ଝିଅଟି କାନ୍ଦେ ଓ ସମସ୍ତେ ଏହି ବିଦାୟକାଳୀନ ଘଟଣାରେ ଆଖିରୁ ଲୁହ ଝରାନ୍ତି। ଯଦିଓ ଆଜିକାଲି ଏହି ପାରମ୍ପରିକ ପ୍ରଥା ପତଳା ହୋଇଛି,ତଥାପି କଷ୍ଟ ତ ଲାଗେ। ସେହିପରି ଅନ୍ୟ ବିଦାୟକାଳୀନ ଉତ୍ସବମାନଙ୍କରେ ମଧ୍ୟ କାନ୍ଦିବା ଏକ ସ୍ୱୟଂକ୍ରିୟ ପ୍ରକ୍ରିୟା- ଯେପରି ଜଣେ ଶିକ୍ଷକର ବିଦାୟକାଳୀନ ବା ସେବା ନିବୃତ୍ତି ସମୟର ଉତ୍ସବରେ ସହଶିକ୍ଷକ ଓ ଛାତ୍ରଙ୍କ ଭିତରେ ଏକ ସମ୍ବେଦନାତ୍ମକ ଭାବ ସୃଷ୍ଟି ହୁଏ। ଏଠାରେ କାନ୍ଦିବା ମନା କହିବା କଷ୍ଟକର ବ୍ୟାପାର।

ବ୍ୟବସାୟରେ କ୍ଷତି, ଚାକିରିରେ ପଦୋନ୍ନତି ସମସ୍ୟା ଓ ପାତରଅନ୍ତର ନୀତି ହିଁ ପୀଡ଼ିତଙ୍କ ଆଖିରେ ଲୁହ ଆଣିପାରେ। ଯେତେବେଳେ ଯେଉଁ ପରିସ୍ଥିତିରେ କାନ୍ଦିବା ଅନିବାର୍ଯ୍ୟ ହୋଇ ପଡ଼ିଛି, ସେଠାରେ କାନ୍ଦିବା ମନାର ପରାମର୍ଶ କାଟୁ କରେ ନାହିଁ। ବିରହର ଫଳାଫଳ ଲୁହରେ ହିଁ ଶେଷ ହୁଏ। ଶ୍ରୀକୃଷ୍ଣଙ୍କର ମଥୁରା ଗମନ ସମୟରେ ମାତା ଯଶୋଦାଙ୍କର ଅବା ପ୍ରିୟତମା ରାଧାଙ୍କର ହେଉ, ବେଦନାସିକ୍ତ ଅଶ୍ରୁ ହିଁ ପ୍ରକାଶ୍ୟ ହେଉଥିଲା। ଏଥକୁ ଶ୍ରୀକୃଷ୍ଣଙ୍କ ଆଖିରେ ଲୁହ ନଥିଲେ ବି ଅନ୍ତରରେ ଅଶେଷ ଦୁଃଖ ପାଉଥିଲେ। କିନ୍ତୁ କର୍ମକ୍ଷେତ୍ରକୁ ଯିବାକୁ ହେବ ବୋଲି ସେ ଅପେକ୍ଷା କରିବାକୁ ନାଚାର। ଏଠାରେ ମନ୍ତ୍ରୀ ଅକ୍ରୁରଙ୍କ ଆଖିରେ ଲୁହ ହିଁ ସବୁଠାରୁ ମୂଲ୍ୟବାନ ଥିଲା। ଏଣୁ ଅନ୍ୟର ଦୁଃଖରେ ଲୁହ ଟୋପେ ଝରାଇବା ମହାନ ବ୍ୟକ୍ତିର ଭାବ।

ଧୈର୍ଯ୍ୟଶୀଳ ବ୍ୟକ୍ତି, ଦାୟିତ୍ୱବାନ ବ୍ୟକ୍ତି କୌଣସି ନକାରାତ୍ମକ ପରିସ୍ଥିତିରେ ଲୁହ ଗଡ଼ାନ୍ତି ନାହିଁ। କିନ୍ତୁ ଛାତିରେ କୋହ ଚାପି ରଖି ଲୁହକୁ ଦୀର୍ଘଶ୍ୱାସରେ ବାଷ୍ପ କରି ଦିଅନ୍ତି। ଅନ୍ୟକୁ ପ୍ରବୋଧନା ଦେଉଥିବା ମଣିଷ କିପରି କାନ୍ଦିବ ଯେ! ସମସ୍ତଙ୍କୁ ଏଠାରେ କାନ୍ଦିବା ମନା କହୁଥିବା ବ୍ୟକ୍ତି କିନ୍ତୁ ଭିତରେ କାନ୍ଦେ, ଅନ୍ତରରେ କାନ୍ଦେ। କାନ୍ଦିବାର ପରବର୍ତ୍ତୀ କ୍ଷଣ କିନ୍ତୁ ଶାନ୍ତ ହେବା ମୁହୂର୍ତ୍ତ। ଯେପରିକି ଝଡ଼ କମିଗଲେ ସବୁ କିଛି ଥମ୍ ହୋଇଯାଏ। ବହେ ବର୍ଷା ବରଷି ଗଲେ ଆକାଶ ଫରଚା ହୋଇଯାଏ, ସେହିପରି ଲୁହ ଝରିଗଲେ ସବୁ ଯନ୍ତ୍ରଣାର କିଛି ମାତ୍ରାରେ ଉପଶମ ହୁଏ, ପୁଣି ପୁନଃ ଦୁଃଖ ବାଦଲ ଘନୀଭୂତ ହେବା ପର୍ଯ୍ୟନ୍ତ।

ପୋଖରୀପୁଟ, ଭୁବନେଶ୍ୱର
ମୋ: ୯୩୪୮୮୯୩୭୫୨

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



ଶ୍ରୀବଳଦେବଜିଉଙ୍କ ଗୁଣ୍ଡିଚା ଯାତ୍ରା

# ରଥାରୂଢ଼ ହେଲେ ବଡ଼ଠାକୁର, ଆଜି ରଥଟଣା



**କେନ୍ଦ୍ରାପଡ଼ା,୨୭।୬/ଏନ୍ଏନ୍ଏସ୍:** ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଉପଲକ୍ଷେ କେନ୍ଦ୍ରାପଡ଼ାର ସିଦ୍ଧବଳଦେବଜିଉଙ୍କ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରଥରେ ଚାରମାଳ ବସାଯିବା ପରେ ପ୍ରଥମେ ସାରଥୀଙ୍କୁ ରଥାରୂଢ଼ କରାଯିବା ପରେ ଘୋଡାମାଳ ବସାଯାଇ ଶ୍ରୀଜିଉମାନଙ୍କୁ ଧାଡିପହଣ୍ଡି କରାଯାଇ ଅପରାହ୍ନ ୫ ଟାରେ ରଥାରୂଢ଼ କରାଯାଇଥିଲା। ଶ୍ରୀଜିଉଙ୍କର ସମସ୍ତ ନୀତିକାନ୍ତି ମଙ୍ଗଳ ଆଳତୀ, ମଣ୍ଡବ ବଲ୍ଲଭୀ, ଖେଚୁଡ଼ି ଧୂପ ପରେ ଦଇତା ପତି ମାନେ ଶ୍ରୀଜିଉମାନଙ୍କୁ ଧାଡି ପହଣ୍ଡି କରାଇ ରଥକୁ ଆଣିଥିଲେ। ସୂର୍ଯ୍ୟ ଅସ୍ତ ହୋଇଯିବାରୁ ରଥଟଣା ହୋଇପାରିନାହିଁ । ଶନିବାର (ଅସରଲ୍ଲକାଲି) ରଥଟଣା ହୋଇ ଶ୍ରୀଜିଉମାନଙ୍କୁ ଗୁଣ୍ଡିଚା ମନ୍ଦିରରେ ବିଜେ କରାଯିବ। ପାଗ ଅନୁକୂଳ ଯୋଗୁ ରଥ ଦାଣ୍ଡରେ ପ୍ରବଳ ଜନ ସମାଗମ ହୋଇଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଥ ଦାଣ୍ଡରେ ଯାତ୍ରୀମାନଙ୍କର ସେବା କରାଯିବାର ଦେଖିବାକୁ ମିଳିଥିଲା। ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ରଥ ଦାଣ୍ଡରେ ଏକ ସୂଚନା କେନ୍ଦ୍ର ଖୋଲା ଯାଇଥିଲା। ରଥଯାତ୍ରା ଦିନ ଜିଲ୍ଲାପାଳ ଶ୍ରୀ ସ୍ମୃତିରଞ୍ଜନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟରିଆ, ପୌର ନିର୍ବାହୀ ଅଧିକାର, ଉପଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ଅରୁଣ ନାୟକଙ୍କ ସହିତ ବହୁ ଉଚ୍ଚ ପଦସ୍ଥ ଅଧିକାରୀ ରଥଦାଣ୍ଡରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ।ସେହିପରି ପୁଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯିବା ସହ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଥିଲା। ରଥଯାତ୍ରାକୁ ଆସୁଥିବା ଲୋକମାନଙ୍କ ସୁବିଧା ପାଇଁ କେନ୍ଦ୍ରାପଡ଼ା ପୌରପରିଷଦ ପକ୍ଷରୁ ପାନୀୟଜଳର ବ୍ୟବସ୍ଥା କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଷ୍ଟଲ୍ ଖୋଲାଯାଇ ରଥଯାତ୍ରା ଉପଲକ୍ଷେ ପ୍ରକାଶିତ ଉତ୍କଳ ପ୍ରସଙ୍ଗ ସହିତ ଜଗଣ ଓ ବଳଦେବଜିଉଙ୍କ ରଥଯାତ୍ରାର ପତ୍ରିକା ବିକ୍ରି କରାଯାଇଥିଲା। ଜଣେ ଏସ୍ପିଙ୍କ ତତ୍ତ୍ୱାବଧାନରେ ଜଣେ ଆଡିସନାଲ୍ ଏସ୍ପି , ୪ ଜଣ ଡିଏସ୍ପି , ୧୫ ଜଣ ଇନ୍ସପେକ୍ଟର, ୬୦ ରୁ ଉର୍ଦ୍ଧ ଏସ୍ଆଇ, ଓଏସ୍ଆଇ, ୩୦୦ କନେଷ୍ଟବଲ, ହୋମଗାର୍ଡଙ୍କ ସହିତ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଟ୍ରାଫିକ୍ ନିୟନ୍ତ୍ରଣ ନିମନ୍ତେ ସହରର ଏକପାଖିଆ ରାସ୍ତା ଦ୍ୱାରା ଭିଡ ନିୟନ୍ତ୍ରଣ କରାଯିବାର ବ୍ୟବସ୍ଥା କରାଯାଇଥିଲା। ପରମ୍ପରା ଅନୁଯାୟୀ ଶ୍ରୀ ଗୁଣ୍ଡିଚାର ଦ୍ୱିତୀୟ ଦିନରେ ବ୍ରହ୍ମ ତାଳଧ୍ୱଜ ରଥକୁ ଟଣାଯାଇ ମାଉସୀ ମା ମନ୍ଦିରକୁ ନିଆଯାଏ।

# ପେଣ୍ଡୁରେ ରଥଯାତ୍ରା



**ରାଜନଗର,୨୭।୬/ଏନ୍ଏନ୍ଏସ୍:** ରାଜନଗର ବ୍ଲକ ହାତିନା ପଞ୍ଚାୟତ ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଡୁଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବନବିହାରୀଜିଉଙ୍କୁ ବଡପଣ୍ଡା ଗୋବିନ୍ଦ ଦାଶଙ୍କ ସହ ସତ୍ୟବାଦୀ ପଣ୍ଡା, ସୁଦର୍ଶନ ଦାଶ ସକାଳୁ ମଙ୍ଗଳ ଆଳତୀ, ମଇଲମ ପରେ ମହାସ୍ନାନ କରାଇଥିଲେ। ବାଲଭୋଗ ପରେ ସେନାପଟ ଲାଗି କରାଯାଇଥିଲା ଠାକୁରଙ୍କ ନିକଟରେ ଖେଚୁଡି ଭୋଗ କରାଯାଇଥିଲା । ୨ଟା ପରେ ଅଙ୍କୁରାରୋପଣ କରାଯାଇ ରଥ ପ୍ରତିଷ୍ଠା କରାଯାଇଥିଲା। ଅପରାହ୍ନରେ ମଙ୍ଗଳାର୍ପଣ କରାଯାଇଥିଲା। ପ୍ରାୟ ୩ଟାପରେ ଧାଡିରେ ଠାକୁରଙ୍କୁ ସେବକମାନେ ପହଣ୍ଡିବିଜେ କରାଇଥିଲେ। କନିକା ରାଜା ଶିବେନ୍ଦ୍ରନାରାୟଣ ଭଞ୍ଜଦେଓ ପାରମ୍ପରିକ ଭାବେ ଛେରା ପହଁରା କରିଥିଲେ। ଅପରାହ୍ନ ୫ଟା ୩୦ମି. ପରେ ରଥ ଟଣା ଆରମ୍ଭ ହୋଇଥିଲା। ଶଙ୍ଖବାଦ୍ୟ, ମହୁରିବାଦ୍ୟ, ସଂକୀର୍ତ୍ତନ ଓ ପାରମ୍ପରିକ ଓଡିଶୀ ନୃତ୍ୟ ପରିବେଷଣ ମଧ୍ୟରେ ରଥଟଣା ଯାଇଥିଲା । ସନ୍ଧ୍ୟା ପ୍ରାୟ ୭ଟା ସମୟରେ ମାଉସୀ ମା ମନ୍ଦିର ନିକଟରେ ପହଞ୍ଚିଥିଲା । ବିଷୟୀ କାହ୍ନୁଚରଣ ପରିଡାଙ୍କ ସହ ସେବକମାନେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ମୂତୟନ କରାଯାଇଥିଲା ।

# ସଚେତନ ରହିଲେ ନିଶାମୁକ୍ତ ସମାଜ ଗଠନ ସମ୍ଭବ



**ଜଗତସିଂହପୁର,୨୭।୬/ଏନ୍ଏନ୍ଏସ୍:** ଜିଲ୍ଲାରେ ଅବୈଧ ନିଶା କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ସମସ୍ତଙ୍କ ସହଭାଗିତା, ସଚେତନତା ଏବଂ ନାଗରିକ ସଚେତନ ରହିଲେ ହିଁ ନିଶାମୁକ୍ତ ସମାଜ ଗଠନ ସମ୍ଭବ ବୋଲି ଜଗତସିଂହପୁର ଯୁବ ବିଧାୟକ ଅମରେନ୍ଦ୍ର ଦାସ, ଗୁରୁବାର ଜିଲ୍ଲାପାଳଙ୍କ ସମ୍ମିଳନୀ ସଭାଗୃହ ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚୋରା ଚାଲାଣ ବିରୋଧ ଦିବସପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୂଚନା ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦର ଅଧ୍ୟକ୍ଷ ମନୋଜ କୁମାର ଭୋଇ ଯୋଗଦେଇ ମଦର ବିଷାକ୍ତ ସତ୍ୟକୁ ଅତି ସରଳ ଭାଷାରେ ବୁଝାଇ ଥିଲେ। ପ୍ରଥମ ଅକ୍ଷର ମ ର ଅର୍ଥ ମରିବ ଅଥବା ମୃତ୍ୟୁ। ସେହିପରି ୨ୟ ଅକ୍ଷର ଦରିଦ୍ର ହେବା ଥିବ ବୋଲି କହିଥିଲେ। ଏହି ଅବସରରେ ଆବକାରୀ ଅଧିକ୍ଷକ ଅନିତା ପ୍ରଧାନ ଯୋଗଦେଇ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇବା ସହିତ ଜିଲ୍ଲାରେ ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରଜାପିତା ବ୍ରହ୍ମ କୁମାରୀ ଅଧିକାରୀ ଓ ସାମାଜିକ ସୁରକ୍ଷା ଅଧିକାରୀ ଉଦୟ ସୁନ୍ଦର ସ୍ୱାଇଁ ଯୋଗଦେଇ, ଆତ୍ମା ଓ ପରମାତ୍ମାଙ୍କ ସମନ୍ୱୟରେ ସୁସ୍ଥ ମାନସିକତା ଗଠନ ସମ୍ଭବ। ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହେବ ବୋଲି ସୂଚନା ପ୍ରଦାନ କରିଥିଲେ। ଏହି ଦିବସ ଅବସରରେ ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସିତ ହୋଇ 'ନିଶା ମୁକ୍ତି, ଜୀବନ' କୁ ପଛିଥିବା ଦୁଇଜଣ ଯୁବକ ପ୍ରଭାତ କୁମାର ମଲ୍ଲିକ ଓ ଶୁଭ ନାରାୟଣ ସାମନ୍ତରାୟଙ୍କୁ ପ୍ରଶଂସିତ କରାଯାଇଥିଲା। ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଣୀ ମମତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ରଥଯାତ୍ରା ଅବସରରେ ରକ୍ତଦାନ ଶିବିର



**କାମାକ୍ଷାନଗର,୨୭।୬/ଏନ୍ଏନ୍ଏସ୍:** ପବିତ୍ର ରଥଯାତ୍ରା ଉପଲକ୍ଷେ କାମାକ୍ଷାନଗର ଏନଏସି ରେକୁଲା ଜୟ ମା ମଙ୍ଗଳା ପେଟ୍ରୋଲ ପମ୍ପ ଠାରେ ଏକ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଠାରେ ସମୁଦାୟ ୬୩ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣି ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ କାମାକ୍ଷାନଗର ତହସିଲଦାର ଶୁଭଙ୍କର ମହାନ୍ତି, ଥାନା ଅଧିକାରି ଆଶିଷ କୁମାର ଜେନା,ସ୍ୱେଚ୍ଛାସେବୀ ଗୋବିନ୍ଦଚନ୍ଦ୍ର ସାହୁ, ବୈଦ୍ୟରାଜ ସର୍ବେଶ୍ୱର ପାତ୍ର ,ଜିଲ୍ଲା ବ୍ଲଡ୍ ବ୍ୟାଙ୍କ ଅଫିସର ଡା. ସ୍ୱରୂପ ରଞ୍ଜନ ସାହୁ, କନପୁରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଦିନରେ ରକ୍ତଦାନ କରିଥିବା ଲୋକଙ୍କୁ ସାଧୁବାଦ ଦେଇଥିଲେ ଉପଜିଲ୍ଲାପାଳ। ତହସିଲଦାର ଶୁଭଙ୍କର ମହାନ୍ତି ନିଜେ ରକ୍ତଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏଭଳିଆ ମହତ କାମ ଆଗକୁ କରିବାକୁ ମଧ କହିଥିଲେ।

# ଚିକିତ୍ସାଧୀନ ଅବସ୍ଥାରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ



**ଚାନ୍ଦୋଲ,୨୭।୬/ଏନ୍ଏନ୍ଏସ୍:** ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ପୁଷ୍ପଲତା ବେହେରା (୫୦)ଙ୍କର ଆଜି ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଯାଇଛି । ପ୍ରକାଶ, ମଙ୍ଗଳବାର ଦିନ ଅପରାହ୍ନରେ ଶ୍ରୀମତୀ ବେହେରା କଟକ-ଚାନ୍ଦବାଲି ରାଜରାସ୍ତାର ଭଣଗାଁ ଛକ ନିକଟରେ ଯାଉଥିବା ବେଳେ ଏକ ଅଜଣା ହାଇୱା ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଫଳରେ ପୁଷ୍ପାଲତା ଗୁରୁତର ଆହାତ ଅବସ୍ଥାରେ ସେଠାରେ ସଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ତାଙ୍କର ପରଲୋକ ହୋଇଯାଇଛି । ଆଜି ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇ ପୁରୀ ସ୍ୱର୍ଗ ଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ୱାମୀ, ଝିଅ, ଜ୍ୱାଇଁ, ପୁଅ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହିଥିଲେ।

# ୭ ଲୋକତନ୍ତ୍ର ସେନାନୀଙ୍କୁ ସମ୍ବର୍ଦ୍ଧନା



**ଜଗତ୍ସିଂହପୁର,୨୭।୬/ଏନ୍ଏନ୍ଏସ୍:** ଗୁରୁବାର ଭୁବନେଶ୍ୱର ସ୍ଥିତ ପୂର୍ବତଟ ରେଳ ବିଭାଗ ଅଡିଟୋରିୟମ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ ର ୫୦ବର୍ଷ ପୂର୍ତ୍ତି ଅବସରରେ ଜଗତସିଂହପୁର ଜିଲ୍ଲାର ୭ଜଣ ଲୋକତନ୍ତ୍ର ସେନାନୀଙ୍କୁ ରାଜ୍ୟ ସରକାର ସମ୍ବର୍ଦ୍ଧିତ କରିଛନ୍ତି। ତେବେ ସେହି ସମ୍ବର୍ଦ୍ଧିତ ପ୍ରତିଭାମାନେ ହେଲେ ନଦିଆ ବିହାରୀମହାନ୍ତି, ବିଜୟ କୁମାର ସ୍ୱାଇଁ, ବିଜୟ କୁମାର ବରାଳ, ଶ୍ରୀଧର ସ୍ୱାଇଁ, ନୃସିଂହ ପରିଡ଼ା, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଭୀମସେନ୍ ବିଶ୍ୱାଳ ପ୍ରମୁଖ। ଭାରତର ଜରୁରୀ କାଳୀନ ସମୟରେ ଅର୍ଥାତ୍ ୧୯୭୫ରୁ ୭୭ ମଧ୍ୟରେ ଭାରତର ଅନେକ ଲୋକତନ୍ତ୍ର ସେନାନୀମାନେ ଆନ୍ଦୋଳନ କରି ଜେଲ ଯାଇଥିଲେ ଏବଂ ବିଭିନ୍ନ ଥାନାରେ ଅଟକ ଥିଲେ। ଯାହାକୁ ନେଇ ରାଜ୍ୟ ସରକାର ଆଜି ସମ୍ବିଧାନ ହତ୍ୟା ଦିବସର ୫୦ବର୍ଷ ପୂର୍ତ୍ତି ପାଳନ କରି ଲୋକତନ୍ତ୍ର ସେନାନୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ଚୟନ କରା ଯାଇଥିବା ଉପରୋକ୍ତ ୭ଜଣ ଲୋକତନ୍ତ୍ର ସେନାନୀଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ଭୁବନେଶ୍ୱର ପଠାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ ଏବଂ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ସବୁଜ ପତକା ହଲାଇ ସେମାନଙ୍କ ଯାତ୍ରା ଜିଲ୍ଲାପାଳଙ୍କ ପଡିଆରୁ ଶୁଭାରମ୍ଭ କରିଥିଲେ। ସେନାନୀଙ୍କ ଏସ୍କର୍ଟ ଅଫିସର ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଲ୍ଲୀପ କୁମାର ଜେନା, ଜୁଡିସିଆଲ ବିଭାଗର ନାରାୟଣ ଭୂତିଆ, ଜେନେରାଲ ମିସ୍ ବିଭାଗର ସମ୍ରାଟ କିଶୋରୀ ମହାନ୍ତି ପ୍ରମୁଖ ଯାଇଥିଲେ।

# ସାଗରିକା ଓଜେଇଇ ଲାଟେରାଲ୍ ବି ଫାର୍ମରେ ପ୍ରଥମ



**କେନ୍ଦ୍ରାପଡ଼ା,୨୭।୬/ଏନ୍ଏନ୍ଏସ୍:** ଆକାଶ ଫାର୍ମାସୀ କଲେଜ୍ର ୨୦୧୯-୨୧ ମସିହାର ଛାତ୍ରୀ ସାଗରିକା ଦାସ ଲାଟେରାଲ୍ ବି ଫାର୍ମ ଓଜେଇଇ ପ୍ରବେଶିକା ପରୀକ୍ଷାରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କୁମାରୀ ସାଗରିକା କେନ୍ଦ୍ରାପଡା ଆକାଶ ଫାର୍ମାସୀ କଲେଜର ଛାତ୍ରୀଭାବେ ରାଜ୍ୟରେ ଓଜେଇଇରେ ପ୍ରଥମସ୍ଥାନ ଅଧିକାର କରିଥିବାରୁ ଏଥିନିମନ୍ତେ ଫାର୍ମାସୀ କଲେଜର ପ୍ରିନ୍ସିପାଲ୍ ବ୍ୟାସଭୂଷଣ ଦାସ ଓ କଲେଜର ଚେୟାରମ୍ୟାନ୍ ଅକ୍ଷୟ କୁମାର ପତି, ସମ୍ପାଦକ ସ୍ୱାଗତ କୁମାର ପତି ଏବଂ ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

# ଭାଲୁଖାଇ ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା



**ଧର୍ମଶାଳା,୨୭।୬/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରସିଦ୍ଧ ଘୋଷଯାତ୍ରା ମାହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରୁ ଆଜି ପ୍ରଭୁ ଜଗନ୍ନାଥ ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ସାଙ୍ଗରେ ଧରି ୯ଦିନ ପାଇଁ ମାଉସୀ ମା' ଘରକୁ ଯାତ୍ରା କରିଛନ୍ତି। ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରର ସେବାୟତମାନେ ଶ୍ରୀଜିଉଙ୍କ ପହଣ୍ଡି ବିଜେ ପରେ ନିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ରଥଟଣା ପୁର୍ବରୁ ଧର୍ମଶାଳା କମିଟି ସଭାପତି ତଥା ଥାନା ଅଧିକାରୀ ଛେରାପହଁରା କରିବା ପରେ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏହି ଘୋଷଯାତ୍ରାରେ ଯୋଗଦେଇ ରଥାରୁଢ ଠାକୁରଙ୍କୁ ଦର୍ଶନ କରିବା ସହ ରଥଟାଣିଥିଲେ। ରଥ ୧୬ନଂ ଜାତୀୟ ରାଜପଥ ଦେଇ ଆସିବା ପରେ ଜାରକା ବଜାର, ବୁଦ୍ଧଛକ, ଶାନ୍ତିବଜାର, ଧର୍ମଶାଳା ବଜାରଦେଇ ହାଟପଡିଆସ୍ଥିତ ମାଉସୀ ମା ମନ୍ଦିରରେ ପହଞ୍ଚିଥିଲା। ସେଠାରେ ନିତିକାନ୍ତି ଅନୁଯାୟୀ ପୂଜା କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମାଉସୀମା ଘରେ ରଖାଯାଇଥିଲା। ଆଜି ଝିପଝିପ ବର୍ଷା ଲାଗିରହିଥିବା ସତ୍ତ୍ୱେ ରଥଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ଭକ୍ତ ଯୋଗଦେଇ ରଥାରୁଢ ଠାକୁରଙ୍କୁ ଦର୍ଶନ କରିବା ସହ ରଥ ଟାଣିଥିଲେ। ବିଭିନ୍ନ ସ୍ଥାନରେ ମହିଳାମାନେ ରାସ୍ତାରେ ମୁରୁଜ ପକାଇବା ସହ କଳସ ବସାଇ ଠାକୁରଙ୍କୁ ବନ୍ଦାପନା କରିଥିବା ଦେଖିବାକୁ ମିଳିଥିଲା। ମୁନ୍ସୀମିଳନ କମିଟି ସଂପାଦକ ପ୍ରମୋଦ କୁମାର ଦାସ,ଗଗନ ବରାଳ, ବିଚିତ୍ର ସ୍ୱାଇଁ, ଚନ୍ଦ୍ରମଣି ପଣ୍ଡିତ, ଆଲୋକ ଲେଙ୍କା, ଶରତ ଓଝା, ମନୋଜ ରାଉଳ, ପ୍ରବୋଧ ପତ୍ର, ଅମୀୟ ମହାନ୍ତି, ରମେଶ ମହାନ୍ତି ମନ୍ଦିର କମିଟି ପକ୍ଷରୁ କାର୍ଯ୍ୟକାରୀ ସଭାପତି କଳ୍ପତରୁ ସାହୁ, ସମ୍ପାଦକ ମନୋଜ ରଣା, ପ୍ରଭୁଦତ ଜେନା, ଅଭୟ କୁମାର ରାଉତ, ଜ୍ଞାନେନ୍ଦ୍ର ରାଉତ ପ୍ରମୁଖ କମିଟି ସଭ୍ୟମାନେ ରଥ ଟଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଆଜିଠାରୁ ଠାକୁର ୯ଦିନ ପାଇଁ ହାଟପଡିଆସ୍ଥିତ ମାଉସୀ ମା ମନ୍ଦିରରେ ରହୁଥିବା ଅବସରରେ ଏଠାରେ ନଅ ଦିନ ବ୍ୟାପି ପ୍ରତ୍ୟେହ ସନ୍ଧ୍ୟାରେ ଭଜନ, କିର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ଶୁଦ୍ଧକ୍ରିୟା ନିମନ୍ତେ ଆର୍ଥିକ ସହାୟତା



**କେନ୍ଦ୍ରାପଡ଼ା,୨୭।୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ପକ୍ଷରୁ ମୃତ ସୁଲୋଚନାର ଶୁଦ୍ଧକ୍ରିୟା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ମାର୍ଶାଘାଇ ବ୍ଲକ ତାଲସଙ୍ଗା ପଞ୍ଚାୟତର ମାଣିକପୁର ଗ୍ରାମର ପ୍ରମୋଦ ମହାଳିକଙ୍କ ପତ୍ନୀ ସୁଲୋଚନା ମହାଳିକ ଦୀର୍ଘ ୨ ବର୍ଷ ହେଲା କିଡ୍ନୀ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ଦିନ ମଜୁରିଆ ଅଟନ୍ତି। ଖବରପାଇ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ ଅପରେଟିଭ ସୋସାଇଟି ତଥା ସମବାୟବିତ୍ ସମାଜସେବୀ ପ୍ରମୋଦ ସାହୁ ସୁଲୋଚନାଙ୍କ ଘରେ ପହଞ୍ଚି ଶୁଦ୍ଧକ୍ରିୟା ନିମନ୍ତେ ସ୍ୱାମୀ ପ୍ରମୋଦଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ମାର୍ଶାଘାଇ ଶାଖା ପରିଚାଳକ ଭବାନୀ ଶଙ୍କର ପରିଡା, ମୋହନ ସେନାପତି ଓ ଦୈନିକ ଜମା ସଂଗ୍ରହକାରୀ ଏଜେଣ୍ଟ ଜ୍ୟୋତିରଞ୍ଜନ ପରିଡା ପ୍ରମୁଖ ଏହି ଆର୍ଥିକ ସହାୟତା ରାଶି ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ଛତିଆରୁ ଗଡ଼ିଲା ତିନି ରଥ



**ବଡ଼ଚଣା,ଚଣ୍ଡୀଖୋଲ,୨୭।୬/ଏନ୍ଏନ୍ଏସ୍:** ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ଛତିଆରୁ ବଡ଼ ଘୁମୁରି ସ୍ଥିତ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ଦୀର୍ଘ ୧୧କିଲୋମିଟର ବଡ଼ ଦାଣ୍ଡରେ ତିନି ଠାକୁରଙ୍କ ନନ୍ଦିଘୋଷ, ଦେବଦଳନ, ଦର୍ପଦଳନ ରଥକୁ ଭକ୍ତମାନେ ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ ଟାଣି ନେଇଥିଲେ। ଗତକାଲି ତିନି ରଥ ଦକ୍ଷିଣ ମୁଁହା ହେଲାପରେ ରଥ ଶୁଦ୍ଧି କରାଯାଇ ଯଥା ବିଦ୍ଧି ପୂଜାର୍ଚ୍ଚନା କରାଯାଇଥିଲା। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ମୁତାବକ ସକାଳ ୬ଟାରେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ସକାଳଧୂପ, ମଙ୍ଗଳାର୍ପଣ କରାଯାଇ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରଯାଇଥିଲା। ନିଜ କର୍ମ ଭୂମିକୁ ଫେରି ଆସିବେ। ରଥ ଟାଣିବାକୁ ବହୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭିଡ ହୋଇଥଲା।

# ତାଳଚେର 'ରଥଯାତ୍ରା' ନିଆରା ଓ ଐତିହାସିକ ପରମ୍ପରା



**ତାଳଚେର,୨୭।୬/ଏନ୍ଏନ୍ଏସ୍:** କେଉଁ ଆବାହମାନ କାଳରୁ ରାଜା ରାଜୁଡ଼ା ଅମଳରୁ ତାଳଚେର ପ୍ରସିଦ୍ଧ 'ରଥଯାତ୍ରା' ପାଳନ ହୋଇ ଆସୁଅଛି। ପ୍ରତିବର୍ଷ ଆଶାଢ଼ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ 'ରଥଯାତ୍ରା' ପାଳନ କରାଯାଏ ଏବଂ ଏହାକୁ ଗୁଣ୍ଡିଚାଯାତ୍ରା ମଧ କୁହାଯାଏ। ପୂର୍ବରୁ ରଥଯାତ୍ରା ସମୟରେ ୧୫ଦିନ ଆଗରୁ ତାଳଚେରରେ ରଥନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ଯାତ୍ରା ପୂର୍ବଦିନ ସମ୍ପୂର୍ଣ୍ଣ କରାଯାଇଥାଏ। ଏବଂ ଜଗତରନାଥ ଜଗନ୍ନାଥ ଯେତେ ବେଳେ ୧୦୮ ଯୋଡ଼ା ଜଳ ସ୍ନାନ କରି ଜ୍ୱରରେ ପିଡ଼ିତ ହୋଇଥାନ୍ତି, ସେହି ସମୟରେ ପଟିଦିଅଙ୍କୁ ଭକ୍ତମାନେ ଦର୍ଶନ କରିଥାନ୍ତି। ବିଧିବିଧାନ ଅନୁସାରେ ପଣ୍ଡିତମାନେ ପ୍ରଭୁଙ୍କୁ ୧୦ମୂଳ ଉପଚାର କରାଇ ସୁସ୍ଥ କରାଇଥାନ୍ତି। ତେବେ ପ୍ରଭୁଙ୍କ ଦେହ ସୁସ୍ଥ ହେଲାପରେ ବର୍ଷକରେ ଥରେ ତାଙ୍କର ଜନ୍ମସ୍ଥାନ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ରଥାରୁଢ଼ ହୋଇ ଆସନ୍ତି, ବାଟରେ ଆସିବା ଭିତରେ ତାଙ୍କର ମାଉସୀ ମା'ଙ୍କ ମନ୍ଦିର ପଡ଼ିଥାଏ, ସେଠି ସେ କିଛି ସମୟ ରହି ମାଉସୀମା'ଙ୍କ ହାତରୁ ତାଙ୍କର ଅତିପ୍ରିୟ ପୋଡ଼ପିଠା ଭୋଜନ କରି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରନ୍ତି। ଏହି ଯାତ୍ରା ପଭୁଙ୍କର କେବଳ ବର୍ଷରେ ଥରେ ନଅ ଦିନ ବ୍ୟାପି ଏହି ଯାତ୍ରା ହୋଇଥାଏ। ଚତୁର୍ଦ୍ଧା ମୂରତୀ ବଡ଼ ଦେଉଳକୁ ଛାଡ଼ି ନଅଦିନ ପାଇଁ ରଥରେ ଓ ଗୁଣ୍ଡିଚା ମନ୍ଦିରରେ ଦର୍ଶନ ଦେଇଥାନ୍ତି। ତେଣୁ ପ୍ରଭୁଙ୍କ ଏହି ଯାତ୍ରାକୁ ନିଆରା ଓ ଐତିହାସିକ ରଥଯାତ୍ରାରେ ରୂପେ ପୂର୍ବପୁରୁଷ ମାନେ ପାଳନ କରି ଆସିଛନ୍ତି। ଓଡ଼ିଶାର ପ୍ରଭୁଙ୍କ ଏହା ଏକ ବଡ଼ଯାତ୍ରା ହୋଇଥିବାରୁ ସାରା ବିଶ୍ୱରେ ଏହା ପାଳନ କରାଯାଉଥିବା ଜଣାପଡ଼ିଛି। ବର୍ଷକୁ ଥରେ ମାତ୍ର ପ୍ରଭୁ ଦେଉଳଛାଡ଼ି ଯାତ୍ରା କରୁଥିବା ବେଳେ ପୁଣି ବାହୁଡ଼ା ଯାତ୍ରାଦିନ ବଡ଼ଦେଉଳକୁ ଫେରି ଆସନ୍ତି। ମା'ଲକ୍ଷ୍ମୀଙ୍କୁ ୬ଦିନ କହି ୯ଦିନ ଯାତ୍ରା କରିବା ପ୍ରଥା ମାତା ଲକ୍ଷ୍ମୀଙ୍କ ଦେହରେ ନଯାଇ ସେ ରାଗରଷା ଓ ଅଭିମାନ କରି ହେରାପଂଚମୀ ଦିନ ବଡ଼ଦେଉଳରୁ ଗୁଣ୍ଡିଚା ମନ୍ଦିରରେ ଆସି ପଂହଚି ଯାଆନ୍ତି, ପ୍ରଭୁଙ୍କ ସହ ରାଗରଷା କରିବାକୁ ଏବଂ ସେହିଦିନ ରଥର କାଠଭାଙ୍ଗି ରଥର ମୁହଁ ପରିବର୍ତ୍ତନ କରାଯାଇଥାଏ। ତେବେ ପ୍ରଭୁ ରଥଯାତ୍ରା ଠାରୁ ଆରମ୍ଭ କରି ବାହୁଡ଼ା ଯାତ୍ରା ଓ ଏକାଦଶୀ ସାରି ପୁଣି ବଡ଼ଦେଉଳକୁ ବିଜେ କରିଥାନ୍ତି। ମା'ଲକ୍ଷ୍ମୀଙ୍କର ରାଗରଷା ଶିଖରେ ପଂହଚି ଯାଇଥିବାରୁ ମା'ଙ୍କ ରାଗ ଶାନ୍ତ କରିବାକୁ ପ୍ରଭୁ ତାଙ୍କ ପାଇଁ ସ୍ନେହର ସହ କିଛି ଲଡୁ ସାଥିରେ ନେଇ ବଡ଼ଦେଉଳ ଅଭିମୁଖେ ଯାତ୍ରା କରନ୍ତି। ଯିଏ ରଥାରୁଢ଼ ହୋଇ ବସିଲେ ସେ ହିଁ ଯେ ସକଳ ଶକ୍ତିର ଆଧାର, ସେ ହିଁ ଦେବତା, ତାହା ସବୁବେଳେ ନୁହେଁ, କୁରୁକ୍ଷେତ୍ରରେ ରଥାରୁଢ଼ ହୋଇଥିଲେ ଅର୍ଜୁନ, ସାରଥି ଥିଲେ କୃଷ୍ଣ, କିନ୍ତୁ କୃଷ୍ଣଙ୍କ ବିନା ମହାଭାରତରେ ସାରଥି କୃଷ୍ଣଙ୍କ ବିନା ଅର୍ଜୁନ ହୁଏତ ପ୍ରତିପ୍ରତି ଦେଖାଇ ପାରି ନଥାନ୍ତେ। ଅର୍ଥାତ୍ ଯିଏ ପରିଚାଳନା କରୁଛି ସିଏ ହିଁ ଯୁଦ୍ଧ ଜିତିବାର ମୁଖ୍ୟ ଭୂମିକା ନେଇଥାନ୍ତି। ଆଉ ଗୋଟିଏ କଥା ରଥଯାତ୍ରାରେ ଭକ୍ତଙ୍କ ଭୂମିକା ସର୍ବୋପରି, କାରଣ ରଥକୁ ଭକ୍ତମାନେ ହିଁ ଟାଣିଥାନ୍ତି। ଏହି ତାଳଚେରର ରଥଯାତ୍ରାରେ କୋଣ ଅନୁକୋଣରୁ ବ୍ୟବସାୟୀମାନେ ୪-୫ଦିନ ପୂର୍ବରୁ ଆସି ନିଜର ଅସ୍ଥାୟୀ ଟେଣ୍ଟମାନ କରି ବେପାର ବଣିଜ ପାଇଁ ପସରା ମେଲାଇଥାନ୍ତି। ତାଳଚେର ଘୋଡ଼ାଶାଳ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ କିସମର ଦୋକାନ ବଜାର ବସିଥାଏ। ଚାର୍ଟ, ଗୁପଚୁପ୍, ଚଟପଟି ଖାଦ୍ୟ, ଆଇସକ୍ରିମ, ମଥୁରାକେକ, ଲଙ୍କାପୁରୀ, ଠୁମୁକା ଇତ୍ୟାଦି ଖାଦ୍ୟ ସାମଗ୍ରୀ ସହିତ ମହିଳାମାନଙ୍କ ନିମନ୍ତେ ଘରଉପକରଣ, ଘର ସଜାଇବା ନିମନ୍ତେ ଦେଶବିଦେଶର ଆଲବମ୍, ସିନେରୀ, ମନୋହରି ଦୋକାନ, ପୁରୁଣା ସାମଗ୍ରୀ ଯଥା ଝାମ୍ପି, ଟୋକେଇ, କୁଲା, ଗଉଣୀ, ମାଟି ତିଆରି ସମାଗ୍ରୀ, ଖଜୁରୀପାଲୁରେ ନିର୍ମିତ ବିଭିନ୍ନ ଘର ବ୍ୟବହାରିକ ଜିନିଷପତ୍ର ଇତ୍ୟାଦି ମିଳିଥାଏ। ରଥଯାତ୍ରା ବେଳେ ବୃକ୍ଷରୋପଣ କରାଯିବାର ପ୍ରଥା ଓଡ଼ିଶା ସମେତ ସମଗ୍ର ଭାରତରେ ବହୁ ପ୍ରାଚୀନ ଯୁଗରୁ ରହି ଆସିଛି। ଏହାର କାରଣ ହେଲା ଜୁନମାସର ମଝାମଝି ପୂର୍ବ ଭାରତର ମୌସୁମୀ ଆସି ଯାଇଥାଏ। ତେଣୁ ଚାଷବାସ, ବୃକ୍ଷରୋପଣ ପାଇଁ ପରିବେଶ ଅନୁକୂଳ ହୁଏ। ରଥଯାତ୍ରା ଉପରେ ଲୋକମାନଙ୍କର ବିଶ୍ୱାସ ଅତୁଟ ହୋଇଥାଏ। ରୀତିନୀତି ଅନୁଯାୟୀ ପଣ୍ଡିତମାନେ ଚର୍ତୁର୍ଦ୍ଧା ମୂରତିଙ୍କୁ ପୂଜାର୍ଚ୍ଚନା କରି ପହଣ୍ଡି ବିଜେ ହୋଇ ବଡ଼ଦାଣ୍ଡକୁ ଅଣାଯାଇ ରଥାରୁଢ଼ କରାଯାଏ ଏବଂ ଶ୍ରୀ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରନ୍ତି ମହାବାହୁ। ତାଳଚେର ଭକ୍ତଙ୍କ ଦ୍ୱାରା ରଥଟଣା ହୋଇ ଘଂଟ, ଘଂଟା, କୀର୍ତ୍ତିନ, ହୁଳହୁଳି, ହରିବୋଲ ଓ ଭକ୍ତମାନେ ବିଭିନ୍ନ ଦେବାଦେବୀଙ୍କ ବେଶରେ ରଥ ସାମ୍ନାରେ ପ୍ରଦଦର୍ଶନ କରିଥାନ୍ତି ଏବଂ ଦୁଲୁକି ପଡ଼େ ବଡ଼ଦାଣ୍ଡ। ଶେଷରେ ବଡ଼ଦାଣ୍ଡ ସାହି ଛକ ରାଣୀମନ୍ଦିର ନିକଟରେ ରଥ ଆସି ପହଞ୍ଚି ଥାଏ। ପ୍ରଭୁଙ୍କ ଏହି ବର୍ଷକରେ ଥରେ ରଥଯାତ୍ରାକୁ ବଡ଼ ଆନନ୍ଦ, ଉଲ୍ଲାସ ସହକାରେ ପାଳନ କରିଥାନ୍ତି ଏବଂ ଏହି ଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବାକୁ ନେଇ ପୌରପ୍ରଶାସନ ଓ ପୋଲିସ୍ ପ୍ରଶାସନ ପକ୍ଷରୁ କଡ଼ା ବ୍ୟବସ୍ଥା ମଧ କରାଯାଇଥାଏ। ରଥଯାତ୍ରା ଆମ ଓଡ଼ିଶାରେ ଏକ ଜାତୀୟ ପର୍ବ। ବିଭିନ୍ନ ଜାତି ଓ ଧର୍ମର ଲୋକମାନେ ମିଳିମିଶି ଏହି ପର୍ବପାଳନ କରନ୍ତି। ସମସ୍ତେ ଏକତ୍ରିତ ହୋଇ ପ୍ରଭୁଙ୍କର ଘୋଷଯାତ୍ରାକୁ ସଫଳ କରିଥାନ୍ତି। ତେବେ ଚର୍ତୁର୍ଦ୍ଧା ମୂରତିଙ୍କ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଥିବା ବେଳେ ରଥକାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ଆଜି ପ୍ରଭୁ ଜଗତରନାଥ ଜଗନ୍ନାଥ ରଥକୁ ଆଜ୍ଞାମାଳ ଆଣାଯାଇଥିଲା। ସେହିଭଳି ଡ଼େରା, ସାଉଥବଲଣ୍ଡା, ଜଗନ୍ନାଥ କଲୋନୀରେ ମହାଆଡ଼ମ୍ବରରେ ରଥଯାତ୍ରା ପାଳିତ ହୋଇଛି।

# ଡକାୟତି ଯୋଜନା ପଣ୍ଡ, ୬ ଗିରଫ

**ତାଳଚେର,୨୭।୬/ଏନ୍ଏନ୍ଏସ୍:** ଗତକାଲି ବିଳମ୍ବିତ ରାତ୍ରିରେ ତାଳଚେର ଥାନା ଅଧିକାରୀ ବିଶେଷ ସୂତ୍ରରୁ ଖବର ପାଇ ତାଳଚେର କଲେଜ ଭିତର ପରିସର ଏକ ଅନ୍ଧାରୁଆ ସ୍ଥାନରେ ୬ଜଣ ଯୁବକ ଡ଼କାୟତି କରିବା ନେଇ ଯୋଜନା କରୁଥିବା ବେଳେ ପୁଲିସ୍ ସେମାନଙ୍କୁ ଆତର୍କିତ ଚଢ଼ାଉ କରି ଧରିବାରେ ସକ୍ଷମ ହୋଇଛି। ତାଳଚେର ଥାନା ଅଧିକାରୀ ଏକ ଟିମ ଗଠନ କରି ପ୍ରଥମେ ସେମାନଙ୍କୁ ଘେରି ଯାଇଥିବା ସମୟରେ ଉକ୍ତ ଦୁର୍ବୃତମାନେ ହାତରେ କଟୁରୀ, ଲୁହା ରଡ଼ ଓ ୨ଜଣ ପିସ୍ତଲ ଧରି ପୋଲିସକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ ଓ ସେମାନଙ୍କ ମଧ୍ୟରୁ ଗୋଟିଏ କଲେଜ ପାଚେରୀ ଡ଼େଇଁ ରାଣୀପାର୍କ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା। ସେମାନଙ୍କୁ ଥାନାକୁ ଆଣି ପଚରା ଉଚରା କରିବାପରେ ସେମାନେ ଡ଼କାୟତ କରୁଥିବା ଯୋଜନା କରୁଥିଲେ ବୋଲି ପୁଲିସ୍ ନିକଟରେ ପ୍ରକାଶ କରିଥିଲେ। ଏହି ଦୁର୍ବୃତ୍ତମାନେ ତାଳଚେର ଜେଲରୋଡ଼ ନିକଟରୁ ହୋଇଥିବା ବେଳେ ସେମାନେ ରାହୁଲ ନାଏକ (୨୧), ସୁମନ ନାଏକ (୧୭), ପ୍ରଭାତ ନାଏକ (୨୩), ରଜତ ନାଏକ (୨୪), ଯତିନ ନାଏକ (୧୯) ଜଣାପଡ଼ିଥିବା ବେଳେ ଅନ୍ୟ ଜଣେ ଫେରାର୍ ଅଛି। ସେମାନଙ୍କ ନିକଟରୁ ଏକ ସିଙ୍ଗଲ ବ୍ୟାରେଲ ଦେଶୀବନ୍ଧୁକ ଯେଉଁଥିରେ ଗୁଳି ଲୋଡ଼ ଥିଲା, ଗୋଟିଏ ଦେଶୀବନ୍ଧୁକ, ଲୁହାକଟରା, ଲୁହାରଡ଼ ଏବଂ ଗୋଟିଏ ମୋବାଇଲ୍ ପୋଲିସ୍ ଜବତ କରିବା ସହିତ ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଏମାନଙ୍କ ନାମରେ ଥାନାରେ ବହୁ ଅଭିଯୋଗ ରହି ଆସିଥିବା ଥାନା ପକ୍ଷରୁ ଜଣାପଡ଼ିଛି।

## ଢେଙ୍କାନାଳର ପାରମ୍ପାରିକ ରଥଯାତ୍ରା

# ଅଧାରେ ଅଟକିଲେ ମହାବାହୁ



**ଢେଙ୍କାନାଳ,୨୭।୬/ଏନ୍‌ଏନ୍‌ଏସ୍:** ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ଢେଙ୍କାନାଳର ଆରାଧ୍ୟ ପ୍ରଭୁ ବଳରାମଜିଉଙ୍କ ରଥଯାତ୍ରା ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ତେବେ ଚଳିତ ବର୍ଷ ନୀତିକାନ୍ତିରେ ବିଳମ୍ବ ଘଟିଥିବା ବେଳେ ଅଧାରେ ଅଟକି ରହିଛି ଉଭୟ ରଥ । ଆସନ୍ତାକାଲି ପୁଣି ରଥ ଟଣା ଯାଇ ରଥ ଯାତ୍ରାକୁ ସମ୍ପନ୍ନ କରାଯିବ । ଢେଙ୍କାନାଳର ପରମ୍ପରା ମୁତାବକ ରାଜା କାମାକ୍ଷା ପ୍ରସାଦ ସିଂହଦେଓ ରଥରେ ଛେରା ପହଁରା କରିବାର ବିଧି ରହିଥିବାବେଳେ ରାଜ ପରିବାର ପକ୍ଷରୁ ଯୁବରାଜ ଅମରଜ୍ୟୋତି ସିଂହଦେଓ ରଥରେ ଛେରା ପହଁରା କରିଥିଲେ । ରଥଯାତ୍ରା ପାଇଁ ଦୁଇଟି ରଥରୁ ବଡ଼ ରଥରେ ବଳରାମଙ୍କ ମନ୍ଦିର ପରିସର ଜଗନ୍ନାଥଙ୍କୁ ପହଣ୍ଡି କରି ରଥକୁ ନିଆଯାଇଛି । ସାନ ରଥରେ ରାଜା କାମାକ୍ଷା ପ୍ରସାଦ ସିଂହଦେଓଙ୍କ ରାଜ ପ୍ରାସାଦରେ ପୂଜା ପାଉଥିବା ଶ୍ରୀଜିଉଙ୍କୁ ପହଣ୍ଡି କରି ନିଆଯାଇଛି । ରଥଯାତ୍ରାର ନୀତିକାନ୍ତି ମୁତାବକ ପ୍ରାତଃ ସମୟରେ ଜିଉଙ୍କ ସ୍ନାନ ମାର୍ଜନା ସାରି ପରେ ସକାଳ ଧୂପ ଓ ନୀତିକାନ୍ତି କରାଯାଇଥିଲା । ପରେ ପହଣ୍ଡି ବେଶ ଓ ମଙ୍ଗଳାର୍ପଣ ପୂଜା କରି ରାଜ ଦର୍ଶନ କରାଯାଇଥିଲା । ଚଳିତ ବର୍ଷ ବିଳମ୍ବ ଯୋଗୁଁ ମଧ୍ୟାହ୍ନ ୧୨ଟା ୪୦ମିନିଟ୍‌ରେ ପହଣ୍ଡି ବିଜେ କରାଯାଇଛି । ସେବାୟତମାନଙ୍କ ସହିତ ଢେଙ୍କାନଳ ରାଜପରିବାର ପକ୍ଷରୁ ରାଜା କାମାକ୍ଷା ପ୍ରସାଦ ସିଂହଦେଓ, ରାଣୀ ସାବିତ୍ରୀ ଦେବୀ ଓ ଯୁବରାଜ ଅମରଜ୍ୟୋତି ସିଂହଦେଓ ଶ୍ରୀଜୀଉଙ୍କ ପହଣ୍ଡି ବିଜେରେ ସାମିଲ ରହି ଶ୍ରୀଜିଉଙ୍କୁ ରଥାରୂଢ଼ କରାଇଥିଲେ । ପହଣ୍ଡି ସମୟରେ ସାଂସଦ ରୁଦ୍ର ନାରାୟଣ ପାଣି ଶ୍ରୀ ଜଗନ୍ନାଥଙ୍କ ଆର୍ଶିବାଦ ଭିକ୍ଷା ଲାଭ କରିଥିବାବେଳେ ରାଜ ପରିବାର ସହିତ ପହଣ୍ଡିରେ ସାମିଲ ହୋଇଥିଲେ । ଅପରାହ୍ନ ୩ଟା ୩୦ରେ ସମୟରେ ରାଜା କମାକ୍ଷାପ୍ରସାଦ ସିଂହଦେଓଙ୍କ ଉପସ୍ଥିତିରେ ଯୁବରାଜ ଅମରଜ୍ୟୋତି ସିଂହଦେଓ ରଥରେ ଛେରା ପହଁରା କରିଥିଲେ ।ପରେ ପ୍ରଭୁଙ୍କ ଅଙ୍ଗଲାଗି ପଗଡ଼ି ବନ୍ଧନ ପରେ ରଥଟଣା ଅପରାହ୍ନ ୩ଟା ୪୦ ମିନିଟ ସମୟରେ ଆରମ୍ଭ କରାଯାଇଥିଲା । ଏହି ଅବସରରେ ପୂର୍ବତନ ସାଂସଦ ମହେଶ ସାହୁ ରଥ କଡନ ମଧ୍ୟରେ ରହି ରଥଟଣାରେ ସାମିଲ ରହିଥିବା ବେଳେ ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ପାତ୍ର ଓ ତାଙ୍କ ସହକର୍ମୀମାନେ ରଥଟଣା କାର୍ଯ୍ୟ କରିଥିଲେ । ଏହି ଅବସରରେ ରଥ ଆଗେ ଆଗେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଲକ୍ଷରୁ ଭଜନ କୀର୍ତ୍ତନ ସାଙ୍ଗକୁ ନାଚ ଗୀତର ଆସର ମଧ୍ୟରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ଟାଣି ନେଇଥିଲେ । ଫଳରେ ସମ୍ପୂର୍ଣ୍ଣ ଢେଙ୍କାନାଳ ସହର ଆଧାତ୍ମିକ ପରିବେଶରେ ବୁଡି ରହିଥିଲା । ଜୟ ଜଗନ୍ନାଥ ଧ୍ୱନୀରେ କମ୍ପି ଉଠିଥିଲା ଢେଙ୍କାନାଳ ସହର । ବଡ଼ ରଥକୁ ସମସ୍ତେ ଟାଣୁଥିବା ବେଳେ ସାନ ରଥକୁ କେବଳ ମହିଳାମାନେ ଟାଣି ଟାଣି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଟାଣି ନେଉଥିଲେ । ମାତ୍ର ସନ୍ଧ୍ୟା ପରେ ରଥ ଟଣାରେ ବିରାମ ଲାଗିଥିବା ବେଳେ ବଡ଼ ରଥ ଜବହାଚୌକ ଓ ସାନ ରଥ ମହାବୀର ବଜାର ଠାରେ ଅଟକି ରହିଥିବା ସୂଚନା ମିଳିଛି । ଆସନ୍ତା କାଲି ପୁନର୍ବାର ରଥ ଟଣା ଯାଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ନିଆଯାଇ ରଥଟଣା ସମ୍ପର୍ଣ୍ଣ କରାଯିବ ।

# ସିଦ୍ଧଳ ଶ୍ରୀ ଶ୍ରୀ ବଳଦେବଜିଉଙ୍କ ଘୋଷଯାତ୍ରା



**ଜଗତ୍‌ସିଂହପୁର,୨୭।୬/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲାର ପ୍ରାଚୀନ ପୀଠ ଶ୍ରୀଶ୍ରୀବଳଦେବଜିଉଙ୍କର ଆଜି ପବିତ୍ର ଘୋଷଯାତ୍ରା ଜିଲ୍ଲା ପ୍ରଶାସନଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ଓ ମନ୍ଦିର ପରିଚାଳନା କମିଟିଙ୍କ ଜରିଆରେ ଏକ ଭକ୍ତିମୟ ପରିବେଷ ଓ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଯାଇଛି । ଏକ ରଥରେ ଚତୁର୍ଦ୍ଧାମୁର୍ତ୍ତି ପହଣ୍ଡି ବିଜେ କରିବା ପରେ, ପୀଠର ଠାକୁର ରାଜା ତଥା ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲଙ୍କ ଦ୍ୱାରା ଛେରାପହଁରା ଅନୁଷ୍ଠିତ ହୋଇଥିଲା । ଛେରା ପହଁରା ସମାପନ ହେବା ପରେ ଠାକୁର ରାଜା ଶ୍ରୀ ସୋନାଲ, ରଥ ଉପରେ ଠିଆ ହୋଇ ଶ୍ରୀଜିଉଙ୍କ ନିକଟରେ ଜିଲ୍ଲାର ତଥା ସମଗ୍ର ଜିଲ୍ଲାବାସୀଙ୍କ ନିମନ୍ତେ ସୁସ୍ଥ ଓ ଶାନ୍ତିମୟ ଜୀବନର କଲ୍ୟାଣ ଭିକ୍ଷା କରିଥିଲେ । ପରେ ଜନ ସାଧାରଣ, ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ରଥ ଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପୂର୍ବାହ୍ନରେ ପୀଠରେ ଶ୍ରୀଜିଉଙ୍କ ଲାଗି ନିତୀବିଧି ଅନୁଯାୟୀ ପୂଜାର୍ଚ୍ଚନା ତଥା ମଙ୍ଗଳାର୍ପଣ, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ପାକଶାଳା ପୂଜା, ବୈଷ୍ଣବାଗ୍ନି ସଂସ୍କାର, ଷୋଡଶ ଉପଚାର ପୂଜା, ମଧ୍ୟାହ୍ନରେ ଧୂପ, ରଥ ପ୍ରତିଷ୍ଠା ଓ ପତକା ଲାଗି ଅନୁଷ୍ଠିତ ହୋଇଥିବା ବେଳେ, ଅପରାହ୍ନ ୪ଟା ସମୟରେ ପ୍ରଭୁଙ୍କର ପହଣ୍ଡିବିଜେ, ରଥାରୋହଣ ଅନୁଷ୍ଠିତ ହୋଇଥିଲା । ୪ଟା ୩୦ ମିନିଟ୍ ସମୟରେ ଠାକୁର ରାଜା ତଥା ଜିଲ୍ଲାପାଳ ଶ୍ରୀ ସୋନାଲଙ୍କ ଦ୍ୱାରା ରଥ ମାର୍ଜନା ଓ ଛେରାପହଁରା ଅନୁଷ୍ଠିତ ହୋଇଥିଲା । ପରେ ତଥଟଣା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଦୂର ଦୂରାନ୍ତରୁ ଆସି ଉପସ୍ଥିତ ଥିବା ହଜାର ହଜାର ମା, ମାଉସୀ, ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ହରିବୋଲ, ହୁଳହୁଳିରେ ବଡଦାଣ୍ଡ କମ୍ପିବା ସହିତ ରଥକୁ ଟାଣି ନେଇଥିଲେ ମାଉସୀ ମାଆଙ୍କ ପୀଠକୁ । ଏହି କାର୍ଯ୍ୟକ୍ରମରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଆରକ୍ଷୀ ବାହିନୀ ଓ ସ୍କାଉଟ୍ସଗାଇଡ୍ସର ଛାତ୍ରଛାତ୍ରୀମାନେ ନିୟୋଜିତ ହୋଇଥିଲେ । ଏହାବ୍ୟତିତ ବିଭିନ୍ନ ସମୟରେ ଜନ ସାଧାରଣଙ୍କୁ ସୂଚନା, ଜରୁରୀ ଚିକିତ୍ସା ଯୋଗାଇଦେବା ଲାଗି ଜିଲ୍ଲା ସୂଚନା ବିଭାଗ ପକ୍ଷରୁ ସୂଚନା କେନ୍ଦ୍ର ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଶୁ ଚିକିତ୍ସାଳୟ ଖୋଲା ଯାଇଥିଲା । ସେହିପରି ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ୧୭ନମ୍ବର ୱାର୍ଡ ଦେଉଳିଗ୍ରାମେଶ୍ୱର ଗ୍ରାମରେ ଛୋଟ ରଥରୁ ପ୍ରଥମ କରି ବଢ ରଥ କରାଯାଇ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଘୋଷଯାତ୍ରା ୱାର୍ଡର କାଉନସିଲର ଦେବାଶିଷ ସ୍ୱାଇଁ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା । ସେହିପରି ସଦର ବ୍ଲକ ଅନ୍ତର୍ଗତ ପୁନଙ୍ଗ ଓ ସରାପ୍ଦୋ, ନାଉଗାଁ ବ୍ଲକର ଗାରୋଇ, ବିରିଡି ବ୍ଲକର ଧ୍ୟାନକୁଦ ପୀଠ, ବାଲିକୁଦା ବ୍ଲକର ଖମ୍ବାକୁଳ ଇତ୍ୟାଦି ଠାରେ ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି ।

## ଗ୍ରୀନ୍ ପାରାଦୀପ ଟ୍ରଷ୍ଟ୍ ଓ ସାମ୍ବାଦିକଙ୍କ ପକ୍ଷରୁ ପଣା ଓ ଚାରା ବଣ୍ଟନ



**ପାରାଦୀପ,୨୭।୬/ଏନ୍‌ଏନ୍‌ଏସ୍:** ପାରାଦୀପ ସହରରେ ଦୀର୍ଘ ୪୯ ବର୍ଷ ଧରି ମହାପ୍ରଭୁଙ୍କର ରଥଯାତ୍ରା ପାଳିତ ହୋଇଆସୁଛି । ଏହି ଅବସରରେ ଶୁକ୍ରବାର ଦିନ ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ରଥଦାଣ୍ଡରେ ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଗ୍ରୀନ୍ ପାରାଦୀପ ଟ୍ରଷ୍ଟ୍ ଓ କାର୍ଯ୍ୟରତ ସାମ୍ବାଦିକ, ପାରାଦୀପ ପକ୍ଷରୁ ଭକ୍ତମାନଙ୍କ ନିମନ୍ତେ ଜଳସେବା କେନ୍ଦ୍ର ଖୋଲାଯାଇଥିଲା । ଏହି କେନ୍ଦ୍ରକୁ ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ । ପାରାଦୀପ ରଥଯାତ୍ରା ଦେଖିବାକୁ ଆସିଥିବା ଭକ୍ତମାନଙ୍କୁ ଦହିପଣା, ପାନୀୟଜଳ ବଣ୍ଟନ କରାଯାଇଥିଲା । ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣର ଆବଶ୍ୟକତା ରହିଛି ଏହାକୁ ଦୃଷ୍ଟିରେ ରଖି ଏହି ଦୁଇ ସଙ୍ଗଠନ ପକ୍ଷରୁ ଜନସାଧାରଣଙ୍କୁ ଚାରା ବଣ୍ଟନ କରାଯାଇଥିଲା । ଗ୍ରୀନ୍ ପାରାଦୀପ ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସେବା କାର୍ଯ୍ୟରେ ଟ୍ରଷ୍ଟର ସଦସ୍ୟମାନଙ୍କ ସମେତ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଭକ୍ତମାନଙ୍କୁ ଦହିପଣା, ପାନୀୟଜଳ ଓ ଚାରା ବଣ୍ଟନ କରିଥିଲେ ।

## ବିଶ୍ୱ ମାଦକଦ୍ରବ୍ୟ ସେବନ ବିରୋଧି ଦିବସ

**ଯାଜପୁର,୨୭।୬/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ମାଦକ ଦ୍ରବ୍ୟ ସେବନ ନିରୋଧି ଦିବସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାଧିକରଣର ସଚୀବ ଲିପା ମହାନ୍ତି ଅଧ୍ୟକ୍ଷତା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ରଞ୍ଜନ କୁମାର ବେହେରା, ସାମାଜିକ କାର୍ଯ୍ୟକର୍ତ୍ତା ତଥା ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ଡା. ରୁଦ୍ରନାରାୟଣ ପୃଷ୍ଟି ଅତିଥି ଆଲୋଚକ ଭାବେ ଯୋଗଦେଇ ବିବିଧ ମାଦକ ସେବନ ଦ୍ୱାରା ବ୍ୟକ୍ତଗତ ଜୀବନ ଦୟନୀୟ ସ୍ଥିତିକୁ ଚାଲିଯିବା ସହ ତାହା କିପରି ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ପାରିବାରିକ,ସାମାଜିକ ଜୀବନକୁ କ୍ଷତାକ୍ତ କରିବା ସହ ରାଷ୍ଟ୍ରର ପ୍ରଭୁତ କ୍ଷତି କରିଥାଏ ସେ ବିଷୟରେ ଆଲୋକପାତ କରିଥିଲେ । ନାଲସା ଦ୍ୱାରା ପ୍ରସ୍ତୁତ ଆଜିର ବିଷୟ ଭିତ୍ତିକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା । ଅଧ୍ୟାପକ ଶହ. ବିନୋଦ କୁମାର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡା. ମନ୍ମଥ କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟ ପରିଚାଳନାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ ।

## ଜିଲ୍ଲାକୋର୍ଟରେ ଗୋପବନ୍ଧୁଙ୍କ ଶ୍ରାଦ୍ଧବାର୍ଷିକ



**କେନ୍ଦ୍ରାପଡ଼,୨୭।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ଓକିଲ ସଂଘ ପକ୍ଷରୁ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧବାର୍ଷିକ ପାଳନ ହୋଇଯାଇଛି । ଓକିଲ ସଂଘର ସଭାପତି ଗୋବର୍ଦ୍ଧନ ରାଉତଙ୍କ ତତ୍ତ୍ୱାବଧାନରେ କୋର୍ଟ ପରିସରରେ ଥିବା ଗୋପବନ୍ଧୁଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ପାଦକ ନୃସିଂହ ଚରଣ ରାଉତ, ଉପସଭାପତି ହାଡିବନ୍ଧୁ ସିଂ,ସହ ସଂପାଦକ ବିନୋଦ କୁମାର ବେହେରା, କୋଷାଧ୍ୟକ୍ଷ ବିଭୂତି ଭୂଷଣ କରଙ୍କ ସମେତ ସଂଘର ସଭ୍ୟ/ସଭ୍ୟା ଓ ଅନ୍ୟ ଆଇନ୍‌ଜିବୀମାନେ ଉପସ୍ଥିତ ଥିଲେ ।

## ରଥଯାତ୍ରାରେ ରାମଖେଚୁଡ଼ି ବଣ୍ଟନ

**ତାଳଚେର,୨୭।୬/ଏନ୍‌ଏନ୍‌ଏସ୍:** ଆଜି ପବିତ୍ର ରଥଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ତାଳଚେର/ଅନୁଗୋଳ ଆକ୍ଟିଭ ମିଡ଼ିଆ ସଂଘ ଆନୁକୂଲ୍ୟରେ ଅଲଓଡ଼ିଶା ହ୍ୟୁମାନ୍ ରାଇଟସ୍ ଓ ମା' ସେବକ ସଂଘ ପକ୍ଷରୁ ରାମଖେଚୁଡ଼ି, ଥଣ୍ଡା ପାନୀୟଜଳ ଓ ଫଳରସ୍ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମାଜସେବୀ ବିଭୂତି ସାହୁ, ଜିତୁ ବେହେରା ଯୋଗଦେଇ ପ୍ରସାଦ ସେବନ କରିବା ସହିତ ଉତ୍ସାହିତ କରାଇଥିଲେ । ଶ୍ରଦ୍ଧାଳୁମାନେ ଅତି ଆନନ୍ଦସହକାରେ ଏହି ପ୍ରସାଦ ସେବନ କରି ଯାତ୍ରା ପଡ଼ିଆକୁ ଆଗଭର ହୋଇଥିଲେ । ସାମ୍ବାଦିକ କାର୍ଯ୍ୟକାରୀ ସଭାପତି ମନୋଜ ଶତପଥୀ, ଦେବେନ୍ଦ୍ର ସାହୁ, ଅଲଓଡ଼ିଶା ହ୍ୟୁମାନ ରାଇଟସ୍ ସଭାପତି ଡା. ଦେବେନ୍ଦ୍ର ସିଂହ, ମା'ସେବକ ସଂଘ କୋଷାଧ୍ୟକ୍ଷ ଗୋବିନ୍ଦ ବେହେରା, କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ବେହେରା, ଉପସଭାପତି ଅଶ୍ୱିନୀ ସିଂହ, ସୁନିଲ ବେହେରା, ଦେବେନ୍ଦ୍ର ବେହେରା, ନୋକିଆ ବେହେରା, ନିରୋଜ ବେହେରା, ଦୁଷ୍ମନ୍ତ ବେହେରା, ରିଙ୍କୁ କାଜି, ହାଡ଼ି ବେହେରା ଓ ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ ।

## ଦେଶୀ ମହୁଲି ଜବତ, ଜଣେ ଗିରଫ



**ପରଜଙ୍ଗ,୨୭।୬/ଏନ୍‌ଏନ୍‌ଏସ୍:** ପରଜଙ୍ଗ ଥାନା ଅନ୍ତର୍ଗତ ଆମ୍ବ ପଳାସ ପଞ୍ଚାୟତର ଜାମୁନାଳି ରାସ୍ତାଦେଇ ଯାଉଥିବା ଏକ ସ୍କର୍ପିଓକୁ ପିଛା କରି ପରଜଙ୍ଗ ପୁଲିସ ୯୫୦ ଲିଟର ଚୋରା ଦେଶୀମଦ ଜବତ କରିବା ସହ ମୁନା କେଇଡି (୨୧)କୁ କାବୁ କରିଥିବା ବେଳେ ଆଉ ୫୦ ଲିଟର ଚୋରା ଦେଶୀ ମଦ ସହ ଗୋଟିଏ ସ୍କୁଟି ଜବତ କରି ଆମ୍ବପଳାସର ଚେରୁ ଦେହୁରୀ(୩୫)କୁ କନ୍ତୋର ଛକ ଠାରେ କାବୁ କରିଛି । ପରଜଙ୍ଗ ଥାନା ଅଧିକାରୀ ଧୀରେନ୍ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଦେବଗ୍ରାହି ମହାନ୍ତି ଓ ଏଏସ୍‌ଆଇ ଯୁଗଳ କିଶୋର ପ୍ରଧାନ ଗତକାଲି ରାତିରେ ଖବର ପାଇ ରାତି ତମାମ ରେଡ୍ କରି ଆଜି ଭୋର୍ ସମୟରେ ସଦଳବଳେ ସେମାନଙ୍କୁ ଧରିବାରେ ସଫଳ ହୋଇଥିଲେ । ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ।

## 'ପ୍ରକୃତି ବନ୍ଧୁ'ଙ୍କ ଦ୍ୱାରା ତାଳମଞ୍ଜି ରୋପଣ

**ଚାନ୍ଦୋଳ,୨୭।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାରେ ତାଳ ମଣିଷ ଭାବେ ପରିଚିତ 'ପ୍ରକୃତି ବନ୍ଧୁ' ଜେନାମଣି ବଳ ଓ ତାଙ୍କ ସହଯୋଗୀମାନେ ଆଜି ୨୦୦ ତାଳ ମଞ୍ଜି ରୋପଣ କରିଛନ୍ତି । ଆଜି ଜେନାମଣିଙ୍କ ନେତୃତ୍ୱରେ ବିଜୟ କୁମାର ଜେନା, ଗୋପିନାଥ ଜେନା, ଯୁଗଳ କିଶୋର ଦାସ, ଡେରାବିଶ ବ୍ଲକ୍‌ର ଦାନପୁର ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କେନାଲର ଶାଖାନାଳ ନଂ-୧୩ର ବାମପାର୍ଶ୍ୱ ବନ୍ଧରେ ଏହି ତାଳ ମଞ୍ଜି ରୋପଣ କରିଛନ୍ତି । ପ୍ରକାଶ, ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ତାଳ ମଣିଷ ଭାବେ ପରିଚିତ ଜେନାମଣି ଦୀର୍ଘ ୨୦୧୧ ମସିହା ଠାରୁ ବୃକ୍ଷ ରୋପଣ କରି ଆସୁଛନ୍ତି । ସେ ତାଙ୍କ ପଞ୍ଚାୟତ ସମେତ ନିକଟସ୍ଥ ପଞ୍ଚାୟତମାନଙ୍କରେ ରହିଥିବା ବିଭିନ୍ନ କେନାଲ ବନ୍ଧ କଡ଼, ଶ୍ମଶାନ, ଗୋଚର, ରାସ୍ତା କଡ଼ ଓ ଖାଲି ସ୍ଥାନମାନଙ୍କରେ ବିଭିନ୍ନ ଫଳ, ଫୁଲ ଓ ଔଷଧୀୟ ବୃକ୍ଷ ରୋପଣ କରି ତାର ଯତ୍ନ ନେଇଥାନ୍ତି । ଏପରିକି ବଜ୍ରାଘାତରୁ ତାଳଗଛ ସୁରକ୍ଷା ଦେବ ବୋଲି ସରକାରୀ ଭାବେ ଘୋଷଣା ହେବାର ତେରବର୍ଷ ପୂର୍ବରୁ ଜେନାମଣୀ ଲୁଣା ନଦୀବନ୍ଧ କଡ଼ରେ ବନ୍ୟା ଦାଉରୁ ନଦୀ ବନ୍ଧକୁ ସୁରକ୍ଷା ଓ ପରିବେଶ ସୁରକ୍ଷା ନିମନ୍ତେ ଶହ ଶହ ତାଳଗଛ ସୃଷ୍ଟି କରିଛନ୍ତି ।

# ଜଗନ୍ନାଥ ସମାଜ ପକ୍ଷରୁ ଘୋଷଯାତ୍ରା



**ପାରାଦୀପ,୨୭।୬/ଏନ୍‌ଏନ୍‌ଏସ୍:** ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ୪୯ତମ ଘୋଷଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସକାଳେ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଜିଉମାନଙ୍କର ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଶ୍ରୀଜିଉମାନଙ୍କୁ ସେବାୟତମାନେ ଧାଡି ପହଣ୍ଡିରେ ରଥ ଉପରକୁ ଆଣିଥିଲେ । ଶ୍ରୀଜିୟୁମାନେ ରଥାରୂଢ ହେବାପରେ ଜଗନ୍ନାଥ ସମାଜର ସଭାପତି ପି.ଏଲ.ହରନାଦ ରଥ ଉପରେ ଛେରା ପହଁରା କରିଥିଲେ । ଛେରା ପହଁରା ସରିବା ପରେ ରଥରୁ ଚାରମାଳ ଖୋଲା ଯାଇଥିଲା । ଏହାପରେ ଆରମ୍ଭ ହୋଇଥିଲା ରଥଟଣା । ଭକ୍ତମାନଙ୍କ ଗହଣରେ ଶ୍ରୀଜିଉମାନେ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ । ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ରବିନ୍ଦ୍ର କୁମାର ଦାସ, ଦିଗମ୍ବର ଖୁଣ୍ଟିଆ, ଚିତ୍ତ ଭଟ୍ଟ, ଭାବଗ୍ରାହୀ ମିଶ୍ର, ଅମୀୟ କୁମାର ସାହୁ, ନିମାଇଁ ଚରଣ ରାଉତ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ ।

## ପୋଖରୀରେ କୁମ୍ଭୀର, ଲୋକେ ଭୟଭିତ

**ରାଜନଗର,୨୭।୬/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଡୁଲାପୁର ଗ୍ରାମର ଗୋଟିଏ ପୋଖରୀ ରେ କୁମ୍ଭୀରକୁ ଦେଖିବାକୁ ମିଳିଛି । ଏହି ଗ୍ରାମର ଦୀଲିପ ରାଉତଙ୍କ ପୋଖରୀରେ କୁମ୍ଭୀର ଭାସୁଥିବା ଦେଖି ଲୋକମାନେ ଭୟଭୀତ ହୋଇ ପଡ଼ିଥିଲେ । ବନବିଭାଗକୁ ଖବର ଦେଇଥିଲେ । ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ କୁମ୍ଭୀରଟିକୁ ଉଦ୍ଧାର କରିବାପାଇଁ ଜାଲସହ ପହଞ୍ଚିଥିବା ଜଣାପଡ଼ିଛି । ପୋଖରୀକୁ ପାଣିନାଳ ଲାଗିଥିବାରୁ ନାଳ ମଧ୍ୟରେ କୁମ୍ଭୀରଟି ଚାଲିଆସିଥିବା ସନ୍ଦେହ କରାଯାଉଛି ।

## ନିଟ୍ ପରୀକ୍ଷାରେ କୃତିଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଆଳି,୨୭।୬/ଏନ୍‌ଏନ୍‌ଏସ୍:** ଚଳିତ ଥର ପ୍ରକାଶ ପାଇଥିବା ନିଟ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଅଟାଳ ପଞ୍ଚାୟତ ଧନେଶ୍ୱରପୁର ଗ୍ରାମର ଭ୍ରମରବର ନାୟକଙ୍କ ଝିଅ ସୁଦ୍ଧାଂଶୁବାଳା ନାୟକଙ୍କୁ ମା'ଚକ୍ରବାସୁଳି ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ମା ଚକ୍ର ବାସୁଳି ଠାକୁରାଣୀ କମିଟିର ସଭାପତି ସୁବାସ ଚନ୍ଦ୍ର ବଳ ଓ ସମ୍ପାଦକ ଅମିୟ ରଞ୍ଜନ ଦାସ କୃତିତ୍ୱ ଅର୍ଜନ କରିଥିବା ସୁଦ୍ଧାଂଶୁବାଳାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ଗ୍ରାମର ବିଶ୍ୱରଞ୍ଜନ ରାଉତ,ଭରତ ରାଉତ,ସଞ୍ଜୟ ପାତ୍ର,ପିତାମ୍ବର ଦାସ, ଉମେଶ ଦାସ,ଚିନ୍ତାମଣି ଦାସ,ଘନଶ୍ୟାମ ରାଉତ ମହେଶ୍ୱର ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/32 ତା.23.06.2025ରିଖ

ଟେଣ୍ଡର ସଂ. etender-Brkur-124-2025 ତା.16.06.2025ରିଖ

ବିବରଣୀ : ହରିଦାସପୁର - ପାରାଦ୍ୱୀପ ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍ ନଂ. 115 (ଲୁଣା ନଦୀ) ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍ ନଂ. 134 (ମହାନଦୀ ନଦୀ) ନିମନ୍ତେ ପ୍ରସ୍ତାବିତ ଉପକରଣଗୁଡ଼ିକର ବ୍ୟବସ୍ଥା (Instrumentation) ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 63.68 ଲକ୍ଷ, EMD : ₹ 1,27,400/-, ସମାପ୍ତ ହେବା ଅବଧି : 12 (ବାର) ମାସ ।

ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ : ତା.10.07.2025ରିଖ 1500 ଘଣ୍ଟିକାରେ ।

... www.ireps.gov.in ... IREPS ...

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-282/O/25-26

**AFFIDAVIT**

I Mr Manoj Agarwal do hereby affirm declared as hereunder. I am will to change my surname from Agarwal to "Agrawal" and shall hereafter be known as:Mr Manoj Agrawal and my permanent address shall be At-Sahadevkhunta PO- Sahadevkhunta, Dist-Balasore, Odisha-756001.

**ଦକ୍ଷିଣପୂର୍ବ ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ୍ ନଂ: KGPE-AMCCABAC-114, Dated:26.06.2025, ଭାରତର ରାଷ୍ଟ୍ରପତିଙ୍କ ... Sr. DME (TRS)/ Kharagpur, South Eastern Railway, Kharagpur-721301 ... ଇ-ଟେଣ୍ଡର ... ମୂଲ୍ୟ: ୪,୭୭,୪୪୪.୬୩/- (ଜିଏସଟି ସହ), ଇଏମଡି: ୯,୬୦୦/-, ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ୧୮.୦୭.୨୦୨୫, ୧୫.୦୦ ଘଣ୍ଟିକା, ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ଶୂନ୍ୟ, ଟେଣ୍ଡର ପ୍ରକାର: ଓପନ୍ ଟେଣ୍ଡର, କାର୍ଯ୍ୟ ଶେଷ କରିବାର ଅବଧି: ୨୪ ମାସ, ଆଗ୍ରହୀ ଟେଣ୍ଡର ଆବେଦନକାରୀମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ସବିଶେଷ ତଥ୍ୟ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନ୍‌ଲାଇନ ଯୋଗେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-324)

**ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍**

ଆପ୍‌କି ଉମ୍ମିଦ୍ କା ଖାତା

(ଏକ ସୂଚୀବଦ୍ଧ ବାଣିଜ୍ୟିକ ବ୍ୟାଙ୍କ୍)

କୋନାଲ୍ ଅଫିସ୍: ୨ୟ ଫ୍ଲୋର, ୧୩୪ (ଏ), ପାଟଳିପୁତ୍ର କଲୋନୀ, ପଲିଟେକ୍‌ନିକ୍ କଲେଜ୍ ଗେଟ୍ ସାମ୍ନା, ବିହାର, ପାଟନା-୮୦୦ ୦୧୩

ପଞ୍ଜିକୃତ ଅଫିସ୍: ଉତ୍କର୍ଷ ଟାୱାର, ଏନ୍‌ଏଚ୍-୩୧ (ଏୟାରପୋର୍ଟ ରୋଡ୍), ସେହମଲପୁର, କାଜି ସରାଇ, ହରହୁଆ, ବାରାଣସୀ, ୟୁପି-୨୨୧ ୧୦୫.

"APPENDIX-IV-A*" [See provison to rule 8 (6)]

**ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ବିକ୍ରୟ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ନୋଟିସ୍, ଯାହାକି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮ (୬)ର ଅଧିନିୟମ ଅନ୍ତର୍ଗତ ପଢ଼ାଯିବ ।

ଏତଦ୍‌ଦ୍ୱାରା ସାଧାରଣ ଜନତାଙ୍କୁ ଏବଂ ବିଶେଷକରି ଋଣଗ୍ରହୀତା ଏବଂ ବନ୍ଧକଦାତାଙ୍କୁ ସୂଚୀତ କରାଯାଉଛି କି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତିଗୁଡ଼ିକ ଉପରେ ପୂର୍ବରୁ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ (ସୁରକ୍ଷିତ ଋଣଦାତା) କର୍ତ୍ତୃପକ୍ଷ ନିଜ ଗଠନମୂଳକ ଅଧିକାର ନେଇସାରିଥିବା ବେଳେ ଏବେ ଏସବୁ ସମ୍ପତ୍ତିକୁ (ପୂର୍ବ ସ୍ଥିତାବସ୍ଥା ସହ) ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଯାହାଦ୍ୱାରା ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ (ଋଣ ପ୍ରଦାନକାରୀ ସଂସ୍ଥା) ଋଣର ମୂଳଅର୍ଥ ସହ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ବାବଦ ଅର୍ଥକୁ ଆଦାୟ କରିବାର ଲକ୍ଷ୍ୟ ରଖୁଛନ୍ତି । ଏଠାରେ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି , ଆମେ M/S. C1 India Pvt. Ltd., https://www.bankeauctions.comର ୱେବ୍ ପୋର୍ଟାଲ ମାଧ୍ୟମରେ ସାର୍ବଜନୀନ ଇ-ନିଲାମ ପ୍ରକ୍ରିୟା ଆୟୋଜନ କରିବାକୁ ଯାଉଛୁ ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣଗ୍ରହୀତା/ ଗ୍ୟାରେଣ୍ଟରଙ୍କ ନାମ (ସମ୍ପତ୍ତି ମାଲିକ) | ବକେୟା ଅର୍ଥ ଏବଂ ୧୩(୨) ଅଧିନିୟମ ଅନ୍ତର୍ଗତ ଡିମାଣ୍ଡ ନୋଟିସ୍ ଜାରି ତାରିଖ | ଅଧିଗ୍ରହଣ ତାରିଖ ଓ ପ୍ରକାର | ତାରିଖ ସୁଦ୍ଧା ବକେୟା ଅର୍ଥ | ସଂରକ୍ଷିତ ମୂଲ୍ୟ ଏବଂ ଇଏମଡି | ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ୍ ତାରିଖ ଏବଂ ସମୟ | ନୀରିକ୍ଷଣ ତାରିଖ ଓ ସମୟ |
|---|---|---|---|---|---|---|---|---|---|
| 1 | 153705000 0006034 | ମନୋଜ କୁମାର ଚକ୍ର ପିତା- ପ୍ରଭାତ କୁମାର ଚକ୍ର (ଋଣଗ୍ରହୀତା/ ବନ୍ଧକ ଜମାକାରୀ) ପ୍ରଭାତ କୁମାର ଚକ୍ର, ପିତା- ରଘୁନାଥ ଚକ୍ର (ସହ ଋଣଗ୍ରହୀତା/ ବନ୍ଧକ ଜମାକାରୀ) | 13,85,869/- 02-01-2025 | 20-06-2025 Symbolic | 13,71,900/- 24-06-2025 | 23,37,880/- 2,33,788/- | 10,000/- | 02-08-2025 11am - 1pm | 14-07-2025 15-07-2025 |

| | | | |
|---|---|---|---|
| ଇଏମଡି ଦାଖଲ ଶେଷ ତାରିଖ | 01-08-2025 | ବିଡ୍ ଓ ଦସ୍ତାବିଜ୍ ଦାଖଲ କରିବା ସ୍ଥାନ | ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍, ଶାଖା କାର୍ଯ୍ୟାଳୟ: ଏନ୍-୬/୩୨୩, ଆଇଆରସି ଭିଲେଜ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ଭାରତ - ୭୫୧୦୧୫ |
| ବ୍ୟାଙ୍କ୍‌କୁ ଜଣାଥିବା ସମସ୍ୟାନିଲ୍ | Nil | ବର୍ଣ୍ଣନାରେ ଉଲ୍ଲିଖିତ ସମ୍ପତ୍ତି ବିରୁଦ୍ଧରେ ମୋକଦ୍ଦମା | Nil |

ସମ୍ପତ୍ତି/ସମ୍ପତ୍ତିଗୁଡ଼ିକର ବର୍ଣ୍ଣନା: ସମ୍ପତ୍ତିର ସମସ୍ତ ଅଂଶ ଯେଉଁଥିରେ ମୌଜା - ଖଜୁରିକଣା, ତହସିଲ- ଧର୍ମଶାଳା, ଥାନା - ଧର୍ମଶାଳା, ଖାତା ନଂ - ୩୧୮, ପ୍ଲଟ୍ ନଂ - ୧୩୮୦, ହରିଦାସପୁର ଷ୍ଟେସନ ନିକଟ, ଜିଲ୍ଲା - ଯାଜପୁର, ରାଜ୍ୟ - ଓଡ଼ିଶା, ଭାରତ ପିନ୍- ୭୫୫୦୪୪, ଡିଡ୍ ନଂ - ୧୦୮୧୨୧୦୦୬୯୪ ତାରିଖ ୦୧/୦୩/୨୦୨୧, ପ୍ରାୟ ୧୦୬୬ ବର୍ଗଫୁଟ୍ ପରିମିତ । ଏହି ଭୂଭାଗ ପୂର୍ବରେ ପ୍ଲଟ୍ /ଖାଲି ପ୍ଲଟ୍‌ର ଅବଶିଷ୍ଟ ଅଂଶ ଦ୍ୱାରା, ପଶ୍ଚିମରେ ପ୍ଲଟ୍/ ଖାଲି ପ୍ଲଟ୍‌ର ଅବଶିଷ୍ଟ ଅଂଶ ଦ୍ୱାରା, ଉତ୍ତରରେ ରାସ୍ତା ଦ୍ୱାରା ଏବଂ ଦକ୍ଷିଣରେ ପ୍ଲଟ୍/ ଖାଲି ପ୍ଲଟ୍‌ର ଅବଶିଷ୍ଟ ଅଂଶ ଦ୍ୱାରା ପରିବେଷ୍ଟିତ ରହିଛି ।

ସମସ୍ତ ଆଗ୍ରହୀ ଅଂଶଗ୍ରହଣକାରୀ/ବିଡରମାନଙ୍କୁ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ନିୟମ ଏବଂ ସର୍ତ୍ତାବଳୀ ସମେତ ଅଧିକ ବିବରଣୀ ପାଇଁ https://www.bankeauctions.com ଏବଂ https://www.utkarsh.bank ୱେବସାଇଟ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି, ଏବଂ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଶ୍ରୀ ସନ୍ତୋଷ କୁମାର ମୋବାଇଲ୍ ୯୧୫୧୮୦୧୭୧୨ ଇ-ମେଲ: santosh.kumar3@utkarsh.bank ଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି ।

ଏହା ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୨୨ର ନିୟମ ୮(୬) ଅନୁଯାୟୀ ଏକ ବୈଧାନିକ ୩୦ ଦିନିଆ ବିକ୍ରୟ ନୋଟିସ୍ ।

ଋଣଗ୍ରହୀତା/ବନ୍ଧକ ଏବଂ ଗ୍ୟାରେଣ୍ଟର(ମାନଙ୍କ) ପାଇଁ ବୈଧାନିକ ୩୦ ଦିନିଆ ବିକ୍ରୟ ନୋଟିସ୍

ନିୟମ ଏବଂ ସର୍ତ୍ତାବଳୀ: ୧. ସୁରକ୍ଷିତ ସମ୍ପତ୍ତିର ଇ-ନିଲାମ 'ଯେପରି ଅଛି ଯେଉଁଠାରେ ଅଛି', 'ଯେପରି ଅଛି ଯାହା ଅଛି', 'ଯାହା ଅଛି ସେପରି' ଏବଂ 'କୌଣସି ଅଭିଯୋଗ ନାହିଁ' ଆଧାରରେ ସୁରକ୍ଷିତ ଋଣଦାତାଙ୍କ ପକ୍ଷରୁ ପ୍ରାଧିକୃତ ଅଧିକାରୀଙ୍କ ଜ୍ଞାନ ଏବଂ ସୂଚନା ଅନୁସାରେ, ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ସମସ୍ୟା ନାହିଁ । ... ୨. ଇ-ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବା ପାଇଁ, 'ପ୍ରାଧିକୃତ ଅଧିକାରୀ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍' ନାମରେ ଏନ୍‌ଇଏଫ୍‌ଟି/ଆରଟିଜିଏସ୍ ମାଧ୍ୟମରେ ... କରେଣ୍ଟ (ଚଳନ୍ତି) ଖାତା ନଂ-୧୩୭୫୨୦୦୦୦୦୦୦୦୦୦୩, ଆଇଏଫ୍‌ଏସ୍‌ସି-UTKS0001375, ଠିକଣା: ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍, ଡି ୩୭/୩୭ ବଡ଼ଦେବ, ଗାଡ଼ର୍ କେସିଏମ୍ ବାରାଣସୀ-୨୨୧୦୦୨ ... santosh.kumar3@utkarsh.bank କୁ ପଠାଇବାକୁ ହେବ । ୩. ... ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ହେବେ ।

ତାରିଖ: ୨୮-୦୬-୨୦୨୫
ସ୍ଥାନ: ଭୁବନେଶ୍ୱର

ସ୍ୱାକ୍ଷର
କ୍ଷମତାପ୍ରାପ୍ତ ଅଧିକାରୀ
ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍

ନିତିଦିନ NITIDIN



# ମାଛ ଧରାକୁ କେନ୍ଦ୍ର କରି ଗୁଳିମାଡ଼, ଜଣେ ଗୁରୁତର

**ବାଲୁଗାଁ,୨୭।୬/ଏନ୍ଏନ୍ଏସ୍:** କୃଷ୍ଣପ୍ରସାଦ ଥାନା ସିପିଆ ଚିଲିକା ଅଞ୍ଚଳରେ ଗତ କାଲି ରାତ୍ରିରେ ମାଛ ଧରାକୁ କେନ୍ଦ୍ର କରି ମତ୍ସ୍ୟଜୀବୀଙ୍କ ଉପରେ ଗୁଳିମାଡ଼ ହୋଇଛି। ଏହି ଘଟଣାରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବାଲୁଗାଁ ଥାନା ଚନ୍ଦ୍ରାପୁଟ ଗ୍ରାମର ବୀର ଜାଲି (୫୫)। ତେବେ ଅନ୍ୟ ଦୁଇ ଜଣ କୌଶଳ କ୍ରମେ ଜୀବନ ରକ୍ଷା କରି ଖସି ଆସିବାରେ ସକ୍ଷମ ହୋଇଛନ୍ତି।

ପ୍ରକାଶ ଯେ, ଚନ୍ଦ୍ରାପୁଟ ଗ୍ରାମର ବୀରଙ୍କ ସମେତ ତୋଫାନ ବେହେରା ଏବଂ କାହ୍ନା ବେହେରା ଗତ କାଲି ସକାଳୁ ଡ଼ଙ୍ଗା ଜାଲ ଧରି ଚିଲିକାକୁ ମାଛ ମାରିବା ପାଇଁ ଯାଇଥିଲେ। ବିଳମ୍ବିତ ରାତି ପ୍ରାୟ ୧୨ ଘଟିକା ସମୟରେ ସିପିଆ ଚିଲିକା ଅଞ୍ଚଳରେ ମାଛ ମାରୁଥିବା ବେଳେ ହଠାତ ୨୦ରୁ ୨୫ ଜଣ ୩ଟି ଡ଼ଙ୍ଗାରେ ଆସି ଅତର୍କିତ ଭାବେ ଦେଶୀ ବନ୍ଧୁକରୁ ଛେରା ଗୁଳି ମାଡ଼ କରିଥିଲେ। ତୋଫାନ ଏବଂ କାହ୍ନା ପାଣିକୁ ଡେଇଁ ପହଁରି କୌଣସିମତେ ଗ୍ରାମକୁ ପଳାଇଆସିବାରେ ସକ୍ଷମ ହୋଇଥିଲେ। ବୀରଙ୍କ ଶରୀରରେ ଗୁଳି ମାଡ଼ ଯୋଗୁଁ ସେ ଆହତ ହୋଇଥିଲେ। ଗୁରୁବାର ସକାଳୁ ଆକ୍ରମଣକାରୀମାନେ ଆହତ ବୀରଙ୍କୁ ବସରେ ବସାଇ ଗ୍ରାମକୁ ପଠାଇଦେଇଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ତାଙ୍କୁ ବାଲୁଗାଁ ଡାକ୍ତରଖାନା ନେଇଥିଲେ ଏବଂ ପରେ ତାଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବରୁ ମଧ୍ୟ ଏହିପରି ମାଛ ମରାକୁ କେନ୍ଦ୍ର କରି ଚିଲିକାରେ ବୋମା ଏବଂ ଗୁଳି ମାଡ଼ ହୋଇଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ମତ୍ସ୍ୟଜିବୀ ମହଲରେ ଦାବି ହୋଇଛି।

# ଜଳଦାନ ସେବା ଶିବିର

**ଡେଲାଙ୍ଗ,୨୭।୬/ଏନ୍ଏନ୍ଏସ୍:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ଦେଖିବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଛି। ଏହି ପରିପ୍ରେକ୍ଷୀରେ ଡେଲାଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଭାତ କ୍ଲବ ପକ୍ଷରୁ ରେଳରେ ପୁରୀ ଯାତ୍ରା କରୁଥିବ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଡେଲାଙ୍ଗ ରେଳ ଷ୍ଟେସନ୍‌ଠାରେ ଜଳଦାନ ସେବା ଶିବିର ଆୟୋଜିତ ହୋଇଯାଇଛି। ଶ୍ରଦ୍ଧାଳୁମାନଙ୍କ ନିମନ୍ତେ କ୍ଲବ ପକ୍ଷରୁ ୨୦ ହଜାର ପାନୀୟ ଜଳ ପ୍ୟାକେଟ୍ ସହିତ ୫ ହଜାର ପ୍ୟାକେଟ୍ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲବର ମୁଖ୍ୟ ପରିଚାଳନା କମିଟି ସଦସ୍ୟ ପଦ୍ମନାଭ ବରାଳ, ପ୍ରଦୀପ୍ତ କୁମାର ସ୍ୱାଇଁ, ଜ୍ଞାନ ରଞ୍ଜନ ପଟ୍ଟନାୟକ, ସରୋଜ ମିଶ୍ର, ଗନ୍ଧର୍ବ ପ୍ରଧାନଙ୍କ ସମେତ ସଭାପତି ସନ୍ତୋଷ ମହାନ୍ତି, ଉପସଭାପତି ଅନିମାଞ୍ଜଳି ମିଶ୍ର, ସହସମ୍ପାଦକ ପ୍ରଶାନ୍ତ ଦାଶ, କୋଷାଧ୍ୟକ୍ଷ ସ୍ୱାଗତ ବରାଳ, ହୃଷିକେଶ ମହାରଣା, ସୁକାନ୍ତ ସାହୁ, ଗଣେଶ କୁମାର ସ୍ୱାଇଁ, ଲିଙ୍ଗରାଜ ସ୍ୱାଇଁ, ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ପାନୀୟ ଜଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିବାରେ ସହଯୋଗ କରିଥିଲେ।

# ବିଦ୍ୟୁତ ଆଘାତରେ ମହିଳା ମୃତ

**ଅସ୍ତରଙ୍ଗ,୨୭।୬/ଏନ୍ଏନ୍ଏସ୍:** ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ଗ୍ରାମର ଶିବ କାଣ୍ଡିଙ୍କ ପତ୍ନୀ ନାବନ କାଣ୍ଡି ଗତକାଲି ରାତ୍ରରେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଅକାଳ ମୃତ୍ୟୁବରଣ କରିଛନ୍ତି। ଖବର ପାଇ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସାଂସଦଙ୍କ ପ୍ରତିନିଧି ରାକେଶ ବିଶ୍ୱାଳ ଶୋକସନ୍ତପ୍ତ ପରିବାରକୁ ସମାବେଦନା ଜଣାଇବା ସହ ବିଦ୍ୟୁତ ବିଭାଗର ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ତାଙ୍କ ପରିବାରକୁ କ୍ଷତି ପୂରଣ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ଛିଣ୍ଡା ତାର ଚେଞ୍ଜ କରି ସବୁ କେବୁଲ କରି ଲାଇନ୍ ଚାର୍ଜ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ।

# ରଥଯାତ୍ରାରେ ଛତା ବଣ୍ଟନ



**ଖୋର୍ଦ୍ଧା,୨୭।୬/ଏନ୍ଏନ୍ଏସ୍:** ଭୁବନେଶ୍ୱର ନୟାପଲ୍ଲୀରେ ଥିବା ଇସ୍କନ ମନ୍ଦିର ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଭକ୍ତ ଓ ଭଗବାନଙ୍କର ମହାମିଳନର ଏହି ମହାପର୍ବରେ ଏଥର ଏକ ନିଆରା କଥା ଦେଖିବାକୁ ମିଳିଛି। ପ୍ରତିବର୍ଷ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବିଭିନ ସଂଗଠନ ପକ୍ଷରୁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରାଯାଉଥିବା ଦେଖିବାକୁ ମିଳେ। ତେବେ ଚଳିତ ବର୍ଷ ଏକ ନିଆରା କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି ରାଜଧାନୀରେ। ରଥ ଟାଣିବାକୁ ଆସିଥିବା ଶ୍ରଦ୍ଧାଳୁଙ୍କୁ ଏସ୍ଏସ୍ ଡେଭେଲପର୍ସ ପକ୍ଷରୁ ଛତା ପ୍ରଦାନ କରାଯାଇଛି। ବିଶେଷ କରି ବରିଷ୍ଠ ନାଗରିକମାନେ କିଭଳି ବର୍ଷା ଓ ଖରାରୁ ରକ୍ଷା ପାଇ ସୁବିଧାରେ ରଥ ଟଣାରେ ସାମିଲ ହୋଇ ପାରିବେ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଏସ୍ଏସ୍ ଡେଭେଲପର୍ସ ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ରାଜ କହିଛନ୍ତି, ଦୂରଦୂରାନ୍ତରୁ ଭକ୍ତମାନେ ରଥ ଟାଣିବାକୁ ଆସିଛନ୍ତି। ସାଧାରଣତଃ ରଥଯାତ୍ରା ସମୟରେ ବର୍ଷା ହେଉଥିବାରୁ ବହୁ ହଇରାଣ ହୋଇଥାନ୍ତି। ଯାହାକୁ ଦୃଷ୍ଟିରେ ରଖି ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା କହିଛନ୍ତି। ଏହା ସହ ସେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାରୁ

### ଏକାକାର ଭକ୍ତ-ପଥ ...

ଅଭିମୁଖେ ଗଡ଼ିଥିଲା। ରଥଟଣା ଯିବା ବେଳେ ପୁରୀ ବଡ଼ଦାଣ୍ଡ ଘଣ୍ଟ, ଶଙ୍ଖର ତାଳେତାଳେ ହରିବୋଲ ଓ ହୁଳହୁଳି ଶବ୍ଦରେ କମ୍ପି ଉଠିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ପତ୍ନୀ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରଥ ଟାଣିଥିଲେ। ତାଙ୍କ ସହ ମନ୍ତ୍ରୀ, ବିଧାୟକ ମଧ୍ୟ ରଥକୁ ଗଡ଼େଇ ନେଇଥିଲେ। ଏହି ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ତାଙ୍କ ସ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ହାଇକୋର୍ଟ ମୁଖ୍ୟ ବିଚାରପତି ପ୍ରମୁଖ ଉପସ୍ଥିତ ଥିଲେ।

### ଉତ୍ତର ଓଡ଼ିଶାରେ ପ୍ରବଳ ...

ସ୍ଥାନରେ ବର୍ଷା ହୋଇଥିବାବେଳେ ଗୁରୁବାର ଦିନ ଭିତରେ କଟକ, ହୀରାକୁଦ, ତାଳଚେର, ବଲାଙ୍ଗୀର, ଟିଟିଲାଗଡ଼ ସମେତ ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି।

### ବିଷ ଦେଇ ମାରିଥିବା ...

ଗୋରୁମାନଙ୍କୁ ଆକ୍ରମଣ କରି ସେମାନଙ୍କୁ ନିଜର ଶିକାର କରୁଥିବାରୁ, ଗ୍ରାମବାସୀମାନେ ପ୍ରାୟତଃ ବିଷ ଏବଂ ଫାଶ ବ୍ୟବହାର କରି ସେମାନଙ୍କୁ ନିପାତ କରିବାକୁ ଚେଷ୍ଟା କରନ୍ତି। ବନ ବିଭାଗ ଦଳ ମୃତ ବାଘଙ୍କଠାରୁ ନମୁନା ନେଇ ତଦନ୍ତ ପାଇଁ ପଠାଇଛନ୍ତି। ବନ ଅଧିକାରୀମାନେ ବର୍ତ୍ତମାନ ସ୍ଥାନୀୟ ମେଷପାଳକମାନଙ୍କୁ ପଚରାଉଚୁରା କରୁଛନ୍ତି, ଯଦିଓ ବାସିନ୍ଦାମାନେ ଗାଈର ମାଲିକାନାକୁ ଅସ୍ୱୀକାର କରୁଛନ୍ତି। ଅନ୍ୟପକ୍ଷେ ତଦନ୍ତକୁ ତ୍ୱରାନ୍ୱିତ କରିବା ପାଇଁ ବରିଷ୍ଠ ବନ ଅଧିକାରୀ, ଜଣେ ପଶୁଚିକିତ୍ସା ଅଧିକାରୀ ଏବଂ ଜଣେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇଛି। କମିଟି ୧୪ ଦିନ ମଧ୍ୟରେ ଏହାର ନିର୍ଣ୍ଣୟ ଦାଖଲ କରିବ ବୋଲି ଆଶା କରାଯାଉଛି।

# ରଥେ ବିରାଜିଲେ ଚତୁର୍ଦ୍ଧା ମୂରତି



**ଓଡ଼ଗାଁ,୨୭।୬/ଏନ୍ଏନ୍ଏସ୍:** ପବିତ୍ର ଘୋଷଯାତ୍ରାରେ ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ଲୁଡୁବାବାଙ୍କ ମନ୍ଦିରରେ ଅଧିଷ୍ଠିତ ତିନି ଠାକୁରଙ୍କ ରଥଯାତ୍ରା ମହାଆଡ଼ମ୍ବର ସହକାରେ ସମ୍ପନ୍ନ ହୋଇଛି। ପୂର୍ବାହ୍ନରେ ତିନି ରଥ ସୁସଜ୍ଜିତ ହେବା ସହିତ ରଥ ପ୍ରତିଷ୍ଠା ହେବା ପରେ ଅପରାହ୍ନ ୩ଟାରେ ପ୍ରଭୁ ଜଗନ୍ନାଥ,ବଡ଼ ଭାଇ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପହଣ୍ଡି ବିଜେ କରାଯାଇ ତିନି ରଥରେ ଶ୍ରୀ ଜୀଉଙ୍କୁ ରଥାରୂଢ଼ କରାଯାଇଥିଲା। ୩ଟା ୩୦ରେ ମନ୍ଦିର ପରିଛା ତୋଷବନ୍ତ କର ତିନି ରଥରେ ଛେରାପହଁରା କରିଥିଲେ। ନୀତିକାନ୍ତି ଅନୁସାରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପାଳିଆ ସେବକ ସୁନୀଲ ବଡ଼ପଣ୍ଡା, ଓଡ଼ଗାଁ ଅତିରିକ୍ତ ତହସିଲଦାର ପବିତ୍ର ସେଠୀ, ମନ୍ଦିର ପରିଚାଳକ ଦାୟିତ୍ୱରେ ଥିବା ଜିତେନ୍ଦ୍ର କୁମାର ମିଶ୍ର ପ୍ରମୁଖଙ୍କ ସହାୟତାରେ ଅପରାହ୍ନ ୪ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ଶ୍ରୀବଳଦେବ ଜିଉଙ୍କ ତାଳଧ୍ୱଜ ରଥକୁ ଭକ୍ତମାନେ ଟାଣିଥିଲେ। ସେହିପରି ମା'ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମହିଳା ଭକ୍ତ ଟାଣିଥିଲେ। ପରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣିଥିଲେ। ତିନି ଠାକୁରଙ୍କୁ ଗୋଟି ପହଣ୍ଡି କରାଯାଇ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା। ଏକ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତହୋଇ ଶ୍ରୀଜିଉଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଶରଣକୁଳ ଥାନା ଅଧିକାରୀ ପରମାନନ୍ଦ ଦଳେଇ ଆଇନଶୃଙ୍ଖଳା ବ୍ୟବସ୍ଥା ତଦାରଖ କରିବା ସହ ଭିଡ଼କୁ ନିୟନ୍ତ୍ରଣ କରିଥିଲେ। ସେହିପରି ନିକଟସ୍ଥ ଭିଖାରିପଡ଼ା ଶାସନରେ ଶିଶୁମାନଙ୍କ ଦ୍ୱାରା ତିନି ଠାକୁରଙ୍କୁ କୁନି ରଥରେ ବସାଇ ରଥ ଟାଣିବା ଜଗନ୍ନାଥ ସଂସ୍କୃତିର ଅନନ୍ୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଅନୁରୂପ ଭାବେ ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।



**ନୟାହାଟ:** ନୟାହାଟ ଫାଣ୍ଡି ଅନ୍ତର୍ଗତ ସୀଙ୍ଗପାନିଆଁ ଗ୍ରାମର ଅନନ୍ତ ବାସୁଦେବଙ୍କ ୧୦୨ ତମ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳେ ବାସୁଦେବଙ୍କୁ ନିକଟରେ ଭୋଗରାଗ ସରିବାପରେ ଅପରାହ୍ନ ୩ଟା ସମୟରେ ଠାକୁରଙ୍କୁ ରଥ ଉପରକୁ ପହଣ୍ଡି କରାଯାଇଥିଲା ୪ଟାରେ ଛେରା ପହଁରା ସରିବା ପରେ ୪.୩୦ରେ ରଥଟଣା ଆରମ୍ଭ ହୋଇଥିଲା। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଓ ଗୋପ ପୋଲିସ ସହାୟତାରେ ନୟାହାଟ ବଜାରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କାନାରା ବ୍ୟାଙ୍କ ଗଳି ଦେଇ କୁଷ୍ଟେଇ କେନାଲ ବନ୍ଧଦେଇ ବାଇପାସ୍ ରାସ୍ତା ରେ ଯୋଗେଶ୍ୱର ପୁର ରେ ବାହାରିବା ପାଇଁ ଦୁଇ ଚକିଆ ଓ ଚାରିଚକିଆ ଯାନ ଚଡା ଯାଇଥିଲା । ରଥଯାତ୍ରା ଦେଖିବା ପାଇଁ ବହୁସଂଖ୍ୟାରେ ଭକ୍ତମାନେ ଯୋଗଦେଇ ଠାକୁରଙ୍କ ନିକଟରେ ଭୋଗରାଗ କରିବା ସହିତ ଠାକୁରଙ୍କୁ ଦର୍ଶନ କରି ରଥ ଟାଣିଥିଲେ । ସନ୍ଧ୍ୟା ୬ଟାରେ ବାରିହାଟ ଥିବା ମାଉସୀମା ମନ୍ଦିରରେ ରଥ ପହଞ୍ଚିଥିଲା।

**କୋଣାର୍କ:** ପ୍ରତିବର୍ଷ ପରି ଚଳିତ ବର୍ଷ ଅର୍କକ୍ଷେତ୍ର କୋଣାର୍କରେ ମହାପ୍ରଭୁ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ହଜାର ହଜାର ଭକ୍ତଙ୍କ ଗହଣରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଏହି ଘୋଷଯାତ୍ରା ନିମନ୍ତେ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଅଜୟ ଦାଶ, ପୂଜକ ମୁକୁନ୍ଦ ଦାଶ, ପ୍ରଦୀପ୍ତ ଦାଶ ପ୍ରମୁଖ ତିନିଠାକୁରଙ୍କୁ ରୀତିନୀତିରେ ଭୋରରୁ ମଙ୍ଗଳ ଆଳତୀ, ଗୋପାଳବଲ୍ଲଭ ,ସକାଳ ଧୂପପୂଜା ସହ ସମସ୍ତ ନୀତିକାନ୍ତି ସାରି ପୂଜାର୍ଚ୍ଚନା ପରେ ଅପରାହ୍ଣରେ ପହଣ୍ଡି କରି ଚତୁର୍ଦ୍ଧାମୂର୍ତ୍ତି ପ୍ରଭୁ ଜଗନ୍ନାଥ, ମା' ସୁଭଦ୍ରା ଓ ପ୍ରଭୁ ବଳଭଦ୍ରଙ୍କୁ ନିର୍ମାଣ କରାଯାଇଥିବା ସୁସଜ୍ଜିତ ଗୋଟିଏ ରଥରେ ରଥାରୂଢ କରାଯାଇଥିଲା। ପରେ ରାଜରାମ ଜଗନ୍ନାଥ ମନ୍ଦିର ମଠର ସଦସ୍ୟ ମହାରାଜା ଗୋପାଳଦାଶଙ୍କ ଦ୍ୱାରା ଅପରାହ୍ଣ ୫ଟାରେ ସ୍ୱତନ୍ତ ଛେରାପହଁରା ନୀତି ସମ୍ପନ୍ନ ହୋଇଥିଲା। ଉପସ୍ଥିତ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ହୁଳହୁଳି ଶଙ୍ଖ ଧ୍ୱନି ଦେଇ ରଥକୁ ଟାଣି ଟାଣି ନେଇଥିଲେ। କୋଣାର୍କ ବସଷ୍ଟାଣ୍ଡ ନିକଟରେ ଥିବା ମାଉସୀ ମା'



ମନ୍ଦିର ସମ୍ମୁଖରେ କିଛି ସମୟ ରଥ ଅଟକିବା ପରେ ପୁଣି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଭକ୍ତମାନେ ଟାଣି ନେଇଥିଲେ। ସନ୍ଧ୍ୟା ୬ଟା ୩୦ରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ଭକ୍ତଙ୍କ ଦ୍ୱାରା ରାଉଳପଟଣା ଛକରେ ଥିବା ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ଆଜି ଭକ୍ତଙ୍କ ଦର୍ଶନ ନିମନ୍ତେ ପ୍ରଭୁ ରଥ ଉପରେ ରହିବେ। ଆସନ୍ତାକାଲି ଶନିବାର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ବିଜେ କରିବେ। ଆଜି ପ୍ରଭୁଙ୍କ ନିମନ୍ତେ ଗୁଣିଚାମନ୍ଦିର ରଥ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ। ଆସନ୍ତା କାଲିଠାରୁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ନୟାଗଡ଼ର କଳାକାରଙ୍କ ଦ୍ୱାରା ପ୍ରତିଦିନ ରାମଲୀଳା ପରିବେଷଣ ହେବ। ରାଜାରାମ ମଠ, ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଓ ଗୁଣିଚା ମନ୍ଦିର ରଥ କମିଟି ପକ୍ଷରୁ ସମସ୍ତ କର୍ମକର୍ତ୍ତା ଏହି ରଥଯାତ୍ରାରେ ସହଯୋଗ କରିଥିଲେ।

**ମୁଣ୍ଡମୁହାଣ:** ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଅବସରରେ ମୁଣ୍ଡମୁହାଣ ଅଞ୍ଚଳର ଗ୍ରାମାଞ୍ଚଳରେ ଛୋଟ ଛୋଟ ରଥ ଦେଖିବାକୁ ମିଳିଛି। ସକାଳୁ ସକାଳୁ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସରିବା ପରେ ବାଜା, ବାଣ, ଘଣ୍ଟଘଣ୍ଟା, ହରିବୋଲ, ହୁଳହୁଳିରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆଜି ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ଉତ୍ତରମୁଣ୍ଡମୁହାଣ ଗୋପବନ୍ଧୁ ନଗର (ବାଘ ତୋଟା)ରୁ ଏକ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା ରଥରେ ବାହାରି ଯାଁଳା, ଉତ୍ତରମୁଣ୍ଡମୁହାଣ ଓ ଗ୍ରାମେଶ୍ୱର ନଗର ପରିକ୍ରମା କରି ଗୋପବନ୍ଧୁ ସ୍ଥିତ ମାଉସୀ ମାଙ୍କ ମନ୍ଦିରରେ ଅବସ୍ଥାନ କରିଛନ୍ତି। ଏହି ଯାତ୍ରା ପ୍ରାୟ ୧୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ଏହି ଅଞ୍ଚଳରେ ଅନୁଷ୍ଠିତ ହୋଇଆସୁଛି। ସେହି ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ମେଡିକାଲ ଛକରୁ ପୋଷ୍ଟ ଅଫିସ୍ ଛକ ଯାଏଁ ରଥ ଗଡ଼ିଥିବା ବେଳେ ଭୁବନେଶ୍ୱର ବ୍ଲକର ନଁପୁଟ ପଞ୍ଚାୟତ ରେତଙ୍ଗ ଗ୍ରାମର ଚଣ୍ଡି ମନ୍ଦିରଠାରୁ ଏକ ରଥ ବାହାରି ମହାଦେବଙ୍କ ମନ୍ଦିର ନିକଟରେ ଅବସ୍ଥିତ ହୋଇଥିବା ବେଳେ ଜଟଣୀ ବ୍ଲକ ଅଙ୍ଗାରପଡ଼ା ପଞ୍ଚାୟତର ମଦନମୋହନ ମନ୍ଦିରଠାରୁ ବାଜା, ବାଣ, ରୋଶଣିରେ ପ୍ରଭୁଙ୍କ ରଥ ଗଡ଼ି ମେଳନ ପଡ଼ିଆଠାରେ ଥିବା ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅବସ୍ଥାନ କରିଥିଲା। ଏହି ରଥଗୁଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗରେ ସୁସଜ୍ଜିତ ହୋଇଥିଲା।

**ନିଶ୍ଚିନ୍ତକୋଇଲି:** କଟକ ଜିଲ୍ଲା ପୁରାଣ ପ୍ରସିଦ୍ଧ ଶ୍ରୀ ଶ୍ରୀ ବଳଦେବଜିଉ ମନ୍ଦିର ବ୍ରହ୍ମକ୍ଷେତ୍ର ପୀଠ ଘୋଷଯାତ୍ରା ଉପଲକ୍ଷେ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଛି। ଆଜି ଘୋଷଯାତ୍ରା ଉପଲକ୍ଷେ ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ରଥର ଏକ ଚକ ଭାଙ୍ଗି ଯିବାରୁ ରଥଟି ଶ୍ରୀଜିଉଙ୍କ କଚେରୀ ଘର ସମ୍ମୁଖ ଭାଗରେ ଅଟକି ଯାଇଥିଲା। ଭକ୍ତମାନେ ଭକ୍ତି ସହକାରେ ଉତ୍ସାହର ସହିତ ରଥ ଟାଣି ନେଉଥିଲେ ମଧ୍ୟ ଅଧା ବାଟରେ ଏହା ଅଟକିଯିବାରୁ ଭକ୍ତ ମହଲରେ ନିରୁତ୍ସାହ ଦେଖାଦେଇଥିଲା। ତଥାପି ରଥାରୁଢ ଚତୁର୍ଦ୍ଧା ମୁରତୀଙ୍କୁ ହଜାର ହଜାର ଭକ୍ତ ଦର୍ଶନ କରି ଭକ୍ତିରେ ଭାବ ବିହ୍ୱଳ ହୋଇଥିଲେ। ଚଳିତ ବର୍ଷ ପବିତ୍ର ଶ୍ରୀଗୁଣ୍ଡିଚା ଦିନ ପୂର୍ବାହ୍ନରୁ ଶ୍ରୀ ମନ୍ଦିରରେ ଚତୁର୍ଦ୍ଧା ମୁରତୀଙ୍କ ବିଭିନ୍ନ ନୀତିକାନ୍ତି ତଥା ବାଲ୍ୟଧୂପ, ମଧ୍ୟାହ୍ନ ଧୂପ, କ୍ଷୀରୀ ଖେଚୁଡ଼ି ନୈବେଦ୍ୟ ଅର୍ପଣ କରାଯାଇ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରୀଜିଉଙ୍କର ପୂଜକମାନଙ୍କ ଦ୍ୱାରା ପାରମ୍ପରିକ ସେନାପଟା ହେବା ପରେ ପହଣ୍ଡିଆମାନଙ୍କ ଦ୍ୱାରା ଅପରାହ୍ନ ୩ଟା ୩୦ରେ ଶ୍ରୀମନ୍ଦିରରୁ ଚତୁର୍ଦ୍ଧା ମୂରତିଙ୍କୁ ଗୋଟି ପହଣ୍ଡି କରାଯାଇ ରଥାରୂଢ କରାଯାଇଥିଲା। ପ୍ରଥମେ କଳସ ଦେବତା ଓ ତା'ପରେ ଗରୁଡ଼ ଦେବତା ରଥ ଉପରକୁ ଆସିବା ପରେ ପ୍ରଭୁ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ଗୋଟି ପହଣ୍ଡି କରାଯାଇଥିଲା। ପହଣ୍ଡି ସମୟରେ ଭକ୍ତମାନଙ୍କର ହୁଳହୁଳି ହରିବୋଲ ଧ୍ୱନୀରେ ବଳଦେବଜୀଉଙ୍କ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଶ୍ରୀଜୀଉଙ୍କର କୁଳପୁରୋହିତ ବନ ବିହାରୀ ମିଶ୍ର ଛେରାପହଁରା ସମାପନ କରିବା ପରେ ଅଧର ପଣା ଭୋଗ କରାଯାଇ ରଥ ଟଣା ଆରମ୍ଭ ହୋଇଥିଲା। ବ୍ରହ୍ମକ୍ଷେତ୍ରର ବଡ଼ଦାଣ୍ଡରେ ୫୦ହଜାରରୁ ଉର୍ଦ୍ଧ୍ୱ ଭକ୍ତମାନେ ରଥ ଉପରେ ଚତୁର୍ଦ୍ଧା ମୂରତିଙ୍କୁ ଦର୍ଶନ କରି ଆନନ୍ଦରେ ବିଭୋର ହେବା ସହ ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ ଦଶ୍ୟକୁ ଉପଭୋଗ କରିଥିଲେ। ରଥ ମାଉସୀ ମାଆ ମନ୍ଦିର ପାଖରେ ଲାଗି ନଥିଲେ ମଧ ଅଧବାଟରେ ଅଟକିଥିବା ରଥାରୁଢ ଚତୁର୍ଦ୍ଧା ମୂରତିଙ୍କ ନିକଟରେ ଭକ୍ତମାନେ ଧୂପ,ଦୀପ, ନୈବେଦ୍ୟ ଅର୍ପଣ କରିଥିଲେ। ଏହି ଘୋଷଯାତ୍ରାରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ନିଶ୍ଚିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁ, ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ପ୍ରାକ୍ତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଯୋଗଦେଇଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଧୀରେନ୍ଦ୍ରନାଥ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନାରେ ସମସ୍ତ କାର୍ଯ୍ୟ ସମାପନ କରାଯାଇଥିଲା ବେଳେ ଟ୍ରଷ୍ଟବୋର୍ଡ ସଭ୍ୟ ରାଜେନ୍ଦ୍ର ମୋହନ କର, ଜ୍ୟୋତି ରଞ୍ଜନ ସ୍ୱାଇଁ, ଶ୍ରୀଜିଉଙ୍କର ପଣ୍ଡା ପଡ଼ିହାରୀ, ସେବାୟତ ଓ ନାଜିମନ୍ତମାନେ ଯାତ୍ରାକାର୍ଯ୍ୟ ପରିଚାଳନା କରିଥିଲେ। ସାଲେପୁର ଥାନା ପୁଲିସ ପକ୍ଷରୁ ଥାନା ଅଧିକାରୀ ଅନୀତା ସାହୁଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳାରକ୍ଷା କରାଯାଇଥିଲା। ଖବର ଲେଖା ହେଲାବେଳକୁ ଯାତ୍ରାରେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିନଥିବା ଜଣାଯାଇଛି। ଶନିବାର ଦିନ ରଥଚକ ମରାମତି କରାଯାଇ ରଥଟଣା ଯାଇ ମାଉସୀ ମାଆ ମନ୍ଦିରକୁ ନିଆଯିବ ବୋଲି ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ବେହେରା ସୂଚନା ଦେଇଛନ୍ତି।



**ଖୋର୍ଦ୍ଧା:** ଓଡ଼ିଆମାନଙ୍କ ଅସ୍ମିତାର ପର୍ବ ପବିତ୍ର ଘୋଷ ଯାତ୍ରା ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ଜାଗୁଲେଇପାଟଣା ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ ଏବଂ ଗଡ଼ ଖୋର୍ଦ୍ଧାଠାରେ ଅତି ଆନନ୍ଦ ଉଲ୍ଲାସ ଓ ଭାଇଚାରା ସାଂସ୍କୃତିକ, ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଭୟ ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ଓ ମ୍ୟାନେଜିଂ ଟ୍ରଷ୍ଟି କିଶୋର କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଜାଗୁଲେଇ ପାଟଣାଠାରେ ନିର୍ଦ୍ଧାରିତ ସମୟରେ ନିତିକାନ୍ତି ଅନୁଷ୍ଠିତ ହେବା ସହ ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟଶାଣୀ ଛେରାପହଁରା କରିଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯାଗୁଲେଇପାଟଣା ଆସି ମହାପ୍ରହୁଙ୍କୁ ଦର୍ଶନ କରିବା ସହ ଖୋର୍ଦ୍ଧା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତିରେ ମହାପ୍ରଭୁ ସଦାସର୍ବଦା ଆଶିଷ ପ୍ରଦାନ ପାଇଁ ପ୍ରାର୍ଥନା କରିଥିଲେ। ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସ ସେବା, ପୁଲିସ ସେବା, ଅଗ୍ନି ଶମ ସେବା, ଜନ ସାଧାରଣଙ୍କୁ ସୂଚନା ସେବା ଆଦି ପ୍ରଦାନ କରାଯାଇଥିଲା। ଜାଗୁଲେଇପାଟଣାଠାରେ ମନ୍ଦିର ପରିଚାଳନା କମିଟି,ସେବାୟତ ସମସ୍ତେ ଯୋଗଦେଇ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେଙ୍କ ନିତିକାନ୍ତି ସମ୍ପନ୍ନ କରିଥିଲେ। ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ, ବଡ଼ଭାଇ ଅଗ୍ରଜ ଶ୍ରୀ ଶ୍ରୀ ବଳଭଦ୍ର ତଥା ହଳାୟୁଧ ଓ ଭଉଣୀ ସୁଭଦ୍ରାଙ୍କ ପହଣ୍ଡି ବିଜେ ପରେ ରଥାରୂଢ଼ ହୋଇଥିଲେ ଏବଂ ରଥଟଣା ଆରମ୍ଭ ହୋଇଥିଲା। ହନୁମାନ ମନ୍ଦିର ନିକଟରେ ଶ୍ରୀ ବଜରଙ୍ଗ ବାଲି ଛେନା ପାଣି ଭୋଗ ଲାଗି ପରେ ରଥ ମାଉସୀ ମା' ମନ୍ଦିର ନିକଟରେ ରଥ ପହଞ୍ଚିଥିଲା। ସେହିପରି ଅପରାହ୍ନ ୪ଟାରେ ଗଡ଼ ଖୋର୍ଦ୍ଧାଠାରେ ରଥ ରୁଢ଼ ଜିଉଙ୍କୁ ଭକ୍ତମାନେ




ହରିବୋଲ ଘଣ୍ଟା ଘଣ୍ଟ ହରିବୋଲ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ଧ୍ୱନିରେ ମହାପ୍ରଭୁଙ୍କ ରଥକୁ ଟାଣିଥିଲେ। ଛେରା ପହଁରା ଅଜିତ କୁମାର ପଟ୍ଟନାୟକ ସମ୍ପାଦନ କରିଥିଲେ ଏବଂ ଗୋପାଳକୃଷ୍ଣ ଦାଶ, ରମାକାନ୍ତ ପାଟଯୋଶୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ବିନୋଦ ପଟ୍ଟନାୟକ ଏବଂ ସାଥୀମାନଙ୍କ ଦ୍ୱାରା ରଥ ସାଜସଜ୍ଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଉଭୟ ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ଶାନ୍ତି ଶୃଙ୍ଖଳା ସହ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡାଙ୍କ ତଦାରଖରେ ସମ୍ପନ୍ନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସମ୍ପୃକ୍ତ ଲାଇନ୍ ଡିପାର୍ଟମେଣ୍ଟ୍ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ, ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଅଧିକାରୀ କର୍ମଚାରୀ, ଉପଜିଲ୍ଲାଳଙ୍କ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ କର୍ମଚାରୀ, ବ୍ଲକ କାର୍ଯ୍ୟାଳୟ କର୍ମଚାରୀ ଯୋଗଦେଇଥିବା ବେଳେ ଶହଶହ ଶ୍ରଦ୍ଧାଳୁ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଆସି ମହାପ୍ରଭୁଙ୍କ ବିଭୁ କୃପା ଲାଭ କରିଥିଲେ। ସନ୍ଧ୍ୟାରେ ଆକର୍ଷଣୀୟ ପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ସାକ୍ଷୀଗୋପାଳ:** ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅଜା ରୂପେ ପରିଚିତ ସ୍ଥାନୀୟ ବକୁଳ ବନରେ ଠାକୁର ଅଜା ଭାବରେ ପୂଜା ପାଉଥିବା ଶ୍ରୀସିଦ୍ଧ ବଳରାମଦେବଙ୍କ ରଥଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଦୈନନ୍ଦିନ ଦେବନୀତି ମଧ୍ୟରେ ମଙ୍ଗଳ ଆଳତୀ, ଅବକାଶ, ବାଳ ଭୋଗ ପରେ ମଧ୍ୟାହ୍ନରେ ଚକା ଛାଡ଼ ଖେଚୁଡ଼ି ଭୋଗ ଅନୁଷ୍ଠିତ ହୋଇଥିଲା। ଛେରାପହଁରା ନୀତି ପରେ ଘଣ୍ଟ, ଘଣ୍ଟି, କାହାଳୀ, ମୃଦଙ୍ଗ ବାଦ୍ୟ ମଧ୍ୟରେ ଠାକୁରଙ୍କ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା। ଟାହିଆ ଲାଗି ଓ ମଙ୍ଗଳାର୍ପଣ କରାଯାଇ ଶ୍ରଦ୍ଧାଳୁ ଓ ଛୋଟ ଛୋଟ ପିଲାମାନେ ମନ୍ଦିର ନିକଟରୁ ରଥଟାଣି ନେଇଥିଲେ। ଚନ୍ଦନ ପୋଖରୀ ଚନ୍ଦନ ଚକଡ଼ାରେ ଠାକୁର ବିରାଜମାନ କରିଥିଲେ। ନବ ଦିନ ଠାକୁର ଏହି ପୀଠରେ ଅବସ୍ଥାନ କରିବେ। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ତରଫରୁ ସତ୍ୟବାଦୀ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ଚଳିତ ବର୍ଷ ସୁନ୍ଦର ଭାବରେ ରଥକୁ ଫୁଲ ମାଳ ସଜାଇଥିଲେ। ସେବାୟତ ବ୍ରଜରାଜ ପଣ୍ଡା ପ୍ରମୁଖଙ୍କ ସହିତ ଅନ୍ୟ ସେବାୟତମାନେ ଠାକୁରଙ୍କ ଦେବନୀତି ସମ୍ପାଦନ କରିଥିଲେ। ରଥଟଣା ସମୟରେ ମନ୍ଦିର କର୍ମଚାରୀଙ୍କ ସହିତ କାହାଳିଆ, ବିଶ୍ୱକର୍ମା, ମଣ୍ଡଣି ସୁଆଁସିଆ, ବାଜାବାଲା, ସଂକୀର୍ତ୍ତନ ମଣ୍ଡଳୀ, ଭୋଇ ସେବାୟତ ମାନେ ରଥଚଳା କାର୍ଯ୍ୟରେ ସହଯୋଗ କରିଥିବାବେଳେ ସତ୍ୟବାଦୀ ପୁଲିସ ଶାନ୍ତି ଶୃଙ୍ଖଳା ପାଇଁ ମୁତୟନ ରହିଥିଲେ। ଏହି ଅବସରରେ ଠାକୁରଙ୍କ ପ୍ରିୟ ପାଚିଲା ପଣସ ଭୋଗ ଲାଗି କରାଯାଇଥିଲା।



**ବାଲିପାଟଣା:** ବାଲିପାଟଣାରେ ଶାନ୍ତିଶୃଙ୍ଖଳାର ସହିତ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଯଥା ସମୟରେ ପହଣ୍ଡି ହୋଇ ଠାକୁର ରଥରେ ବିଜେ କରିବା ପରେ ରାଜା ଭାବଗ୍ରାହୀ ଗୋଛାୟତ ଛେରା ପହଁରା କରିଥିଲେ। ପ୍ରାୟ ୫ଟାରେ ରଥ ବାଲିପାଟଣା ଛକରେ ପହଞ୍ଚିବା ପରେ ପହଣ୍ଡି ହୋଇ ଠାକୁର ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ମାହୁନ୍ତ ମାଗୁଣି ରଣା ଡାହୁକ ଗୀତ ଗାଇ ରଥ ଉପରୁ ଭକ୍ତମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ପୂଜକ ବଳରାମ ପଣ୍ଡା, ମୁଦିରଥ ଗୁରୁ ପ୍ରସାଦ ମିଶ୍ର, ସେବକ ଅଜୟ ହୋତା, ଅକ୍ଷୟ ସାହୁ, ଜୟନ୍ତ ଶିଶୁ, ହେମନ୍ତ ଜେନା ପ୍ରମୁଖଙ୍କ ସହିତ ବାଲିପାଟଣା ଛକ କମିଟିର ଅଭିମନ୍ୟୁ ନାୟକ ହୋମରେ କର୍ତ୍ତା ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ସାହୁ, ବିଶ୍ୱ ନାରାୟଣ ମହାନ୍ତି, ସଭାପତି ସୁରେଶ ମିଶ୍ର, ସମ୍ପାଦକ ବୃନ୍ଦନାଥ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ନିକଟସ୍ଥ ବନମାଳୀପୁର ସ୍ଥିତ ନୂଆସାହି, ଡେରାସାହି, ମାହୁଖଣ୍ଡା, ଗୋବିନ୍ଦପୁରରେ ମଧ୍ୟ ତିନି ଠାକୁରଙ୍କୁ ରଥାରୂଢ଼ କରି ଭକ୍ତବୃନ୍ଦ ରଥ ଟାଣି ଗୁଣ୍ଡିଚା ମନ୍ଦିରରେ ପହଞ୍ଚାଇଛନ୍ତି।



# ନବପଲ୍ଲବ

ପୃଥିବୀ ସବୁ ମନୁଷ୍ୟଙ୍କର ଆବଶ୍ୟକତାକୁ ପୂରା କରିବା ପାଇଁ ପର୍ଯ୍ୟାପ୍ତ ସଂସାଧନ ପ୍ରଦାନ କରିଥାଏ, କିନ୍ତୁ ଲୋଭକୁ ପୂରା କରିବା ପାଇଁ ନୁହେଁ। - ଗାନ୍ଧୀ ବାଣୀ

ନିତିଦିନ NITIDIN

## ଜୀବନ ହୁଅଇ ଧନ୍ୟ



ରାଜ କିଶୋର ସ୍ୱାଇଁ

ଓଡ଼ିଆ ଜାତିର ଇଷ୍ଟ ଦେବତା
ସୁଖ ଶାନ୍ତି ଦାତା ବିଶ୍ୱ ନିୟନ୍ତା
ଖ୍ୟାତ ଜଗନ୍ନାଥ ନାମେ
ମହୋଦଧିତୀରେ ଶିରୀ ମନ୍ଦିରରେ
ବିଜେ ନୀଳାଚଳ ଧାମେ।
ଏମିତିକା ଦିଅଁ ଦେଖିଛ କିଏ
ପାଦ ପାଣି ନାହିଁ ମୂରତି ଟିଏ
ଚକା ଚକା ଦୁଇ ଆଖି
ଦେଖିଦେଲେ ଥର ନୟନେ ତାହାଙ୍କୁ
ମନ ରହିଯାଏ ଲାଖି।
ଭକତଙ୍କ ସିଏ ଜୀବନ ଧନ
ଭକ୍ତ ପାଶେ ଥାଏ ତାଙ୍କରି ମନ
ପତିତ ଉଦ୍ଧାର ପାଇଁ
ଦର୍ଶନ ଦିଅନ୍ତି ପତିତ ଜନଙ୍କୁ
ବଡ଼ଦାଣ୍ଡେ ନିଜେ ଯାଇ।
ଅଷାଢେ ତାଙ୍କର ଗୁଣ୍ଡିଚା ଯାତ
ଯାତରାଟି ଦେଶ ବିଦେଶେ ଖ୍ୟାତ
ଭାଇ ଭଉଣୀଙ୍କ ସାଥେ
ଗୁଣ୍ଡିଚା ମନ୍ଦିର ବୁଲିବାହାରନ୍ତି
ଚଢି ତିନିଗୋଟି ରଥେ।
ଆସନ୍ତି ରଥକୁ ପହଣ୍ଡି ହୋଇ
ଭକତେ ତାହାଙ୍କୁ ଥାଆନ୍ତି ଚାହିଁ
ରଥକୁ ନେବାକୁ ଭିଡି
ଡାହୁକ ଡାକରେ ବଡଦାଣ୍ଡେ ତାଙ୍କ
ରଥ ଯାଏ ଗଡି ଗଡି।
ଆଡପ ମଣ୍ଡପେ ଚକା ନୟନ
ଭକ୍ତଙ୍କୁ ଦିଅନ୍ତି ଦିବ୍ୟ ଦର୍ଶନ
ବାହୁଡ଼ା ଦଶମୀ ଯାଏ
ଜନମ ବେଦିରେ ଦେଖେ ଯିଏ ତାଙ୍କୁ
ପୁଣ୍ୟ ସେ ଅରଜି ଥାଏ।
ଏକାଦଶୀ ଦିନ ରଥଉପରେ
ବଡଦାଣ୍ଡେ ସିଂହ ଦ୍ୱାର ଆଗରେ
ହୁଏ ତାଙ୍କ ସୁନାବେଶ
ସେବେଶ ଦେଖିବା ପାଇଁ ହୁଏ ସେଠି
ଭକତଙ୍କ ସମାବେଶ।
ମହିମା ତାଙ୍କ କେ ପାରିବ କଳି
ଭକ୍ତ ପାପତାପ ନିଅନ୍ତି ହରି
କଲେ ତାଙ୍କୁ ଦରଶନ
ମିଳେ ସୁଖ ଶାନ୍ତି ଅପାର ଆନନ୍ଦ
ଜୀବନ ହୁଅଇ ଧନ୍ୟ।

ଶାନ୍ତିନଗର, ନୂଆବଜାର, କଟକ-୪
ମୋ: ୯୪୩୭୪୪୨୦୪୧

## ଜାଣିଛ କି ଏମାନେ ପ୍ରଶ୍ନ?

୧- ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା କେଉଁ ମାସରେ ଅନୁଷ୍ଠିତ ହୁଏ ?
୨- ବଳଭଦ୍ରଙ୍କ ରଥର ନାମ ?
୩- ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଆଚ୍ଛାଦିତ ବସ୍ତ୍ରର ରଙ୍ଗ କ'ଣ ?
୪- ରଥଯାତ୍ରା ଶେଷ ପର୍ଯ୍ୟାୟ କେଉଁ ନାମରେ ପରିଚିତ ?
୫- ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ କେଉଁ ତିଥିରୁ ଆରମ୍ଭ ହୋଇଥାଏ ?
୬- ଓଡ଼ିଶାର କେଉଁ ସ୍ଥାନରେ ହେଉଥିବା ରଥଯାତ୍ରାରେ ମହିଳାମାନେ ହିଁ ମା' ସୁଭଦ୍ରାଙ୍କ ରଥ ଟାଣିଥାନ୍ତି ?
୭- କେଉଁ ବାଦ୍ୟ ବାଜିବା ପରେ ମହାପ୍ରଭୁଙ୍କ ପହଣ୍ଡି ବିଜେ ଆରମ୍ଭ ହୁଏ ?



## ଯାଉଛି ମାଉସୀ ଘର



ଦୀପକ କୁମାର ନାୟକ

ଯିବ ବୋଲି ଜଗା ମାଉସୀ ମା ଘର
ହୋଇ କେତେ ସଜବାଜ
ବରଷକ ପରେ ବାହାରି ପଡିଛି
କରିବ ବୋଲିକି ମୌଜ।
ଭାଇ ବଳଭଦ୍ର ଭଉଣୀ ସୁଭଦ୍ରା
ସାଙ୍ଗରେ କାଳିଆ ଧରି
ଗହଳି ଲଗାଇ ଚହଳ ପକାଇ
ଯାଏ ଘୋଷ ଯାତ୍ରା କରି।
ରତ୍ନ ସିଂହାସନ ଛାଡି ଆଜି ସିଏ
ଯାଉଛି ମାଉସୀ ଘର
ନଅ ଦିନ ପରେ ବାହୁଡି ଆସିବ
ପୁଣି ସେ ଶିରୀ ମନ୍ଦିର।
ବରଷକ ପରେ ବାହାରିଲେ ପ୍ରଭୁ
କରିବାକୁ ଲୀଳା ଖେଳା
ଭକ୍ତ ଭଗବାନ ମିଳନ ପାଇଁକି
ଏଇତ ଏ ପର୍ବ ଲୀଳା।
ସ୍ନେହୀ ମାଉସୀ ତୋ ଅଛି ଅପେକ୍ଷାରେ
ପୋଡ଼ ପିଠା କରି କେତେ
ଭାଇଭଉଣୀ ତ ମହା ଆନନ୍ଦରେ
ଖାଇପାରିବ ଯେ ଯେତେ।
ତୋ ରଥ ଦଉଡି ପାରିଲିନି ଭିଡ଼ି
ଭାଗ୍ୟରେ ନାହିଁରେ ମୋର
ଦୂରେ ଥାଇ ତୋତେ ଜଣାଉଛି ପ୍ରଭୁ
ଶୁଭେଚ୍ଛା ରଥଯାତ୍ରାର।
ଭିଡି ପାରିଲିନି ବୋଲି ରଥ ତୋର
କରିବୁନି ଅଭିମାନ
ଆର ବରଷକୁ ଭିଡିବି ତୋ ରଥ
ଥିବ ଯଦି ଏ ଜୀବନ
ଥିବ ଯଦି ଏ ଜୀବନ।

ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ
ମୋ: ୮୬୩୭୨୬୧୮୨୮

## ଘୋଷଯାତ୍ରା



ଶୁଭେନ୍ଦୁ କୁମାର ମହାପାତ୍ର

ଗୋଟି ପହଣ୍ଡିରେ ଚତୁର୍ଦ୍ଧା ମୂରତି
ଝୁଲି ଝୁଲି ଆସିଥାନ୍ତି
ବଡ଼ଦାଣ୍ଡେ ସଜ ତିନି ରଥପରେ
ବିରାଜିତ ହୋଇଥାନ୍ତି।
ବଳିଆ ଆସନ୍ତି ତାଳଧ୍ୱଜେ ବସି
ସୁଭଦ୍ରା ଦେବଦଳନେ
ପଛେ ନନ୍ଦିଘୋଷେ କାଳିଆ ଆସନ୍ତି
ଆଡେଇ ଜଗତ ଜନେ।
ଜନମବେଦୀର ମାୟାରେ ଆସନ୍ତି
ଗୁଣ୍ଡିଚା ମନ୍ଦିରେ ଚାଲି
ନଅ ଦିନ କାଳ ମାଉସୀ ମା ଘରେ
ରହିବେ ପତ୍ନୀଙ୍କୁ ଭୁଲି।
ହେରା ପଞ୍ଚମୀରେ ଲକ୍ଷ୍ମୀ ଠାକୁରାଣୀ
କୋପେ ରଥ ଭାଙ୍ଗିଥାନ୍ତି
ଠାକୁରେ ବାଟରେ ପୋଡ଼ପିଠା ଖାଇ
ମନ୍ଦିରକୁ ଫେରିଥା'ନ୍ତି।
ବରଷକେ ଥରେ ଘୋଷଯାତ୍ରା କରି
ଭକତ ସଙ୍ଗେ ମିଶନ୍ତି
ବିଶ୍ୱର କଲ୍ୟାଣ ପାଇଁ ମହାପ୍ରଭୁ
ମାନବ ଲୀଳା କରନ୍ତି।
ରଥରେ ବାମନ ଦେଖିଲେ ଭକତ
କୋଟି ପାପ ହୁଏ କ୍ଷୟ
ବଡ଼ଦାଣ୍ଡେ ରଥ ଦଉଡିକୁ ଟାଣି
କରନ୍ତି ପ୍ରଭୁଙ୍କୁ ଲୟ।


ଚାଉଳିଆ, ମଙ୍ଗଳପୁର, ଯାଜପୁର
ମୋ: ୯୪୩୮୦୬୪୯୦୮



## ରେକର୍ଡ଼ ହୃତ୍‌ସ୍ପନ୍ଦନ



ମଣିଷର ମିନିଟ୍ ପିଛା ହୃତ୍‌ସ୍ପନ୍ଦନ ହାର ହେଉଛି ୬୦ରୁ ୧୦୦। ଏହା ବ୍ୟକ୍ତି ବିଶେଷ ଓ ପରିସ୍ଥିତି ଅନୁଯାୟୀ ଭିନ୍ନ ଭିନ୍ନ ହୋଇଥାଏ। ତେବେ ଜଣେ ସୁସ୍ଥ ମଣିଷର ହାରାହାରି ହୃତ୍‌ସ୍ପନ୍ଦନ ହାର ହେଉଛି ୭୨। କିନ୍ତୁ ଏଟ୍ରସ୍କାନ ଶ୍ରୁ (ଏକ ଜାତିର ଚୁଚୁନ୍ଦ୍ରା)ର ମିନିଟ ପିଛା ହୃତ୍‌ସ୍ପନ୍ଦନ ହାର ହେଉଛି ପ୍ରାୟ ୧୫୦୦। ଏହା ପ୍ରାଣୀ ଜଗତରେ ସର୍ବାଧିକ। କିନ୍ତୁ ବେଳେବେଳେ ଏହା ୧୫୧୧ ପର୍ଯ୍ୟନ୍ତ ବଢ଼ିଯାଇଥାଏ। ବିଶ୍ରାମ ନେଉଥିବା ବେଳେ ଏହି ହାର ପ୍ରାୟ ୮୩୫କୁ କମି ଆସିଥାଏ। ଅନ୍ୟ ଏକ ପ୍ରାଣୀ ହମିଂ ବାର୍ଡ଼ର ମିନିଟ୍ ପିଛା ହୃତ୍‌ସ୍ପନ୍ଦନ ହାର ହେଉଛି ପ୍ରାୟ ୧୦୦୦। ଅପର ପକ୍ଷରେ ପୃଥିବୀର ସବୁଠୁ ବଡ଼ ସ୍ତନ୍ୟପ୍ରାୟୀ ପ୍ରାଣୀ ନୀଳ ତିମିର ହୃତ୍‌ପିଣ୍ଡ ଆକାର ହେଉଛି ଏକ ସୋଫା ଭଳି। କିନ୍ତୁ ତା'ର ହୃତ୍‌ସ୍ପନ୍ଦନ ହାର ହେଉଛି ମିନିଟ୍ ପିଛା ପ୍ରାୟ ୨। କୌଣସି ପ୍ରାଣୀମାନଙ୍କ ମଧ୍ୟରେ ଏହି ହୃତ୍‌ସ୍ପନ୍ଦନ ହେଉଛି ସର୍ବନିମ୍ନ।



## ନୀତିକଥା ଖାଦ୍ୟ ନଷ୍ଟ



ଡକ୍ଟର କୃତ୍ତିବାସ ନାୟକ

ଥରେ କେତେଜଣ ପିଲା ଭୋଜି ଖାଇବାକୁ ଯାଇଥିଲେ। ସେଇଠି ପ୍ରସାଦ ସେବନ ବ୍ୟବସ୍ଥା ହେଇଥିଲା। କେତେଜଣ ଲୋକ ପୁଳାଏ ଲେଖାଁ ପ୍ରସାଦ ନେଇ ଖାଉଥିଲେ। ଯାହା ଖାଇପାରୁ ନଥିଲେ, ତାକୁ ନେଇ ଅଳିଆ ଗଦାରେ ପକାଇ ଦେଉଥିଲେ। ଅଳିଆ ଗଦାରେ ପଶି କେତେଟା କୁକୁରଙ୍କ ସହିତ ଆଉ ଦୁଇଜଣ ପିଲା ସେହି ବଳକା ଖାଦ୍ୟକୁ ଗୋଟେଇ ଖାଉଥିଲେ। ତାକୁ ଦେଖି ପିଲାମାନଙ୍କର ମନଦୁଃଖ ହେଇଗଲା। ସେମାନେ ନିଜର ମନଦୁଃଖ କଥା ଭୋଜିର ଆୟୋଜକ ଓ ପୂଜାରୀଙ୍କୁ କହିଲେ- 'ଏହି ପିଲାମାନେ ଏମିତି କାହିଁକି ଅଇଁଠା ପ୍ରସାଦକୁ ଗୋଟେଇ ଖାଉଛନ୍ତି ? ତାଙ୍କୁ କିଛି ଖାଇବାକୁ ଦେଲେ, ସେମାନେ କୁକୁରଙ୍କ ସହିତ ଲଢ଼େଇ ନକରି ଭଲରେ ଗଣ୍ଡାଏ ପ୍ରସାଦ ଖାଇପାରନ୍ତେ।'

ସେଇଠି ଉପସ୍ଥିତ ଥିବା ଜଣେ ସାଧୁବାବା କହିଲେ- 'ମୁଁ ତାଙ୍କର ପୂର୍ବ ଜନ୍ମକଥା ଜାଣେ। ଏମାନେ ଗତ ଜନ୍ମରେ ଧନୀଘର ପିଲା ଥିଲେ। ସେମାନେ ଯେତିକି ଖାଉଥିଲେ, ବଳକା ଖାଦ୍ୟକୁ ଫୋପାଡ଼ି ଦେଉଥିଲେ। ତାଙ୍କ ମନରେ ଭାରି ଗର୍ବ ଥିଲା, ନିଜେ ସବୁ ଭଲଖାଦ୍ୟ ଖାଉଥିଲେ ସିନା କେବେ କାହାରିକୁ ଖାଇବାକୁ ଦେଉ ନଥିଲେ। ସେମାନେ ଜାଣି ନଥିଲେ- ଅନ୍ନ ହେଉଛି ମାଆ ଲକ୍ଷ୍ମୀଙ୍କର ପ୍ରତୀକ। ଅନ୍ନରୁ ଜୀବର ସୃଷ୍ଟି ହୋଇଥାଏ। ଅନ୍ନ ହିଁ ପ୍ରାଣୀଙ୍କୁ ବଞ୍ଚାଇ ରଖିଥାଏ। ଅନ୍ନକୁ ଯେଉଁମାନେ ଅପବ୍ୟବହାର କରନ୍ତି, ତାଙ୍କୁ ସେଥିପାଇଁ ଦଣ୍ଡ ଭୋଗିବାକୁ ପଡ଼ିଥାଏ। ସେମାନେ ନଷ୍ଟ କରିଥିବା ଅନ୍ନକୁ ଖାଇବାକୁ ପୁଣି ଥରେ ଜନ୍ମ ଗ୍ରହଣ କରନ୍ତି। ଏହି ଦୁଇଜଣ ପିଲା ତାଙ୍କର କର୍ମଫଳ ଭୋଗ କରୁଛନ୍ତି। ସେମାନଙ୍କୁ ଆମେ ଖାଇବାକୁ ଦେଲେ ବି ସେ ପୁଣି ଯାଇ ଅଇଁଠା ପତ୍ରକୁ ଚାଟିବେ। ଏଇଟା ତାଙ୍କର ପ୍ରକୃତି ହେଇଯାଇଛି।



ପିଲାମାନେ! ଏହି କଥାଟିକୁ ସମସ୍ତେ ମନେ ରଖିଥିବ। ତୁମେ କେବେ ବି ଖାଦ୍ୟକୁ ନଷ୍ଟ କରିବ ନାହିଁ। ତୁମେ ଜାଣିଛ, ଆମ ପୃଥିବୀରେ ଅନେକ ପିଲା ଖାଇବାକୁ ପାଉନାହାନ୍ତି। ଆମେ ଯଦି ଖାଦ୍ୟକୁ ନଷ୍ଟ କରିବା, ତେବେ ଭଗବାନ ଆମ ଉପରେ ଅସନ୍ତୁଷ୍ଟ ହେବେ। ଭବିଷ୍ୟତରେ ତ ଆମେ ଦଣ୍ଡ ପାଇବା, କିନ୍ତୁ ଏଇ ଜନ୍ମରେ ଆମେ ଜଣେ ଅପରାଧୀ ଭାବେ ପରିଚିତ ହେବା। ଆମେ ଯେତିକି ଖାଇପାରିବା, ସେତିକି ପ୍ରସାଦ ନେବା ଉଚିତ। ଆଜି ତମେମାନେ ତ ପ୍ରସାଦ ପାଇବ। ଏକଥାକୁ ନିଶ୍ଚୟ ମନେ ରଖିଥିବ। ଅନ୍ୟମାନଙ୍କୁ ମଧ୍ୟ ଖାଦ୍ୟ ନଷ୍ଟ ନ କରିବାକୁ କହିବ। ନହେଲେ, ଆମେ ଏହି ପିଲାଙ୍କ ଭଳି ଅଇଁଠା ପତ୍ର ଚାଟିବା ଦଣ୍ଡରେ ଦଣ୍ଡିତ ହେବା।

ସାଧୁଙ୍କ କଥାଶୁଣି ପିଲାମାନେ ସେଇଠି ଶପଥ ନେଲେ, ସେମାନେ କେବେ ବି ଖାଦ୍ୟକୁ ନଷ୍ଟ କରିବେ ନାହିଁ।

ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ମୋ: ୭୯୭୮୯୬୨୫୩୪

## ହଜିଲାଣି ଖରାଦିନ



ଡକ୍ଟର ସଚ୍ଚିଦାନନ୍ଦ କର

ଆକାଶରେ କଳାବାଉଦ ଉହାଡ଼େ
ହଜିଲାଣି ଖରାଦିନ
ଦିଶୁଥିଲା ଦୂରେ ଯେଉଁ ମରୀଚିକା
ନାହିଁ ଆଉ ତା'ର ଚିହ୍ନ।
ସଜେଇ ହେଲାଣି ଗତକାଲି ଥିଲା
ଶୀରିହୀନ ଯେଉଁ ଗାଆଁ
ସାଙ୍ଗରେ ମେଘକୁ ଧରି ବହିଲାଣି
ଥଣ୍ଡା ମଉସୁମୀ ବାଆ।
ତରୁଲତା ସବୁ ହସି ଉଠିଲେଣି
କଅଁଳ ପତର ଧରି
ଛୁଇଁବାକୁ ମାଟି ଅସରା ଅସରା
ମେଘ ଆସିଲାଣି ଝରି।
ପୂରି ଉଠିଲାଣି ନଦୀନାଳ କୂଅ
ଶୁଖିପଡ଼ିଥିଲା ଯେତେ
ଦିଶିଲାଣି ନଭେ ଇନ୍ଦ୍ରଧନୁ ଆଉ
ବିଜୁଳି ଝଲକ କେତେ।
ଫୁଟି ମହକାଇ ଦେଲାଣି କଦମ୍ବ
ଗିରିବନ କାନନରେ
ଚାରି ଛଅ ଦିନ ଆକାଶ ମେଘୁଆ
ରହିଲାଣି ଥରେଥରେ।
ଝଡ଼ି ବରଷାରେ ଓଳିରେ ଦାଣ୍ଡରେ
ଛୁଟିଲାଣି ପାଣି ସୁଅ
ଭସାଇବ ବୋଲି କାଗଜର ଡଙ୍ଗା
ଗଢ଼ିଲାଣି କୁନିପୁଅ।
ରୁଆ ବେଉଷଣ କରିବାକୁ ଚାଷୀ
ହୋଇଲେଣି ଆଗଭର
ମେଘରତ୍ନ ପାଣି ଲଗେଇ ଦେଲାଣି
ଝରି ନିତି ଝରଝର।
ଋତୁରାଣୀ ତା'ର ନାନା ଉପହାର
ପରଶି ଦେଲାଣି ଆଣି
ଗୀରିଷମ ପରେ ଗଲାଣି ବଦଳି
ଧରଣୀରାଣୀର ଠାଣି।

ନୂଆପଡ଼ା, ନୟାବଜାର, କଟକ-୪
ମୋ: ୯୮୬୧୨୧୧୦୫୧

## ଛଡ଼ାଇ ନିଅ ନାହିଁ



ରାକେଶ ପଣ୍ଡା

ଛଡ଼ାଇ ନିଅ ନାହିଁ ମୋ ଦୁଷ୍ଟାମି
ମୋ ଶୈଶବ ଅଧିକାର,
ପାଠ ପଢ଼ା, ଜ୍ଞାନ ଆହରଣ ଆଳରେ
ହଜି ନ'ଯାଉ ମୋ ବାତ୍ସଲ୍ୟ ସ୍ୱର।
ମୁଁ, ଖେଳିବାକୁ ଚାହେଁ ମାଟି, ଧୂଳିରେ
ହଜି ଯିବାକୁ ଚାହେଁ ସାଙ୍ଗ ମେଳିରେ,
ମୋ ଶୈଶବ ଅସ୍ଥିରତାକୁ ଚାପି ଦିଅ ନାହିଁ
ବାନ୍ଧିରଖ ନାହିଁ ଆଧୁନିକ ଶିକୁଳିରେ।
ମୁଁ ଦୌଡ଼ିବାକୁ ଚାହେଁ
ମୁଁ ପଡ଼ିବାକୁ ଚାହେଁ,
ପଡ଼ି ଉଠି ଜୀବନର ବାଟ
ଚାଲି ଶିଖିବାକୁ ଚାହେଁ।
ମୋତେ ପାଅ ନାହିଁ ଏତେ ଭଲ
ମୁଁ ଯେ ବାନ୍ଧି ହୋଇ ରହିଯିବି
ତୁମ ମୋହ, ତୁମ ବନ୍ଧନରେ
ତୁମ ପ୍ରେମ, ଆନ୍ତରିକତା
ଉଡ଼ିବାକୁ କରିବ ବାରଣ
ନୀଳ ଆକାଶ ଅଚିହ୍ନା ଦିଗବଳୟରେ।
ତୁମେ ଡର ନାହିଁ ବାପା
ଆଶଙ୍କା କର ନାହିଁ ମାଆ
କର ନାହିଁ ମନ ଊଣା
ମୁଁ ଉଡ଼ି ଉଡ଼ି ଗଲେ ଯେତେ ଦୂର
ଆଧୁନିକ ଚଲା ପଥେ
ହେବି ନାହିଁ କେବେ ବାଟବଣା।
ଫେରି ଆସିବି ପୁଣି ତୁମରି କୋଳକୁ
ମୋ କର୍ମ ସମାପ୍ତି ପରେ,
ମଥା ରଖି ଶୋଇବି ତୁମରି କୋଳରେ
କିଛି ସମୟ, ନିରାପଦ, ଆନନ୍ଦରେ।

ବନ୍ଧାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

## ଗପ ଜୟ ହୋ



ସୁନନ୍ଦା ମହାନ୍ତି

ଟିକି ପିଲାଟି କଥା କହି ଶିଖିନଥିଲା। ଠୁକୁ ଠୁକୁ ଚାଲି ପକେଇ ଘର ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଚାଲୁଥିଲା। ଠିକ୍ ସେତିକିବେଳେ ବାହାରେ ସ୍କୁଲ ପିଲାମାନେ ଧାଡ଼ି ବାନ୍ଧି ଜୟ ଗାନ୍ଧିଜୀ କି ଜୟ, ଜୟ ଜବାହାରଲାଲ ନେହେରୁ କି ଜୟ, ଜୟ ଶାସ୍ତ୍ରୀଜୀ କି ଜୟ ଏବଂ ଜୟ ହୋ, ଜୟ ହୋ ଆଦି ଧ୍ୱନି ଦେଉଥିଲେ। ଟିକି ପୁଅଟି ଜାଫ୍ରି ଏପଟୁ ଚାହିଁ ଦେଖୁଥିଲା, ପିଲାମାନେ ସବୁ ଧାଡ଼ିବାନ୍ଧି ପତାକା ହାତରେ ଧରି ଜୟ ହୋ ଧ୍ୱନି ଦେଇ ପ୍ରଭାତ ଫେରିରେ ଯାଉଥିଲେ, ଟିକି ପୁଅ ଏସବୁର ଅର୍ଥ ବୁଝିନଥିଲା ବରଂ ଘର ଲୋକ ଓ ତା' ପରିଚିତ ଲୋକ ସବୁ ତାର କଥା କହିବାକୁ ଅପେକ୍ଷା କରି ଚାହିଁ ରହିଥିଲେ। ମାଆ ରୋଷେଇ ଘରୁ ଆସି ଜାଫ୍ରି ଖୋଲି ଜାତୀୟ ଦିବସରେ ଜାତୀୟ ପତାକାଟିଏ ଦାଣ୍ଡ ଦୁଆରେ ଥାପି ଦେଇ ଗଲାବେଳେ ତାହା ଫରଫର ଉଡୁଥିଲା ଓ ଛୋଟ ପୁଅ 'ବାବା' ତାକୁ ଦେଖି ତାଳିମାରି ଚାଲିଥିଲା। ମାଆ ଭାବୁଥିଲେ ପୁଅ 'ବାବା' ବଡ଼ ହେଲେ ତାକୁ ସେ ସହଜ ଓ ସରଳ ଉପାୟରେ ପତାକାରେ ଥିବା ତିନିରଙ୍ଗ ମନେରଖିବାର ଉପାୟ ବତାଇ ଦେବେ।

ତଳେ ଥିବା ଘାସ ଗାଲିଚାର ନେଳି ରଙ୍ଗ ହିଁ ପତାକାର ତଳ ରଙ୍ଗ ନୀଳ, ତା ପରେ ବାବାର ଅଧିକାଂଶ ଡ୍ରେସ ରଙ୍ଗ ପରି ତଥା ତାଙ୍କ ଘରେ ଥିବା ଧଳା ପାରା ରଙ୍ଗ ପରି ମଝିରେ ଧଳା ରଙ୍ଗ ସହ ତା ଉପରେ ଅଶୋକ ଚକ୍ର ଓ ସବା ଉପରେ ବାପା ଭଲ ପାଉଥିବା କମଳାର ରଙ୍ଗ ପରି ନାରଙ୍ଗୀ ବୋଲି ମାଆ ଶିଖେଇ ଦେବେ ଭାବିଲା ବେଳକୁ ଶିଶୁ ପୁତ୍ର 'ବାବା' ଓଠରେ ହଠାତ୍ ଦରୋଟି ଭାଷାରେ ଶୁଭିଲା- ଜୟ ହୋ, ଜୟ ହୋ। ଏହା ଶୁଣି ମାଆ ସ୍ତବ୍ଧ, ଚକିତ ଓ ପୁଲକିତ ହୋଇ ପୁଅକୁ କାଖେଇ କହୁଥିଲେ ବନ୍ଦେ ମାତରମ।

ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭





## ତୁମ ପାଇଁ ବହି




### ମନୋହର କାହାଣୀମାଳା

ଲେଖକ: ରାମଚନ୍ଦ୍ର ଦେଓ
ପ୍ରକାଶକ: ନବରଂଗ, ଡଗରପଡ଼ା, କଟକ-୬
ମୂଲ୍ୟ: ୧୦୦ ଟଙ୍କା

ଏହା ଏକ ଶିଶୁ ଗଳ୍ପ ସଂକଳନ। ଏଥିରେ ରହିଛି ୧୪ଟି ମନଛୁଆଁ ଗଳ୍ପ। ପୂର୍ବତୁଳନାରେ ଏବେ ପାରିପାର୍ଶ୍ୱିକ ବାତାବରଣ ବଦଳିବାରେ ଲାଗିଛି। ସେହି ଅନୁଯାୟୀ ପିଲାମାନଙ୍କର ରୁଚି ବି ବଦଳୁଛି। ପିଲାମାନଙ୍କ ପରିବର୍ତ୍ତିତ ମାନସିକତାକୁ ଲକ୍ଷ୍ୟରେ ରଖି ଲେଖକ ମନମତାଣିଆ ଢଙ୍ଗରେ ଗଳ୍ପଗୁଡ଼ିକୁ ରଚନା କରିଛନ୍ତି। ଗପଗୁଡ଼ିକ ପିଲାମାନଙ୍କୁ ଆନନ୍ଦ ଦେବା ସହ ସେମାନଙ୍କ ଚରିତ୍ର ଗଠନରେ ମଧ୍ୟ ସହାୟକ ହେବ।


## କୁନାକୁନିଙ୍କ ଚିତ୍ର





ସାୟେଶା ଦାସ ମହାପାତ୍ର

କ୍ଲାସ୍- ଏଲ.କେଜି, ସ୍ପ୍ରିଙ୍ଗ ଫାର୍ମ ପବ୍ଲିକ ସ୍କୁଲ, ସିଡ଼ନୀ, ଅଷ୍ଟ୍ରେଲିଆ



ଏଲ. ଏ ଅଭିଳାଷ

କ୍ଲାସ୍-୭, ଭେଙ୍କଟେଶ୍ୱର ସ୍କୁଲ, ନିମାପଡ଼ା, ଜି: ପୁରୀ



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

## ଜଗନ୍ନାଥ ସେବାସଂସ୍ଥା ପକ୍ଷରୁ ଭଜନ ସନ୍ଧ୍ୟା




**ଆଠଗଡ଼,୨୭।୬/ଏନ୍‌ଏନ୍‌ଏସ୍:** ପବିତ୍ର ରଥଯାତ୍ରା ଅବସରରେ ଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ୪୭ ତମ ଭଜନ ସନ୍ଧ୍ୟା ମାଉସୀ ମା' ମନ୍ଦିର ଖଲାରେ ଅନୁଷ୍ଠିତ ହେଉଛି। ଏହି ଭଜନ ସନ୍ଧ୍ୟାକୁ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଭୁ ଅଙ୍ଗାଳି ଜଗନ୍ନାଥଙ୍କୁ ଶାନ୍ତି ଶୃଙ୍ଖଳାର ସହିତ ମାଉସୀ ମା' ମନ୍ଦିର ଖଲାରେ ପହଞ୍ଚାଇଥିବାରୁ ଆଠଗଡ଼ର ସମସ୍ତ ଶ୍ରଦ୍ଧାଳୁଙ୍କୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ଦଳ ବରିଷ୍ଠ ନେତା ତଥା ଯୁବ ସଂଗଠକ ଅଭୟ କୁମାର ବାରିକ ଯୋଗଦେଇ ପ୍ରଭୁ ଶ୍ରୀ ଅଙ୍ଗାଳି ଜଗନ୍ନାଥଙ୍କୁ କୃପା ଲାଭ କରିଥିବାରୁ ନିଜକୁ ଧନ୍ୟ ମଣିବା ସହିତ ସେବାସଂସ୍ଥା ପକ୍ଷରୁ କରାଯାଉଥିବା ଏଭଳି ୮ ଦିନ ବ୍ୟାପି ଭଜନ ସନ୍ଧ୍ୟା ନିଶ୍ଚିତ ଭାବେ ଏକ ନିଆରା ଏଥିରେ ଥିବା ସମସ୍ତ କର୍ମକର୍ତ୍ତା ନିଶ୍ଚିତ ଭାବେ ସାଧୁବାଦ ପାତ୍ର ଏହାସହିତ ସମସ୍ତ ସହଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ସୁନାମ ଧନ୍ୟ କଣ୍ଠଶିଳ୍ପୀ ବାଦଲ କୁମାର ଓ ତାଙ୍କ ସାଥିମାନଙ୍କ ଦ୍ୱାର ଭଜନ ପରିବେଶଣ କରାଯାଇଥିଲା।

## ମା' ଭଗବତୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**କୁଣ୍ଟେଇ,୨୭।୬/ଏନ୍‌ଏନ୍‌ଏସ୍:** କାକଟପୁର ଥାନା ଅନ୍ତର୍ଗତ ବାଜପୁର, କୃଷ୍ଣନଗର ପାଟଣା, ଶ୍ୟାମରାୟ ପାଟଣା ତିନୋଟି ଗ୍ରାମର ଗ୍ରାମଦେବତୀ ମା' ଭଗବତୀ ଠାକୁରାଣୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ବାଞ୍ଛାନିଧି ସାହୁଙ୍କ ନେତୃତ୍ୱରେ ଏବଂ ତିନି ଗ୍ରାମର ଗ୍ରାମବାସୀଙ୍କ ସହଯୋଗରେ ନୂତନ ରୂପରେ ନିର୍ମାଣ କରାଯାଇଥିବା ଭଗବତୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସକାଳେ ତିନି ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା କଳସ ଯାତ୍ରାରେ ବାହାରି ଐତିହ୍ୟ ସମ୍ପନ୍ନ ପ୍ରାଚୀ ନଦୀର ପର୍ଯ୍ୟଟନ ସ୍ଥଳୀ ଦେଉଳି ମଠ ତୁମରୁ ଜଳ ଆଣିବା ପରେ କଳସ ସ୍ଥାପନ ପରେ ପଣ୍ଡିତମାନଙ୍କ ଦ୍ୱାରା ନୂତନ ଭାବେ ନିର୍ମିତ ହୋଇଥିବା ଗ୍ରାମଦେବତୀ ମା' ଭଗବତୀଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତମାନଙ୍କ ଦ୍ୱାରା ହୋମ୍ ଯଜ୍ଞ ମନ୍ତ୍ର ପାଠରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ପ୍ରାୟ ୨ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଗଡ଼ିଲା ରଥ





**ଖୋର୍ଦ୍ଧା,୨୭।୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ନିକଟସ୍ଥ ଉଇଲକିସନ୍ ନଗର (ସାହେବ ନୂଆଗାଁ) ଗ୍ରାମଠାରେ ମହାପ୍ରଭୁଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ବା ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଚନ୍ଦ୍ରଶେଖର ଦେବମଠଠାରେ ଥିବା ୩ ଠାକୁର ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରାଙ୍କ ସହିତ ସୁଦର୍ଶନ ମହାପ୍ରଭୁଙ୍କୁ ପ୍ରଭାତରୁ ମଙ୍ଗଳ ଆଳତି ସହିତ ବିଭିନ୍ନ ରିତିକାନ୍ତି ହୋଇଥିଲା। ଅପରାହ୍ଣ ୪ଟାରେ ପ୍ରଥମେ ସୁଦର୍ଶନ, ତା'ପରେ ବଳଭଦ୍ର ଓ ସୁଭଦ୍ରାଙ୍କୁ ପହଣ୍ଡିରେ ନେଇ ଛକଠାରେ ଥିବା ରଥ ଉପରେ ରଥାରୂଢ଼ କରାଯାଇଥିଲା। ଶେଷରେ ମହାପ୍ରଭୁ ଜଗନ୍ନାଥ କାଳିଆ ଠାକୁର ସୁସଜ୍ଜିତ ଟାହିଆ ସହିତ ଝୁଲି ଝୁଲି ରଥରେ ବିରାଜ ମାନ କରିଥିଲେ। ରଥରେ ପୁରୋହିତ ଆଲୋକ ନନ୍ଦ, ବିଶ୍ୱନାଥ ନନ୍ଦଙ୍କ ଦ୍ୱାରା ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଗ୍ରାମର ସନାତନ ବିଶ୍ୱାଳ ଛେରାପହଁରା ନୀତି ସମ୍ପର୍ଣ୍ଣ କରିଥିଲେ। ଏହି ଅବସରେ ଘଣ୍ଟଘଣ୍ଟା, ହରିବୋଲ ହୁଳହୁଳିରେ ଓ ସାରଥୀ ସଞ୍ଜୟ ବିଶ୍ୱାଳଙ୍କ ଡାକରାରେ ମହାପ୍ରଭୁଙ୍କ ରଥ ଅଁଳାଇ ମନ୍ଦିର ଠାରେ ଥିବା ମାଉସୀମା ମନ୍ଦିର ନିକଟକୁ ଯାଇଥିଲେ। ଏହି ସମୟରେ ଉକ୍ତ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଗ୍ରାମର ଓ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ଏଥିରେ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ, ଅପର୍ତ୍ତି ବିଶ୍ୱାଳ, ହିମାଂଶୁ ବରାଳ, ଦୀପକ ସୁନ୍ଦରାୟ, ପିଣ୍ଟୁ ବଳିଆରସିଂହ, ଆଲୋକ ପ୍ରଧାନ, ସାଗର ବଳିଆରସିଂହ, ରାଜେଶ ବାରିକ, ସୁରେଶ ସାମନ୍ତରାୟ, ଆକାଶ ବିଶ୍ୱାଳ , ଅଧି ବେହେରା, ମନୋରଞ୍ଜନ ପ୍ରଧାନ, ଜଗନ ପ୍ରଧାନ, ତ୍ରିଲୋଚନ ଜେନା, କୃଷ୍ଣଚନ୍ଦ୍ର ସାହୁ, ରିତେଶ ସ୍ୱାଇଁ, ଗୋପାଳକୃଷ୍ଣ ପ୍ରଧାନଙ୍କ ସହିତ ଶତାଧିକ ଗ୍ରାମବାସୀ ସହଯୋଗ କରିଥିଲେ।



**ବେଗୁନିଆ:** ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ପାଳନ ଅବସରରେ ବେଗୁନିଆ ବ୍ଲକର ଗ୍ରାମାଞ୍ଚଳରେ ଏହି ରଥଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି। ଭକ୍ତ ଓ ଭଗବାନଙ୍କର ଭାବପୂର୍ଣ୍ଣ ଭକ୍ତିମୟ ପରିବେଶରେ ଅପୂର୍ବ ସମନ୍ୱୟ ଘୋଷ ଯାତ୍ରା ରେ ଦେଖିବାକୁ ମିଳିଛି। ଲୋକିପୁର ଗ୍ରାମରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ରଥ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି ଏହି ଯାତ୍ରା ପାଳନ ପାଇଁ ପ୍ରସ୍ତୁତି କମିଟି ର ସଭାପତି ଆଲୋକ ମାନସିଂହ ଓ ସମ୍ପାଦକ ପ୍ରବୀର ଭୋଳଙ୍କ ନେତୃତ୍ୱରେ ରଥଯାତ୍ରା କାର୍ଯ୍ୟ ସୁଚାରୁ ରୁପେ ସମ୍ପାଦିତ ହୋଇଥିଲା। ରଥରେ ଛେରା ପହଁରା କାର୍ଯ୍ୟ ଧର୍ମାନନ୍ଦ ରଣସିଂହ ସମାପନ କରିଥିଲେ। ଛେରା ପହଁରା ପରେ ଗ୍ରାମର ମଧ୍ୟ ଭାଗରେ ଥିବା ଜଗନ୍ନାଥ ମନ୍ଦିରରୁ ରଥ ବାହାରି ଗ୍ରାମ ଦେବୀ ମା'ଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲା। ଏହି ପର୍ବକୁ ଆନନ୍ଦ ଉଲ୍ଲାସ ସହକାରେ ସମସ୍ତ ଭକ୍ତ ମହାପ୍ରଭୁ ଜଗନ୍ନାଥଙ୍କର କୃପା ଭିକ୍ଷା କରିଥିଲେ। ସେହିଭଳି ମୁକ୍ତାପୁର, ଗୌଡ଼ପାଟଣା, ବାରବାଟୀ ଆଦି ସ୍ଥାନରେ ପତିତପାବନ ଦାରୁ ବିଗ୍ରହକୁ ରଥାରୂଢ଼ କରାଯାଇଥିଲା। ସକାଳୁ ତଡ଼ପ ଲାଗି ମଇଲାମ୍ ଶୃଙ୍ଗାର ଲାଗି ଆଦି ନିତିକାନ୍ତି ସମ୍ପନ୍ନ ପରେ ଗ୍ରାମର ବରିଷ୍ଠ ବ୍ୟକ୍ତିମାନଙ୍କ ଦ୍ୱାରା ଛେରା ପହଁରା ଓ ଚାର ମାଳ ବନ୍ଧା ପରେ ରଥ ଟଣା ଯାଇଥିଲା। ହିନ୍ଦୁ ଅସ୍ମିତା ଓ ଆଧ୍ୟାତ୍ମିକ ପରିମଣ୍ଡଳ ମଧ୍ୟରେ ବହୁ ଭକ୍ତ ସମାଗମରେ ରଥଯାତ୍ରା ସମ୍ପନ୍ନ ହୋଇଥିଲା।

**କଣାସ:** କଣାସ ବ୍ଲକରେ ଜଗନ୍ନାଥଙ୍କ ରଥଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକର ଦୋକନ୍ଦା ଗ୍ରାମର ଜଗନ୍ନାଥ ମନ୍ଦିରରୁ ଜଗନ୍ନାଥ ବଡ଼ଠାକୁର ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ରତିନିତୀ ଅନୁଯାୟୀ ପହଣ୍ଡି ବିଜେ ହୋଇ ରଥରେ ବସିବା ପରେ ଦଳବେହେରା ପରିବାରର ନିରଞ୍ଜନ ଦଳବେହେରା ରଥରେ ଛେରାପହଁରା କରିଥିଲେ। ଛେରାପହଁରା ପରେ ଘଣ୍ଟ, ପେହଁକାଳି ବାଦ୍ୟ ଧ୍ୱୋନି ମଧ୍ୟରେ ରଥ ମନ୍ଦିରଠାରୁ ବାହାରି ଦୋକନ୍ଦା ଗ୍ରାମ, ଗୋଲାବଜାର, କଣାସ ବସଷ୍ଟାଣ୍ଡ, ବାଲିଘାଇଛକ, ବ୍ଲକବଜାର, ସହନା ଗ୍ରାମର ବୁଢ଼ୀ ଠାକୁରାଣୀ ମନ୍ଦିର ତଥା ମାଉସୀ ମା' ମନ୍ଦିରରେ ପୋଡ଼ପିଠା ଖାଇବା ପରେ ସହନା, ରାହାଣ୍ଡିଆ,



ସିରେଇ ଦେଇ ଜଙ୍ଘାର ଛକଠାରେ ଥିବା ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ। ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ଦୀର୍ଘ ୬ କି.ମି ରାସ୍ତାର ଦୁଇ ପାର୍ଶ୍ୱରେ ମହିଳା ଓ ପୁରୁଷମାନେ ରଥ ଚାଲିବା ସମୟରେ ଠିଆ ହୋଇ ହରିବୋଲ, ହୁଳହୋଳି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ଦୋକନ୍ଦା ଓ ଆଖପାଖ ଗ୍ରାମର ଯୁବକମାନେ ରଥଟଣାରେ ପୂର୍ଣ୍ଣ ସହଯୋଗ କରିଥିଲେ। ସେହିପରି କଣାସ ବ୍ଲକର ମୁଖରାସ୍ତା ଓ ଗାଁ ଗହଳରେ ଛୋଟ ଛୋଟ ପିଲାମାନେ କାଗଜରେ ରଥ ନିର୍ମାଣ କରି ତାହା ମଧ୍ୟରେ ଜଗନ୍ନାଥ ମୂର୍ତ୍ତି ରଖି ଘଣ୍ଟ ବଜାଇ ଗ୍ରାମ ବୁଲିବା ଦେଖିବାକୁ ମିଳିଥିଲା।

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ



**କୁଆଁପାଳ,୨୭।୬/ଏନ୍‌ଏନ୍‌ଏସ୍:** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଞ୍ଚାୟତସ୍ଥିତ ସରକାରୀ କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାହାଙ୍ଗ ପରିସରରେ ସମାଜ କାର୍ଯ୍ୟାଳୟ କଟକର ସୌଜନ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିକ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଆଇନଜୀବୀ ସତ୍ୟନାରାୟଣ ଦାସ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିବା ସହ ସମାଜ ସେବା କରୁଥିବା ବ୍ୟକ୍ତିଟି ଗୋପବନ୍ଧୁ ପରି ହେବା ଉଚିତ୍, ଭଲମଣିଷ ହେବାପାଇଁ ସ୍ୱପ୍ନ ଦେଖିବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ।

ମୁଖ୍ୟଅତିଥି ଭାବେ ଏବିଇଓ ସୋମନାଥ ରାମ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଭୁପେନ୍ ଚାଟାର୍ଜୀ, କବି ଗୌତମ ଚରଣ ଜେନା, ପୂର୍ବତନ ଏବିଇଓ ନାରାୟଣ ଚନ୍ଦ୍ର ରାଉତ, ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ, ପରିବେଶବିତ୍ ପ୍ରମୋଦ କୁମାର ଦାଶ, ପୂର୍ବତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ସମ୍ମାନିତ ବକ୍ତା ଭାବେ କବି ପ୍ରଫୁଲ୍ଲ କୁମାର ସିଂ, ସ୍ତମ୍ଭକାର ବିବେକାନନ୍ଦ ଦାସ, ପୂର୍ବତନ ସିଆର୍‌ସିସି ହରେକୃଷ୍ଣ ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ନିରଞ୍ଜନ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ସାହୁ, ଗୋତରା ଉ.ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ଦାସ, କାହ୍ନୁପୁର ଉ.ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମର ପ୍ରସାଦ ଦେହୁରି, ଆପିଲୋ ଉ.ପ୍ରା ବିଦ୍ୟାଳୟର ଶିକ୍ଷକ ଅନନ୍ତକିଶୋର ଭୋଇ, ବଳଦେବଜିଉ ଉ.ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ମହାପାତ୍ର ଯୋଗଦେଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶ ପାଇଁ ସେ ଥିଲେ ଉଦାହରଣ। ସେ ଅପହଞ୍ଚ ସେବାର ବୈଶ୍ୱାନର ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାମ୍ବାଦିକ ବିଜୟ କୁଅଁର ସ୍ୱରଚିତ କବିତା ପାଠ କରିଥିଲେ। ଏହି ଉତ୍ସବରେ ପୂର୍ବତନ ସିଆର୍‌ସିସି ରମାକାନ୍ତ ଦାସ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସେନାପତି, ରମଣି ରାଉତ, ସାହାନାଜ ବେଗମ, ଗଙ୍ଗୋତ୍ରୀ ଜେନା, ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ସାମଲ ଉପସ୍ଥିତ ରହିଥିଲା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ସିଆର୍‌ସିସି ଭାଗବତ ପ୍ରସାଦ ବେହେରା ଧନ୍ୟବାଦ୍ ଦେଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ପରିଚାଳନା କମିଟିର ସଭ୍ୟ/ସଭ୍ୟା ଉପସ୍ଥିତ ରହିଥିଲେ।

### ପ୍ରଥମ ଡେଭିଡ୍ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଲିଗ୍ ମ୍ୟାଚ୍‌ରେ ଭୁବନେଶ୍ୱର ଜିତି ସେମିଫାଇନାଲ୍‌ରେ ହାରିଲା



**ଓଡ଼ଗାଁ,୨୭।୬/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ମିନି ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଡେଭିଡ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଲିଗ୍ ମ୍ୟାଚରେ ଭୁବନେଶ୍ୱର ଦଳ ଫୁଲବାଣୀ ଠାରୁ ଜିତି ଜଟଣୀଠାରୁ ପରାସ୍ତ ହୋଇଛି। ପ୍ରଥମ ମ୍ୟାଚ ଭୁବନେଶ୍ୱର ସହିତ ଫୁଲବାଣୀ ମଧ୍ୟରେ ଖେଳ ହୋଇଥିଲା। ଭୁବନେଶ୍ୱର ଦଳ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଫୁଲବାଣୀ ଦଳ ନିର୍ଦ୍ଧାରିତ ୧୬ ଓଭର ଖେଳି ନପାରି ୧୪ ଓଭର ୨ଟି ବଲରେ ସମସ୍ତ ଉଇକେଟ୍ ହରାଇ ୭୯ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବ୍‌ରେ ଭୁବନେଶ୍ୱର ଦଳ ୭ ଓଭର ୩ଟି ବଲ୍ ଖେଳି ୬ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲେ। ଦଳ ପକ୍ଷରୁ ନନ୍ଦୀ ୪ ଟି ଉଇକେଟ ଅକ୍ତିଆର କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ଆଜିର ପ୍ରଥମ ସେମିଫାଇନାଲ ମ୍ୟାଚରେ ଭୁବନେଶ୍ୱର ସହିତ ଜଟଣୀ ମଧ୍ୟରେ ଖେଳ ହୋଇଥିଲା। ଜଟଣୀ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭୁବନେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ ରନ କରିଥିଲା। ପ୍ରତିବଦଳରେ ଜଟଣୀ ଦଳ ୮ ଉଇକେଟ ବିନିମୟରେ ଆବଶ୍ୟକ ରନକରି ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଅମିତ୍ ୧୬ ବାଲ ଖେଳି ୪୮ ରନ କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଚୟନ କରାଯାଇଛି। ଖେଳକୁ ଜ୍ଞାନ ରଞ୍ଜନ ସ୍ୱାଇଁ ଓ ଶ୍ରୀକାନ୍ତ କୁମାର ପରିଚାଳନା କରିଥିବା ବେଳେ ରଘୁନାଥ ଆଥଲେଟିକ୍ ଆସୋସିଏସନ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଅତିଥି ଭାବେ ଓଡ଼ଗାଁ ଆଦର୍ଶ ଥାନା ସବ ଇନ୍ସପେକ୍ଟର ଚକ୍ରଧର ସିଂ, ଦେବରାଜ ମଲ୍ଲିକ, ସମାଜସେବୀ ଶୁଭକାନ୍ତ ଚୌଧୁରୀ ଏବଂ ପ୍ରଭାକର ବେହେରା ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ

## ମୋବାଇଲ୍ ଚୋର ଗିରଫ

**ମୁଣ୍ଡମୁହାଣ,୨୭।୬/ଏନ୍‌ଏନ୍‌ଏସ୍:** ଇନ୍‌ଫୋଭ୍ୟାଲି ଥାନା ପୁଲିସ ଆଜି ଜଣେ ମୋବାଇଲ ଚୋରକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ହାଟ ଛକରେ ରହୁଥିବା କାର୍ତ୍ତିକ ସାହୁ ଓରଫ ବଟୁ। ଅଭିଯୁକ୍ତ ବଟୁ ନିକଟରୁ ୩ଟି ଚୋରି ମୋବାଇଲ ଜବତ ସହ ଆଜି କୋର୍ଟ ଚାଲାଣ କରିଛି ପୁଲିସ।

ସୂଚନାଯୋଗ୍ୟ ଯେ ଅଭିଯୋଗକାରୀ ସଞ୍ଜୟ ରାଉତଙ୍କ ଭାତଖୁରି ମୌଜାରେ ଏକ ନୂତନ ଘରର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଘର କାର୍ଯ୍ୟରେ ନିଯୁକ୍ତ ମିସ୍ତ୍ରୀ ଏବଂ ମୁଲିଆ ସମ୍ପୃକ୍ତ ନିର୍ମାଣାଧୀନ ଘରେ ରୁହନ୍ତି। ଗତ ୭ ତାରିଖ ରାତିରେ ଘର କାର୍ଯ୍ୟରେ ନିଯୁକ୍ତ ବିଜୟ ରାଉତ ଓ ଆଶା ଜାନୀ ନାମକ ଦୁଇ କର୍ମଚାରୀ ରାତ୍ରି ଭୋଜନ ସାରି ନିଦରେ ଶୋଇପଡିବା ପରେ ଅଭିଯୁକ୍ତ ଜଣକ ଭିତରେ ପଶି ଉଭୟଙ୍କ ମୋବାଇଲ ଫୋନ ଚୋରିକରି ନେଇଯାଇଥିଲେ। ପରଦିନ ସକାଳେ ଅଭିଯୋଗକାରୀ ଜଣକ ଘଟଣା ସ୍ଥଳରେ ପହଞ୍ଚିବା ପରେ ଉଭୟ କର୍ମଚାରୀଙ୍କ ମୋବାଇଲ ଫୋନ ଚୋରୀ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ରାଧାଚରଣପୁର ରାସ୍ତା ନିକଟରେ କମ୍ ଦାମ୍‌ରେ ଚୋରା ମୋବାଇଲ ଫୋନ ବିକ୍ରିକରିବା ଲାଗି ଗ୍ରାହକ ଖୋଜୁଥିବା ନେଇ ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ସୂଚନା ଆଧାରରେ ପୁଲିସ ଘଟଣା ସ୍ଥଳରେ ଅଚାନକ ଚଢ଼ଉ ସହ ଅଭିଯୁକ୍ତଙ୍କୁ କାବୁ କରି ତାଙ୍କ ହେପାଜତରୁ ୩ଟି ଚୋରା ମୋବାଇଲ ଫୋନ ଜବତ କରିଥିଲା।

## ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



**ଟାଙ୍ଗୀ,୨୭।୬/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡ଼ା ପଞ୍ଚାୟତକଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କନକ ଲତା ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଟେଟ୍ରାହେଡନ୍ କଲେଜର ଅଧକ୍ଷ ତ୍ରିଦେବ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କୁନି କୁନି ପିଲାମାନଙ୍କୁ ବାର୍ଷିକ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀ ଓ ଶ୍ରେଣୀରେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିବା ସହ ଉତ୍ସାହିତ କରିଥିଲେ। ଅଞ୍ଚଳ ର ଶିକ୍ଷା ର ବ୍ୟବସ୍ଥା କପରି ଅଧିକ ରୁ ଅଧିକ ସୁଦୃଢ ହେବ ଏବଂ ମେଧାବୀ ଛାତ୍ରଛାତ୍ରୀ ଓ ଗରିବ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଟେଟ୍ରାହେଡନ ମାଗଣା ଶିକ୍ଷାଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ସଂଯୁକ୍ତା ସେଠୀ, ସମାଜ ସେବୀ ଅମୂଲ୍ୟ କୁମାର ବେହୁରା, ସିଆର୍‌ସିସି ଅମିୟ କୁମାର ସାମଲ, ଶିକ୍ଷକ ନେତା ନୀଳକଣ୍ଠ ବ୍ରହ୍ମା, ସଞ୍ଜୟ କୁମାର ଜେନା, ପୂର୍ବତନ ଶିକ୍ଷକ କିଶୋର କୁମାର ସ୍ୱାଇଁ, ଅନାମ ଚରଣ ମୁଣ୍ଡା, ପୁଷ୍ପଲତା ପତି, ମହେନ୍ଦ୍ର ଦେହୁରୀ ଉପସ୍ଥିତ ରହିଥିବା ବେଳେ ଶିକ୍ଷକ ସୁରେଶ କୁମାର ପ୍ରଧାନ,ତପନ କୁମାର ଜେନା, ବନ୍ଦନା ମଲ୍ଲିକ ଓ ନିର୍ମଳ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଆଁ କଲାଣି କଂକ୍ରିଟ୍ ରାସ୍ତା, ତଦନ୍ତ ଦାବି



**କଣ୍ଟିଲୋ,୨୭।୬/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ମାଛ ବଜାରଠାରୁ ଶ୍ରୀଜିଉଙ୍କ ପଶ୍ଚିମ ପାର୍ଶ୍ୱ ଦ୍ୱାର ପର୍ଯ୍ୟନ୍ତ ଲମ୍ବିଥିବା ସିମେଣ୍ଟ କଂକ୍ରିଟ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତା କାର୍ଯ୍ୟରେ ନିମ୍ନମାନର ଓ ଅନିୟମିତତା ହୋଇଥିବାରୁ ମାତ୍ର ୪ ମାସ ମଧ୍ୟରେ ଶୋଚନୀୟ ହୋଇଛି। ରାସ୍ତାର ବହୁ ସ୍ଥାନ ଆଁ କରିଗଲାଣି। ଏହା ନିଜ ଆଖିରେ ନଦେଖିଲେ ଆଦୌ ବିଶ୍ୱାସ କରି ହେବ ନାହିଁ।

ପ୍ରକାଶ ଯେ ଗତ ମାର୍ଚ୍ଚ ୨୪ରେ ଭାରତର ରାଷ୍ଟ୍ରପତିଙ୍କ କଣ୍ଟିଲୋ ଗସ୍ତ କାର୍ଯ୍ୟକ୍ରମ ଥିବା ହେତୁ ରାଜ୍ୟର ପ୍ରତ୍ୟେକ ବିଭାଗର ସଚିବଙ୍କ ଠାରୁ ଆରମ୍ଭ କରି ସର୍ବୋଚ୍ଚ ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ରାତି ଦିନ ଏକାକାର ହୋଇ କାର୍ଯ୍ୟ ଓ ଶୃଙ୍ଖଳା ପାଇଁ ବ୍ୟସ୍ତ ଥିଲେ। ନୟାଗଡ଼, ଖଣ୍ଡପଡ଼ା ଓ କଣ୍ଟିଲୋ ଜଳ ସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସମ୍ପୃକ୍ତ ଠିକା ସଂସ୍ଥା ସହିତ ଭିତିରିଆ ସଲା ସୁତୁରା କରି ତରବରିଆ ଭାବେ ରାସ୍ତା କାର୍ଯ୍ୟ ଜେନତେନ୍ ପ୍ରକାରେ ନିମ୍ନମାନର ଓ ଅନିୟମିତତା ଭାବେ କାର୍ଯ୍ୟ ଶେଷ କରି ଦେଇଥିଲେ। ବର୍ତ୍ତମାନ ଦୁଇଦିନ ଧରି ଲଗାଣ ବର୍ଷା ହେବା ଫଳରେ ମାଛ ବଜାରଠାରୁ ଶ୍ରୀଜିଉଙ୍କ ପଶ୍ଚିମ ଦ୍ୱାର ପର୍ଯ୍ୟନ୍ତ ଏହି ସିମେଣ୍ଟ କଂକ୍ରିଟ ରାସ୍ତାଟି ବିଭିନ୍ନ ସ୍ଥାନରେ ଆଁ କରିଛି। ପୂର୍ବରୁ ଏହି ଅନିୟମିତତା ଏବଂ ନିମ୍ନମାନ ଦୁର୍ନୀତି ଓ ଅର୍ଥ ହଡ଼ପ କାର୍ଯ୍ୟ ସମ୍ପର୍କରେ ତଦନ୍ତ କରି ସମ୍ପୃକ୍ତ ଠିକା ସଂସ୍ଥା, ଜଳ ସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବହୁବାର ଦୈନିକ 'ନିତିଦିନ' ଖବର କାଗଜରେ ଖବର ପ୍ରକାଶିତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବ୍ଲକ,ତହସିଲ, ଜିଲ୍ଲା ଓ ରାଜ୍ୟ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛନ୍ତି। ଯଦି ୨ ଦିନର ଲଗାଣ ବର୍ଷାରେ ପଶ୍ଚିମ ଦ୍ୱାରଠାରୁ ମାଛ ବଜାର ପର୍ଯ୍ୟନ୍ତ ତିଆରି ହୋଇଥିବା ସିମେଣ୍ଟ କଂକ୍ରିଟ ରାସ୍ତା ଗର୍ଜନ ଫଟା ଦେଇ ଆଁ କଲାଣି। ତେବେ ଆଗକୁ ଥିବା ବର୍ଷା ଦିନେ ଚବିଶ ଘଣ୍ଟା ବର୍ଷାରେ ସେହି ରାସ୍ତାର ସ୍ଥିତି କଅଣ ହେବ, ତାହା ସହଜେ ଅନୁମେୟ। ପ୍ରକାଶ ଯୋଗ୍ୟ ଯେ, ଦକ୍ଷିଣ ପାର୍ଶ୍ୱ ମାଳବନ୍ଧର ସୁରକ୍ଷା ନିମନ୍ତେ ପଥର ପ୍ୟାକିଂ କରାଯାଇଥିଲେ ମଧ୍ୟ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଲଗାଣ ବର୍ଷାରେ ଉକ୍ତ ପଥର ପ୍ୟାକିଙ୍ଗ ଦବି ଯାଇଥିଲା। ଫଳରେ ମାଛ ବଜାରଠାରୁ ଶ୍ରୀ ଜିଉଙ୍କ ପଶ୍ଚିମ ଦ୍ୱାର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ସିମେଣ୍ଟ କଂକ୍ରିଟ ରାସ୍ତା ଧୀରେ ଧୀରେ ଦବିବାରୁ ରାସ୍ତାଟି ଫାଟିବା ଆରମ୍ଭ କରିଛି। ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରୁଥିବା ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସାଧାରଣ ଜନତା ଏବଂ ଗାଡ଼ି ମୋଟର ଚାଳକଙ୍କ ଧନ ଜୀବନ ପ୍ରତି ଅଧିକ ବିପଦ ରହିଛି। ସିମେଣ୍ଟ କଂକ୍ରିଟ ରାସ୍ତା ଫାଟିବା ମାନେ ନଦୀବନ୍ଧ ଧୀରେ ଧୀରେ ଦବିବା ଏବଂ ବଡ଼ ବନ୍ୟା ଆସିଲେ ଆହୁରି ସଙ୍ଗୀନ ଅବସ୍ଥା ହେବ ବୋଲି ପୂର୍ବାନୁମାନ କରୁଛନ୍ତି। ସେଠାରେ ବସବାସ କରୁଥିବା ସ୍ଥାନୀୟ ବାସିନ୍ଦାମାନେ। ଯଦି ଏପରି ହୁଏ ସମସ୍ତଙ୍କର ଜୀବନ ପ୍ରତି ଥିବା ବିପଦ ପାଇଁ ଜଳସମ୍ପଦ ବିଭାଗ ଏବଂ ଠିକା ସଂସ୍ଥା ନିମ୍ନ ମାନର କାର୍ଯ୍ୟ ଦାୟୀ ହେବ। ଅନିୟମିତତା ଓ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ମହାନଦୀରେ ଲୀନ ହୋଇଯିବାର ଆଶଙ୍କା ଥିବାରୁ ଏହାର ଟିକିନିଖି ଉଚ୍ଚ ସ୍ତରୀୟ ତଦନ୍ତ କରି ଜଳସମ୍ପଦ ବିଭାଗ ସମସ୍ତ ଅଧିକାରୀ ଏବଂ ଠିକା ସଂସ୍ଥା ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନୟାଗଡ଼ ଓ ରାଜ୍ୟ ସରକାରଙ୍କ ନିକଟରେ ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ପୂଜକ ସମାଜ ସଭାପତି, ପର୍ଯ୍ୟଟକ, ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଯଦି ଏହାର ତ୍ୱରିତ ପଦକ୍ଷେପ ନ କରନ୍ତି ତାହା ହେଲେ ପଶ୍ଚିମ ଦ୍ୱାର ରାସ୍ତାକୁ ସ୍ଥାନୀୟ ଯୁବ ଗୋଷ୍ଠୀ ସମ୍ପୂର୍ଣ୍ଣ ବନ୍ଦ୍ କରିବାକୁ ଚେତାବନୀ ଦେଇଛନ୍ତି।

## 'ଦେଖ ଗୁଣ୍ଡିଚା ଯାତ' ଭଜନ ଲୋକାର୍ପିତ

**ଶରଣକୁଳ,୨୭।୬/ଏନ୍‌ଏନ୍‌ଏସ୍:** ପଞ୍ଚମରାଗିଣୀ ୟୁଟ୍ୟୁବ୍ ମନୋରଞ୍ଜନ ଚ୍ୟାନେଲ ପକ୍ଷରୁ ପବିତ୍ର ଘୋଷଯାତ୍ରା ଅବସରରେ 'ଦେଖ ଗୁଣ୍ଡିଚାଯାତ' ଜଗନ୍ନାଥ ଭଜନ ଶରଣକୁଳଠାରେ କୁନିକୁନି କଳାକାରମାନଙ୍କ ଦ୍ୱାରା ଅନୁଷ୍ଠିତ ରଥଯାତ୍ରାରେ ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। ଗୀତଟିକୁ ବେତାର ଓ ଦୂରଦର୍ଶନ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ କଣ୍ଠଦାନ କରିଥିବା ବେଳେ ହିମାଂଶୁ ବିଧାର ରଚନା କରିଛନ୍ତି। ସେହିପରି ପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକ ଦୀପକ ପଟ୍ଟନାୟକ ଗୀତଟିର ସ୍ୱର ସଂଯୋଜନା କରିଥିବା ବେଳେ ଅଶୋକ କୁମାର ସାହୁ ସଙ୍ଗୀତ ପରିଚାଳନା କରିଛନ୍ତି। ଗୀତଟି ଅତି ଉଚ୍ଚ କୋଟିର ଓ ମନଛୁଆଁ ହୋଇଥିବା ଉପସ୍ଥିତ ଶ୍ରୋତାମାନେ କହିଛନ୍ତି। ଗୀତଟି ପ୍ରଶାନ୍ତ କୁମାର ଦାଶ ୟୁଟ୍ୟୁବ୍ ଚ୍ୟାନେଲ ସହିତ ପଞ୍ଚମ ରାଗିଣୀ ଫେସବୁକ୍ ପେଜ୍‌ରେ ଉପଲବ୍ଧ ହେବ ବୋଲି ମନୋରଞ୍ଜନ ସଂସ୍ଥା ପକ୍ଷରୁ କୁହାଯାଇଛି।

# ୨୦୩୬ ଅଲିମ୍ପିକ୍ ବିଡିଂ ପ୍ରକ୍ରିୟା ରୋକିଲା ଆଇଓସି



**ନୂଆଦିଲ୍ଲୀ,୨୭।୬/ଏଜେନ୍ସି:** ଅନ୍ତର୍ଜାତୀୟ ଅଲିମ୍ପିକ୍ ପରିଷଦ (ଆଇଓସି) ୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନର ବିଡିଂ ପ୍ରକ୍ରିୟା ଉପରେ ରୋକ୍ ଲଗାଇଛି। ଆଇଓସି ସଭାପତି କ୍ରିଷ୍ଟି କୋଭେଣ୍ଟ୍ରି ଗୁରୁବାର କହିଛନ୍ତି, 'କାର୍ଯ୍ୟକାରୀ ବୋର୍ଡର ସମସ୍ତ ସଦସ୍ୟ ଏହି ପ୍ରକ୍ରିୟା ରୋକିବା ଏବଂ ଏହାର ସମୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଉପରେ ପୁନଃବିଚାର ପାଇଁ ଏକ କାର୍ଯ୍ୟକାରୀ ଗ୍ରୁପ୍ ଗଠିତ କରିବୁ।' ସୂଚନାଯୋଗ୍ୟ, ୪୧ ବର୍ଷୀୟା କ୍ରିଷ୍ଟି ଆଇଓସି ସଭାପତି ନିର୍ବାଚିତ ହେବା ପରେ ଲୁସାନେରେ ପ୍ରଥମ ଥର ପାଇଁ ଗୁରୁବାର କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ନିଷ୍ପତ୍ତି ଫଳରେ ଫଳରେ ଭାରତର ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ଉପରେ ନିଷ୍ପତ୍ତି ଟଳିଯାଇଛି। ଗତବର୍ଷ ଅକ୍ଟୋବର ୧ ତାରିଖରେ ଭାରତ ସରକାର ଲେଟର୍ ଅଫ୍ ଇଣ୍ଟେଣ୍ଟ୍ ଜରିଆରେ ଆଇଓସି ନିକଟରେ କ୍ରୀଡ଼ାର ଆୟୋଜନ କରିବା ଇଚ୍ଛା ପ୍ରକାଶ କରିଥିଲେ। ଏହା ଉପରେ ଆସନ୍ତା ବର୍ଷ ମଧ୍ୟରେ ନିଷ୍ପତ୍ତି ନିଆଯାଇପାରେ ବୋଲି ଆଶା କରାଯାଉଥିଲା।

ସୂଚନାଯୋଗ୍ୟ, ୨୦୩୨ ପର୍ଯ୍ୟନ୍ତ ଅଲିମ୍ପିକ୍ କ୍ରୀଡ଼ାର ଆୟୋଜକ ସ୍ଥିର ହୋଇସାରିଛନ୍ତି। ୨୦୩୨ କ୍ରୀଡ଼ାର ଆୟୋଜନ ଅଧିକାର ଅଷ୍ଟ୍ରେଲିଆର ବ୍ରିସ୍‌ବେନ୍ ସହରକୁ ପ୍ରଦାନ କରାଯାଇଛି। ସେହିପରି ୨୦୨୮ ଅଲିମ୍ପିକ୍ ଲସ୍ ଏଞ୍ଜେଲ୍ସରେ ହେବ।

# ଅଲ୍ ନାସର୍ ସହ ଚୁକ୍ତି ବଢ଼ାଇଲେ ରୋନାଲ୍ଡୋ

## ବାର୍ଷିକ ମିଳିବ ୨୦୦୦ କୋଟି ଟଙ୍କା ଓ ପ୍ରାଇଭେଟ୍ ଜେଟ୍ ଖର୍ଚ୍ଚ




**ନୂଆଦିଲ୍ଲୀ,୨୭।୬/ଏଜେନ୍ସି:** ପର୍ତ୍ତୁଗାଲ୍‌ର ଷ୍ଟାର୍ ଫୁଟ୍‌ବଲର୍ କ୍ରିଷ୍ଟିଆନୋ ରୋନାଲ୍ଡୋ ସାଉଦି ପ୍ରୋ ଲିଗ୍ କ୍ଲବ୍ ଅଲ୍ ନାସର୍ ସହ ୨୦୨୭ ପର୍ଯ୍ୟନ୍ତ ନୂଆ ଚୁକ୍ତି କରିଛନ୍ତି। କ୍ଲବ୍ ସହ ରୋନାଲ୍ଡୋଙ୍କ ୨୦୨୨ରେ କରିଥିବା ଚୁକ୍ତି ୨୦୨୫ ଜୁନ୍‌ରେ ଶେଷ ହେବାର ଥିଲା। ଏହି ନୂଆ ଚୁକ୍ତି ଫଳରେ ୟୁରୋପିଆନ୍ ଫୁଟ୍‌ବଲ୍‌କୁ ତାଙ୍କ ପ୍ରତ୍ୟାବର୍ତ୍ତନ ନେଇ ଲାଗିରହିଥିବା କଳ୍ପନା ଜଳ୍ପନାରେ ଅନ୍ତ ଘଟିଛି। ରୋନାଲ୍ଡୋ ସୋସିଆଲ୍ ମିଡିଆରେ ଏହି ସୂଚନା ଦେଇଛନ୍ତି। ଟାଟ୍କ ସ୍ପୋର୍ଟ୍ସ ରିପୋର୍ଟ ଅନୁସାରେ ଅଲ୍ ନାସର୍ ସହ ନୂଆ ଚୁକ୍ତି ପରେ ରୋନାଲ୍ଡୋ ପ୍ରତ୍ୟେକ ବର୍ଷ ୧୭୮ ମିଲିୟନ୍ ପାଉଣ୍ଡ (ପ୍ରାୟ ୨୦୦୦ କୋଟି ଟଙ୍କା) ପାଇବେ। ଏହା ବ୍ୟତୀତ ତାଙ୍କୁ ଅନ୍ୟ ଭତ୍ତା ମଧ୍ୟ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଅଲ୍ ନାସର୍ ଟାଇଟଲ୍ ଜିତିଲେ ତାଙ୍କୁ ଅଲଗା ଭାବେ ୮ ମିଲିୟନ୍ ୟୁରୋ ଦିଆଯିବ। ସେହିପରି ଚୁକ୍ତି ରାଶି ଭାବେ ୨୪.୫ ମିଲିୟନ୍ ୟୁରୋ ମିଳିବ। ଏହା ବ୍ୟତୀତ କ୍ଲବ୍ ତାଙ୍କୁ ବ୍ୟକ୍ତିଗତ ଜେଟ୍ ବ୍ୟବହାର ପାଇଁ ୪ ମିଲିୟନ୍ ୟୁରୋ ମଧ୍ୟ ପ୍ରଦାନ କରିବ।

ରୋନାଲ୍ଡୋ ଅଲ୍ ନାସର୍ କ୍ଲବ୍ ପକ୍ଷରୁ ଚମତ୍କାର ପ୍ରଦର୍ଶନ କରିବା ସହିତ କ୍ଲବ୍‌ର ଟପ୍ ସ୍କୋରର୍ ମଧ୍ୟ ହୋଇଛନ୍ତି। ସେ ମୋଟ ୨୫ ଗୋଲ୍ କରିଛନ୍ତି। ତେବେ ଟିମ୍ ସାଉଦି ପ୍ରୋ ଲିଗ୍ ଟାଇଟଲ୍ ଜିତିପାରି ନାହିଁ। ନିକଟରେ ସେ ନିଜ ଦେଶ ପର୍ତ୍ତୁଗାଲ୍‌କୁ ୟୁଇଏଫ୍ଏ ନେସନ୍ସ ଲିଗ୍ ଟାଇଟଲ୍ ଜିତାଇଥିଲେ। ସେହିପରି ସେ ପାଞ୍ଚଥର ଚାମ୍ପିଅନ୍ସ ଲିଗ୍ ଟାଇଟଲ୍ ମଧ୍ୟ ଜିତିଛନ୍ତି।

## ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ କପ୍

# ଓଡ଼ିଶା ମହିଳା ଚାମ୍ପିଅନ୍

## ତାମିଲନାଡୁକୁ ପୁରୁଷ ଟାଇଟଲ୍




**ଚେନ୍ନାଇ,୨୭।୬/ଏଜେନ୍ସି:** ଓଡ଼ିଶା ମହିଳା ହକି ଟିମ୍ ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ପ୍ରଥମ ମାଷ୍ଟର୍ସ କପ୍ ଚାମ୍ପିଅନ୍ ହୋଇଛି। ଶୁକ୍ରବାର ସ୍ଥାନୀୟ ମେୟର୍ ରାଧାକୃଷ୍ଣନ୍ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମହିଳା ଫାଇନାଲ୍‌ରେ ଟିମ୍ ପଞ୍ଜାବକୁ ୧-୦ରେ ହରାଇ ଏହି ଐତିହାସିକ ଉପଲବ୍ଧି ହାସଲ କରିଛି। ସେହିପରି ମହାରାଷ୍ଟ୍ରକୁ ହରାଇ ଆୟୋଜକ ତାମିଲନାଡୁ ପୁରୁଷ ବିଭାଗ ଟାଇଟଲ୍ ହାସଲ କରିଛି। ଏହାବ୍ୟତୀତ ତାମିଲନାଡୁକୁ ହରାଇ ହରିଆଣା ଓ ଓଡ଼ିଶାକୁ ହରାଇ ଚଣ୍ଡିଗଡ଼ ଯଥାକ୍ରମେ ମହିଳା ଓ ପୁରୁଷ ବିଭାଗ ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

ମହିଳା ଫାଇନାଲ୍‌ରେ ଉଭୟ ଓଡ଼ିଶା ଓ ପଞ୍ଜାବ ପ୍ରଥମରୁ ଜୋରଦାର ଆରମ୍ଭ କରିଥିଲେ। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ତେବେ ରଞ୍ଜିତା ବେକ୍ ପୁଣିଥରେ ନିଜର ଦକ୍ଷତା ପ୍ରତିପାଦିତ କରିବା ସହିତ ୩୪ ମିନିଟ୍‌ରେ ବିଜୟୀ ଗୋଲ୍‌ଟି ସ୍କୋର୍ କରି ଓଡ଼ିଶାକୁ ଟାଇଟଲ୍ ଦେଇଥିଲେ। ପୁରୁଷ ଫାଇନାଲ୍‌ରେ ଆୟୋଜକ ତାମିଲନାଡୁ ୫-୦ ଗୋଲ୍‌ରେ ମହାରାଷ୍ଟ୍ରକୁ ହରାଇଥିଲା। ତାମିଲନାଡୁ ପକ୍ଷରୁ ମୁଥୁସେଲଭାନ୍ ଡି (୩୦ ମିନିଟ୍), ସୁଦର୍ଶନ ଏସ୍ (୩୪ ମିନିଟ୍), ଗୋଭଥାମନ (୩୬ ମିନିଟ୍), ଥାମାରାଇକାନନ (୪୦ ମିନିଟ୍) ଏବଂ ରାମାଦୋସ୍ ଭି (୫୨ ମିନିଟ୍) ଗୋଲ୍ ଦେଇଥିଲେ। ମହାରାଷ୍ଟ୍ର ପକ୍ଷରୁ ଗୋଟିଏ ବି ଗୋଲ୍ ହୋଇପାରି ନଥିଲା।

ମହିଳା ବର୍ଗର ସଂଘର୍ଷପୂର୍ଣ୍ଣ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ହରିଆଣା ୪-୩ ଗୋଲ୍‌ରେ ତାମିଲନାଡୁକୁ ହରାଇଥିଲା। ତାମିଲନାଡୁ ପକ୍ଷରୁ ସୋମ୍ୟା (୪୦, ୪୮ ମିନିଟ୍) ଦୁଇଟି ଗୋଲ୍ କରିଥିବା ବେଳେ କ୍ୟାପ୍‌ଟେନ୍ ମେକ୍ସିଶ୍ ଜେମ୍ସ ୫ମ ମିନିଟ୍‌ରେ ଟିମ୍‌କୁ ଅଗ୍ରଣୀ କରିଥିଲେ। ଅନ୍ୟପକ୍ଷରେ ହକି ହରିଆଣା ପକ୍ଷରୁ ମନୋରାମା ଗୋସ୍ୱାମୀ (୧୯, ୫୬ ମିନିଟ୍) ଏବଂ ଚିଙ୍ଗଶୁବାମ୍ ସାଙ୍ଗାଇ ଇବେମହାଲ୍ (୨୨, ୩୪ ମିନିଟ୍) ଦୁଇଟି ଲେଖାଏ ଗୋଲ୍ କରିଥିଲେ।

ପୁରୁଷ ବ୍ରୋଞ୍ଜ୍ ପଦକ ମ୍ୟାଚ୍‌ରେ ଚଣ୍ଡିଗଡ଼ ୨-୧ ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରିଥିଲା। ରବିନ୍ଦର ସିଂହ (୨୬ ମିନିଟ୍) ଚଣ୍ଡିଗଡ଼ ପାଇଁ ଖାତା ଖୋଲିଥିବା ବେଳେ ଲଡୁ ଏକ୍କା (୪୪ ମିନିଟ୍) ତୃତୀୟ କ୍ୱାର୍ଟର ଶେଷ ହେବା ପୂର୍ବରୁ ସ୍ଥିତି ସମାନ କରିଥିଲେ। ଏହା ପରେ ଅଗ୍ରଣୀ ହାସଲ ପାଇଁ ଦୁଇ ଟିମ୍ ଉଦ୍ୟମ ଚଳାଇଥିବା ବେଳେ ୫୨ତମ ମିନିଟ୍‌ରେ ହରବିନ୍ଦର ସିଂହ ଚଣ୍ଡିଗଡ଼ ପକ୍ଷରୁ ବିଜୟୀ ଗୋଲ୍‌ଟି ଦେଇ ଓଡ଼ିଶାକୁ ନିରାଶ କରିଥିଲେ।

# ଡୋପିଂ: ଧାବିକା ଟ୍ୱିଙ୍କଲ୍ ଚୌଧୁରୀ ନିଲମ୍ବିତ



**ନୂଆଦିଲ୍ଲୀ,୨୭।୬/ଏଜେନ୍ସି:** ମଧ୍ୟମ ଦୂରତା ଧାବିକା ଟ୍ୱିଙ୍କଲ୍ ଚୌଧୁରୀ ଡୋପ୍ ଟେଷ୍ଟରେ ପଜିଟିଭ୍ ହେବା ପରେ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ତାଙ୍କୁ ଅସ୍ଥାୟୀ ଭାବେ ନିଲମ୍ବିତ କରିଛି। ୨୮ ବର୍ଷୀୟା ଟ୍ୱିଙ୍କଲ୍ ଚଳିତ ବର୍ଷ ପ୍ରାରମ୍ଭରେ ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ୪ ଗୁଣା ୪୦୦ ମିଟର୍ ମହିଳା ରିଲେରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ୮୦୦ ମିଟର ଦୌଡ଼ରେ ରୌପ୍ୟ ଏବଂ ୪ ଗୁଣା ୪୦୦ ମିଟର ମିକ୍ସଡ୍ ରିଲେରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଟ୍ୱିଙ୍କଲ୍‌ଙ୍କ ନମୁନାରୁ ପ୍ରତିବନ୍ଧିତ ଏନାବୋଲିକ୍ ଷ୍ଟେରୟଡ୍ ମିଥାଇଲଟେଷ୍ଟୋଷ୍ଟେରୋନ୍ ମିଳିଛି। ଏ ନେଇ ଏଆଇୟୁ ପକ୍ଷରୁ ଟ୍ୱିଙ୍କଲ୍‌ଙ୍କୁ ନୋଟିସ୍ ପଠାଯାଇଛି। ମାମଲାର ଶୁଣାଣି ବେଳେ ଟ୍ୱିଙ୍କଲ୍‌ଙ୍କ ନିଜ ପକ୍ଷ ସ୍ପଷ୍ଟ କରିବାର ସୁଯୋଗ ମିଳିବ ବୋଲି ଏଆଇୟୁ କହିଛି।

ପଞ୍ଜାବର ଜଳନ୍ଧର ନିବାସୀ ଟ୍ୱିଙ୍କଲ୍ ଏପ୍ରିଲ୍‌ରେ କୋଚିରେ ଆୟୋଜିତ ୨୮ତମ ଜାତୀୟ ସିନିୟର୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ୮୦୦ ମିଟର ଇଭେଣ୍ଟରେ ୨:୦୦.୭୧ ସେକେଣ୍ଡ ସମୟ ସହ ନୂଆ ମିଟ୍ ରେକର୍ଡ ସ୍ଥାପନ କରିଥିଲେ। ସେହିପରି ଚଳିତ ମାସରେ ସେ ତାଇୱାନ୍ ଓପନ୍‌ରେ ୨:୦୬.୯୬ ସେକେଣ୍ଡ ସମୟ ସହ ୮୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ଏହା ବ୍ୟତୀତ ମେ'ରେ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ର ଏହି ଇଭେଣ୍ଟରେ ଚତୁର୍ଥ ହୋଇଥିଲେ।

# କଲମ୍ବୋ ଟେଷ୍ଟ: ପଥୁମ ନିସଙ୍କାଙ୍କ ଶତକ, ଶ୍ରୀଲଙ୍କା ପ୍ରଥମ ଇନିଂସ୍ ୪୫୮ ରନ୍‌ରେ ଶେଷ



**କଲମ୍ବୋ,୨୭।୬/ଏଜେନ୍ସି:** କଲମ୍ବୋ ଟେଷ୍ଟର ତୃତୀୟ ଦିନ ଘରୋଇ ଶ୍ରୀଲଙ୍କା ମଜଭୁତ ସ୍ଥିତିରେ ପହଞ୍ଚିଛି। ଦ୍ୱିତୀୟ ଟେଷ୍ଟର ତୃତୀୟ ଦିନ ଷ୍ଟମ୍ପସ ବେଳକୁ ୧୧୫ ରନ୍‌ରେ ବାଂଲାଦେଶର ୬ ୱିକେଟ୍ ହାସଲ କରିନେଇଛି। ବାଂଲାଦେଶ ଏବେ ବି ଶ୍ରୀଲଙ୍କାର ପ୍ରଥମ ଇନିଂସ୍ ସ୍କୋର୍ ୪୫୮ ରନ୍‌ଠାରୁ ୯୬ ରନ୍ ପଛରେ ରହିଛି। ଲିଟନ୍ ଦାସ ୧୩ ରନ୍‌ରେ ଅପରାଜିତ ଫେରିଛନ୍ତି। ଶ୍ରୀଲଙ୍କା ପକ୍ଷରୁ ପ୍ରଭାଥ୍ ଜୟସୂର୍ଯ୍ୟା ଏବଂ ଧନଞ୍ଜୟ ଡି ସିଲ୍‌ଭା ୨-୨ ୱିକେଟ୍ ନେଇଛନ୍ତି।

ଶୁକ୍ରବାର ତୃତୀୟ ଦିନ ପଥୁମ ନିସଙ୍କାଙ୍କ ୧୫୮ ରନ୍ ଏବଂ ଦିନେଶ ଚାନ୍ଦିମଲ୍‌ଙ୍କ ୯୩ ରନ୍ ବଳରେ ପ୍ରଥମ ଇନିଂସ୍‌ରେ ୪୫୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। କୁସଲ ମେଣ୍ଡିସ୍ ୮୪ ରନ୍‌ର ଦ୍ରୁତ ଇନିଂସ୍ ଖେଳିଥିଲେ। ବାଂଲାଦେଶ ପକ୍ଷରୁ ତୈଜୁଲ ଇସ୍ଲାମ୍ ୫ ଏବଂ ନଇମ୍ ହସନ୍ ୩ ୱିକେଟ୍ ନେଇଥିଲେ। ଏହା ପୂର୍ବରୁ ବାଂଲାଦେଶ ପ୍ରଥମ ଇନିଂସ୍‌ରେ ୨୪୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା।

ଶୁକ୍ରବାର ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଥିବା ବାଂଲାଦେଶ ଚା'ପାନ ବିରତିର ଠିକ୍ ପୂର୍ବରୁ ୩୧ ରନ୍‌ର ସ୍କୋର୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ଓପନର୍ ଅନାମୁଲ୍ ହକ୍ ୧୯ ରନ୍ କରି ଅସିଥା ଫର୍ଣ୍ଣାଣ୍ଡୋଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସମାନ ସ୍କୋର୍‌ରେ ଅନ୍ୟତମ ଓପନର୍ ଶାଦମାନ୍ ଇସ୍ଲାମ୍ (୧୨) ପରବର୍ତ୍ତୀ ଓଭର୍‌ରେ ପ୍ରବାଥ ଜୟସୂର୍ଯ୍ୟାଙ୍କ ଶିକାର ହୋଇଥିଲେ। ଏହାପରେ ମୋମିନୁଲ୍ ହକ୍ (୧୫), କ୍ୟାପ୍‌ଟେନ୍ ନଜମୁଲ୍ ହୁସେନ୍ ଶାନ୍ତୋ (୧୯), ମୁଶ୍‌ଫିକୁର ରହିମ୍ (୨୬) ଆଉଟ୍ ହୋଇଥିଲେ। ତୃତୀୟ ଦିନର ଷ୍ଟମ୍ପ ପୂର୍ବରୁ ମେହଦୀ ହସନ୍ ମିର୍ଜା (୧୧)ଙ୍କୁ ଥାରିନ୍ଦୁ ରତ୍ନାୟକେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରି ପ୍ୟାଭିଲିୟନ୍ ଫେରାଇଥିଲେ। ଲିଟନ୍ ଦାସ ୧୩ ରନ୍ କରି ଅପରାଜିତ ଫେରିଥିଲେ।

# କ୍ରିକେଟ୍‌ର ୬ ନିୟମ ପରିବର୍ତ୍ତନ କଲା ଆଇସିସି

## ଟେଷ୍ଟରେ ୬୦ ସେକେଣ୍ଡ ମଧ୍ୟରେ ଆରମ୍ଭ କରିବାକୁ ହେବ ଓଭର୍

## ଦୁଇଟି ଚେତାବନୀ ପରେ କଟିବ ୫ ରନ୍

**ଦୁବାଇ,୨୭।୬/ଏଜେନ୍ସି:** କ୍ରିକେଟ୍‌କୁ ଅଧିକ ଦ୍ରୁତ, ନିରପେକ୍ଷ ଏବଂ ରୋଚକ କରିବା ନିମନ୍ତେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ନିକଟରେ ୬ ନିୟମରେ ପରିବର୍ତ୍ତନ କରିଛି। ଟେଷ୍ଟ କ୍ରିକେଟ୍‌ରେ ଏହି ନିୟମ ନୂଆ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (୨୦୨୫-୨୭) ପାଇଁ ଲାଗୁ ହୋଇସାରିଛି। ସେହିପରି ସୀମିତ ଓଭର୍ (ଦିନିକିଆ ଓ ଟି-୨୦) ଫର୍ମାଟ୍‌ରେ ଏହି ନିୟମ ଜୁଲାଇ ୨ ତାରିଖରୁ ପ୍ରଭାବଶାଳୀ ହେବ। ଆଇସିସି ସମସ୍ତ ଦେଶ ସହିତ ଏହି ନିୟମ ପରିବର୍ତ୍ତନ ସମ୍ପର୍କରେ ସୂଚନା ଶେୟାର୍ କରିଛି।

### ଟେଷ୍ଟ କ୍ରିକେଟ୍‌ରେ ଷ୍ଟପ୍ କ୍ଲକ୍ ନିୟମ

ଟେଷ୍ଟ କ୍ରିକେଟ୍‌ରେ ଷ୍ଟପ୍ କ୍ଲକ୍ ନିୟମ ଲାଗୁ କରିବାକୁ ଆଇସିସି ନିଷ୍ପତ୍ତି ନେଇଛି। ଏହା ଅନୁସାରେ ଫିଲ୍ଡିଂ ଟିମ୍ ଓଭର୍ ଆରମ୍ଭ କରିବାରେ ୬୦ ସେକେଣ୍ଡରୁ ଅଧିକ ବିଳମ୍ବ କରନ୍ତି, ତେବେ ଟିମ୍‌କୁ ଦୁଇଥର ୱାର୍ଣ୍ଣିଂ ଦିଆଯିବ। ଏହାପରେ ଯଦି ଏହି ନିୟମ ଉଲ୍ଲଂଘନ ହେଲେ ପେନାଲ୍ଟି ଭାବେ ଟିମ୍‌ର ୫ ରନ୍ କଟାଯିବ। ଟି-୨୦ ଏବଂ ଦିନିକିଆ କ୍ରିକେଟ୍‌ରେ ଏହି ନିୟମ ଏକ ବର୍ଷ ପୂର୍ବରୁ ଲାଗୁ ହୋଇସାରିଛି।

### ଶର୍ଟ ରନ୍‌ରେ ଜୋରିମାନା

ଆଇସିସି ତିନିଟି ଯାକ ଫର୍ମାଟ୍ ପାଇଁ ଶର୍ଟ ରନ୍ ନିୟମରେ ପରିବର୍ତ୍ତନ କରିଛି। ଜାଣିଶୁଣି ଶର୍ଟ ରନ୍ ନେଲେ ପ୍ରଥମେ ୫ ରନ୍‌ର ଜୋରିମାନା କରାଯିବ। ଯଦି ବ୍ୟାଟ୍ସମ୍ୟାନ୍ ଅତିରିକ୍ତ ରନ୍ ଚୋରାଇବା ପାଇଁ ଜାଣିଶୁଣି ରନ୍ ପୂରା ନକରନ୍ତି, ତେବେ ପିଚ୍‌ରେ ଥିବା ଦୁଇ ବ୍ୟାଟସ୍ମ୍ୟାନ୍‌ଙ୍କ ମଧ୍ୟରୁ କିଏ ଷ୍ଟ୍ରାଇକ୍ କରିବାକୁ ବେ ସେ ସମ୍ପର୍କରେ ଅମ୍ପାୟାର୍ ଫିଲ୍ଡିଂ ଟିମ୍‌କୁ ପଚାରିବେ। ୫ ରନ୍‌ର ଜୋରିମାନା ନିୟମ ମଧ୍ୟ ଲାଗୁ ରହିବ।

### ଲାଳ ବ୍ୟବହାର କଲେ ମଧ୍ୟ ବଦଳିବନି ବଲ୍

ବଲ୍‌ରେ ଲାଳ (ସାଲାଇଭା) ଲଗାଇବା ଉପରେ ବ୍ୟାନ୍ ଜାରି ରହିବ। ତେବେ ଭୁଲ୍‌ରେ ଲାଳ ଲଗାଇଲେ ବଲ୍ ପରିବର୍ତ୍ତନ ଅନିବାର୍ଯ୍ୟ ହେବନାହିଁ। ଯଦି ବଲ୍ ବହୁତ ଓଦା ହୋଇଯାଏ କିମ୍ବା ସେଥିରେ ଅତିରିକ୍ତ ଚମକ ଦେଖାଦିଏ, କେବଳ ସେପରି ସ୍ଥିତିରେ ଅମ୍ପାୟାର୍ ବଲ୍ ପରିବର୍ତ୍ତନ କରିପାରିବେ।

ଏହି ନିଷ୍ପତ୍ତି ଅମ୍ପାୟାର୍‌ଙ୍କ ବିବେକ ଉପରେ ନିର୍ଭର କରିବ। ଯଦି ସେ ଅନୁଭବ କରନ୍ତି ଯେ ବଲ୍‌ର ସ୍ଥିତିରେ ଅଧିକ ପରିବର୍ତ୍ତନ ହୋଇନାହିଁ ତେବେ ବଲ୍ ପରିବର୍ତ୍ତନ ହେବ ନାହିଁ। ଏହି ନିୟମ ତିନିଟି ଯାକ ଫର୍ମାଟ୍‌ରେ ଲାଗୁହେବ।

### କ୍ୟାଚ୍ ରିଭ୍ୟୁରେ ଏଲ୍‌ବିଡବ୍ଲ୍ୟୁର ମଧ୍ୟ ଯାଞ୍ଚ ହେବ

ଆଇସିସି କ୍ୟାଚ୍ ନିୟମରେ ମଧ୍ୟ ପରିବର୍ତ୍ତନ କରିଛି। କ୍ୟାଚ୍ ଆଉଟ୍ ରିଭ୍ୟୁ ଭୁଲ୍ ସାବ୍ୟସ୍ତ ହେବା କ୍ଷେତ୍ରରେ ଯଦି ବଲ୍ ପ୍ୟାଡ୍‌ରେ ଲାଗିଥାଏ, ତେବେ ଟିଭି ଅମ୍ପାୟାର୍ ଏଲ୍‌ବିଡବ୍ଲ୍ୟୁର ମଧ୍ୟ ଯାଞ୍ଚ କରିବେ। ବ୍ୟାଟ୍ସମ୍ୟାନ୍ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ ତାଙ୍କୁ ଆଉଟ୍ ଘୋଷିତ କରାଯିବ। ଏହି ନିୟମ ମଧ୍ୟ ତିନିଟିଯାକ ଫର୍ମାଟ୍‌ରେ ଲାଗୁହେବ।

### ନୋ-ବଲ୍‌ରେ କ୍ୟାଚ୍

ସଫ୍ଟ ସିଗ୍‌ନାଲ୍ (ଅମ୍ପାୟାର୍‌ଙ୍କ ରିଭ୍ୟୁ) ନିଆଯିବା ଏବଂ ନୋ-ବଲ୍‌ରେ କ୍ୟାଚ୍ ଠିକ୍ ଥାଏ, ତେବେ ବ୍ୟାଟିଂ ଟିମ୍‌କୁ ନୋ-ବଲ୍ ପାଇଁ ଏକ ରନ୍ ମିଳିବ। କ୍ୟାଚ୍ ଠିକ୍ ନଥିଲେ ନୋ-ବଲ୍‌ର ଏକ ରନ୍ ଏବଂ ଦୌଡ଼ିକରି ସଂଗୃହୀତ ରନ୍ ମଧ୍ୟ ମିଳିବ।

ପୂର୍ବରୁ କ୍ୟାଚ୍‌ରେ ସନ୍ଦେହ ହେଲେ ଫିଲ୍ଡ ଅମ୍ପାୟାର୍ ତୃତୀୟ ଅମ୍ପାୟାର୍‌କୁ ରେଫର୍ କରୁଥିଲେ ଏବଂ ଟିଭି ଅମ୍ପାୟାର୍‌ଙ୍କ ଦ୍ୱାରା ନୋ-ବଲ୍ ଘୋଷିତ ହେଉଥିଲେ କ୍ୟାଚ୍‌ର ଯାଞ୍ଚ ହେଉନଥିଲା। ମାତ୍ର ଏବେ ଏହାର ଯାଞ୍ଚ କରାଯିବ। ଏହି ନିୟମ ତିନି ଫର୍ମାଟ୍ ପାଇଁ ଲାଗୁ ହେବ।

### ଟି-୨୦ ମ୍ୟାଚ୍ ପାଇଁ ନୂଆ ପାୱାରପ୍ଲେ ନିୟମ

ଆଇସିସି ଟି-୨୦ ମ୍ୟାଚ୍ ପାଇଁ ପାୱାରପ୍ଲେ ନିୟମରେ ପରିବର୍ତ୍ତନ କରିଛି। ନୂଆ ପାୱାର୍‌ପ୍ଲେ ନିୟମ ଜୁଲାଇରୁ ଲାଗୁହେବ ଏବଂ ଏଥିରେ ସ୍ପଷ୍ଟ କରାଯାଇଛି ଯେ ଯଦି ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ମ୍ୟାଚ୍‌ର ଓଭର୍ ହ୍ରାସ କରାଯାଏ, ତେବେ ପାୱାରପ୍ଲେ ଓଭର୍ ମଧ୍ୟ ସେହି ଆଧାରରେ ହ୍ରାସ କରାଯିବ। ଏହା ସର୍ବାଧିକ ୫.୪ ଓଭର୍‌ରୁ ସର୍ବନିମ୍ନ ୧.୩ ଓଭର୍ ବିଶିଷ୍ଟ ହେବ। ସେହିପରି ପାୱାରପ୍ଲେ ଅବସରରେ କେବଳ ଦୁଇଜଣ ଫିଲ୍ଡର ୩୦ ଗଜ ପରିସର ବାହାରେ ରହିପାରିବେ। ଏହି ନିୟମ ଛୋଟ ଟି-୨୦ ମ୍ୟାଚ୍‌କୁ ଅଧିକ ସ୍ପଷ୍ଟ ଓ ନିରପେକ୍ଷ କରିବା ପାଇଁ ଲାଗୁ କରାଯାଇଛି। ଏହା ବ୍ୟତୀତ ଆଇସିସି ଦିନିକିଆ କ୍ରିକେଟ୍‌ରେ ୩୫ତମ ଓଭର୍ ପରେ ଗୋଟିଏ ନୂଆ ବଲ୍ ବ୍ୟବହାରକୁ ଅନୁମତି ଦେଇଥିଲା। ଏହା ଦ୍ୱାରା ଏବେ ଡେଥ୍ ଓଭର୍‌ରେ ଫାଷ୍ଟ ବୋଲର୍‌ଙ୍କୁ ସହାୟତା ମିଳିପାରିବ। ସେହିପରି ବାଉଣ୍ଡାରୀରେ କ୍ୟାଚ୍ ନିୟମରେ ପରିବର୍ତ୍ତନକୁ ମଧ୍ୟ ମଞ୍ଜୁରୀ ମିଳିଥିଲଶ।

# ସତ୍ୟନାରାୟଣ ୯ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନ



**ଭୁବନେଶ୍ୱର,୨୭।୬/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ଚେସ୍ ସଂଘ ପକ୍ଷରୁ ସ୍ଥାନୀୟ କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍‌ରେ ଶୁକ୍ରବାର ୯ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହୋଇଛି। ପାଞ୍ଚ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ସତ୍ୟନାରାୟଣ ସ୍ୱାଇଁ (୫ ପଏଣ୍ଟ) ଚାମ୍ପିଅନ୍ ଏବଂ ସାଇ ଇଣ୍ଟରନାସ୍‌ନାଲ୍ ସ୍କୁଲ୍‌ର ଦିବ୍ୟଦୃଷ୍ଟି ଶତପଥୀ (୪.୦) ରନର୍ସଅପ୍ ହୋଇଛନ୍ତି। ବାଳିକା ବିଭାଗରେ ଅନ୍ୱେଷା ଆର୍ଯ୍ୟନନ୍ଦିନୀ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଅନ୍ୟ ବୟସ ବର୍ଗରେ ମୃତ୍ୟୁଞ୍ଜୟ ବିଶ୍ୱାଳ (୮ ବର୍ଷରୁ କମ୍), କିର୍ତିଶ କୁମାର ସାହୁ (୭ ବର୍ଷରୁ କମ୍) ଏବଂ ବେଦିକା ସିଂହ (୬ ବର୍ଷରୁ କମ୍) ପ୍ରଥମ ହୋଇଛନ୍ତି। ରୟାଲ୍ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିବା ବେଳେ ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପରିଚାଳନା କରିଥିଲେ। ଭାଇସ୍ ପ୍ରିନ୍ସିପାଲ୍ ପ୍ରଜ୍ଞାପାରମିତା ସାହୁ ଅତିଥି ଭାବେ ଯୋଗଦେଇ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ।

## ୱିମ୍ବଲଡନ୍ ୨୦୨୫ ଡ୍ର' ଘୋଷିତ

# ପ୍ରଥମ ରାଉଣ୍ଡରେ ଫୋଗିନିନିଙ୍କୁ ଭେଟିବେ ଅଲ୍‌କାରାଜ୍



## ୟାସ୍ତ୍ରେମସ୍କାଙ୍କ ସହ କୋକୋ ଗଫ୍‌ଙ୍କ ଟକ୍କର୍

**ଲଣ୍ଡନ,୨୭।୬/ଏଜେନ୍ସି:** ସୋମବାରଠାରୁ ଆରମ୍ଭ ହେବାକୁ ଥିବା ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ୍‌ର ପୁରୁଷ ବିଭାଗରେ ଫାବିୟୋ ଫୋଗନିନିଙ୍କ ବିପକ୍ଷରୁ କାର୍ଲୋସ୍ ଅଲ୍‌ଜାରାଜ୍ ଅଭିଯାନ ଆରମ୍ଭ କରିବେ। ଅଲ୍‌କାରାଜ୍‌ଙ୍କ ଲକ୍ଷ୍ୟ ଲଗାତାର ତୃତୀୟ ଟାଇଟଲ୍ ହାସଲ କରିବା ଉପରେ ରହିବ। ଏହି ଗ୍ରାସ୍ କୋର୍ଟ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ପାଇଁ ଶୁକ୍ରବାର ସିଙ୍ଗଲ୍ସ ଡ୍ର' ହୋଇଛି। ଏଥିରେ ବିଶ୍ୱ ନଂ.୧ ଇଟାଲୀର ଜାନିକ୍ ସିନର୍‌ଙ୍କ ସାମ୍ନା ଲୁକା ନାର୍ଡିଙ୍କ ସହ ହେବ। ସେହିପରି ନୋଭାକ୍ ଜୋକୋଭିଚ୍ (ନଂ.୬) ପ୍ରଥମ ରାଉଣ୍ଡରେ ଆଲେକ୍‌ଜାଣ୍ଡର୍ ମୁଲର୍‌ଙ୍କୁ ଭେଟିବେ। ଜୋକୋଭିଚ୍ ନିଜର ୨୪ ମେଜର୍ ଟ୍ରଫି ମଧ୍ୟରୁ ସାତଟି ଅଲ୍ ଇଂଲଣ୍ଡ କ୍ଲବ୍‌ରେ ହିଁ ଜିତିଛନ୍ତି। ଅନ୍ୟପକ୍ଷରେ ମହିଳା ବର୍ଗରେ ବିଶ୍ୱ ନଂ.୨ ଖେଳାଳି ଆମେରିକାର କୋକୋ ଗଫ୍ ମଙ୍ଗଳବାର ଡାୟନା ୟାସ୍ତ୍ରେମସ୍କାଙ୍କ ବିପକ୍ଷରୁ ନିଜର ଅଭିଯାନ ଆରମ୍ଭ କରିବେ। ଏହାପରେ ଫ୍ରେଞ୍ଚ୍ ଓପନ୍‌ରେ ନିଜର ଦ୍ୱିତୀୟ ମେଜର୍ ଟାଇଟଲ୍ ଜିତିଥିବା ଗଫ୍‌ଙ୍କର ଦ୍ୱିତୀୟ ରାଉଣ୍ଡରେ ଦୁଇଥରର ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ୍ ଭିକ୍ଟୋରିଆ ଆଜାରେଙ୍କାଙ୍କ ସହ ମୁକାବିଲା ହୋଇପାରେ। ସେହିପରି ତୃତୀୟ ରାଉଣ୍ଡରେ ଗଫ୍ ୨୮ ର୍‍ୟାଙ୍କର ଖେଳାଳି ସୋଫିଆ କେନିନ୍‌ଙ୍କୁ ଭେଟିପାରନ୍ତି। କେନିନ୍ ଦୁଇବର୍ଷ ପରେ ଗଫ୍‌ଙ୍କୁ ୱିମ୍ବଲଡନ୍‌ର ପ୍ରଥମ ରାଉଣ୍ଡରୁ ବିଦା କରିଥିଲେ। ଏହା ବ୍ୟତୀତ ଡିଫେଣ୍ଡିଂ ଚାମ୍ପିଅନ୍ ବାର୍ବୋରା କ୍ରେଜ୍‌ସିକୋଭା ପ୍ରଥମ ରାଉଣ୍ଡରେ ଆଲେକ୍‌ଜାଣ୍ଡ୍ରା ଇୟାଲାଙ୍କୁ ଭେଟିବେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra